- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଅତାବିରା, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- କରଣ ସମାଜ ପକ୍ଷରୁ ପ୍ରଭୁ ଚିତ୍ରଗୁପ୍ତ ପୂଜା ଆରମ୍ଭ, ସ୍ଥାନ: ଭବାନୀପାଟଣାସ୍ଥିତ ଚିତ୍ରଗୁପ୍ତ ମନ୍ଦିର, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କର୍ଲାମୁଣ୍ଡା,ସମୟ: ଅପରାହ୍ନ ୨ଟା ୩୦।
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ସୋନପୁରର ପ୍ରସିଦ୍ଧ ଦଣ୍ଡନୃତ୍ୟ, ସ୍ଥାନ: ଜୁଗୁଲାଡଙ୍ଗରସ୍ଥିତ ଗିରି ଗୋବର୍ଦ୍ଧନ ପୂଜା ମଣ୍ଡପ, ସମୟ: ରାତ୍ର ୮ଟା।

## ବୌଦ୍ଧ
- କୃଷି ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ପ୍ରଧାନପାଟସ୍ଥିତ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ମା' ଶ୍ୟାମାକାଳୀ ପୂଜାର ଚତୁର୍ଥ ଦିବସରେ ରାମାୟଣ ପରାୟଣ, ସ୍ଥାନ: ବିନିକା ଗଡ଼ଭିତର, ସମୟ: ସକାଳ ୮ ଟା।
- ବିନିକା-ଅରିଙ୍ଗା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଶୁଭସ୍ତମ୍ଭ ସ୍ଥାପନ, କଂସ ମହାରାଜ ବରଣ, ସ୍ଥାନ: ଅରିଙ୍ଗା ଖେଳ ପଡିଆ, ସମୟ: ସକାଳ ୯ଟା।
- ତରଭା ବ୍ଲକ ଭାଲୁଡୁଙ୍ଗୁରି ଗିରି ଗୋବର୍ଦ୍ଧନ ପୂଜାର ପୂର୍ଣ୍ଣାହୁତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ରାତ୍ର ୯ଟା ।
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ କଂସ ପୋଡି, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ, ସମୟ: ରାତି ୯ଟା ।
- ଗିରି ଗୋବର୍ଦ୍ଧନ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ, ସମୟ: ରାତ୍ର ୧୦ଟା ୧୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ରବି ଓ ଚନ୍ଦ୍ରଙ୍କ ସ୍ଥିତି ପାରିବାରିକ ଖର୍ଚ୍ଚକୁ ବୃଦ୍ଧି କରିବା ସହ ସନ୍ତାନଙ୍କ ସମସ୍ୟା ବିଷୟରେ ଚିନ୍ତିତ କରାଇବ। ଚେଷ୍ଟା କରୁଥିବା ଦିଗରୁ ଅର୍ଥଲାଭ କରି ଖୁସି ହେବେ। ବନ୍ଧୁଙ୍କ ସହ ଆଲୋଚନା, ଯାନବାହନ, ପରିବହନ, ଶିଳ୍ପ କ୍ଷେତ୍ରରେ ଶିଥିଳତା ଦେଖାଦେବ। ଅଶ୍ୱିନୀ ନକ୍ଷତ୍ର ଖଳଲୋକଙ୍କ କଥାକୁ ସତ୍ୟ ମଣି ଘର ଲୋକଙ୍କୁ ଭୁଲ୍ ବୁଝିବେ।

**ବୃଷ** ଆକସ୍ମିକ କୌଣସି ଜିନିଷ କିମ୍ବା ଖବର ପାଇ ବିଶେଷ ଖୁସି ଅନୁଭବ କରିବେ। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିବାକୁ ପଡ଼ିପାରେ। ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପୂର୍ବପରି ରହିବାରୁ ଆଶ୍ୱସ୍ତି ଲାଭ କରିବେ। ମୃଗଶିରା ନକ୍ଷତ୍ର କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ହଡ଼ବଡ଼େଇ ଯାଇପାରନ୍ତି।

**ମିଥୁନ** ଆଜି ପାରିବାରିକ ସ୍ଥିତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ଦୂରଯାତ୍ରା ସାଙ୍ଗକୁ ବ୍ୟବସାୟ ଦିଗଟି ଭଲ ରହିବ। ଆର୍ଦ୍ରା ନକ୍ଷତ୍ର ଯେଉଁ ବିଷୟରେ ଚିନ୍ତିତ ରହିଛନ୍ତି ତାହା ଅଚିରେ ସମାଧାନ ହେବ। ଦୀର୍ଘଦିନର ଆଶା ଫଳବତୀ ହେବାରେ ଅସୁବିଧା ରହିବ ନାହିଁ। କିନ୍ତୁ କେତେକ କ୍ଷେତ୍ରରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ।

**କର୍କଟ** ଆଜି ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜ ଲୋକଙ୍କ ତରଫରୁ ସହଯୋଗ ପାଇବେନାହିଁ। ସାମାଜିକ ସ୍ତରରେ ପରିସ୍ଥିତି ବଦଳିଯିବାରୁ ଖୁସି ଅନୁଭବ କରିବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହିଯାଇପାରେ। ଅଶ୍ଳେଷା ନକ୍ଷତ୍ର ଲେଖାପଢ଼ା,ଆଲୋଚନା,ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ** ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି କାରଣରୁ ମନ ହାଲୁକା ହୋଇଯିବ। ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥକରି ସଫଳତା ହାସଲକରିବେ। ପରିବାରରେ ମଘା ନକ୍ଷତ୍ର ଅଭିମାନକରି ରାଗରେ ଜରଜର ହୋଇପାରନ୍ତି।

**କନ୍ୟା** ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମକ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ୍ଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ, କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ତୁଳା** ଆଜି ଆଶା କରୁଥିବା ଦିଗରୁ ଅର୍ଥ ପାଇବେ, କିନ୍ତୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପର କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବା ସହ ବନ୍ଧୁଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ବିଶାଖା ନକ୍ଷତ୍ର ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବିବା ଠିକ୍ ହେବନାହିଁ। ଆବଶ୍ୟକତା ପୂରଣ ସକାଶେ ପରପାଖରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ।

**ବିଛା** ପ୍ରତ୍ୟେକ କଥାରେ ଅତୀତକୁ ଖୋଜିବସିଲେ ଲାଭହେବନାହିଁ। ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ଆତ୍ମତୃପ୍ତି ଲାଭ କରିପାରନ୍ତି। ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବା ଯୋଗ ରହିଛି। ଅନୁରାଧା ନକ୍ଷତ୍ର ପଡ଼ୋଶୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ କାମ ହାସଲ କରିବେ।

**ଧନୁ** ପାରିବାରିକ କଳହ, ଟଙ୍କା ପଇସାର ଦେଣନେଣ, କଚେରି ମାମଲାର ଟେନ୍‌ସନ ରହିପାରେ। ସଭାସମିତିରେ ଏପରି କିଛି ପ୍ରସ୍ତାବ ଦେବେ ଯାହା ବନ୍ଧୁଙ୍କ ମନକୁ ପାଇବ। ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇବେ। ପୂର୍ବାଷାଢ଼ା ନକ୍ଷତ୍ର ପାଇଁ ରାସ୍ତାରେ ଅପରିଚିତ ବ୍ୟକ୍ତି ଚିନ୍ତାର କାରଣ ହେବେ।

**ମକର** ଅନୁକୂଳତା ପ୍ରାପ୍ତହୋଇ କାର୍ଯ୍ୟସିଦ୍ଧି ସାଙ୍ଗକୁ ସମସ୍ୟାର ଦୂରୀକରଣ ଦିଗରେ ଯତ୍ନବାନ୍ ହେବେ। ଅଭାବବୋଧ ପ୍ରଭୃତି ବିଭିନ୍ନ ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିପାରେ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜିବାରେ ସମର୍ଥ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିବ।

**କୁମ୍ଭ** ଆଜି ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇ କୃତକାର୍ଯ୍ୟ ହେବେ। ଶତଭିଷା ନକ୍ଷତ୍ର ସକାଶେ ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ବନ୍ଧୁଙ୍କ ସହ କଥା କଟାକଟି କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନାକୁ ଏଡ଼ିହେବ ନାହିଁ।

**ମୀନ** ପରିବାରରୁ ଶ୍ରଦ୍ଧା,ବନ୍ଧୁଙ୍କ ଆଦର, ସମ୍ମାନନୀୟ ବ୍ୟକ୍ତିଙ୍କ ପ୍ରଶଂସାରେ ଉତ୍‌ଫୁଲ୍ଲ ହେବେ। ହିତୈଷୀଙ୍କ ଜରିଆରେ ଦୀର୍ଘଦିନରୁ ଖୋଜୁଥିବା ଜିନିଷଟି ପାଇ ଖୁସି ହେବେ। ଉତ୍ତରଭାଦ୍ରପଦ ନକ୍ଷତ୍ରର ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇଯିବ। ଆନୁଷ୍ଠାନିକ କାମରେ ବ୍ୟସ୍ତ ସାଙ୍ଗକୁ ଆତ୍ମୀୟଙ୍କ ସହ କଳହ ସୃଷ୍ଟିହେବ।

ଆଜି ଅକ୍ଟୋବର ୨୩ ତାରିଖ, କାର୍ତ୍ତିକ ଶୁକ୍ଳପକ୍ଷର ଯମ ଦ୍ୱିତୀୟା ଗୁରୁବାର, ଶ୍ରୀମନ୍ଦିରରେ ଯମେଶ୍ୱରଙ୍କ ଦର୍ଶନ, ବନ୍ଦାପନାଦି ଅଙ୍ଗଯାତ୍ରା, ଚାତୁର୍ମାସ୍ୟା ଗୁରୁବାର ବ୍ରତ। ରାଶି ନକ୍ଷତ୍ର-ବିଶାଖା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୭ ଗତେ, ଘ. ୦୭।୧୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୧୨।୫୬ ଗତେ, ଘ.୦୨।୨୨ ମଧ୍ୟେ ରାହୁକାଳ ।

# ଲୋକପାଳଙ୍କୁ ଲୋଡ଼ା ୭ ବିଏମ୍‌ଡବ୍ଲ୍ୟୁ

**ନୂଆଦିଲ୍ଲୀ, ୨୨।୧୦**

ଦେଶର ଦୁର୍ନୀତି ବିରୋଧୀ ପ୍ରହରି ଲୋକପାଳ ଅଫ୍ ଇଣ୍ଡିଆ ନିଜର ପ୍ରଶାସନିକ ଏବଂ ଲଜିଷ୍ଟିକ୍ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ପାଇଁ ୭ ବିଳାସପୂର୍ଣ୍ଣ ବିଏମ୍‌ଡବ୍ଲ୍ୟୁ କାର୍ କିଣିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ଲୋକପାଳଙ୍କ ପକ୍ଷରୁ ଗତ ୧୬ ତାରିଖରେ ସାର୍ବଜନୀନ ଭାବେ ଟେଣ୍ଡର ଜାରି କରାଯାଇଛି। ପ୍ରତି କାର୍‌ର ମୂଲ୍ୟ ୭୦ ଲକ୍ଷ ଟଙ୍କା ହୋଇଥିବା ବେଳେ ଲୋକପାଳଙ୍କ ପକ୍ଷରୁ ୫ କୋଟି ଟଙ୍କା ମୂଲ୍ୟର ଏହି ଟେଣ୍ଡର ଜାରି ହୋଇଛି। ଲୋକପାଳଙ୍କ ନୋଟିସ ଅନୁଯାୟୀ, ବିଡ୍ ଦାଖଲ ପ୍ରକ୍ରିୟା ଅକ୍ଟୋବର ୧୭ରୁ ଆରମ୍ଭହୋଇ ନଭେମ୍ବର ୬ ପର୍ଯ୍ୟନ୍ତ ଚାଲିବ। ବିଡ୍‌ର ବୈଷୟିକ ଯାଞ୍ଚ ନଭେମ୍ବର ୭ରୁ ଆରମ୍ଭ ହେବ। କାର୍ ଡେଲିଭରି ହେବା ପରେ ଲୋକପାଳ କାର୍ଯ୍ୟାଳୟର ଡ୍ରାଇଭର ଏବଂ କର୍ମଚାରୀମାନଙ୍କୁ ସପ୍ତାହେ ବ୍ୟାପୀ ତାଲିମ ପ୍ରଦାନ କରିବାକୁ ବିଏମ୍‌ଡବ୍ଲ୍ୟୁ ଏହାର ବିଶେଷଜ୍ଞଙ୍କୁ ପଠାଇବ। ତେବେ ଲୋକପାଳ ଅଫ୍ ଇଣ୍ଡିଆର ଏହି ଟେଣ୍ଡରକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। କଂଗ୍ରେସ ମୁଖପାତ୍ର ଶମା ମହମ୍ମଦ କହିଛନ୍ତି, ୨୦୧୧ରେ ଇଣ୍ଡିଆ ଏଗେନ୍‌ଷ୍ଟ କରପ୍ସନ ଆନ୍ଦୋଳନ ପରେ ଦୁର୍ନୀତି ବିରୋଧୀ ଲଢ଼େଇ ପାଇଁ ଲୋକପାଳଙ୍କୁ ନିଯୁକ୍ତ କରାଯାଇଥିଲା। ତତ୍କାଳୀନ କଂଗ୍ରେସ ସରକାରଙ୍କୁ ଭାଙ୍ଗିବା ପାଇଁ ଏହି ସଂସ୍ଥା ଗଠନ କରାଯାଇଥିଲା। ଏହି ସଂସ୍ଥା କେବଳ କାଗଜପତ୍ରରେ ରହି କରଦାତାଙ୍କ କଷ୍ଟାର୍ଜିତ ଅର୍ଥକୁ ନଷ୍ଟ କରୁଥିବା ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝୁଣ୍ଟୁଝୁଣୁ ହୋଇ ଯାଏ ଛଟକୀ
ଦେଖିଲା ବେଳକୁ ଖଣ୍ଡିଆ ନାକୀ।**

ମହିଳାମାନେ ସାଧାରଣତଃ ଫେଶନ ପ୍ରିୟ ହୋଇଥାନ୍ତି। ନିଜ ରୂପ ବର୍ଣ୍ଣକୁ ଦେଖି ପ୍ରସାଧାନ ପ୍ରତି ମନ ବଳେଇଥାନ୍ତି। ତେବେ ଅସୁନ୍ଦରୀ ଯୁବତୀଙ୍କ କ୍ଷେତ୍ରରେ ନିଜ ରୂପକୁ ନେଇ ସଜେଇହେବା ଅନେକଙ୍କ ପକ୍ଷେ ଚକ୍ଷୁଶୂଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଋଷି ଘରକୁ ମହାଋଷି ଗଲେ
ଜିରା ଭିତରୁ ଶିରା କାଢ଼ିଲେ।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ହିଁ ଦେଖିଥାନ୍ତି। ଏହିପରି ଅନ୍ୟର ଦୋଷ ଯିଏ ଦେଖାଉଥାଏ ତା'ର ଦୋଷ ଦୁର୍ବଳତା ଦେଖାଇବାକୁ ମଧ୍ୟ କେହି ଜଣେ ରହିଥାଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରିଥିବା ମାନିଲେ ଦୀପକ

## ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ହତ୍ୟା ଘଟଣା

## ଜେଲରେ ଜେରା, ଅଧିକ ପ୍ରମାଣ ଖୋଜୁଛି ଖୁଣ୍ଟୁଣୀ ପୋଲିସ

**ଭୁବନେଶ୍ୱର,୨୨।୧୦ (ସତ୍ୟଜିତ ରାଉତ)**

ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ ଝାରପଡ଼ା ଜେଲରେ ଥିବା ଅଭିଯୁକ୍ତ କନ୍‌ଷ୍ଟେବଲ ସ୍ୱାମୀ ଦୀପକ ରାଉତଙ୍କ ଅପରାଧ ଇତିହାସକୁ ନେଇ ଖୋଳତାଡ଼ ଜାରି ରହିଛି। ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇ ନ ଥିଲା, ଦୀପକ ହିଁ ତାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। କଟକ ଜିଲା ଖୁଣ୍ଟୁଣୀ ଥାନା ପୋଲିସ ଟିମ୍ ମଙ୍ଗଳବାର ଝାରପଡ଼ା ଜେଲରେ ପହଞ୍ଚି ଦୀପକଙ୍କୁ ଜେରା କରିଥିଲା। ପୋଲିସ ଟିମ୍ ଦୀପକଙ୍କୁ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ କରିବା ସମୟରେ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁକୁ ନେଇ ସାଢ଼େ ୩ ବର୍ଷ ତଳେ ଦୀପକ ଦେଇଥିବା ବୟାନରେ ତାଳମେଳ ରହି ନ ଥିଲା। ଶେଷରେ ସେ ହତ୍ୟା କରିଥିବା ପୋଲିସ ଆଗରେ ମାନିଛନ୍ତି। ଏପରିକି ଅପର୍ଣ୍ଣାଙ୍କ ବ୍ୟବଚ୍ଛେଦ ରିପୋର୍ଟର ପୁନଃ ଯାଞ୍ଚରେ ବି ହତ୍ୟା ବୋଲି ସ୍ପଷ୍ଟ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଖୁଣ୍ଟୁଣୀ ପୋଲିସ ଏହି ହତ୍ୟା ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା ବେଳେ ଆଉ ଅଧିକ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ଦୀପକଙ୍କ ବିରୋଧରେ ବଳିଷ୍ଠ ଚାର୍ଜଶିଟ୍ ପ୍ରସ୍ତୁତ କରିବାରେ ପୋଲିସ ପ୍ରୟାସ କରୁଛି। ଅପରପକ୍ଷରେ କ୍ୟାପିଟାଲ ଥାନା ପୋଲିସ ଦୀପକଙ୍କ ହତ୍ୟାର ଶିକାର ହୋଇଥିବା ଦ୍ୱିତୀୟ ସ୍ତ୍ରୀ ଶୁଭମିତ୍ରାଙ୍କ ଶରୀରର ବିଭିନ୍ନ ନମୁନାକୁ ଡିଏନ୍‌ଏ ପରୀକ୍ଷା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇ ରିପୋର୍ଟକୁ ଅପେକ୍ଷା କରିଛି। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ କନ୍ଦରସିଂହା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଭାବେ କରୁଥିବା ଅପର୍ଣ୍ଣାଙ୍କୁ ୨୦୧୮ ଏପ୍ରିଲ ୨୫ରେ ଦୀପକ ବିବାହ କରିଥିଲେ। ମୃତ୍ୟୁ ସମୟରେ ସେ ୬ ମାସର ଗର୍ଭବତୀ ଥିଲେ। ୨୦୨୨ ମାର୍ଚ୍ଚ ୧୭ରେ ରାତି ପ୍ରାୟ ୮ଟା ବେଳେ ଖୁଣ୍ଟୁଣୀ ନିକଟରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ଘଟିଛି ବୋଲି ଦୀପକ ପରିବାର ଲୋକଙ୍କୁ ଜଣାଇଥିଲେ। ସେତେବେଳେ ପୋଲିସ ଓ ପରିବାର ଲୋକେ ଦୀପକଙ୍କ କଥାକୁ ସତ ମାନିଯାଇଥିଲେ। ଏହାପରେ ଦୀପକ କମିଶନରେଟ୍ ପୋଲିସରେ କାର୍ଯ୍ୟ କରୁଥିବା ଶୁଭମିତ୍ରାଙ୍କୁ ପ୍ରେମ କରି କୋର୍ଟରେ ବିବାହ କରିବା ପରେ ତାଙ୍କୁ ହତ୍ୟା କରିଥିଲେ। ତେବେ ଶୁଭମିତ୍ରାଙ୍କ ହତ୍ୟା ଘଟଣାର ତଦନ୍ତବେଳେ ଦୀପକ ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିବା ପଦାକୁ ଆସିଥିଲା।

## ପ୍ରଥମ ପୃଷ୍ଠାରୁ...

### 'ବିକ୍ରମ, ପିଣ୍ଟୁ ମୁଖ୍ୟ ...

କରିଥିବାବେଳେ ୫୦୦ରୁ ଊର୍ଦ୍ଧ୍ୱ ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି। ଏହି ହତ୍ୟା ଘଟଣାରେ ରାଜନୈତିକ, ବ୍ୟବସାୟିକ ଏବଂ ବ୍ୟକ୍ତିଗତ ଶତ୍ରୁତା ରହିଥିବା ପୋଲିସ ଜାଣିବାକୁ ପାଇଥିଲା। ଏପରି କି ପୀତବାସଙ୍କୁ ହତ୍ୟା ପାଇଁ ମାସକରୁ ଊର୍ଦ୍ଧ୍ୱ ସମୟ ଧରି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ଏଥିପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର ହୋଇଥିଲା। ଏହି ଷଡ଼ଯନ୍ତ୍ରର ମାଷ୍ଟରମାଇଣ୍ଡ ତଥା ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ୧୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍. ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ଏହି ଘଟଣାରେ ବିଏମ୍‌ସିର ଜଣେ କର୍ପୋରେଟର, ଜଣେ ଆଇନଜୀବୀଙ୍କ ମଧ୍ୟ ସମ୍ପୃକ୍ତି ରହିଛି। ବିକ୍ରମ ଓ ପିଣ୍ଟୁ ମିଳିତ ଭାବେ ହତ୍ୟା ଷଡ଼ଯନ୍ତ୍ର କରିଥିବା ବେଳେ ଅନ୍ୟମାନେ ଏହାକୁ କାର୍ଯ୍ୟକାରୀ କରାଇଥିଲେ। ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ(୫୧), ପୂର୍ବତନ ମେୟର ପିଣ୍ଟୁ (୪୯)ଙ୍କ ସମେତ ୪୧ ନଂ. ୱାର୍ଡ କର୍ପୋରେଟର ମଳୟ ବିଷୋୟୀ (୫୮), ବିଜେଡି ନେତା ମଦନ ଦଳାଇ (୫୦), ଦିଗପହଣ୍ଡି ଥାନା ଅନ୍ତର୍ଗତ ବଛପଲିର ଛାତ୍ରନେତା ଯୋଗୀ ରାଉତ (୨୫), ବଛପଲିର କାଳୁଚରଣ ଭୂୟାଁ(୩୯), ଚିଣ୍ଟୁ ପ୍ରଧାନ (୨୫), ହିଞ୍ଜିଳିକାଟୁର ବିପିନ ସ୍ୱାଇଁ (୩୫), ବଡ଼ଗଡ଼ ଥାନା ଅନ୍ତର୍ଗତ ହରିପ୍ରିୟାପୁର ଖଦାଳ ସାହିର ସୀମାଞ୍ଚଳ ନାଇକ (୩୦), ନୟାଗଡ଼ ଜିଲା ଚାନ୍ଦପୁରର ରାଜେନ୍ଦ୍ର ସାହୁ(୨୩), ବିହାର ରାଜ୍ୟ ସିପିପାଲର କୁମାର ପାସୱାନ (୨୫) ଓ କୁନ୍ଦନ କୁମାର (୨୨)ଙ୍କୁ ଗିରଫ କରାଯାଇଛି। ବୈଦ୍ୟନାଥପୁର ଥାନା ମାମଲା ନଂ. ୫୧୮/୨୫ରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି ଏସ୍‌ପି କହିଛନ୍ତି। ପୋଲିସ ୨ଟି ବନ୍ଧୁକ, ୫ ମୋବାଇଲ ଫୋନ୍ ଜବତ କରିଛି। ଅଭିଯୁକ୍ତ ସୁଦର୍ଶନ ଜେନା, କୁରୁପତି ଭୂୟାଁ ଓ ଉମା ବିଷୋୟୀ ଏବେ ବି ଫେରାର ଥିବା ଏସ୍‌ପି ସୂଚନା ଦେଇଛନ୍ତି।

### ୨୬ ଦୋକାନ, ୫ ...

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ହାଟରେ ଥିବା ଏକ ହୋଟେଲରେ ପ୍ରଥମେ ନିଆଁ ଲାଗିଥିଲା। ଦିନ ପ୍ରାୟ ୨ଟା ୫ରେ କୌଣସି କାରଣରୁ ହଠାତ୍ ହୋଲେଟର ଏକ ପାର୍ଶ୍ୱରୁ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ହୁତୁହୁତୁ ହୋଇ ନିଆଁ ଜଳିଉଠିବା ସହ ହୋଟେଲର ଛପର ସହ ଅନ୍ୟ ଦୋକାନ ଓ ପରିବାର ମାର୍କେଟକୁ ବ୍ୟାପିଯାଇଥିଲା। ଦୋକାନୀମାନେ ପାଣି ପକାଇ ନିଆଁ ଆୟତ୍ତ କରିବାକୁ ଲାଗିପଡ଼ିଥିଲେ। ହେଲେ ନିଆଁ ଆୟତ୍ତ ନ ହେବାରୁ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ବିଭିନ୍ନ ଦମକଳ କେନ୍ଦ୍ରରୁ ଅଗ୍ନିଶମ ବାହିନୀ ପହଞ୍ଚି ଦିନ ପ୍ରାୟ ୨ଟା ୪୦ରୁ ନିଆଁ ଲିଭାରେ ଲାଗି ପଡିଥିଲେ। ଅଗ୍ନିଶମ ବିଭାଗର ୧୬ ଦମକଳ ଗାଡି ଓ ପ୍ରାୟ ୧୪୦ କର୍ମଚାରୀ ନିୟୋଜିତ ହୋଇଥିଲେ। ୩ଟା ୪୫ ପର୍ଯ୍ୟନ୍ତ ଅଗ୍ନିଶମ ଟିମ୍‌ଗୁଡିକର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ହେଲେ ସେତେବେଳକୁ ଦୋକାନ ଓ ଗୋଦାମରେ ଥିବା ବିଭିନ୍ନ ତେଜରାତି ସାମଗ୍ରୀ ଓ ପରିବା ନଷ୍ଟ ହୋଇଯାଇଥିଲା। ବଡ଼ କଥା ହେଉଛି, ନିଆଁ ଲିଭା ସମୟରେ ହାଟ ଆସୋସିଏଶନର ଦୁଇ ଗୋଷ୍ଠୀ ହାତାହାତି ହୋଇଥିଲେ। ଅଗ୍ନିକାଣ୍ଡକୁ ନେଇ ଆରୋପ ପ୍ରତ୍ୟାରୋପରୁ ଉଭୟ ଗୋଷ୍ଠୀ ଘଟଣାସ୍ଥଳରେ ଚେୟାର ଫିଙ୍ଗାଫୋପଡ଼ା ହୋଇଥିଲା। ପୋଲିସ ଉପସ୍ଥିତିରେ ହିଁ ଏଭଳି ଅପ୍ରୀତିକର ଘଟଣା ଘଟିଥିଲା। ସ୍ଥିତିକୁ ଦେଖି କ୍ୟାପିଟାଲ ଥାନା ପକ୍ଷରୁ ପ୍ରଥମେ ଗୋଟିଏ ସେକ୍ସନ ଫୋର୍ସ ମୁତୟନ କରାଯାଇଥିଲା। ପରେ ଉତ୍ତେଜନା ପରିସ୍ଥିତିକୁ ଦେଖି ଅନ୍ୟ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥାଲା। ପୋଲିସ ଟିମ୍‌ର ଉଦ୍ୟମ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆଇନ ଶୃଙ୍ଖଳା ସ୍ଥିତିକୁ ଦେଖି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଘଟଣାସ୍ଥଳକୁ ଯାଇ ତଦାରଖ କରିଥିଲେ। ମେୟର ସୁଲୋଚନା ଦାସ ଓ ବହୁ ରାଜନୈତିକ ବ୍ୟକ୍ତିବିଶେଷ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ତେବେ ଭୁଲ ବୁଝାବଣାରୁ ଛୋଟ ଧରଣର ଝଗଡା ହୋଇଥିବା ବେଳେ ଆପୋସ ସମାଧାନ ହୋଇଥିବା ନେଇ ଡିସିପି କହିଛନ୍ତି। ଖବର ପ୍ରସ୍ତୁତ ହେବା ଯାଏ ଏନେଇ ଥାନାରେ ମାମଲା ହୋଇ ନ ଥିବା ଜଣାପଡିଛି।

### ଏସ୍‌ଆଇ ନିଯୁକ୍ତି ଦୁର୍ନୀତିର ...

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦେବା ପାଇଁ ନିର୍ଣ୍ଣୟ କରିଛନ୍ତି। ଏହାଛଡ଼ା ପୋଲିସ ଏବଂ ଅନ୍ୟାନ୍ୟ ପୋଷାକଧାରୀ ସେବାରେ କର୍ମଚାରୀ ଚୟନ ପାଇଁ ଏକ ସ୍ଥାୟୀ ଆୟୋଗ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି।

### ନୂଆପଡ଼ା: ୧୪ ଜଣଙ୍କ...

ଶୁକଧର ଦଣ୍ଡସେନାଙ୍କ ସମେତ ୮ଜଣ ସ୍ୱାଧୀନ ଭାବେ ନାମାଙ୍କନ ଭରିଥିବା ବ୍ୟକ୍ତିଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଅନ୍ୟପଟେ ବହୁଜନ ସମାଜ ପାର୍ଟିର ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା, ୩ଜଣ ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା, କମଲ କୁମାର ଛତ୍ରିଆ ଓ ଭୁଜବଳ ଆଡ଼ବଙ୍ଗଙ୍କ ନାମାଙ୍କନ ନାକଚ ହୋଇଛି। ପ୍ରାର୍ଥିପତ୍ର ଯାଞ୍ଚ ସମୟରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ, ରିଟର୍ନିଂ ଅଫିସର୍ ସୁର୍ମି ସୋରେନ ଉପସ୍ଥିତ ଥିଲେ।

# ହତ୍ୟା ପାଇଁ ହୋଇଥିଲା ୫୦ ଲକ୍ଷ ଡିଲ୍



## ନିର୍ବାଚନ ପରାଜୟ ଥିଲା ଅନ୍ୟତମ କାରଣ

ପୀତବାସଙ୍କୁ ହତ୍ୟା କରାଯିବା ପଛରେ ବିକ୍ରମଙ୍କ ନିର୍ବାଚନ ପରାଜୟ ଅନ୍ୟତମ କାରଣ ବୋଲି ତଦନ୍ତରୁ ଜଣାପଡ଼ିଛି। କାରଣ ୨୦୨୪ ସାଧାରଣ ନିର୍ବାଚନ ବେଳେ ପୀତବାସଙ୍କ ଯୋଗୁ ଗୋପାଳପୁର ନିର୍ବାଚନମଣ୍ଡଳୀରୁ ବିକ୍ରମ ହାରିଥିବା ସେ ଅନୁଭବ କରିଥିଲେ। ସେହିପରି ବ୍ରହ୍ମପୁରର ବର୍ତ୍ତମାନ ବିଧାୟକ କେ. ଅନିଲ କୁମାର ଭୁଲ ସତ୍ୟପାଠ ଦେଇଥିଲେ ବୋଲି ହାଇକୋର୍ଟରେ ଏକ ପିଟିଶନ ହୋଇଥିଲା। ଏ ବାବଦ ଖର୍ଚ୍ଚ ହେଉଥିବା ସମସ୍ତ ଟଙ୍କା ଉଭୟ ବିକ୍ରମ ଓ ପିଣ୍ଟୁ ବହନ କରୁଥିଲେ। ପିଟିଶନକୁ କୋର୍ଟ ଗ୍ରହଣ କରି ଯଦି ବ୍ରହ୍ମପୁର ବିଧାନସଭା ପାଇଁ ଉପନିର୍ବାଚନ ନିର୍ଦ୍ଦେଶ ଦେବେ, ତାହେଲେ ବିକ୍ରମ ବିଧାୟକ ଓ ପିଣ୍ଟୁ ମେୟର ହେବାକୁ ଆଶା ରଖିଥିଲେ। ସେହିପରି ପୀତବାସ ହତ୍ୟା ପାଇଁ ଦିଆଯାଇଥିବା ୧୧ଲକ୍ଷ ଟଙ୍କା ଉଭୟ ଖର୍ଚ୍ଚ କରିଥିବା ପ୍ରମାଣ ରହିଛି ବୋଲି ଏସ୍‌ପି କହିଛନ୍ତି।

ବ୍ରହ୍ମପୁର,୨୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ତଦନ୍ତ ବେଳେ ପୋଲିସ ପ୍ରଥମେ ବିହାରର ୨ ଯୁବକ କୁମାର ପାସୱାନ ଓ କୁନ୍ଦନଙ୍କୁ ଧରିଥିଲା। ପୀତବାସଙ୍କୁ ଗୁଳି କରିବା ପାଇଁ ଉମା ବିଷୋୟୀ ସେମାନଙ୍କୁ ବ୍ରହ୍ମପୁର ଡାକି ଅଳକାପୁରୀ ଅଞ୍ଚଳରେ ଏକ ଭଡ଼ାଘରେ ରଖିଥିଲେ। କର୍ପୋରେଟର ମଳୟଙ୍କ ସହଯୋଗରେ ଉଭୟେ ସେଠାରେ ରହି ହତ୍ୟା ପାଇଁ ଦୁଇ ଦିନ ରେକି କରିଥିଲେ। ତେବେ ପୀତବାସ ଜଣେ ଆଇନଜୀବୀ ଜାଣିବା ପରେ ଲୁଚି ପଳାଇଥିଲେ ବୋଲି ବିହାରୀ ଯୁବକଦ୍ୱୟ ପୋଲିସ ନିକଟରେ କହିଥିଲେ। ଏହାପରେ କର୍ପୋରେଟର ମଳୟଙ୍କୁ ଜେରା କରାଯିବାରେ ଘଟଣାର ମୋଡ଼ ବଦଳି ଯାଇଥିଲା। ହତ୍ୟାକାଣ୍ଡ ପାଇଁ ଦୁଇ ନେତା ବିକ୍ରମ ଏବଂ ପିଣ୍ଟୁ ମଧ୍ୟସ୍ଥଙ୍କ ଜରିଆରେ ୫୦ଲକ୍ଷ ଟଙ୍କାର ଡିଲ୍ କରିଥିଲେ। ଶୁଟରଙ୍କ ଦ୍ୱାରା ପୀତବାସଙ୍କୁ ହତ୍ୟା ପାଇଁ ବାଲିପଡାରେ ରହୁଥିବା ଉମା ୧୧ ଲକ୍ଷ ଟଙ୍କା ନେଇଥିବାରୁ ବିହାରୀ ଯୁବକ ଫେରିଯିବା ପରେ ହଡ଼ବଡ଼େଇ ଯାଇଥିଲେ। ସେ ପୁଣି ହତ୍ୟାକାଣ୍ଡ ପାଇଁ ବନ୍ଧପଲିର କୁରୁପତି ଓ ଚିଣ୍ଟୁଙ୍କୁ ନିୟୋଜିତ କରିଥିଲେ। ସେମାନଙ୍କୁ ଘଟଣାର ୫ଦିନ ପୂର୍ବରୁ ପୀତବାସଙ୍କ ଘରଠାରୁ ୨୦୦ମିଟର ଦୂରରେ ଏକ ଘର ଭଡ଼ା ନେଇ ରଖାଯାଇଥିଲା। ଗତ ୬ ତାରିଖ ରାତି ୧୦ଟାରେ ପୀତବାସ ନିଜ ଚ୍ୟାମ୍ବରରୁ ଘରକୁ ଫେରୁଥିଲେ। ଘର ନିକଟରେ ପୂର୍ବରୁ ଜଗି ରହିଥିବା କୁରୁପତି ଓ ଚିଣ୍ଟୁ ତାଙ୍କ ଗାଡ଼ି ପାଖକୁ ଆସି ପଣ୍ଡାବାବୁ ଭଲ ଅଛନ୍ତି କି ବୋଲି ପଚାରିଥିଲେ। ସେ କିଛି କହିବା ପୂର୍ବରୁ କୁରୁପତି ବନ୍ଧୁକ କାଢ଼ି ପୀତବାସଙ୍କ ଛାତିକୁ ଗୁଳିମାଡ଼ କରିଥିଲେ। ସେ ତଳେ ପଡ଼ିଯିବା ପରେ ଅଭିଯୁକ୍ତଦ୍ୱୟ ବାଇକ୍‌ରେ ସେଠାରୁ ଲୋଚାପଡ଼ା ଗୁରୁଣ୍ଟି ହୋଇ ଶିକୁଳାପଲି କେନାଲ ନିକଟକୁ ଯାଇଥିଲେ। ସେଠାରେ ସେମାନେ ପିନ୍ଧିଥିବା ପୋଷାକ, ହେଲ୍‌ମେଟ, ୨ଟି ବନ୍ଧୁକ ଏକ ବୁଦାମୂଳେ ଲୁଚାଇ ପୁରୁଷୋତ୍ତମପୁର, ହୁମ୍ମା ଦେଇ ୧୬ ନଂ ଜାତୀୟ ରାଜପଥରେ ଟାଙ୍ଗୀ-ଚାନ୍ଦପୁର ଚାଲିଯାଇଥିଲେ। ସେଠାରେ ବାଇକକୁ ରାସ୍ତା କଡ଼ରେ ରଖି ବସ ଯୋଗେ ଭୁବନେଶ୍ୱର ଓ ପରେ ପୁରୀ ଯାଇଥିଲେ। ଉମା ପୁରୀରେ ଏକ ଲଜ୍‌ରେ ରହିଥିବାରୁ ସେଠାରେ ସମସ୍ତେ ଦେଖା ହୋଇଥିଲେ। ପରେ ଚିଣ୍ଟୁ ଟ୍ରେନରେ ଖୋର୍ଦ୍ଧା ଆସି ବେଙ୍ଗାଲୁରୁ ଚାଲିଯାଇଥିଲେ। ଅନ୍ୟପଟେ ଶୁଟର କୁରୁପତି ଓ ଅଭିଯୁକ୍ତ ଉମା କୋରାପୁଟ ଜିଲା ଜୟପୁର ଯାଇ ଏକ ଫାର୍ମ ହାଉସରେ ରହିଥିଲେ। ଉକ୍ତ ଫାର୍ମ ହାଉସ ମାଲିକଙ୍କ ସହ ବିକ୍ରମ ଓ ମଳୟଙ୍କ ଭଲ ସମ୍ପର୍କ ରହିଛି ବୋଲି ଅଭିଯୁକ୍ତ ଉମା ଓ କୁରୁପତି ଜେରା ବେଳେ କହିଥିଲେ। ପରେ କୁରୁପତି ଓ ଉମା ସେଠାରୁ ରାଞ୍ଚି ପଳାଇଥିଲେ। ଉଭୟଙ୍କ ମୋବାଇଲ ସୁଇଚ ଅଫ ରହିଥିଲା। ବେଙ୍ଗାଲୁରୁରୁ ଚିଣ୍ଟୁଙ୍କୁ ପୋଲିସ ଗିରଫ କରି ଜେରା କରି ଘଟଣାର ତଦନ୍ତ ଆଗକୁ ବଢ଼ାଇଥିଲା।



## ପୀତବାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ବିକ୍ରମ

ପୀତବାସଙ୍କୁ ହତ୍ୟା ପରେ ତାଙ୍କ ଘରକୁ ଯାଇ ବିକ୍ରମ ସମବେଦନା ଜଣାଇଥିଲେ। ଶ୍ରଦ୍ଧାଞ୍ଜଳି ବି ଦେଇଥିଲେ। ଜଣେ ନେତାଙ୍କୁ ଏଭଳି ମାରିବା ଘଟଣା ନିନ୍ଦନୀୟ। ଯେଉଁମାନେ ମାରିଛନ୍ତି ସେମାନେ ଦଣ୍ଡ ପାଇବା ଉଚିତ ବୋଲି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଗଣମାଧ୍ୟମ ନିକଟରେ ପ୍ରତିକ୍ରିୟା ରଖିଥିଲେ। ସେ କହିଥିଲେ ଯେ, ଛାତ୍ର ଜୀବନରୁ ପୀତବାସ ତାଙ୍କର ବନ୍ଧୁ ଥିଲେ। କଂଗ୍ରେସରେ ଥିଲା ବେଳେ ବି ବନ୍ଧୁଥିଲେ। ଭାଜପା ସରକାରଙ୍କ ପକ୍ଷରୁ ଯେଉଁମାନେ ବେନିୟମ କାମ କରୁଛନ୍ତି, ସେମାନଙ୍କୁ ସୁରକ୍ଷା ଦେବା ଯୋଗୁ ଏଭଳି ଘଟଣା ଘଟିଲା ବୋଲି କହିଥିଲେ। ହେଲେ ଏବେ ପୀତବାସଙ୍କ ହତ୍ୟା ଘଟଣାରେ ବିକ୍ରମଙ୍କୁ ମୁଖ୍ୟ ଷଡଯନ୍ତ୍ରକାରୀଭାବେ ପୋଲିସ ଗିରଫ କରିବା ପରେ ଘଟଣା ନୂଆ ମୋଡ଼ ନେଇଛି।

## ରାଜନୈତିକ ଉଦ୍ଦେଶ୍ୟରୁ ବିକ୍ରମଙ୍କୁ ଗିରଫ କରାଯାଇଛି: ପ୍ରମିଳା

### ପ୍ରମାଣ ନ ଥିଲେ କୋର୍ଟରେ ସଙ୍ଗେସଙ୍ଗେ ବେଲ୍ ମିଳିଯିବ: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

ଗଞ୍ଜାମର ବହୁଚର୍ଚ୍ଚିତ ପୀତବାସ ହତ୍ୟାକାଣ୍ଡ ଘଟଣାରେ ପୋଲିସ ବିଜେଡିର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଗଞ୍ଜାମ ଜିଲା ସଭାପତି ବିକ୍ରମ ପଣ୍ଡାଙ୍କୁ ବୁଧବାର ଗିରଫ କରିଛି। ବିକ୍ରମ ପଣ୍ଡାଙ୍କ ଗିରଫ ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ଦଳର ଉପସଭାପତି ପ୍ରମିଳା ମଲିକ କହିଛନ୍ତି, ଏହି ଘଟଣାରେ ରାଜ୍ୟ ଖଣି ଓ ପରିବହନ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି। ହେଲେ ତାଙ୍କୁ ଓ ରାଜ୍ୟ ସରକାରଙ୍କୁ ବଞ୍ଚାଇବାକୁ ଯାଇ ବିକ୍ରମ ପଣ୍ଡାଙ୍କୁ ଚକ୍ରାନ୍ତ କରି ଫସାଯାଇଛି। ବିକ୍ରମଙ୍କ ସମ୍ପୃକ୍ତି ନେଇ ଗୁଡ଼ିଏ ଗପ ପୋଲିସ ଶୁଣାଇଛି, କିନ୍ତୁ ତାଙ୍କ ବିରୋଧରେ ତିଳେମାତ୍ର ପ୍ରମାଣ ଦେଇପାରି ନାହିଁ। ଗତ ୧୬ ମାସର ଭାଜପା ଶାସନରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଗଞ୍ଜାମ ଜିଲା ଶୀର୍ଷରେ ରହିଛି। ଗଞ୍ଜାମ ଜିଲାରେ ୧୫୨ଟି ବଳାତ୍କାର ମାମଲା ରୁଜୁ ହୋଇଥିବା ବେଳେ ୧୨୮ଟି ହତ୍ୟା ଘଟିଛି। ଭାଜପା ନେତା ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟିବା ପରେ ପ୍ରଥମେ ଏହା ଚୋରା ବାଲି କାରବାରକୁ ନେଇ ଘଟିଛି ଓ ଏଥିରେ ମନ୍ତ୍ରୀ ଜେନାଙ୍କ ସମ୍ପୃକ୍ତି ରହିଛି ବୋଲି ଆଲୋଚନା ହୋଇଥିଲା। ଭାଜପାର ପୂର୍ବତନ ଜିଲା ପରିଷଦ ସଦସ୍ୟ ଏନ୍. ଡମ୍ବରୁ ରେଡ୍ଡୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମନ୍ତ୍ରୀ ବିଭୂତି ଜେନାଙ୍କ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ନେଇ ଅଭିଯୋଗ କରିବା ସହିତ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରି ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଦାବି କରିଥିଲେ। ଏହା ଭାଜପା ପାଇଁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇବାକୁ ଯାଉଥିବାରୁ, ଏଭଳି ନାଟକୀୟ ଢଙ୍ଗରେ ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଛି। ଏସ୍‌ପି ଶ୍ରବଣ ବିବେକ ଖବରଦାତା ସମ୍ମିଳନୀରେ ଦେଇଥିବା ତଥ୍ୟ ଅନୁସାରେ, ବିକ୍ରମ ପଣ୍ଡାଙ୍କ ସମ୍ପୃକ୍ତିର କୌଣସି ପ୍ରମାଣ ରଖି ନାହାନ୍ତି। କେବଳ କିଛି କାହାଣୀ କହିଛନ୍ତି।



ନୂଆପଡ଼ା ଉପନିର୍ବାଚନକୁ ଆଖିଆଗରେ ରଖି ବିକ୍ରମଙ୍କୁ ଫସାଯାଇଛି। ଭାଜପା ଇଙ୍ଗିତରେ ବିଜେଡି ଜିଲା ସଭାପତିଙ୍କୁ ଅଭିଯୁକ୍ତ ସଜାଯାଇଛି। ରାଜ୍ୟରେ ଭାଜପାର ସ୍ୱାର୍ଥରକ୍ଷା ପାଇଁ ପୋଲିସ କାର୍ଯ୍ୟ କରୁଛି। ଏହାକୁ ବିରୋଧ କରି ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରମିଳା କହିଛନ୍ତି। ଏହି ଅବସରରେ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଏବଂ ମୁଖପାତ୍ର ଲେନିନ୍ ମହାନ୍ତି ଉପସ୍ଥିତ ଥିଲେ।

ଅନ୍ୟପଟେ ବିଜେଡି ଅଭିଯୋଗକୁ ଖଣ୍ଡନ କରି ଭାଜପାର ବରିଷ୍ଠ ନେତା ତଥା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସତ୍ୟର ଆଳାପ, ଅପରାଧକୁ ଉସୁକାଉଛି ବିଜେଡି। ଯଦି ପ୍ରମାଣ ନ ଥିବ ତେବେ କୋର୍ଟରେ ବେଲ୍ ସଙ୍ଗେ ସଙ୍ଗେ ମିଳିଯିବ। ହତ୍ୟା ପାଇଁ ବାହାରୁ ପେସାଦାର ଅପରାଧୀଙ୍କୁ ଡକାଯାଇଥିବା ଜାଣି ଚକିତ ଲାଗୁଛି। ଯଦି ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଗିରଫ କରିବାର ଥାଆନ୍ତା ତେବେ ଘଟଣାର ପରଦିନ କରାଯାଇଥାଆନ୍ତା। ଏତେଦିନ କାହିଁକି ଲାଗିଥାଆନ୍ତା ବୋଲି ସେ କହିଛନ୍ତି।

## ଏସ୍‌ପିଙ୍କୁ ଭେଟିଲେ ଜିଲା ବିଜେଡି ନେତା



ବ୍ରହ୍ମପୁର ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି ଗଞ୍ଜାମ ଜିଲା ବିଜେଡିର ନେତାମାନେ।

ବ୍ରହ୍ମପୁର,୨୨।୧୦(ଅଶୋକ କୁମାର ସାହୁ/ ସୁବାସ ଚନ୍ଦ୍ର ପାଢ଼ୀ)

ପୀତବାସ ପଣ୍ଡାଙ୍କୁ ଗତ ୬ ତାରିଖରେ କୁମାର ପୂର୍ଣ୍ଣିମା ରାତିରେ ବୈକୁଣ୍ଠନଗରସ୍ଥିତ ତାଙ୍କ ଘର ନିକଟରେ ୨ ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ବୁଧବାର ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଜିଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ସମେତ ୧୨ଜଣଙ୍କୁ ଗିରଫ କରି ଜେଲ ପଠାଇଛି। ବିକ୍ରମଙ୍କ ଗିରଫଦାରୀକୁ ବିଜେଡି ନେତାମାନେ ବିରୋଧ କରିବା ସହ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ତଦନ୍ତ ଠିକ ଭାବେ ହୋଇନାହିଁ ବୋଲି ଅଭିଯୋଗ କରିଛନ୍ତି। ବ୍ରହ୍ମପୁରର ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୁବାସ ବେହେରା, ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ବିଜେଡି ନେତା ବିପ୍ଳବ ପାତ୍ର, ଚିନ୍ମୟ କୁମାର ସ୍ୱରୂପ ଦେଓ, ନେତ୍ରୀ ରିତା ସାହୁ ଏସ୍‌ପି ଡା.ସର୍ବଣା ବିବେକ ଏମ୍.ଙ୍କୁ ଭେଟିଥିଲେ। ସେହି ସମୟରେ ବିଜେଡିର ଶତାଧିକ କର୍ମୀ ଏସ୍‌ପି ଅଫିସ ଆଗରେ ଧାରଣାରେ ବସିଥିଲେ। ଏସ୍‌ପିଙ୍କୁ ଭେଟି ଆଲୋଚନା କରି ଫେରିବା ପରେ ପୂର୍ବତନ ଏମ୍‌ପି ସାହୁ କହିଥିଲେ ଯେ, ଘଟଣାରେ ବିକ୍ରମଙ୍କ ସମ୍ପୃକ୍ତିର କୌଣସି ଠିକ ପ୍ରମାଣ ନାହିଁ। ତାଙ୍କୁ ଆକ୍ରୋଶମୂଳକ ଭାବେ ଯେଭଳି ଗିରଫ କରାଗଲା ତାହା ଠିକ ନୁହେଁ। ଏଭଳି ତଦନ୍ତରେ ବିଜେଡି ସନ୍ତୁଷ୍ଟ ନୁହେଁ। ବିଜେଡି ମୁଖ୍ୟଙ୍କ ସହ ଆଲୋଚନା ହୋଇଛି। ତଦନ୍ତକୁ ବାଟବଣା କରିବା ଉଦ୍ଦେଶ୍ୟରେ ପୋଲିସ ଏଭଳି କରିଛି। ଏହାର ପ୍ରତିବାଦରେ ବିଜେଡି ରାସ୍ତାକୁ ଓହ୍ଲାଇବ। ଆଇନର ଶୀର୍ଷକୁ ଯିବ। ନୂଆପଡା ଉପନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ନେତାଙ୍କ ପ୍ରତିଛବି ମଳିନ କରିବା ଓ ନୂଆପଡା ଉପନିର୍ବାଚନରେ ବିକ୍ରମଙ୍କ ଯେଉଁ ଦାୟିତ୍ୱ ରହିଛି ତାହାକୁ ଖରାପ କରିବାକୁ ଏହା ଏକ ଚକ୍ରାନ୍ତ। ଭାଜପାର ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଉକ୍ତ ଘଟଣାରେ ଲିଙ୍କ ରହୁଛି। ତେଣୁ ତଦନ୍ତ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପୂର୍ବତନ ଏମ୍‌ପି ସାହୁ କହିଛନ୍ତି। ଆମେ ସମସ୍ତ ପ୍ରକାର ତଦନ୍ତକୁ ସାମନା କରିବୁ। ଆଗାମୀ ଦିନରେ ଆଉ ଏକ ପ୍ରେସମିଟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

**ବାହାରେ ଧାରଣା ଦେଲେ ଶତାଧିକ କର୍ମୀ**



ବ୍ରହ୍ମପୁର ଏସ୍‌ପି କାର୍ଯ୍ୟାଳୟ ଆଗରେ ବିଜେଡି କର୍ମୀମାନେ ଧାରଣା ଦେଉଛନ୍ତି।

### ହେଡ୍ ଲାଇଟରେ ହୋଇଥିଲା ପୋଷ୍ଟମର୍ଟମ

ପୀତବାସଙ୍କ ଗୁଳିମାଡ଼ ପରେ ତୁରନ୍ତ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପୀତବାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶରେ ହେଡଲାଇଟରେ ପୋଷ୍ଟମର୍ଟମ କରାଯାଇଥିଲା। ପରେ ତାଙ୍କ ଛାତିକୁ ଗୁଳି ବାଜିଥିବା ଓ ଡାହାଣ ଛାତି ନଷ୍ଟ ହୋଇଯାଇଥିବା ସ୍ପଷ୍ଟ ହୋଇଥିଲା।

### ଅପରାଧୀଙ୍କୁ ଧରିବା ପାଇଁ ୬ ଟିମ୍

ପୀତବାସ ମୃତ୍ୟୁ ମାମଲାରେ ଅପରାଧୀଙ୍କୁ ଧରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପୋଲିସ ତତ୍ପର ହୋଇଥିଲା। ଛୁଟିରେ ଥିବା ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍. ଓ ବୈଦ୍ୟନାଥପୁର ଆଇଆଇସି ନିଜ କାର୍ଯ୍ୟରେ ଯୋଗଦେଇ ଅପରାଧୀଙ୍କୁ ଧରିବା ପାଇଁ ୬ଟି ଟିମ ଗଠନ କରିଥିଲେ।

### ୭୦ ଜାଗାର ସିସିଟିଭି ଫୁଟେଜ ସଂଗ୍ରହ

ପୀତବାସଙ୍କ ମୃତ୍ୟୁ ପରେ ପୋଲିସ ଗତ ୬ ତାରିଖରେ ପୀତବାସ କେଉଁଠାରୁ ବାହାରି କେଉଁ ରାସ୍ତାରେ ଆସି ଘର ନିକଟରେ ପହଞ୍ଚିଥିଲେ। ସେହି ସ୍ଥାନର ପ୍ରାୟ ୭୦ ଜାଗାରୁ ସିସିଟିଭି ଫୁଟେଜ ସଂଗ୍ରହ କରିଥିଲା ପୋଲିସ। ସାଇଣ୍ଟିଫିକ ଟିମ ଜରିଆରେ ଅଞ୍ଚଳବାସୀଙ୍କୁ ପଚରାଉଚରା କରିଥିଲା।

### କଲ୍ ରେକର୍ଡ ଯାଞ୍ଚ

ପୀତବାସଙ୍କ ମୋବାଇଲ ଫୋନ୍‌କୁ କେଉଁମାନେ ଫୋନ କରିଥିଲେ, ଅଭିଯୁକ୍ତମାନଙ୍କୁ ପଚରାଉଚରା ବେଳେ ସେମାନେ ଫୋନ କାହାକୁ କରିଥିଲେ, ସମସ୍ତଙ୍କ କଲ ରେକର୍ଡ ପୋଲିସ ଯାଞ୍ଚ କରିଥିଲା। ସେଥିରୁ ପୋଲିସ ଅନେକ ତଥ୍ୟ ପାଇଥିଲା। ସେହି ଅନୁସାରେ ତଦନ୍ତ ଆଗକୁ ବଢ଼ାଇଥିଲା।

### ଅପରାଧୀଙ୍କୁ କଠିନ ଦଣ୍ଡ ଦିଆଯାଉ

ଘଟଣା ପୂର୍ବରୁ ବିକ୍ରମ ପଣ୍ଡା ଓ ମଦନ ଦଳେଇ ୨ଥର ଆସିଥିଲେ। ସେମାନେ ଧୈର୍ଯ୍ୟ ଦେଇଥିଲେ। ଏମାନେ ଏଭଳି କାମ କରିଛନ୍ତି ତାହା ଚିନ୍ତା କରି ହେଉନି। ସେମାନେ କେଉଁ ମୁହଁ ନେଇ ଘରକୁ ଆସିଥିଲେ। ଭାଇ ଜଣେ ଆଇନଜୀବୀ ଥିଲେ। ଆଇନଜୀବୀ ସମାଜକୁ ଧନ୍ୟବାଦ ଦେଉଛନ୍ତି। ଅପରାଧୀଙ୍କୁ କଠିନ ଦଣ୍ଡ ଦିଆଯାଉ ବୋଲି ପୀତବାସଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା କହିଛନ୍ତି।

### ଦୋଷୀଙ୍କୁ ଫାଶୀ ଦାବି କଲେ ସ୍ତ୍ରୀ

ପୀତବାସ ପଣ୍ଡାଙ୍କ ସ୍ତ୍ରୀ ସୁସ୍ମିତା ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ଦୋଷୀଙ୍କୁ ଫାଶୀ ଦିଅନ୍ତୁ। ପୀତବାସ ବହୁତ ଭଲ ଲୋକ ଥିଲେ। ବହୁତ ଲୋକଙ୍କୁ ସହାୟତା କରୁଥିଲେ। ଦୋଷୀଙ୍କୁ ଦଣ୍ଡ ଦିଅନ୍ତୁ।

## ଅପରାଧ ଲୁଚାଇବା ଅପଚେଷ୍ଟା ନ କରି ତଦନ୍ତରେ ସହଯୋଗ କରୁ ବିଜେଡି: ଭାଜପା

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

ବ୍ରହ୍ମପୁରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଅତ୍ୟନ୍ତ ଦୁଃଖଦ ଘଟଣା। ଏହି ଘଟଣାର ରହସ୍ୟ ଧୀରେ ଧୀରେ ସାମ୍ନାକୁ ଆସିବାରେ ଲାଗିଛି। ଘଟଣା ସମ୍ପର୍କରେ ସୂଚନା ଦେଇ ଆଜି ବ୍ରହ୍ମପୁର ଏସ୍‌ପି ଗଣମାଧ୍ୟମ ସମ୍ମୁଖରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି। ଅନ୍ୟପଟେ ବ୍ରହ୍ମପୁର ଏସ୍‌ପିଙ୍କ ବିବୃତି ପରେ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରି ନିଜ ରାଜନୈତିକ ଅପରିପକ୍ୱତାର ପରିଚୟ ପ୍ରଦାନ କରିଛି। ତରବରିଆ ଭାବେ ବିଜେଡି ମୁଖପାତ୍ରମାନେ ଦର୍ଶାଇଛନ୍ତି, ମନ୍ଦିର ଭିତରେ କିଏ, ନା ମୁଁ କଦଳୀ ଖାଇ ନାହିଁ। ନିଜ ଦଳର ଅସାମାଜିକ ତତ୍ତ୍ୱ ତଥା ଅପରାଧୀମାନଙ୍କ ସମ୍ପୃକ୍ତି ସମ୍ବନ୍ଧରେ ନିଜ ସଫେଇ ଦେବା ସହିତ ବିଜେଡି ପ୍ରବକ୍ତାମାନେ ଅନେକ ଗମ୍ଭୀର ଆରୋପ କରିଛନ୍ତି, ଯାହା ତାଙ୍କର ସମ୍ପୂର୍ଣ୍ଣ ଅପରିପକ୍ୱତା ଏବଂ ପିଲାଳିଆମିର ପରିଚୟ। ନିଜ ଅପରାଧକୁ ଲୁଚେଇବା ପାଇଁ ଅପଚେଷ୍ଟା ନ କରି ପୋଲିସର ତଦନ୍ତକୁ ବିଜେଡି ସହଯୋଗ କରୁ ବୋଲି ଭାଜପା ରାଜ୍ୟ ଉପସଭାପତି ଯତୀନ ମହାନ୍ତି କହିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯତୀନ କହିଛନ୍ତି, ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡର ରାଜନୀତୀକରଣ ହେବା ଅନୁଚିତ। ତଦନ୍ତ ପ୍ରକ୍ରିୟା ଜାରି ରହିଛି ଏବଂ ସମସ୍ତେ ଏହି ନ୍ୟାୟର ପ୍ରକ୍ରିୟାରେ ସହଯୋଗ କରିବା ଉଚିତ। ଅସାମାଜିକ ତତ୍ତ୍ୱ ତଥା ଅପରାଧୀଙ୍କ କୌଣସି ଜାତି ବା ଧର୍ମ ନାହିଁ। ଯେଉଁମାନଙ୍କ ସମ୍ପୃକ୍ତି ଅଛି ସେମାନେ ତଦନ୍ତ ପରିସରକୁ ଆସିବେ। ସମସ୍ତ ଦୋଷୀଙ୍କୁ ଧରି ଉପଯୁକ୍ତ ଦଣ୍ଡବିଧାନ କରିବା ହେଉଛି ମୂଳ ଉଦ୍ଦେଶ୍ୟ। ଶାସନରେ ଥିଲାବେଳେ ବିଜେଡି ନେତା, ବିଧାୟକ, ମନ୍ତ୍ରୀମାନେ ହତ୍ୟା, ବଳାତ୍କାର, ଅଙ୍ଗ ତସ୍କରି ଭଳି ଜଘନ୍ୟ ଅପରାଧରେ ସମ୍ପୃକ୍ତ ଥିଲେ। ଅପରାଧୀମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଥିଲା। ବର୍ତ୍ତମାନ ମଧ୍ୟ ସେ ଅଭ୍ୟାସ ଛାଡି ନାହାନ୍ତି। ଏବେ ବି ବିଜେଡି ନେତାମାନେ ରାଜ୍ୟରେ ହତ୍ୟା, ବଳାତ୍କାର ଭଳି ଅପରାଧ ଚଳାଇଛନ୍ତି ବୋଲି ଯତୀନ କହିଛନ୍ତି।



ବିକ୍ରମ ପଣ୍ଡା ଏବଂ ଅନ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି।

"କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ ବିଦ୍ରୁପ କରନାହିଁ। –ଶ୍ରୀଅରବିନ୍ଦ

-ଯମ ଓ ଭାତୃ ଦ୍ୱିତୀୟା, ଚନ୍ଦ୍ର ଦର୍ଶନ



# ହିନ୍ଦୁ ମନ୍ଦିରର କ୍ରମବିକାଶ



ଦେବଦତ୍ତ ପଟ୍ଟନାୟକ

ଆମେ ଏବେ ଯେଉଁସବୁ ହିନ୍ଦୁ ମନ୍ଦିର ଦେଖୁଛୁ ତାହା ୫,୦୦୦ ବର୍ଷରୁ ଅଧିକ ପୁରୁଣା ନୁହେଁ। ପ୍ରାଚୀନ କାଳରେ ଲୋକେ ଦେବଦେବୀଙ୍କୁ ବନ୍ଦ ଗୃହରେ କିମ୍ବା ମୂର୍ତ୍ତି ରୂପରେ ପୂଜା କରୁ ନ ଥିଲେ। ଏହା ବଦଳରେ ସେମାନେ ପ୍ରକୃତିରୁ ସିଧାସଳଖ ଦିବ୍ୟତା ଅନୁଭବ କରୁଥିଲେ। ଗଛ, ପ୍ରାଣୀ, ନଦୀ, ପର୍ବତ କିମ୍ବା ଶିଳାଖଣ୍ଡକୁ ପ୍ରକୃତିର ପବିତ୍ର ରୂପ ଭାବେ ଉପାସନା କରାଯାଉଥିଲା। ପାଖାପାଖି ୨୦୦୦ ବର୍ଷ ପୂର୍ବେ ମଥୁରାରେ ଆମେ ପ୍ରଥମେ ହିନ୍ଦୁ ଦେବଦେବୀଙ୍କ ମୂର୍ତ୍ତି ଦେଖିବାକୁ ପାଇଥିଲୁ। କୌତୂହଳର ବିଷୟ ହେଉଛି, ସେହି ସମାନ ସମୟରେ କୁଶାଣ ରାଜତ୍ୱ କାଳରେ ମୁଦ୍ରାରେ ଶିବ, ବିଷ୍ଣୁ ଓ ବିଭିନ୍ନ ଦେବୀଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ପ୍ରାୟ ୧୮୦୦ ବର୍ଷ ପୂର୍ବେ ପାଖାପାଖି ଖ୍ରୀଷ୍ଟାବ୍ଦ ୨୦୦ରେ ମଥୁରାରେ ଗଢ଼ାଯାଇଥିବା ବାଲୁକାଶିଳାର ମୂର୍ତ୍ତିଗୁଡ଼ିକ ସ୍ପଷ୍ଟ ଭାବେ ହିନ୍ଦୁ ଦେବଦେବୀଙ୍କ ରୂପ ବୋଲି ଚିହ୍ନି ହେଉଛି। ଏଠାରେ ଆମେ ଶିବଲିଙ୍ଗ, ଅନେକ ସ୍ଥଳରେ ଏଗୁଡ଼ିକ ଉପରେ ମୁହଁ ଖୋଦେଇ ହୋଇଥିବା ( ମୁଖଲିଙ୍ଗ) ଦେଖିବାକୁ ପାଉ। ଏହା ବ୍ୟତୀତ ବିଷ୍ଣୁ, କୃଷ୍ଣ ଏବଂ ବଳରାମଙ୍କ ମୂର୍ତ୍ତି ମଧ ଦେଖିବାକୁ ମିଳେ। ଆମେ ଜାଣିବାରେ ଏଗୁଡ଼ିକୁ ଏଯାବତ୍ କୌଣସି ମନ୍ଦିରରେ ରଖାଯାଇ ନାହିଁ, ବରଂ ସେଗୁଡ଼ିକ ଉଦ୍ୟାନ ଏବଂ ନଦୀ କଡ଼ରେ ରଖାଯାଇ ଖୋଲା ଜାଗାରେ ପୂଜା କରାଯାଉଥିଲା। ପ୍ରକୃତି ଉପାସନାରୁ ମୂର୍ତ୍ତି ପୂଜା ପରମ୍ପରାକୁ କିଭଳି ପରିବର୍ତ୍ତନ ଘଟିଛି ତାହା ଏହି ଧାରା ଆମକୁ ସ୍ପଷ୍ଟ କରିଦିଏ।

ପରବର୍ତ୍ତୀ ସମୟରେ ଏହିସବୁ ମୂର୍ତ୍ତିକୁ ମନ୍ଦିର କିମ୍ବା ଗୃହ ମଧ୍ୟରେ ରଖାଯାଇଥିଲା। ଉତ୍ତରପ୍ରଦେଶର ଭିତରଗାଁରେ ପାଖାପାଖି ଖ୍ରୀଷ୍ଟାବ୍ଦ ୫୦୦ରେ ଏକ ଇଟା ନିର୍ମିତ ମନ୍ଦିର ରହିଛି, ଯେଉଁଠାରେ ଏକ ଗର୍ଭଗୃହରେ ମୂର୍ତ୍ତିଗୁଡ଼ିକୁ ରଖାଯାଇଥିଲା। ଏହାସହ ହିମାଳୟ ପରିସଂସ୍ଥାର ପୁନରୁଦ୍ଧାର ପାଇଁ ମଧ୍ୟପ୍ରଦେଶର ନାଚନାରେ ଏକ ଶିବ ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ମନ୍ଦିରର ଛାତକୁ ଏକ ପର୍ବତ ଭଳି ଗଢ଼ାଯାଇଛି ଏବଂ ଏହାର ପ୍ରବେଶ ପଥରେ ଦେବୀ ଗଙ୍ଗା ଓ ଯମୁନାଙ୍କ ମୂର୍ତ୍ତି ଖୋଦେଇ କରାଯାଇଛି। ଝାନ୍ସୀ ନିକଟରେ ଦେଓଗଡ଼ରେ ପଥର ନିର୍ମିତ ଏକ ପୁରାତନ ବିଷ୍ଣୁ ମନ୍ଦିର ଦେଖିବାକୁ ମିଳେ। ଏହି ମନ୍ଦିରରେ ଅନନ୍ତ ନାଗ ସହ ବିଷ୍ଣୁ ବସିଥିବାର ବିଶାଳ ମୂର୍ତ୍ତି ରହିଛି। ଏହା ସହ ଚତୁର୍ବାହୁ ବିଷ୍ଣୁ ଗରୁଡ଼ ଉପରେ ବସିଥିବା ଏବଂ ରାମ ଓ କୃଷ୍ଣଙ୍କ ଜୀବନୀ ଚିତ୍ର ଦେଖିବାକୁ ମିଳିଥାଏ।



ଏସବୁ ହେଉଛି ଶାସ୍ତ୍ରୀୟ ମନ୍ଦିର ସ୍ଥପତିର ଆରମ୍ଭ। ଖ୍ରୀଷ୍ଟାବ୍ଦ ୬୦୦ ପରେ ଏହି ଧାରା ଅବ୍ୟାହତ ରହିଥିଲା ଏବଂ ଶିଳାକୁ କାଟି ବିଶାଳ ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ସମୟରେ ବାସ୍ତବରେ ବିଶାଳ ତଥା ଆକର୍ଷଣୀୟ କଳାକାରୁକାର୍ଯ୍ୟ ସାମ୍ନାକୁ ଆସିଥିଲା। କର୍ନାଟକରେ ଏଲୋରା ଓ ଏଲିଫ୍ୟାଣ୍ଟ ଗୁମ୍ଫାଗୁଡ଼ିକ ଏବଂ ପଟାଡକାଲର ମନ୍ଦିରଗୁଡ଼ିକ ସହ ଚେନ୍ନାଇ ନିକଟବର୍ତ୍ତୀ ମାମଲ୍ଲପୁରମ୍ ଶୋର ମନ୍ଦିରର ଶିଳା ଖୋଦେଇ ବିଷ୍ଣୁ ଓ ଶିବଙ୍କ ଚିତ୍ର ପ୍ରଦର୍ଶନ କରିଥାଏ। ଏସବୁ କେବଳ ଉପାସନାର ସ୍ଥଳ ନ ଥିଲା, ବରଂ ରାଜ ଶାସନର ଘୋଷଣାପତ୍ରଗୁଡ଼ିକୁ ସିଧାସଳଖ ପାହାଡ଼ ଓ ପଥର ଚଟାଣ ଉପରେ ଖୋଦେଇ କରାଯାଇଥିଲା।

ଅଷ୍ଟମ ଶତାବ୍ଦୀ ସୁଦ୍ଧା ଆମେ ଆହୁରି ଅଧିକ ମହତ୍ତ୍ୱାକାଂକ୍ଷୀ ପ୍ରୋଜେକ୍ଟ ଦେଖିବାକୁ ପାଉ। ଏଲୋରାରେ ଗୋଟିଏ ପଥରକୁ ଖୋଦେଇ କରି କୈଳାସନାଥ ମନ୍ଦିର ନିର୍ମାଣ କରାଯାଇଛି। ଏହି ସମୟରେ ଶିଳା ଖୋଦେଇ ପରିବର୍ତ୍ତେ ପଥରକୁ ପଥର ଯୋଡ଼ି ମନ୍ଦିର ତିଆରି କରିବା ଧାରା ସାମ୍ନାକୁ ଆସିଥିଲା। ଏହା କର୍ନାଟକର ହାମ୍ପି ଓ ପଟ୍ଟାଡକାଇ ଏବଂ କାଞ୍ଚିପୁରମର କୈଳାସନାଥ ମନ୍ଦିରରେ ଦେଖିବାକୁ ମିଳେ। ପାହାଡ଼ କିମ୍ବା ବିଶାଳ ଶିଳା ଖୋଦେଇ କରିବା ଧାରାରେ ପରିବର୍ତ୍ତନ ଘଟି ପଥର ଯୋଡ଼ି ମନ୍ଦିର ନିର୍ମାଣ କରିବା କଳା ସ୍ଥାୟୀ ସ୍ଥପତି ଶୈଳୀକୁ ସୂଚିତ କରିଥିଲା। ୧୦ମ ଶତାବ୍ଦୀ ସୁଦ୍ଧା ମନ୍ଦିର ସ୍ଥପତିରେ ଜଟିଳ ରୂପ ଦେଖାଯାଇଥିଲା। ଏହି କ୍ରମରେ ଉତ୍ତରଭାରତରେ ବକ୍ରାକାର 'ନାଗରା' ଓ ଦକ୍ଷିଣ ଭାରତରେ ପୀରାମିଡ୍ ସଦୃଶ ' ବିମାନ' ଶୈଳୀ ସାମ୍ନାକୁ ଆସିଥିଲା। ତାନ୍ତ୍ରିକ ମଣ୍ଡଳକୁ ଆଧାର କରି ମନ୍ଦିରଗୁଡ଼ିକ ନିର୍ମାଣ କରାଯାଉଥିଲା। ଏଗୁଡ଼ିକ କେବଳ ଦେବତାଙ୍କ ଆବାସ ଭାବେ କାମ କରୁ ନ ଥିଲା, ବରଂ ରୀତିନୀତି ବା କର୍ମକାଣ୍ଡ ଶକ୍ତିର କେନ୍ଦ୍ର ଭାବେ ରହିଥିଲା। ଏଠାରେ ପୂଜକମାନେ ଧନ , ସୁରକ୍ଷା ଓ ଭାଗ୍ୟ ପାଇଁ ତାନ୍ତ୍ରିକ କର୍ମକାଣ୍ଡ କରୁଥିଲେ। ଏବେ ଆମେ ଦେଖୁଥିବା ଭକ୍ତି ସହିତ ଜଡ଼ିତ ଅଧିକାଂଶ ମନ୍ଦିରଠାରୁ ପ୍ରାଚୀନ ମନ୍ଦିରଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ସେସବୁ କର୍ମକାଣ୍ଡର ପରୀକ୍ଷଣ କେନ୍ଦ୍ର ଭାବେ କାମ କରୁଥିଲା , ଯେଉଁଠି ବ୍ରହ୍ମାଣ୍ଡ ଶକ୍ତିର କେନ୍ଦ୍ର ପାଇଁ ଜ୍ୟାମିତି, କଳା ଓ ମନ୍ତ୍ରକୁ ଏକାଠି ଉପଯୋଗ କରାଯାଉଥିଲା।

ଭକ୍ତି ଆନ୍ଦୋଳନର ଉତ୍ଥାନ ପରେ ପୁନର୍ବାର ମନ୍ଦିରଗୁଡ଼ିକରେ ପରିବର୍ତ୍ତନ ଆସିଥିଲା। ଗୁପ୍ତ ତାନ୍ତ୍ରିକ କର୍ମକାଣ୍ଡର ଗୁରୁତ୍ୱ ହ୍ରାସ ପାଇବା ସହ ସାର୍ବଜନୀନ ଭାଗୀଦାରି ବୃଦ୍ଧି ପାଇଲା। ଗାଇବା, ନାଚିବା ଏବଂ ବ୍ୟକ୍ତିଗତ ଭାବେ ପୂଜା କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରାଗଲା। ଏଥିପାଇଁ ପୁରୀର ଜଗନ୍ନାଥ ଓ ତାମିଲନାଡୁର ଶ୍ରୀରଙ୍ଗମ ଭଳି ବୈଷ୍ଣବ ମନ୍ଦିର ଅଧିକ ଲୋକପ୍ରିୟ ହୋଇଗଲା। ୧୧ଶ ଶତାବ୍ଦୀରେ ସୋମନାଥ ମନ୍ଦିର ଉପରେ ମହମ୍ମଦ ଗଜନୀ ଆକ୍ରମଣ କରିବା ପରେ ଭାରତରେ ଲୋକଙ୍କ ବିଶ୍ୱାସକୁ ଆଧାର କରି ଅନେକ ମନ୍ଦିର ନିର୍ମାଣ କରାଯାଇଥିଲା। ଉଦାହରଣସ୍ୱରୂପ, ୧୧ଶ ଶତାବ୍ଦୀରେ ପ୍ରସିଦ୍ଧ ଖଜୁରାହ ମନ୍ଦିର ନିର୍ମାଣ କରାଯାଇଥିଲା। ତେବେ ବାଣିଜ୍ୟ ପଥ ପରିବର୍ତ୍ତନ ହେବା ଯୋଗୁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଲା। ପାଖାପାଖି ଏହି ସମୟରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିର୍ମାଣ ହୋଇଥିଲା। ଆକବରଙ୍କ ରାଜପୁତ ସେନାଧକ୍ଷ ମାନ ସିଂ ଷୋଡ଼ଶ ଶତାବ୍ଦୀରେ ବୃନ୍ଦାବନରେ ଗୋବିନ୍ଦରାଜ ମନ୍ଦିର ନିର୍ମାଣ କରିଥିଲେ, ଯାହାକୁ ୧୭ଶ ଶତାବ୍ଦୀରେ ଆଉରଙ୍ଗଜେବ ଆକ୍ରମଣ କରି ଭାଙ୍ଗିଚୁରି ଦେଇଥିଲେ। ମନ୍ଦିର ଉପରେ ମୁସଲମାନ ସେନା ଯେତେବେଳେ ଆକ୍ରମଣ କରୁଥିଲେ ସେତେବେଳେ ଲୋକେ ଦେବଦେବୀଙ୍କ ଛୋଟ ମୂର୍ତ୍ତିଗୁଡ଼ିକୁ ମନ୍ଦିରରୁ ନେଇ ନିଜ ଘରେ ରଖିଥିଲେ କିମ୍ବା ରାଜସ୍ଥାନରେ ହାଭେଳି ଶୈଳୀରେ ନିର୍ମିତ ଘରେ ସୁରକ୍ଷିତ ଭାବେ ପୁନଃସ୍ଥାପିତ କରିଥିଲେ। ସପ୍ତଦଶ ଶତାବ୍ଦୀରେ ପଶ୍ଚିମବଙ୍ଗରେ କୃଷ୍ଣଙ୍କ ଟେରାକୋଟା ମନ୍ଦିର ଗଢ଼ାଯାଇଥିଲା, ଯେଉଁଥିରେ ଉଭୟ ପାରମ୍ପରିକ ସ୍ଥାନୀୟ କଳାକୃତି ତଥା ଭକ୍ତିର ପରିପ୍ରକାଶ ଘଟିଥିଲା। ତେବେ ମୋଗଲ ସାମ୍ରାଜ୍ୟର ପତନ ଓ ମରାଠାଙ୍କ ଉତ୍ଥାନ ଯୋଗୁ ଅଧିକ ସଂଖ୍ୟାରେ ନୂଆ ମନ୍ଦିର ନିର୍ମାଣ କରାଯାଇଥିଲା। ଭୋସଁଲେ ଏବଂ ହୋଲ୍‌କାର ଭଳି ଶାସକମାନେ ନାସିକ, ଗ୍ୱାଲିୟର ଓ କାଶୀରେ ବିଶେଷକରି ରାମ ମନ୍ଦିର ନିର୍ମାଣ କରିଥିଲେ। ଏହିପରି ଭାବେ ଅନେକ ଶତାବ୍ଦୀ ଧରି ହିନ୍ଦୁ ମନ୍ଦିର ସ୍ଥାୟୀ ହୋଇ ରହିପାରି ନାହିଁ। ଏଥିରେ କ୍ରମବିକାଶ ଘଟିଛି ଏବଂ ଦର୍ଶନରେ ହୋଇଥିବା ପରିବର୍ତ୍ତନ ତଥା ଅନେକ ପ୍ରକାର ଆହ୍ୱାନକୁ ସାମ୍ନା କରି ଏହା ତିଷ୍ଠି ରହିଛି।

–devduttofficial@gmail.com

## ଏକତ୍ୱ ହିଁ ଦେବତ୍ୱ



ଅନୀତା ପଟ୍ଟନାୟକ

ସୃଷ୍ଟି ରୋଷେଇ ଘରକୁ ଯାଇ ଦେଖିଲା ତା' ମାଆ କଖାରୁ, ଆଳୁ, ବାଇଗଣ ସବୁ କାଟୁଛନ୍ତି। ଚାକରାଣୀ ଦିବ୍ୟା ଗୋଟିଏ ଛୁରି ଧରି ଧନିଆପତ୍ର, ଲଙ୍କା, ଅଦା ପ୍ରଭୃତି କାଟି ପକାଉଛି। ଭଉଣୀ ଶ୍ରେଷ୍ଠା ପେଷିବା ଯନ୍ତ୍ରରେ ଗୁଡ଼ାଏ ଫଳକାଳି ଫଳରସ କରି ପକାଉଛି। ରୋଷେଇ ଘରେ ସେ ମା'କୁ ପଚାରିଲା– ସବୁ ଖଣ୍ଡଖଣ୍ଡ କରି ପକାଉଛ କାହିଁକି? ବିଜ୍ଞାନ ସାର୍ କହୁଥିଲେ, ଦୁଇଟି ପଥର ବାଜି ଖଣ୍ଡ ଖଣ୍ଡ ହୋଇ ଏ ପୃଥିବୀ ଗଢ଼ା। ଏ ପୃଥିବୀରେ ମୁଁ ଦେଖୁଛି ସବୁ କିଛି ଖଣ୍ଡ ଖଣ୍ଡ ହୋଇଯାଉଛି। ଏହା କ'ଣ ସତ୍ୟ! ସୃଷ୍ଟିର ମା' ସୃଷ୍ଟିକୁ କହିଲେ, ସମୟକ୍ରମେ ସବୁକିଛି ଖଣ୍ଡ ଖଣ୍ଡ ହୋଇଯାଏ। ଶ୍ରେଷ୍ଠା କହିଲା, ବାପା କହୁଥିଲେ, ତାଙ୍କ ବାପା ଓ ଜେଜେଙ୍କର ଏକ ବିରାଟ ପରିବାର ଥିଲା। ଦିନେ ଖାଇବା ପାଇଁ ଖନ୍ଦା ବସୁଥିଲା। ପିତଳ ହଣ୍ଡାହାଣ୍ଡିରେ ରନ୍ଧା ହେଉଥିଲା। କିନ୍ତୁ ଏବେ ଯେ ବିବାହ କରୁଛି ସେ ଏକ ଅଲଗା ଘରଟିଏ କରି ରହିବାକୁ ଚାହୁଁଛି। ସେ ପ୍ରବଚକମାନଙ୍କଠାରୁ ଶୁଣୁଛି ଏକତ୍ୱ ହିଁ ଦେବତ୍ୱ। ବିଭିନ୍ନତା ମଧ୍ୟରେ ଏକତା ଦେଖ। କିନ୍ତୁ ପ୍ରକୃତରେ ସବୁ କିଛି ଖଣ୍ଡ ଖଣ୍ଡ ହୋଇଯାଉଛି। ଆଉ ସେ ଏକାନ୍ନବର୍ତ୍ତୀ ପରିବାର ନାହିଁ। ମା' କହିଲେ, ସବୁଆଡ଼େ ବିଭିନ୍ନତା ଦେଖାଯାଉଛି।

ଦିନେ ଏକାଠି ଏକ ମନ, ଏକ ପ୍ରାଣ ହୋଇ ରହୁଥିବା ଭାଇମାନେ ଜମିବାଡ଼ି, ଟଙ୍କା ପଇସା ପାଇଁ କୋର୍ଟ କଚେରିକୁ ଧାଇଁ ଅଲଗା ଅଲଗା ହୋଇଯାଉଛନ୍ତି। ଯାଁଳା ଭାଇ ଭଉଣୀ ଧନସମ୍ପତ୍ତି ପାଇଁ ପରସ୍ପରଠାରୁ ଅଲଗା ହୋଇଯାଉଛନ୍ତି। ଏକାଠି ଯୋଡ଼ି ହୋଇଥିବା ଶରୀର ଓ ମୁଣ୍ଡକୁ ଡାକ୍ତରମାନେ ପରିଶ୍ରମ କରି ଅଲଗା କରିବା ପରେ ସେମାନେ ସମ୍ପର୍କରେ ଅଲଗା ଅଲଗା ଭାଗ ନେଉଛନ୍ତି। ଭଗବାନ୍ ଗୋଟିଏ ପୃଥିବୀ ମଣିଷକୁ ଦେଇଥିଲେ ମଧ ଏହାକୁ ଭାଙ୍ଗି ସୀମା ନିର୍ଦ୍ଧାରଣ କରି ମନୁଷ୍ୟସମାଜ ନିଜ ନିଜ ଭିତରେ କଳହ କରୁଛି। ରୋଷେଇ ଘରେ ଏହିସବୁ କଥା ଚାଲିଲାବେଳେ ବାପା ଦିବ୍ୟଶଙ୍କର ପିଲା ଓ ସ୍ତ୍ରୀ ସହ ଯୋଗ ଦେଲେ। ସେ କହିଲେ, ଏପରି କାହିଁକି ଘଟୁଛି କହିଲ ? ଦିବ୍ୟଶଙ୍କର କହିଲେ, କାରଣ ମନୁଷ୍ୟ ତାର ଶରୀରକୁ ଦେଖୁନାହିଁ କି ସେଥିରୁ କିଛି ଶିଖୁନାହିଁ। ଆଖି, କାନ, ନାକ, ପାଟି ଓ ଚର୍ମ ଏମାନଙ୍କର କାମ ଅଲଗା ଅଲଗା। ଆଖି ଶୁଣିପାରେ ନାହିଁ। କାନ ଦେଖିପାରେ ନାହିଁ। ପାଟି ଖାଇ ପରେ କଥା କହିପାରେ, କିନ୍ତୁ ଶୁଙ୍ଘିପାରେ ନାହିଁ। ନାକ ଶୁଙ୍ଘିପାରେ କିନ୍ତୁ ଚର୍ମ ପରି ସ୍ପର୍ଶ କରିପାରେ ନାହିଁ। ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସା ମଣିଷ ଭିତରେ ଭଗବାନ ଖଞ୍ଜି ଦେଇଛନ୍ତି। କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ମଣିଷ ଭିତରେ ଖଞ୍ଜିଛନ୍ତି। ଏହାକୁ ହାସଲ କରିବା ପାଇଁ ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟକୁ ଯିବା ଆବଶ୍ୟକ ନାହିଁ। କିନ୍ତୁ ଭଗବାନ୍ ଶରୀରକୁ ଏପରି କରିଛନ୍ତି ଯେ, ଭଲ ଜିନିଷ ପାଇବା ପାଇଁ ସେ ବେଶି ସମୟ ପରିଶ୍ରମ କରିପାରି ନଥାଏ। କିନ୍ତୁ ଖରାପ କାମ କରିବା ପାଇଁ ସେ ଚେଷ୍ଟିତ ହୁଏ। ଆଜିକାଲିର ପିଲାମାନେ ସତ କହିବାକୁ ଡରୁଛନ୍ତି। ମିଛ ଅନର୍ଗଳ କହିପାରୁଛନ୍ତି। ଲୋକଙ୍କର ଭଲ ଗୁଣ ବର୍ଣ୍ଣନା କରିପାରୁନାହାନ୍ତି। କିନ୍ତୁ ଦୁର୍ଗୁଣ ବଖାଣିବାରେ ପଟୁତା ଦେଖାଉଛନ୍ତି। ଅଖାଦ୍ୟ ଖାଇ ରୋଗରେ ପୀଡ଼ିତ ହେଉଛନ୍ତି। ସାତ୍ତ୍ୱିକ ଖାଦ୍ୟ ରୁଚୁ ନାହିଁ। କାନରେ ଗୋଟିଏ ଶ୍ରବଣ ଯନ୍ତ୍ର ଖଞ୍ଜି ଯାହା ଶୁଣିବା କଥା ନୁହେଁ, ତାହା ଗୋପନୀୟତାର ବାହାନା କରି ଶୁଣୁଛନ୍ତି। ମଣିଷ ଇନ୍ଦ୍ରିୟଗୁଡ଼ିକରେ ଦୁର୍ବ୍ୟବହାର କରୁଛି ଓ ପତନମୁଖୀ ହେଉଛି।

ମଣିଷ ଅସୁରକୁ ନିଜ ଭିତରୁ ଛାଡ଼ି ପାରୁନାହିଁ। ସେ ବଳାତ୍କାର, ବ୍ୟଭିଚାର, ଇତ୍ୟାଦିରେ ମାତି ନିଜ ଜୀବନକୁ ଶେଷ କରିଦେଉଛି। ଏକତ୍ୱ ହିଁ ଦେବତ୍ୱ ଏହାକୁ ବୁଝିପାରୁ ନାହିଁ। ଶ୍ରେଷ୍ଠା କହିଲା, ହଁ ସବୁ ଖଣ୍ଡ ଖଣ୍ଡ। ସୃଷ୍ଟି କହିଲା, ଶ୍ରେଷ୍ଠା ଅପା ମୋର ଭଲ ଖାଇବାରୁ ଖାଇ ଦେଉଥିବାରୁ ତାର ମୋର ଗଣ୍ଡଗୋଳ ହେଉଛି। ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରିବା ଛାଡ଼ି ମେଲୋଡି ଓ ନୃତ୍ୟରେ ନିଜକୁ ହଜାଇ ଦେଉଛି। ତେଣୁ ଏକତ୍ୱ ନାହିଁ କି ଦେବତ୍ୱ ନାହିଁ। ଏହି କାରଣ ପାଇଁ ଏକତ୍ୱ ହିଁ ଦେବତ୍ୱ ବୁଝାଇବାକୁ ପଡୁଛି।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା,**
**ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ଆଜାଦ୍‌ଙ୍କ ପାଇଁ ପାଠପଢ଼ିବା ଥିଲା ସବୁଠୁ କଷ୍ଟକର। ହେଲେ ସେ ଏବେ ପିଲାଙ୍କୁ ପଢ଼ାଉଛନ୍ତି ଏକ ଫରେଷ୍ଟ ସ୍କୁଲରେ। ଏହାର ନାମ ରଖିଛନ୍ତି ଆଜାଦୱାଡି ବା ' ସ୍ୱାଧୀନତାର ଉପତ୍ୟକା' । ଏହି ସ୍କୁଲରେ ଶ୍ରେଣୀଗୃହ ନାହିଁ , ବରଂ ଏହା ଏକ ଉଦ୍ୟାନ। ପିଲାମାନେ ସୁନ୍ଦର ପରିବେଶରେ ରହି ପାରମ୍ପରିକ ଶିକ୍ଷା ସହ ବୃତ୍ତିଗତ ଜୀବନରେ କିଭଳି ଦକ୍ଷ ହୋଇପାରିବେ ସେ ସମ୍ପର୍କରେ ଶିକ୍ଷା ପାଉଛନ୍ତି। ନିଜ ଖାଦ୍ୟ ଉତ୍ପାଦନ କରିବା, ପେଣ୍ଟିଂ, ରୋଷେଇ ଓ ବିଭିନ୍ନ କଳା ସମ୍ପର୍କରେ ସେମାନଙ୍କୁ ଶିକ୍ଷା ଦିଆଯାଉଛି। କାହାଣୀ, ସଙ୍ଗୀତ ତଥା ପରୀକ୍ଷଣ ହେଉଛି ସେମାନଙ୍କ ଶିକ୍ଷାର ମଧ୍ୟମ। ସେଠକାର ଗାଁ ଲୋକଙ୍କ ସହ ମିଶି ପିଲାମାନେ କଳା, ସଂସ୍କୃତି ଓ ଚାଲିଚଳନ ତଥା ବୃକ୍ଷରୋପଣ ବିଷୟରେ ଜାଣିବାର ସୁଯୋଗ ପାଉଛନ୍ତି। ଆଜାଦ ପଢ଼ିବା ଲାଗି ୭ଟି ସ୍କୁଲ ପରିବର୍ତ୍ତନ କରିଥିଲେ ଓ ଛାଡ଼ିଥିଲେ। ସ୍କୁଲ ପାସ୍ କରିବା ପେର ଦୁଇ ଥର କଲେଜ ବି ପରିବର୍ତ୍ତନ କରିଛନ୍ତି। କଲେଜ ଶିକ୍ଷା ଶେଷକରି ସେ ବକ୍ସିଂରେ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିଲେ। ଆହତ ହେବା ପରେ ସେ ଏଥିରୁ ଓହରି ଜଙ୍ଗଲିଆ ପରିବେଶରେ ଆଜାଦୱାଡି ନାମକ ସ୍କୁଲ ଉଦୟପୁରରେ ଖୋଲିଛନ୍ତି। ଏହି ସ୍କୁଲ ପରିଚାଳନା କରିବାରେ ଆଜାଦଙ୍କ ସ୍ତ୍ରୀ ଇମ୍‌ଲୀ ତାଙ୍କୁ ସହଯୋଗ କରୁଛନ୍ତି।

## ଚିରନ୍ତନୀ

ବୁଝିଲି ଶୁଣିଲି କେତେ ଶତ ପୋଥି ପଢ଼ି ତ
ହେଲି କେତେ ନବ ନବ ପୀରତିରେ ପୀଡ଼ିତ
ମୂଢ଼ କରି ଆପଣାକୁ ଦହିଲି ଏ ଦେହକୁ
ବୁଝିଲି ଏ ଦେହ ଘେନି ରହେ ତାହା ଜଡ଼ିତ ।

–(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | 9 | | | |
| 7 | | | | | | | 8 | |
| | 6 | 4 | | | | 3 | | 7 |
| | | | 4 | 3 | 2 | | | |
| | | 7 | | | | | | |
| | 8 | | | | | | 6 | |
| 6 | | | 2 | | | | | |
| | 4 | 2 | | 5 | 7 | 1 | | |
| | 5 | 8 | 6 | | 1 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 2 | 4 | 7 | 1 | 5 | 3 | 9 |
| 3 | 9 | 4 | 6 | 5 | 8 | 1 | 2 | 7 |
| 1 | 5 | 7 | 9 | 2 | 3 | 6 | 4 | 8 |
| 7 | 2 | 3 | 8 | 1 | 5 | 9 | 6 | 4 |
| 5 | 6 | 9 | 2 | 3 | 4 | 7 | 8 | 1 |
| 4 | 1 | 8 | 7 | 6 | 9 | 2 | 5 | 3 |
| 2 | 4 | 1 | 5 | 8 | 7 | 3 | 9 | 6 |
| 9 | 3 | 5 | 1 | 4 | 6 | 8 | 7 | 2 |
| 8 | 7 | 6 | 3 | 9 | 2 | 4 | 1 | 5 |

ଗତକାଲିର ଉତ୍ତର

# ଗଡ଼ଜାତ ଗଞ୍ଜଣା ଓ ଭଗବତୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ, ଯେତେବେଳେ ସାମ୍ୟବାଦ ନାଁ ଶୁଣିବା ମାତ୍ରେ ଭୟରେ ଥରହର ହେଉଥିଲେ ଅଭିଜାତ ଗୋଷ୍ଠୀ, ସେହି ସମୟରେ ଭଗବତୀଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗଠନ ହେଲା(୧୯୩୫) 'ନବଯୁଗ' ସାହିତ୍ୟ ସଂସଦ। ତା'ର ଆବାହନୀ ସଂଗୀତ ଲେଖି କବି ଅନନ୍ତ ପଟ୍ଟନାୟକ ଗାଇଲେ ''ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନ ହରା ,ବକ୍ଷ ଶୋଣିତ ଲକ୍ଷ ଜୀବନେ ଖେଳାଅ ଆଲୋକ ଧାରା।'' ସାହିତ୍ୟ ମାଧ୍ୟମରେ ସମାଜବାଦୀ ଚେତନାକୁ ଆଗେଇନେବା ପାଇଁ ଭଗବତୀଚରଣଙ୍କ ସମ୍ପାଦନାରେ ଆତ୍ମପ୍ରକାଶ କଲା (୧୯୩୬) ସଂସଦର ମୁଖପତ୍ର 'ଆଧୁନିକ'। ପତ୍ରିକାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ନବଭାରତ'ର ତୃତୀୟ ବର୍ଷ ଷଷ୍ଠ ସଂଖ୍ୟାରେ ଲେଖାଥିଲା –'ନବଯୁଗର ବାର୍ତ୍ତା ବହନକରି ଆସୁଛି 'ଆଧୁନିକ'। ଓଡ଼ିଶାର ପତ୍ରିକା ଜଗତରେ ଯୁଗାନ୍ତର ହେବା ସହିତ ହୃଦୟରେ ସଞ୍ଚାରଣ କରିବ ଅଭିନବ ଜାଗରଣ। ଧ୍ୱଂସକରିବ ଅପସାହିତ୍ୟର ଘୃଣ୍ୟ ଆବର୍ଜନା। ସୃଷ୍ଟି କରିବ ଉଚ୍ଚ ଚିନ୍ତାର ଯୁଗୋପଯୋଗୀ ସନ୍ଦର୍ଭ '। ଆଧୁନିକର ପ୍ରଥମ ସଂଖ୍ୟାରେ ତା'ର ଆଭିମୁଖ୍ୟକୁ ଆହୁରି ସ୍ପଷ୍ଟ କରିବା ଲକ୍ଷ୍ୟରେ ସମ୍ପାଦକ ଭଗବତୀଚରଣ ଲେଖିଲେ ଆଧୁନିକ କେବଳ ସାହିତ୍ୟ ପାଇଁ ସାହିତ୍ୟ ଚର୍ଚ୍ଚା ନୁହେଁ। ପୃଥିବୀବ୍ୟାପୀ ଆନ୍ଦୋଳନ ବିଷୟରେ ଚେତନା ଆଣିବା ନିମନ୍ତେ ତା'ର ଜନ୍ମ। ସାପ ମରିବନି କି ବାଡ଼ି ଭାଙ୍ଗିବ ନାହିଁ– ଏହା ହିଁ ସାଧାରଣତଃ ସାହିତ୍ୟ ପତ୍ରିକାର ନୀତି। ମାତ୍ର ଆଧୁନିକ ଏହି ନୀତିର ଏକ ବ୍ୟତିକ୍ରମ। ବାଡ଼ି ଭାଙ୍ଗୁ ପଛେ ସାପକୁ ମାରିବା ତା'ର ଲକ୍ଷ୍ୟ। ଓଡ଼ିଆ ସାହିତ୍ୟରେ ଭଗବତୀଚରଣଙ୍କ ବହୁଚର୍ଚ୍ଚିତ ଗଳ୍ପ 'ଶିକାର' ହିଁ ପ୍ରଗତିବାଦୀ ଚେତନାର ଅଗ୍ନିବୀଜ। ଏହା ଆଧୁନିକରେ ପ୍ରକାଶ ପାଇଲା(୧୯୩୬) ପରେ।

ତା'ର ଅବିଶ୍ୱସନୀୟ ପାଠକୀୟ ଆବେଦନ ଏମିତି ଉନ୍ମାଦନା ସୃଷ୍ଟିକଲା ଯେ ଓଡ଼ିଆ ସାହିତ୍ୟରୁ ଅନେକାଂଶରେ ଅପସରିଗଲା ଜଡ଼ତା,କଳ୍ପନା ବିଳାସିତା ଓ ପଳାୟନପନ୍ଥୀ ଭାବନା। ଯୁଗ ଯୁଗ ଧରି ଯେଉଁମାନେ ମୂକ ଓ ନିର୍ବାକ ଥିଲେ, ସେମାନଙ୍କ ମୁହଁରେ ଫୁଟିଲା ପ୍ରତିବାଦର ଭାଷା। ସାମନ୍ତବାଦୀ ଚରିତ୍ର ପରିବର୍ତ୍ତେ ସାହିତ୍ୟରେ ନାୟକ ଭାବେ ଚିତ୍ରିତ ହେଲେ ନିମ୍ନ ମଧ୍ୟବିତ୍ତ ବର୍ଗର ମଣିଷ। କାଲମାର୍କ୍ସଙ୍କ ଦାସ କ୍ୟାପିଟାଲ ପଢ଼ି ଭଗବତୀଚରଣ ବୁଝିଥିଲେ ଲୋକେ ଧର୍ମ ରୂପକ ଅଫିମ ଖାଇ କେବଳ ଶୋଷଣର ଶିକାର ହେଉନାହାନ୍ତି,ଏହାଦ୍ୱାରା ବଢୁଛି ସାମ୍ପ୍ରଦାୟିକ ବିଦ୍ୱେଷ। ବିପନ୍ନ ହେଉଛି ଜାତୀୟ ଏକତା। ଏହି ମର୍ମରେ ସେ ଲେଖିଲେ–''ଧର୍ମ ଯେଉଁଠାରେ ତା'ର ଶୁଭ ଦୃଷ୍ଟି ପକାଏ, ସେଠାରେ ଉପନିବେଶ ସ୍ଥାପନକରେ ଦାସତ୍ୱ। ଜନତାର ଦାସତ୍ୱ ହିଁ ଧର୍ମର ସହଯାତ୍ରୀ। ଧର୍ମ ପ୍ରଚାରର ଉଦ୍ଦେଶ୍ୟ ହୁଏତ ଭିନ୍ନ ହୋଇପାରେ, କିନ୍ତୁ ପ୍ରତ୍ୟେକ ସ୍ଥଳରେ ତା'ର ପରିଣାମ ହେଉଛି ଜନତାର ଦାସତ୍ୱ।'' 'ଆଧୁନିକ'ର ପ୍ରଭାବରେ ଧୀରେ ଧୀରେ ତୁଟିବାକୁ ଲାଗିଲା ଧର୍ମ ଓ ଭଗବାନଙ୍କ ଉପରୁ ବିଶ୍ୱାସ। ପ୍ରେମ ଓ ସୌନ୍ଦର୍ଯ୍ୟର ନିରାଜନା କରୁଥିବା ସବୁଜ କବିମାନେ ସୁଦ୍ଧା ସବୁଜ ପରୀର ଅଞ୍ଚଳ ତଳୁ ମୁହଁ କାଢ଼ି ଚାହିଁଲେ ପ୍ରଗତିବାଦୀ ସାହିତ୍ୟର ସାମାଜିକ ବାସ୍ତବତା ଆଡ଼େ। ଅତୀନ୍ଦ୍ରିୟ ରହସ୍ୟବାଦର ମାୟାଜାଲ ଛିଡ଼େଇ ଆଙ୍କିଲେ ନିର୍ଯାତିତ ମଣିଷର ଦୁଃଖ ଓ ଦୁର୍ଦ୍ଦଶାର କରୁଣ ଚିତ୍ର। ଯେଉଁ ସ୍ୱପ୍ନବିଳାସୀ କବି(କାଳିନ୍ଦୀ ଚରଣ) ଗାଉଥିଲେ – ବଧୂ ଆସେ ମୋର ଧୀର ସୁଲଳିତ ତୃତୀୟ

**ଭଗବତୀଚରଣ ପାଣିଗ୍ରାହୀଙ୍କ ତିରୋଧାନ ଦିବସ ଉପଲକ୍ଷେ**



ଯୋଜନା ସମ..., ତାଙ୍କ କଲମରୁ ଝରିଲା –''ଜନ୍ମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ ମାନ, ଆମ ଝିଅ ବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ।''

ଧୋଇ ମରୁଡ଼ିର ରାଜ୍ୟ ଥିଲା ଓଡ଼ିଶା। ଏଠି ବନ୍ୟାରେ ଭାସିଯାଉଥିଲା ଘରଦ୍ୱାର। ଉଜୁଡ଼ିଯାଉଥିଲା ଫସଲ। ସ୍ୱାଧୀନତା ଆନ୍ଦୋଳନରେ କଂଗ୍ରେସ ମାତିଥିବାବେଳେ କୃଷକମାନଙ୍କ ପ୍ରତି ହେଉଥିବା ଶୋଷଣ କଷଣ ବିରୋଧରେ ସ୍ୱତନ୍ତ୍ର ଆନ୍ଦୋଳନ ଗଢ଼ି ତୋଳିବାକୁ ଏକାଠି ହେଲେ କଂଗ୍ରେସ ଭିତରେ ଥିବା ବାମପନ୍ଥୀ ଗୋଷ୍ଠୀ । ସେମାନେ ବିଭିନ୍ନ ଅଞ୍ଚଳରେ ଲୋକଙ୍କୁ ଏକାଠିକରି ଗଠନକଲେ 'କୃଷକ ସଂଘ'। ସଂଘ ପକ୍ଷରୁ ଭଗବତୀଚରଣ ପାଣିଗ୍ରାହୀଙ୍କ ସମ୍ପାଦନାରେ ପ୍ରକାଶ ପାଇଲା 'କୃଷକ' ନାମରେ ଏକ ସାପ୍ତାହିକ ପତ୍ରିକା। ମଠଧନ କୋଠ ହେଉ, ଲଙ୍ଗଳ ଯା'ର ଜମି ତା'ର, ଗଛ ମାଛରେ ପ୍ରଜାର ଅଧିକାର ସାବ୍ୟସ୍ତ ହେଉ ଇତ୍ୟାଦି ଦାବି ନେଇ ଏଥିରେ ଅନେକ ଲେଖା ପ୍ରକାଶ ପାଇଲା, ଯାହା ଜମି ମାଲିକମାନଙ୍କ ଆଖିରୁ ହଜେଇଦେଲା ନିଦ।

ଭଗବତୀଚରଣଙ୍କ ବେଳର ଓଡ଼ିଶା ଥିଲା ଏକ ସାମନ୍ତବାଦୀ ପ୍ରଥା ପ୍ରଚଳିତ ଏବଂ ବ୍ରିଟିଶ ଶାସନ ଦ୍ୱାରା ଶୋଷିତ ରାଜ୍ୟ। ଏଠାରେ ଥିବା ଗଡ଼ଜାତ ରାଜ୍ୟଗୁଡ଼ିକରେ ବେଠିରେ ତିଆରି ହେଉଥିଲା ରାସ୍ତାଘାଟ, କୋଠାବାଡ଼ି ଓ ରାଜପ୍ରାସାଦ ଇତ୍ୟାଦି। ରାଜା ଓ ଜମିଦାରମାନେ ପାରିଧିକୁ ଗଲେ, ହିଂସ୍ରଜନ୍ତୁ ସଙ୍କୁଳ ଜଙ୍ଗଲରେ ପ୍ରଜାମାନେ ଜଗୁଥିଲେ ଖେଦା। ପ୍ରଜାଙ୍କ ବାରିରେ କଦଳୀ, କଖାରୁ ଫଳିଲେ ଆଗେ ରାଜା ଜମିଦାରଙ୍କ ଘରକୁ ଯାଉଥିଲା ଭେଟି ଆକାରରେ। ସାମନ୍ତବାଦୀ ଶୋଷଣର ସବୁ ସୀମା ଟପିଯାଇଥିଲା ଢେଙ୍କାନାଳ ଗଡ଼ଜାତ। ଏଠାରେ ରାଜା ଯେଉଁ ସମାନ୍ତରାଳ ସରକାର ଚଳାଉଥିଲେ, ତାକୁ କୁହାଯାଉଥିଲା ଅନ୍ଧାରି କଚେରି। ସେଠାରେ ଯୋଡ଼ାଯାଉଥିଲା ମିଛସତ ମକଦ୍ଦମା। ଚିରାଚରିତ ଗଡ଼ଜାତ ଗଞ୍ଜଣା ବ୍ୟତୀତ ଏଠାରେ ଚାଲିଥିଲା ବହୁ ବୀଭତ୍ସ ବିଭୀଷିକାମୟ ଦୈହିକ, ଆର୍ଥିକ ଓ ମାନସିକ ଅତ୍ୟାଚାର। ଏହାର ପ୍ରତିବାଦରେ ଢେଙ୍କାନାଳରେ ଯେଉଁ ପ୍ରଜା ଆନ୍ଦୋଳନ ଗଢ଼ି ଉଠିଥିଲା, ତା'ର ନେତୃତ୍ୱ ଥିଲା ସାମୂହିକ। ଏଠାରେ ଏକାଠି ହୋଇଥିଲେ ନରମପନ୍ଥୀ, ମଧ୍ୟମପନ୍ଥୀ ଓ ବାମପନ୍ଥୀ ଆଦି ସବୁ ଗୋଷ୍ଠୀର ନେତା। ମାତ୍ର ପ୍ରଜା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଗୁପ୍ତ ସଙ୍ଗଠନ କାର୍ଯ୍ୟ କରୁଥିଲା, ଯାହାକୁ ପରିଚାଳନା କରୁଥିଲେ ଭଗବତୀ ଚରଣ। ସେ ହିଁ ଲେଖୁଥିଲେ 'ରଣଭେରି' ନାମକ ପ୍ରଚାରପତ୍ର ଯାହା ସେ ଅଞ୍ଚଳକୁ ଯାଉଥିଲା ଗୁପ୍ତରେ। ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ରାଜା ମୁତୟନ କରିଥିଲେ ଗୋରା ପଲଟନ। ଯେଉଁ ପଲଟନର ଗୁଳି ଚୋଟରେ ଶହୀଦ ହୋଇଥିଲେ ରକ୍ତନଦୀର ନାଉରି ବାଜି ରାଉତ ଓ ପ୍ରଜାମଣ୍ଡଳର ଅନେକ ସଦସ୍ୟ।

୧୯୩୯ ମସିହାରେ ଭଗବତୀ ଚରଣ ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡରେ ପ୍ରବନ୍ଧ ଲେଖିବା ପରେ ସାରା ଭାରତର ଦୃଷ୍ଟି ଆକର୍ଷଣ କଲା ଢେଙ୍କାନାଳର ବୀରତ୍ୱପୂର୍ଣ୍ଣ ପ୍ରଜା ଆନ୍ଦୋଳନ। ଏଠାରେ ଭଗବତୀଙ୍କ ନେତୃତ୍ୱରେ କମ୍ୟୁନିଷ୍ଟ ଓ ପ୍ରଜା ସୋସାଲିଷ୍ଟମାନଙ୍କ ପ୍ରଭାବ ବଢ଼ି ଚାଲୁଥିବା ଅନୁଭବକରି ୧୯୪୦ ମସିହା ଜାନୁଆରୀରେ ତାଙ୍କୁ ଗିରଫକଲା ଇଂରେଜ ସରକାର। ଦେଶଦ୍ରୋହ ଆଇନର ଧାରା ଉପଧାରା ଲଗେଇ ତାଙ୍କୁ ଜେଲରେ ରଖାଗଲା ଦୀର୍ଘ ଅଢ଼େଇ ବର୍ଷ। ସେ ଜେଲରୁ ଖଲାସହେବା ବେଳକୁ ଓଡ଼ିଶାକୁ ଆଚ୍ଛନ୍ନ କରିଥିଲା ଦୁର୍ଭିକ୍ଷର କରାଳ ଛାୟା। ନୀରବରେ ଘରେ ବସିବା ପରିବର୍ତ୍ତେ ସେ ଲାଗିପଡ଼ିଲେ ରିଲିଫ ସଂଗ୍ରହ କାମରେ। ରିଲିଫ ସାମଗ୍ରୀ ଧରି ବୁଲିଲେ ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳ। ଗଞ୍ଜାମର ବିଭିନ୍ନ ଅଞ୍ଚଳରେ ରିଲିଫ ବାଣ୍ଟିବା ଅବସରରେ ଭୁଲିଗଲେ ଭୋକଶୋଷ, ଯାହାର ପରିଣାମ ଥିଲା ଚିରନିଦ୍ରା। ସାଧାରଣତଃ ତାଙ୍କୁ ହିଁ ସଚ୍ଚା କମ୍ୟୁନିଷ୍ଟ, ଯିଏ ନିଜ କଥା,ନିଜ ପରିବାର କଥା ଚିନ୍ତା ନ କରି ଚିନ୍ତାକରେ ବୃହତ୍ତର ସମାଜ କଥା। ଅର୍ଥାତ୍ ସେ ଥିଲେ ଜଣେ ସଚ୍ଚା କମ୍ୟୁନିଷ୍ଟ। ଇହଲୀଳା ସଂକ୍ଷିପ୍ତ (୧୯୦୮–୧୯୪୩)ହେଲେ ବି ତାଙ୍କ ଜୀବନ ଥିଲା ସଂଘର୍ଷମୟ ଓ ସାର୍ଥକ।

**ଅବସରପ୍ରାପ୍ତ ଅଧ୍ୟକ୍ଷ ,**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

## ପାଠକ ଶ୍ରେଷ୍ଠ ବିଚାରକ

### ତହସିଲରେ ୩ ବର୍ଷରୁ ଅଧିକ ରହିଥିବା କିରାଣିଙ୍କୁ ବଦଳି କରାଯାଉ

ମହାଶୟ,

ଗଞ୍ଜାମ ଜିଲାରେ ଥିବା ୨୩ଟି ତହସିଲ ଅଦାଲତରେ ୫ରୁ ଅଧିକ ବର୍ଷ ଧରି କିରାଣିମାନେ ଚୌକି ମାଡ଼ି ବସିଛନ୍ତି । ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ପାରିଦର୍ଶିତା ଆଣିବା ପାଇଁ ସରକାରୀ କର୍ମଚାରୀଙ୍କୁ ଗୋଟିଏ କାର୍ଯ୍ୟାଳୟରେ ସର୍ବାଧିକ ୩ ବର୍ଷ ରଖିବା ନିୟମ ରହିଥିବା ବେଳେ ତାହା ଠିକ୍ ରୂପେ ପାଳନ ହେଉ ନ ଥିବା ଦେଖାଦେଇଛି । ଫଳରେ କିରାଣିମାନଙ୍କ ଔଦ୍ଧତ୍ୟ ବଢ଼ିଯାଇଛି ଏବଂ ଲାଞ୍ଚ ନ ମିଳିଲେ ଫାଇଲ କାମ ମନ୍ଥର ଗତିରେ ହେଉଛି, ଓକିଲଙ୍କ ଗରିବ ମହକିଲମାନେ ବହୁ ହଇରାଣ ହେଉଛନ୍ତି । ତହସିଲରେ ଫାଇଲ କାମ ତ୍ୱରାନ୍ୱିତ କରିବାକୁ ହେଲେ ନିକଟରେ ଥିବା ପାନ ଓ ଚା'ଦୋକାନରେ ବ୍ୟବସ୍ଥିତ ଢଙ୍ଗରେ ଆଗତୁରା ଲାଞ୍ଚ ଦେବାକୁ ପଡୁଛି ନ ଦେଲେ କାମ ହେଉନାହିଁ। ସେହିପରି ଗଞ୍ଜାମ ଜିଲାରେ ଥିବା ଭଞ୍ଜନଗର, ଛତ୍ରପୁର ଓ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବହୁ କିରାଣି ବହୁବର୍ଷ ହେଲା ଅଛନ୍ତି। ତେଣୁ ସ୍ୱଚ୍ଛତା ଦୃଷ୍ଟିରୁ ତହସିଲ ଅଦାଲତଗୁଡ଼ିକରେ ୩ ବର୍ଷରୁ ଅଧିକ ଦିନ ରହିଥିବା କିରାଣିଙ୍କୁ ତୁରନ୍ତ ବଦଳି କରାଯାଉ ।

**–ମନୋଜ ପଟ୍ଟନାୟକ, ସଭାପତି, ଗଞ୍ଜାମ ଓକିଲ ସଂଘ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବ୍ଲକସ୍ତରୀୟ ଫୁଟବଲ ଖେଳାଳି ଚୟନ ଶିବିର**

ବେଲପଡ଼ା,(ମନୋଜ କୁମାର ମିଶ୍ର): ବେଲପଡା ବ୍ଲକ ଦିନ ରଘୁ ମେହେର ହାଇସ୍କୁଲ ଖେଳପଡିଆଠାରେ ବ୍ଲକ ଗେମ ଆଣ୍ଡ ସ୍ପୋର୍ଟସ ଆସୋସିଏଶନ ତରଫରୁ ବ୍ଲକସ୍ତରୀୟ ଫୁଟବଲ ଖେଳାଳି ଚୟନ ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ବ୍ଲକ ଶିକ୍ଷାଧିକାରୀ ଅଭିନବ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଡିଆର ମେହେର ହାଇସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଓ ସ୍ପୋର୍ଟସ ସେକ୍ରେଟାରୀ ପ୍ରମୋଦ ଠାକୁର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ବ୍ଲକର ୨୪ଟି ହାଇସ୍କୁଲର ୬୦ ଜଣ ଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ । ତନ୍ମଧ୍ୟରୁ ୧୫ ଜଣ ଛାତ୍ରଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଖେଳିବା ପାଇଁ ଚୟନ କରାଯାଇଥିଲା । ଖେଳଶିକ୍ଷକ ଜିତୁ ଦଳାଇ ପରିଚାଳନା କରିଥିଲେ।

# ଆଞ୍ଚଳିକ ଗିରି ଗୋବର୍ଦ୍ଧନ ପୂଜା

**ଲୋଇସିଂହା,୨୨।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛେଲବାହାଲ ଖେକେଲ୍ଲି ଡୁଙ୍ଗରିରେ ୮ତମ ଆଞ୍ଚଳିକ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଚମରା ଚୁହାନ ଯୋଗଦେଇ ଗିରି ଗୋବର୍ଦ୍ଧନ ପୂଜା ଉପରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସ୍କୁଲ ଇନ୍ସପେକ୍ଟର ତଥା ସାମାଜିକ କର୍ମୀ ରାଜେନ୍ଦ୍ର ବିଶାଳ ମହୋତ୍ସବ କିପରି ଆଗକୁ ଆଦୃତ ହୋଇପାରିବ ସେନେଇ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ସବରେ ପୂଜା କମିଟି ସଭାପତି ଶୁଭ୍ରାଂଶୁ ମହାକୁର ଉପସ୍ଥିତ ଥିଲେ। ଦିବ୍ୟ ରଞ୍ଜନ ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ । ପୂଜା କମିଟିର ବିରୁ ,ସାନନ୍ଦ, ଗୁନା ଯୋଗ ଦେଇଥିଲେ।

# ଜାମଚୁଆଁରେ ଗିରି ଗୋବର୍ଦ୍ଧନ ପୂଜା



ଗିରି ଗୋବର୍ଦ୍ଧନ ପୂଜାରେ ଯୋଗ ଦେଇଥିବା ଅତିଥି ବୃନ୍ଦ ।

**ଲାଠୋର,୨୨।୧୦(ଭୁବନେଶର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଅଧୀନ ଜାମଚୁଆଁ ଗ୍ରାମର ବାଗ ଦୁଏର ଡୁଙ୍ଗରି ପଡ଼ିଆରେ ବୁଧବାର ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛ। ଗିରି ଗୋବର୍ଦ୍ଧନ ପୂଜା କମିଟି ସଭାପତି ଜୟଦେବ ନାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ପୂଜାରେ ସାମାଜିକ କର୍ମୀ ତଥା ବ୍ୟବସାୟୀ ବିମଳ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ ଭଇଁସାଲ, ବିଧାୟକଙ୍କ ପ୍ରତିନିଧି ପଦ୍ମନ ସିଂ ବରିହା ଯୋଗ ଦେଇଥିଲେ। ଏଥିରେ ଜିଲା ସଭାପତି ଶେଷଦେବ ଭଇଁସାଲ ଏବଂ ସମ୍ପାଦକ ରସିକ ବାଗ ମଧ୍ୟ ଯୋଗ ଦେଇଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ବଲାଙ୍ଗୀର, ବରଗଡ, ନୂଆପଡ଼ା ଜିଲା ସମେତ ଛତିଶଗଡ ରାଜ୍ୟର ବିଭିନ୍ନ ସ୍ଥାନର ଝରିଆ ଯାଦବ(ଗଉଡ)ସଂପ୍ରଦାୟର ଲୋକେ ଏଠାରେ ଏକତ୍ରିତ ହୋଇ ଇଷ୍ଟ ଦେବତା ଗିରି ଗୋବର୍ଦ୍ଧନଙ୍କ ପୂଜା କରିଛନ୍ତି। ପୂଜକ ଭାବେ ଗୁଣଗ୍ରାହୀ ପଣ୍ଡା ଓ ଭକ୍ତଗ୍ରାହୀ ପଣ୍ଡା ଏବଂ କର୍ତ୍ତା ଭାବେ ଗ୍ରାମର ମଗଶିର ଭଇଁସାଲ ଦମ୍ପତି ଦାୟିତ୍ୱ ତୁଲାଇଥିଲେ। ଲୋକଙ୍କ ମନୋରଞ୍ଜନ ପାଇଁ ମୀନାବଜାର ସହ ବିଭିନ୍ନ ବାଜା, କୀର୍ତ୍ତନର ଆୟୋଜନ କରାଯାଇଥିଲା। ରାତିରେ ଦଣ୍ଡ ନୃତ୍ୟ ହୋଇଥିଲା। ଏହି ଅବସରରେ ଉପସଭାପତି ଲମ୍ବୋଦର ଭଇଁସାଲ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଭଇଁସାଲ, କୋଷାଧ୍ୟକ୍ଷ ଟିକେଶ୍ୱର ଭଇଁସାଲ, ଉମାକାନ୍ତ ନାଗ, କବି ବାଗ, ଯୁଧିଷ୍ଠିର ଭଇଁସାଲ, ରାମ କିଶନ ଚିତକୁଡିଆ, ରବି ନାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ କଂସ ଦରବାର

**ଉଲୁଣ୍ଡା, ୨୨।୧୦(ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଅଇଁଲାଛାଟ ଯାତ୍ରା ପଡିଆରେ ବୁଧବାର ଗିରିଗୋବର୍ଦ୍ଧନ ପୂଜା ଅବସରରେ କଂସ ଦରବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ସଭାପତି ସୁରେଶ ଦେହୁରୀଙ୍କ ସଭାପତିରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଜିଲାପାଳ ଡ ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଦେବଦତ୍ତ ପର୍ଡ଼ିଆ, ଅଧ୍ୟକ୍ଷା ରେଖା ପଧାନ, ବୟନିକା ସମ୍ପାଦକ ସଞ୍ଜୟ ମେହେର, ପୂଜା କମିଟି ସମ୍ପାଦକ ଯୁଧିଷ୍ଠିର ମେହେର, ଚଢେଇପଙ୍କ ପାକ୍ସ ସଭାପତି ରଶ୍ମିବାଳା ଦେହୁରୀ, କୋଷାଧ୍ୟକ୍ଷ ହରି ମେହେର ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଅତିଥିଗଣ ବିଭିନ୍ନ ପ୍ରତିଭାମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ନେତ୍ରାନନ୍ଦ ବାରିକ ମଞ୍ଚ ପରିଚାଳନା କରିଥିଲେ।

# ବଲାଙ୍ଗୀର ଦିନ୍ ପ୍ରସ୍ତୁତି ଚୂଡାନ୍ତ, ଆରମ୍ଭ ହେଲା ପ୍ରତିଯୋଗିତା




ବଲାଙ୍ଗୀର ଦିନ୍ ଆୟୋଜକ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ କରି ସୂଚନା ଦିଆଯାଉଛି।

**ବଲାଙ୍ଗୀର,୨୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ଆସନ୍ତା ନଭେମ୍ବର ୧ ତାରିଖ ଦିନ ବଲାଙ୍ଗୀର ଦିନ୍ ଉତ୍ସବ ପାଳନ କରାଯିବ। ଏନେଇ ସମସ୍ତ ପ୍ରସ୍ତୁତି ସରିଛି। ବଲାଙ୍ଗୀର ଦିନ୍ ଆୟୋଜକ କମିଟି ପକ୍ଷରୁ ସ୍ଥାନୀୟ ଟାଉନ୍ ବାଳିକା ହାଇସ୍କୁଲଠାରେ ବୁଧବାର ଅପରାହ୍ଣରେ ଖବରଦାତା ସମ୍ମିଳନୀ ଡାକି ଏନେଇ ସୂଚନା ଦିଆଯାଇଛି। ଆୟୋଜକ କମିଟି ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ କହିଥିଲେ, ନଭେମ୍ବର ୧ ତାରିଖ ସକାଳ ୯ଟାରୁ ବଲାଙ୍ଗୀର ଦିନ୍ ଉପଲକ୍ଷେ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରା କୋଶଳ କଳାମଣ୍ଡଳ ପଡିଆରୁ ବାହାରି ସହର ପରିକ୍ରମା କରିବ। ଏହି ସାଂସ୍କୃତିକ ଶୋଭାଯାତ୍ରାରେ ବଲାଙ୍ଗୀର ଜିଲାର ବହୁ ବରିଷ୍ଠ କଳାକାର, ବୁଦ୍ଧିଜୀବୀ, ସାହିତ୍ୟିକ, ନାଟ୍ୟକାର, ସାମାଜିକ କର୍ମୀ ଓ ଅନ୍ୟମାନେ ଯୋଗ ଦେବେ। ସନ୍ଧ୍ୟାରେ ସାଂସ୍କୃତିକ ଉତ୍ସବ ପାଳନ କରାଯିବ। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା ଅତିଥି ଭାବେ ଯୋଗ ଦେବାର ଅଛି। ବଲାଙ୍ଗୀର ଦିନ୍ ଉପଲକ୍ଷେ ଗତ ୨୧ ତାରିଖରୁ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ମହିଳାଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା, କୋଶଲୀ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ସହ ଅନ୍ୟାନ୍ୟ ପ୍ରତିଯୋଗିତା କରାଯାଉଛି। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ପ୍ରଦାନ



ହିତାଧିକାରୀଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଛି।

**ବୌଦ୍ଧ,୨୨।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ପଞ୍ଚାୟତ ସମିତି ବୌଦ୍ଧ ପକ୍ଷରୁ ବୁଧବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ବିଭୁତିଭୁଷଣ ନାୟକ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଧିକାରୀମାନେ ଭିନ୍ନକ୍ଷମମାନଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ପାନେଶ୍ୱରୀ ଦେହୁରୀ, ଆମ୍ବଝରୀ, ବଘିଆପଡ଼ା, ଟିକରପଡ଼ା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଷାନ, ଜିଲା ସୁଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ଅଙ୍ଗନୱାଡି କର୍ମୀ, ସିଆର୍‌ପି, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ଫେରାର ଥିବା ୩ ଗଞ୍ଜେଇ ଚାଲାଣକାରୀ ଗିରଫ



ଗିରଫ ଅଭିଯୁକ୍ତ।

**ବୌଦ୍ଧ,୨୨।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା କଣ୍ଟାମାଳ ପୋଲିସ ଫେରାର୍ ଥିବା ୩ ଗଞ୍ଜେଇ ଚାଲାଣକାରୀଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ନୁଆପାଲି ଗ୍ରାମର ଅଭିଯୁକ୍ତ ଲୋଚନ ଦାସ ଓ ଶଙ୍କର ପୋଢ ଓ କମଘାଟ ଗ୍ରାମର ଗଜପତି ସାହ। ଗତ ୨.୨.୨୫ରେ ନୂଆପାଲି ଜଙ୍ଗଲ ଭିତରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ପୋଲିସ ସେଠାରେ ଚଢାଉ କରିଥିଲା। ଜଙ୍ଗଲରେ ରଖାଯାଇଥିବା ୧୨ ଗୋଟି ବସ୍ତାରୁ ୬ କୁଇଣ୍ଟାଲ ୯୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଚଢ଼ାଉ ବେଳେ ପୋଲିସକୁ ଦେଖି ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଏ ନେଇ କଣ୍ଟାମଳ ଥାନା ପୋଲିସ ଏକ (ନଂ.୨୪/୨୫) ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଧରିଛି ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କଣ୍ଟାମାଳ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ କହିଛନ୍ତି।

# ଚୋରି ଟ୍ରାକ୍ଟର ଜବତ, ଅଭିଯୁକ୍ତ ଗିରଫ

**ବଲାଙ୍ଗୀର,୨୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)**




ଜବତ ଟ୍ରାକ୍ଟର ସହ ଅଭିଯୁକ୍ତ ଯୁବକ।

ଦୀପାବଳି ରାତିରେ ବଲାଙ୍ଗୀର ସହର ପେଲେସ ଲାଇନଠାରୁ ଚୋରି ହୋଇଥିବା ଏକ ଟ୍ରାକ୍ଟରକୁ ଟାଉନ୍ ଥାନା ପୋଲିସ ପାଟଣାଗଡ଼ ଥାନା ଅନ୍ତର୍ଗତ ଏକ ଜଙ୍ଗଲରୁ ଜବତ କରିଛି। ଏହି ଟ୍ରାକ୍ଟର ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ କର୍ଲାମାଲ ଗାଁର ସଞ୍ଜିତ କୁମରା (୨୫)। ଦୀପାବଳି ରାତିରେ ପେଲେସ ଲାଇନ ନିବାସୀ ଡମ୍ବରୁଧର ମହାନ୍ତିଙ୍କ ଘର ସମ୍ମୁଖରୁ ତାଙ୍କ ଟ୍ରାକ୍ଟର ଚୋରି ହୋଇ ଯାଇଥିଲା । ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏକ ମାମଲା (ନଂ୬୭୪/୨୫) ରୁଜୁ କରି ଟାଉନ ଥାନା ଆଇଆଇସି ଅବନୀ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟଣାଗଡ଼ ଥାନା ଅନ୍ତର୍ଗତ ଏକ ଜଙ୍ଗଲରୁ ଚୋରି ଟ୍ରାକ୍ଟର ଜବତ କରିଥିଲା। ବୁଧବାର ଦିନ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି।

# ବ୍ରିଜ୍‌ତଳକୁ ଖସିଲା ବାଇକ୍, ଚାଳକ ମୃତ

**ବିନିକା,୨୨।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୧୨୬ ନଂ. ଜାତୀୟ ରାଜପଥର ବେଲପଡା ଛକ ନିକଟ ମଗରକୁନ୍ଦା ବ୍ରିଜ୍ ତଳକୁ ଖସି ଜଣେ ବାଇକ୍‌ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ବିନିକା ଏନ୍‌ଏସି ୱାର୍ଡ ନଂ ୧୧ ଭ୍ରମରପାଲିର ଯୁଦ୍ଧମନ୍ୟୁ ଦୁଆରୀ(୨୮)। ମଙ୍ଗଳବାର ରାତିରେ ବିନିକାରୁ ସେ ବାଇକ୍(ନଂ.ଓଡି-୨୭ବି-୮୪୨୪)ରେ ରାମପୁର ଅଞ୍ଚଳରେ ଥିବା ଏକ ରାଇସ୍ ମିଲକୁ କାମ କରିବା ପାଇଁ ଯାଉଥିବା ସମୟରେ ବ୍ରିଜ୍ ଉପରୁ ୩୦ଫୁଟ ତଳକୁ ଖସି ପଡିଥିବା ଅନୁମାନ କରାଯାଉଛି। ବୁଧବାର ସକାଳେ ଏହା ଜଣାପଡିବା ପରେ ଅଗ୍ନିଶମ ବାହିନୀ ଯୁଦ୍ଧମନ୍ୟୁଙ୍କୁ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ବୁର୍ଲା ମେଡିକାଲକୁ ରେଫର କରିଥିଲେ। ହେଲେ କିଛି ସମୟ ଭିତରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ବାଇକ ଜବତ ହୋଇଛି। ଏ ନେଇ ଏକ ମାମଲା(ନଂ.୧୧୫/୨୫)ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଆଇଆଇସି ସତ୍ୟନାରାୟଣ ପଧାନ କହିଛନ୍ତି।

# ଆଦର୍ଶ ବିଦ୍ୟାଳୟରେ ଅଭିଭାବକ ବୈଠକ

**ବଘିଆପଡ଼ା,୨୨।୧୦(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ତେତେଲେଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବୁଧବାର ଅଭିଭାବକ ଓ ଅଭିଭାବିକାମାନଙ୍କୁ ନେଇ ଏକ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଭିଭାବକ ମନୋରଞ୍ଜନ ପୁରୋହିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ପୃଷ୍ଟି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ସହକାରୀ ଶିକ୍ଷକ ସୁବ୍ରତ ନାଏକ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଅର୍ଦ୍ଧବାର୍ଷିକ ପରୀକ୍ଷାର ଫଳ ପ୍ରକାଶ କରାଯିବା ସହ ଯେଉଁ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଠିକ୍‌ସେ ଆସୁନାହାନ୍ତି କେମିତି ନିୟମିତ ଶତପ୍ରତିଶତ ବିଦ୍ୟାଳୟ ଆସିବେ ସେନେଇ ଅଭିଭାବକମାନଙ୍କୁ ଅନୁରୋଧ କରାଯାଇଥିଲା। ସେହିପରି ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ କୁମାରୀ ସୌଦାମିନୀ, ମନୋଜ କୁମାର ବେହେରା, ଘନଶ୍ୟାମ ସାହୁ, ବିମଳ ମଲ୍ଲିକ, ଦିଲୀପ ନାଗ, ସୁବ୍ରତ ନାୟକ, ସତ୍ୟନାରାୟଣ ବରିହା, ସୋନାଲିକା ଦାସ, ଜେନି ସାହୁଙ୍କ ସହ ବିଦ୍ୟାଳୟର ସମସ୍ତ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ଦିଲୀପ ବାଗ୍ ଧନ୍ୟବାଦ ଅର୍ପଣ କରିଥିଲେ।


ବିଜ୍ଞାପନ ସଂ. ୨/୫/୨୦୨୧-ଏସ୍‌ପିଏମ୍‌ସି

**ଭାରତ ସରକାର**
**ଅର୍ଥ ମନ୍ତ୍ରଣାଳୟ**
**ଅର୍ଥନୈତିକ ବ୍ୟାପାର ବିଭାଗ**
**(କଏନ୍ ଓ କରେନ୍ସି ଡିଭିଜନ)**
**ଭାରତୀୟ ପ୍ରତିଭୂତି ମୁଦ୍ରଣ ଓ ମୁଦ୍ରା ନିର୍ମାଣ ନିଗମ ଲିମିଟେଡ୍ (ଏସ୍‌ପିଏମ୍‌ସିଆଇଏଲ୍)ରେ**
**ନିର୍ଦ୍ଦେଶକ (ବୈଷୟିକ)**

ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି

ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲର ଶେଷ ତାରିଖ ହେଉଛି

**ତା୨୪।୧୧।୨୦୨୫ରିଖ**

ନୋଡାଲ ଅଧିକାରୀଙ୍କ ଦ୍ୱାରା ଦରଖାସ୍ତଗୁଡ଼ିକୁ ଅର୍ଥ ମନ୍ତ୍ରଣାଳୟକୁ ଅଭିପ୍ରେରଣ କରିବାର ଶେଷ ତାରିଖ ହେଉଛି

**ତା୦୧।୧୨।୨୦୨୫ରିଖ**

ବିବରଣୀ ପାଇଁ ଲଗ୍ ଇନ୍ କରନ୍ତୁ ୱେବ୍‌ସାଇଟ୍

https://dea.gov.in

CBC 15201/11/0007/2526



## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

**ବିଜ୍ଞପ୍ତି**

No.g-105:

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା.୨୯.୦୫.୨୦୨୫ ରିଖରେ ମାନିନୀ ନାମକ ଏହି ୫ ବର୍ଷର ଶିଶୁ କନ୍ୟାଟିକୁ ଗେହ୍ଲି ସାମଲ ନାମକ ଏକ ମହିଳା ତା'ର ମାଆ ବୋଲି ପରିଚୟ ଦେଇ ଶିଶୁ ମଙ୍ଗଳ କମିଟି କଟକଙ୍କ ନିକଟରେ ସମର୍ପଣ ପତ୍ର କରି ଛାଡି ଦେଇଥିଲେ । ଶିଶୁଟି ବର୍ତ୍ତମାନ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ. ୨୨୮/୨୦୨୫ ଅନୁଯାୟୀ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହୁଅଛି । ତେଣୁ ଉକ୍ତ କନ୍ୟାଟିର ଯଦି ପିତା କିମ୍ବା ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ- ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋଠରି ନଂ.୫୪, କଲେକ୍ଟୋରିଏଟ୍ ବିଲଡିଂ, କଟକ, ଫୋନ୍ ନଂ ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦକ, ସର୍ଭାଣ୍ଟସ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ-୭୫୪୦୭୧, ଫୋନ୍ ନଂ.- ୯୭୭୭୬୪୪୦୬କୁ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ସମୟସୀମା ଅତିକ୍ରାନ୍ତ ପରେ ଏହି ଶିଶୁ କନ୍ୟା ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁ କନ୍ୟାଟିକୁ କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ-୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ ।



OIPR-33038/11/0035/2526 ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ



**TPCODL** TP CENTRAL ODISHA DISTRIBUTION LIMITED

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha 751007

**NOTICE INVITING TENDER: NIT No: TPCODL/2025-26/NIT/10**

Bids are invited from eligible bidders for the following tenders :

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/1000006573 | Rate Contract for Hiring of Agency for Vehicle On Call Service for 3 Years |
| 2 | TPCODL/P&S/2025-26/1000006185 | Rate Contract for PTR Annealing & Re-insulation for 2 Yr. |
| 3 | TPCODL/P&S/2025-26/1000006607 | Rate Contract for Bill Printing Services for 2 years. |
| 4 | TPCODL/P&S/2025-26/1000006625 | 2 Year Rate Contract for Repair &Renovation of LTDB / Feeder Pillars at TPCODL. |
| 5 | TPCODL/P&S/2025-26/1000006639 | Rate Contract for Supply of MCCB with Enclosure. |
| 6 | TPCODL/CCG/2025-26/1000006640 | Rate Contract for Supply of LED Lights & accessories |
| 7 | TPCODL/P&S/2025-26/1000006659 | Rate Contract for Supply of MCCB of Different Sizes. |
| 8 | TPCODL/CCG/2025-26/1000006710 | Rate Contract for Supply of 33kV Metering Unit |

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟିପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ, କବାଡି ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାଛଡା ଯୋଗ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବ୍ଲକର ୪ଟି କ୍ଲଷ୍ଟରର ୬୦ ଜଣ ଫୁଟବଲ ଖେଳାଳି, କବାଡି ଖେଳାଳି ଓ ୧୦ ଜଣ ଯୋଗ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଶାନ୍ତିଲାଲ ନନ୍ଦ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୌରାଙ୍ଗ ନାୟକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଓଆରଏସ ଅଧିକାରୀ ଅଗସ୍ତି ନନ୍ଦ, ବିଦ୍ୟାଳୟର କମିଟି ସଭାପତି ବହାଦୁର ନନ୍ଦ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ହିମାଂଶୁ ଶେଖର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଗିରି ଗୋବର୍ଦ୍ଧନ ପୂଜା ପାଳିତ



ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

କଣ୍ଟାବାଞ୍ଜି,୨୨।୧୦(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଯୁବ ଯାଦବ ସମାଜ ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋରୁ ବଜାର ପ୍ରାଙ୍ଗଣସ୍ଥିତ ମା' ସମଲେଇ ମନ୍ଦିର ପ୍ରାଙ୍ଗଣରେ ପୂଜା ଅର୍ଚ୍ଚନା କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଗଉଡ଼ମାନଙ୍କ ବାଡି ନଗର ପରିକ୍ରମା କରି ଗୋରୁ ବଜାରରେ ପହଞ୍ଚିଲା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି, ଅଧ୍ୟାପକ ମନୋଜ କୁମାର ମହାକୁଡ଼ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ଼, ଝରିଏଲ ସରପଞ୍ଚ ଭରଦ୍ୱାଜ ଗହିର, ଜିଲା ଯାଦବ ସମାଜର ପୂର୍ବତନ ସଭାପତି ପରମାନନ୍ଦ ହାତୀ, ଜିଲା ଯୁବ ଯାଦବ ପୌରାଞ୍ଚଳ ସଭାପତି ସଞ୍ଜୀବ ବାଗ ଯୋଗ ଦେଇଥିଲେ। ସଭାରେ ବେଦବ୍ୟାସ ନାଗ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସଞ୍ଜୟ ପୁଞ୍ଜି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ସମାଜ ସଂସ୍କାର ଓ ଗିରି ଗୋବର୍ଦ୍ଧନ ପୂଜା ପାଳନରେ ଯାଦବମାନଙ୍କ ଭୂମିକା ଉପରେ କହିଥିଲେ। ସଭାକୁ ଗୁରୁ ଦୟାଲ ହଂସ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିମଳ ହାତୀ ପରିଚାଳନା କରିଥିଲେ। ଯାଦବମାନଙ୍କ ଗୌଡ଼ ବାଡି ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ଭାବେ କୈଳାଶ ହାତୀ, ସତ୍ୟନାରାୟଣ ପୁଞ୍ଜି ଓ ଘନଶ୍ୟାମ ଗହିର ଯୋଗଦେଇ ସହଯୋଗ କରିଥିଲେ। ଏଥିସହିତ ଯାଦବ ସମାଜର ଯୁବକମାନେ ମଧ୍ୟ ସହଯୋଗ କରିଥିଲେ।

# ନୈମିଷାରଣ୍ୟ ଫେରନ୍ତା ଭାଗବତ ପାରାୟଣ ଶ୍ରଦ୍ଧାଳୁଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର,୨୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ ବରଗଡ ଜିଲାର ଶତାଧିକ ଶ୍ରଦ୍ଧାଳୁ ଗତ ୬ ତାରିଖରୁ ସାମାଜିକ କର୍ମୀ ଡ. ଶ୍ରୀକର ମିଶ୍ର ଓ ତାଙ୍କ ସହଧର୍ମିଣୀ ସୁଲୋଚନା ମିଶ୍ରଙ୍କ ନେତୃତ୍ୱରେ ଉତ୍ତର ପ୍ରଦେଶର ନୈମିଷାରଣ୍ୟକୁ ଯାଇ ସପ୍ତାହବ୍ୟାପୀ ଭାଗବତ ପାରାୟଣ ଉତ୍ସବ ପାଳନ କରିଥିଲେ। ଏଥିରେ ଗାୟକରତ୍ନ ସୁରେନ୍ଦ୍ର କୁମାର ତ୍ରିପାଠୀ ବ୍ୟାସ ଭାବରେ ଭାଗବତ ପାଠ କରିଥିଲେ। ପଣ୍ଡିତ ମହାବୀର ବେଦବାକ୍ ପୂଜାବିଧି କରିଥିଲେ। କର୍ତ୍ତା ଭାବରେ ନାରାୟଣ ପ୍ରସାଦ ମିଶ୍ର ଓ ତୃପ୍ତିମୟୀ ମିଶ୍ର କାର୍ଯ୍ୟ ନିର୍ବାହ କରିଥିଲେ। ସମସ୍ତ ଶ୍ରଦ୍ଧାଳୁ ଭାଗବତ ପାରାୟଣ ପରେ ଅଯୋଧ୍ୟା ଯାଇ ସୁନ୍ଦରାକାଣ୍ଡ ଗାୟନ ସହ ରାମଲାଲାଙ୍କ ଦର୍ଶନ କରିଥିଲେ। ସେଠାରୁ ବନାରସ ଯାଇ କାଶୀ ବିଶ୍ୱନାଥ ଦର୍ଶନ ସହ ସାଧୁସେବା ଏବଂ ରାମାୟଣର ଶବରୀ ଉପାଖ୍ୟାନ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଙ୍ଗଠକ ହରିନାରାୟଣ ପୂଜାରୀଙ୍କ ମା' ସୁବାସିନୀ ପୂଜାରୀ ଏଥିରେ ସହଯୋଗ କରିଥିଲେ। ନୈମିଷାରଣ୍ୟରୁ ଶ୍ରଦ୍ଧାଳୁମାନେ ମଙ୍ଗଳବାର ବଲାଙ୍ଗୀର ସହର ଉପକଣ୍ଠ ସଦାଇପାଲି ଫେରିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ରାଜିନ୍ଦ୍ର ମିଶ୍ର, ଶମ୍ଭୁ ନାଏକ, ରମେଶ ନାଏକ, ଉର୍ବଶୀ ନାଏକ, ସାଏବାନି ପଟେଲ, ଜୟନ୍ତୀ ସାଏ, ସୁଜାତା ନାଏକ, ଲଳିତା ଗୁରୁ, ତପସ୍ୱିନୀ ନାଏକ, ସରୋଜିନୀ ବାରିକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଦୀର୍ଘ ୧୫ଦିନର ତୀର୍ଥଯାତ୍ରା ସଫଳ ହୋଇଥିବାରୁ ଆୟୋଜକ ନାରାୟଣ ପ୍ରସାଦ ମିଶ୍ରଙ୍କୁ ଶ୍ରଦ୍ଧାଳୁମାନେ ଧନ୍ୟବାଦ ଜଣାଇଛନ୍ତି।


ନୈମିଷାରଣ୍ୟରୁ ଫେରିଥିବା ଶ୍ରଦ୍ଧାଳୁଙ୍କୁ ସଦାଇପାଲିଠାରେ ସମ୍ବର୍ଦ୍ଧିତ କରାଯାଉଛି।

# କୋଶଳାଞ୍ଚଳର ୨୧୨ ପ୍ରକାର ଖାଦ୍ୟ ପ୍ରଦର୍ଶନୀ

ବଲାଙ୍ଗୀର,୨୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)


କୋଶଳାଞ୍ଚଳର ଖାଦ୍ୟ ପ୍ରଦର୍ଶନୀରେ ଉପସ୍ଥିତ ଅତିଥି, ଆୟୋଜକ ଓ ଅଂଶଗ୍ରହଣକାରୀ।

**ତହଁକ୍ କୁଟୁମ୍‌ର କୋଶଲୀ ଖାଏନା କୋଶଲୀ ଗାଏନା କାର୍ଯ୍ୟକ୍ରମ**

ବଲାଙ୍ଗୀର ତହଁକ୍ କୁଟୁମ୍ ପକ୍ଷରୁ ୨୧୨ ପ୍ରକାର ଦେଶୀ ଖାଦ୍ୟକୁ ନେଇ ସ୍ଥାନୀୟ ସେଞ୍ଚୁରିଆନ ୟୁନିଭର୍ସିଟି ଜେଆଇଟିଏମ୍ କ୍ୟାମ୍ପସଠାରେ ସୋମବାର ଏକ ସ୍ୱତନ୍ତ୍ର ଖାଦ୍ୟମେଳା ତଥା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏହି ଖାଦ୍ୟ ମେଳାରେ ୪୬ ଜଣ ପ୍ରତିଯୋଗୀ ଭାଗ ନେଇ କୋଶଳାଞ୍ଚଳର ପାରମ୍ପରିକ ଦେଶୀ ଖାଦ୍ୟ ପ୍ରଦର୍ଶନ କରିଥିଲେ। ସାହିତ୍ୟିକ ଗୋପୀନାଥ ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜେଆଇଟିଏମ୍ ଅଧ୍ୟକ୍ଷ ସୋମନାଥ ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ଅଖିଳ ଚନ୍ଦ୍ର ହୋତା, ସମ୍ମାନିତ ଅତିଥି ଭାବେ ପ୍ରଭୁଦତ୍ତ ପ୍ରଧାନ, ଅଶୋକ କୁମାର ସାହୁ, ରୋହିତ ସେଠୀ, ସୁମନ କୁମାର ନନ୍ଦ ଯୋଗ ଦେଇଥିଲେ। ଦିଲୀପ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଭରତ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରାଜେଶ ଦଣ୍ଡସେନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ ସଭା ପରିଚାଳନା କରିଥିଲେ। କବି ଧର୍ମେନ୍ଦ୍ର ପ୍ରଧାନ କବିତା ଆସର ସଂଯୋଜନା କରିଥିଲେ। ଜେଆଇଟିଏମ୍‌ର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଖାଦ୍ୟ ଉପରେ ଦୁଇଟି କୋଶଲୀ ମିନି ନାଟକ ପରିବେଷଣ କରାଯାଇଥିଲା।

ଖାଦ୍ୟ ପ୍ରଦର୍ଶନୀରେ ପୁଷ୍ପାଞ୍ଜଳି ବୁଡେକ, ପ୍ରଭାସିନୀ ଭୋଇ, ଅଶ୍ୱିନୀ ଦାଶ, ପୁଷ୍ପାଞ୍ଜଳି ମେହେର, ସୁଦେଷ୍ଣା ମିଶ୍ର, ମାନସୀ ସାହୁ, ନିକିତା ସା, ଶୁଭଶ୍ରୀ ଭୋଇ, ସସ୍ମିତା ସେଲମା, ଶୁଭସ୍ମିତା ମାହାଣା, ଜ୍ୟୋସ୍ନାମୟୀ ସେଠୀ, ନିରୁପମା ମିଶ୍ର, ଜ୍ୟୋତିରାଣୀ ମିଶ୍ର, ସାଲିନୀ ସା, ରୀନା ସାହୁ, ସ୍ୱପ୍ନା ପ୍ରଧାନ ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ମିଳନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ଫାୟାର ସେଫ୍ଟିରେ ଚାଲିଛି ନର୍ସିଂହୋମ, ଡାକ୍ତରଖାନା

**ସୋନପୁର,୨୨।୧୦(ମୃତ୍ୟୁଞ୍ଜୟ ଶତପଥୀ)**

## ସୁବର୍ଣ୍ଣପୁରରେ ରୋଗୀଙ୍କ ଜୀବନ ସହ ଖେଳ

ସୁବର୍ଣ୍ଣପୁର ଜିଲାରେ ନର୍ସିଂହୋମ ଓ ଡାକ୍ତରଖାନାଗୁଡିକ ବିନା ଫାୟାର ସେଫ୍ଟିରେ ଚାଲିଛି। ରୋଗୀ ଓ ପରିଜନଙ୍କ ଜୀବନ ସହ ଖେଳ ଖେଳାଯାଉଛି। ନର୍ସିଂହୋମ ମାଲିକ ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଯେତେ ଚେତାଇ ଦେଲେ ବି ଚେତୁନାହାନ୍ତି। ଅଗ୍ନି ନିରାପତ୍ତା ଲାଇସେନ୍ସ ନଥାଇ ସେସବୁ ଚାଲିଛି। ଜିଲାରେ ଥିବା ୬ ନର୍ସିଂହୋମରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନାହିଁ। ଅଗ୍ନିଶମ ବିଭାଗ ପକ୍ଷରୁ ନର୍ସିଂହୋମଗୁଡିକୁ ନୋଟିସ କରାଯାଉଥିଲେ ମଧ୍ୟ ମାଲିକମାନେ ବେଆଇନ ଭାବେ ନିଜର ବ୍ୟବସାୟ ଚଳାଇଛନ୍ତି। ତେବେ ଲାଇସେନ୍ସ ପାଇଁ ଯେଉଁ ସବୁ ନିୟମ ମାନିବା କଥା ପ୍ରାୟ କୌଣସି ନର୍ସିଂହୋମ ମାଲିକ ମାନିନାହାନ୍ତି। ଯାହାଫଳରେ ଏମାନଙ୍କୁ ଲାଇସେନ୍ସ ମିଳିବା ବି ଏକପ୍ରକାର ଅଡୁଆ ହୋଇଛି। ଅନ୍ୟପକ୍ଷେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନା(ଡିଏଚ୍‌ଏଚ୍)ରେ ନିଆଁଲିଭା ଉପକରଣ ଲାଗିଥିଲେ ମଧ୍ୟ



ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା।

ତାହା କାର୍ଯ୍ୟ କରୁ ନ ଥିବା ଜଣାପଡିଛି। ଶତାଧିକ କୋଟି ବ୍ୟୟରେ ୭ମହଲା ବିଶିଷ୍ଟ ନୂଆ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ନିର୍ମାଣ ହୋଇଛି। ଏଥିରେ ଅତ୍ୟାଧୁନିକ ପରୀକ୍ଷାଗାର, ଅସ୍ତ୍ରୋପଚାର ଗୃହ, ବର୍ହିଃବିଭାଗ, ବିଭିନ୍ନ ବିଭାଗର ଅନ୍ତଃବିଭାଗ, ରୋଗୀଙ୍କ ପଞ୍ଜୀକରଣ, ନିଦାନ ଓ ଔଷଧ ବିତରଣ କକ୍ଷ ଭଳି ଏକାଧିକ ବିଭାଗର କକ୍ଷ ନିର୍ମାଣ ହୋଇଛି। ତେବେ ରୋଗୀ ଓ ସମ୍ପର୍କୀୟଙ୍କ ସୁରକ୍ଷା ପାଇଁ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ସେପ୍ଟେମ୍ବର ମାସରେ ଅଗ୍ନିଶମ ବିଭାଗର ତଦାରଖ ସମୟରେ ଚିକିତ୍ସାଳୟରେ ଲାଗିଥିବା ନିଆଁ ଲିଭା ଉପକରଣଗୁଡିକ କାର୍ଯ୍ୟକ୍ଷମ ନଥିବା ଭଳି ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଥିଲା। ଚିକିତ୍ସାଳୟରେ ଅଗ୍ନି ବିପର୍ଯ୍ୟୟର ମୁକାବିଲା ପାଇଁ ପମ୍ପ, ଧୂଆଁ ନିରୀକ୍ଷଣ ଯନ୍ତ୍ର ଓ ସ୍ପ୍ରିଙ୍କଲର ଆଦି ରହିଛି। କିନ୍ତୁ ସେଗୁଡିକୁ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଯାଇନି। ଚିକିତ୍ସାଳୟ କର୍ତ୍ତୃପକ୍ଷ ରୋଗୀ ଓ ସମ୍ପର୍କୀୟଙ୍କ ଜୀବନ ସହିତ ଖେଳ ଖେଳୁଥିବା ସାଧାରଣରେ ଅଭିଯୋଗ ହେଉଛି। ଜିଲାର ବିନିକା, ଡୁଙ୍ଗୁରିପାଲି, ତରଭା, ନାଇକେନପାଲି ଓ ଉଲୁଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଅଗ୍ନି ନିରାପତ୍ତା ଲାଇସେନ୍ସ ନ ଥିବା ଜଣାପଡିଛି। ଏସବୁର ତଦାରଖ ପାଇଁ ଜିଲାସ୍ତରରେ ଜିଲା ଟାସ୍କଫୋର୍ସ କମିଟି ରହିଛି। ମାତ୍ର ଏହି କମିଟି ଜିଲାର ନର୍ସିଂହୋମ ଓ ଡାକ୍ତରଖାନାଗୁଡିକୁ ନିୟମିତ ପରିଦର୍ଶନ କରି ଅଗ୍ନି ନରାପତ୍ତା ବ୍ୟବସ୍ଥା ତଦାରଖ କରୁନାହାନ୍ତି। କିଛି ବର୍ଷ ପୂର୍ବରୁ ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାରେ ଅଗ୍ନିକାଣ୍ଡ ଘଟି ୨୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨୦ଜଣ ଆହତ ହୋଇଥିଲେ। ନିକଟରେ ବାଲେଶ୍ୱର ସହରରେ ଥିବା ଏକ ୪ମହଲା ବିଶିଷ୍ଟ ମଲରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଭସ୍ମିଭୂତ ହୋଇଯାଇଛି। ଏତେ ସବୁ ଘଟଣା ପରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ସତେ ଯେପରି ବିପଦକୁ ଆମନ୍ତ୍ରଣ କରୁଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁଙ୍କୁ ପଚାରିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମସ୍ୟାର ସମାଧାନ ପାଇଁ ଆସନ୍ତା ସପ୍ତାହ ସମସ୍ତ ବିଭାଗକୁ ନେଇ ଏକ ବୈଠକ ଆହ୍ୱାନ କରିଛି। ନିଆଁ ଲିଭା ଉପକରଣଗୁଡିକ କିଭଳି କାର୍ଯ୍ୟକ୍ଷମ ହୋଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ। ସେହିପରି ଅଗ୍ନି ନିରାପତ୍ତା ଲାଇସେନ୍ସ ନ ଥାଇ ନର୍ସିଂହୋମଗୁଡିକ ଜିଲାରେ କାର୍ଯ୍ୟକ୍ଷମ ଥିଲେ ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ବୀରମହାରାଜପୁରର ବିଭିନ୍ନ ସ୍ଥାନରେ ଗୋବର୍ଦ୍ଧନ ପୂଜା



ବଡଖମାର ବରାହପଦର ମଠରେ ଗିରି ଗୋବର୍ଦ୍ଧନ ପୂଜାରେ ଶ୍ରଦ୍ଧାଳୁଙ୍କ ଭିଡ।

**ବୀରମହାରାଜପୁର,୨୨।୧୦(ଯୁଗଳ କିଶୋର ମିଶ୍ର)**

## ବରାହପଦର ମଠରେ ଶ୍ରଦ୍ଧାଳୁଙ୍କ ଭିଡ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ମଠରେ ଗିରି ଗୋବର୍ଦ୍ଧନ ପୂଜା ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟତଃ ବଡଖମାର ସ୍ଥିତ ବରାହପଦର ମଠରେ ମଠାଧୀଶ ସଦାନନ୍ଦ ଦାସ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସକାଳୁ ଦ୍ୱାରଫିଟା, ମଙ୍ଗଳ ଆରତୀ, ବାଳ ଭୋଗ, ଖେଚୁଡ଼ି ଭୋଗ ପରେ ଅନ୍ନକୋଟର ଆୟୋଜନ କରାଯାଇଥିଲା। ପ୍ରାୟ ୨୫ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ ଅନ୍ନଭୋଗ ଉପରେ ଗୀରି ଗୋବର୍ଦ୍ଧନ ଦୋଳିରେ ଝୁଲୁଥିବା ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ବ୍ଲକର ଟିଥିପାଲିସ୍ଥିତ ରାଧେଶ୍ୟାମ ମଠ, ମୁର୍ଷୁଣ୍ଡୀସ୍ଥିତ ରାଧାକୃଷ୍ଣ ମଠ, ବାଗବରସ୍ଥିତ ଚନ୍ଦ୍ରମଣି ମଠ, ସୁବଳୟା ସ୍ଥିତ ସୀତାରାମ ମଠ, ସାହଜଲାଥା ସ୍ଥିତ ମୟୂର କଟା ମଠ, ଦେଉଳଝରୀ ମଠ, ଭାଲୁଡୁଙ୍ଗୁରି ମଠ, ରିଜୁମୁଣ୍ଡା ମଠ, କେନଝରିଆପାଲି ମଠ, ଡୁଲେଶ୍ୱର୍ ମଠ, ଅମରପାଲି ମଠ ସହିତ ଭଙ୍ଗାମୁଣ୍ଡ ମଠରେ ଭାଗବତର ଗୋବର୍ଦ୍ଧନ ଧାରଣକୁ ପାଠ କରିଥିଲେ ବିଶିଷ୍ଟ ପୁରାଣ ଗାୟକ ସତ୍ୟ ନାରାୟଣ ଚାନ୍ଦ। ସେହିଭଳି ବୀରମହାରାଜପୁର ଜଗନ୍ନାଥ ମନ୍ଦିର ସହ ବିଭିନ୍ନ ମଠରେ ହରିନାମ ସଙ୍କୀର୍ତ୍ତନ ନାମ ଯଜ୍ଞ ଚାଲିଥିଲା। ବଡଖମାରସ୍ଥିତ ବରାହପଦର ମଠରେ ଅହର୍ନିଶି ହରି ନାମ ମହାମନ୍ତ୍ର ୧୯୫୫ ମସିହାରୁ ନିରବଚ୍ଛିନ ଚାଲୁଛି। ଦେଉଳଝରି ମଠରେ ବୀରମହାରାଜପୁର ବ୍ଲକ, ଉଲୁଣ୍ଡା ବ୍ଲକ ଓ ରେଢ଼ାଖୋଲ ବ୍ଲକର ସହସ୍ରାଧିକ ଭକ୍ତ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ।

## ସଂକ୍ଷେପରେ

### ବିନିକା ଶ୍ୟାମାକାଳୀ ପୂଜା, ରାମାୟଣ ପାରାୟଣ

**ବିନିକା,୨୨।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ଗଡ଼ଭିତର ପଡାରେ ଚାଲିଥିବା ମା' ଶ୍ୟାମାକାଳୀ ପୂଜାର ତୃତୀୟ ଦିବସ ବୁଧବାର ରାମାୟଣ ପରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାଅଳତୀ ପାଇଁ ଘଣ୍ଟ, ଶଙ୍ଖ ବାଦ୍ୟରେ ପୂଜାସ୍ଥଳୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ପୂଜା କମିଟି ତରଫରୁ ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟ ଆଧକ୍ଷା ଡ଼.ରେଖା ପଧାନ, ପୂର୍ବତନ ଏସବିଆଇ ଶାଖା ପରିଚାଳକ ଘନଶ୍ୟାମ ମେହେର, ଜିଲା ପରିଷଦ ସଦସ୍ୟା ପ୍ରମିଳା କଲତା, ନଗର ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲା, ସୁରଚି ବେହେରା, ରାମ ଗୋପାଳ ବାଘ, ଦୀପିନ୍ୱିତା ମାହାଣାଙ୍କୁ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବିନିକାରେ ଗିରିଗୋବର୍ଦ୍ଧନ ପୂଜା

**ବିନିକା,୨୨।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଯୋଗେଶ୍ୱର ମନ୍ଦିର ନିକଟସ୍ଥ ବନଦୁର୍ଗା ପଡିଆରେ କଂସାରୀପଡା ପକ୍ଷରୁ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି। ବୁଧବାର ସକାଳୁ କଂସାରୀପଡା ମା' ପୂର୍ଣ୍ଣମାସୀ ମନ୍ଦିରରୁ ଶ୍ରଦ୍ଧାଳୁମାନେ ଏକ ଶୋଭାଯାତ୍ରାରେ ଯାଇ ବନଦୁର୍ଗା ପଡିଆରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ହିସାବରେ ଗିରିଗୋବର୍ଦ୍ଧନ ପୂଜା ହୋଇଥିଲା। ପରେ ପ୍ରସାଦ ସେବନ ହୋଇଥିଲା। ସନ୍ଧ୍ୟାରେ ପୁଣି ଏକ ଶୋଭାଯାତ୍ରାରେ ବାଣ, ଫଟକା ଫଟାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ହୋଇଥିଲା। ସଭାପତି ମନୋଜ କୁମାର ଦାସ, ସମ୍ପାଦକ ଚିତ୍ତରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସର୍ବେଶ୍ୱର ପୁରୋହିତ ଓ ମାନଭଞ୍ଜନ ପୂଝରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

# ଜିଲାପାଳଙ୍କ ହସ୍ତକ୍ଷେପ, ମହାନଦୀ ଘାଟ ସଫା ହେଲା

**ସୋନପୁର,୨୨।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ମହାନଦୀର ତେନ୍ତୁଲିଘାଟ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଥିଲା। ଅଞ୍ଚଳଟି ଗନ୍ଧରେ ଫାଟି ପଡୁଥିଲା । ଲୋକେ ନଦୀକୁ ଗାଧୋଇବା ପାଇଁ ଯିବାକୁ ନାକ ଟେକୁଥିଲେ। ଜିଲାପାଳ ଡ ନୃପରାଜ ସାହୁ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଅବଗତ ହେବା ପରେ ବୁଧବାର ସକାଳେ ଘଟଣାସ୍ଥଳକୁ ଯାଇଥିଲେ । ମହାନଦୀର ତେନ୍ତୁଲିଘାଟ ଏକଦା ସମ୍ବଲପୁର ଓ ବୀରମହାରାଜପୁର ପଟୁ ସୁବର୍ଣ୍ଣପୁର ସହରକୁ ପ୍ରବେଶ ପଥ ଥିଲା। ଦୈନିକ ହଜାର ହଜାର ଲୋକ ଏହି ଘାଟ ଦେଇ ଡଙ୍ଗା ସହାୟତାରେ ମହାନଦୀ ପାରି ହେଉଥିଲେ। ନଦୀ ଗର୍ଭରେ ଥିବା ମା' ଲଙ୍କେଶରୀ ଦେବୀଙ୍କୁ ଦର୍ଶନ ଓ ପିକନିକ ପାଇଁ ଆସୁଥିଲେ। ତେବେ ଘାଟର ପରିମଳ ଅବସ୍ଥା ଦେଖି ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ପୌର ପ୍ରଶାସନ ଉପରେ ବିରକ୍ତି ପ୍ରକାଶ କରିବା ସହ ଦୁଇ



ତେନ୍ତୁଲିଘାଟରେ ମେଶିନ ସହାୟତାରେ ଅଳିଆ ସଫା କରାଯାଉଛି।

ଘଣ୍ଟା ଭିତରେ ସଫା କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୌର ପରିଷଦ ପକ୍ଷରୁ ଜେସିବି ସହାୟତାରେ ଅଳିଆ ସଫା ହୋଇଥିଲା। ଜିଲାପାଳ ନିଜେ ପୌର ନିର୍ବାହୀ ଅଧିକାରୀ ଋଷି ମାଝୀଙ୍କ ସହ ଘାଟରେ ଉପସ୍ଥିତ ରହି ସଫେଇ କାର୍ଯ୍ୟ ତଦାରଖ କରିଥିଲେ । ଜିଲାପାଳଙ୍କ ଏଭଳି ତ୍ୱରିତ ପଦକ୍ଷେପକୁ ଅଞ୍ଚଳର ଅଧିବାସୀ ଓ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।

# ଭାଗବତପ୍ରେମୀ କୁନୁ ପଣ୍ଡାଙ୍କ ପରଲୋକ

**ବିନିକା,୨୨।୧୦(ରାମ ଗୋପାଳ ବାଘ)**



କୁନୁ ପଣ୍ଡା।

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ୧୦ ନଂ. ୱାର୍ଡ ଉର୍ଲେ ଗ୍ରାମର କୁନୁ ପଣ୍ଡାଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୫ବର୍ଷ ହୋଇଥିଲା। ଦୀର୍ଘ ୩୯ ବର୍ଷ ଶିକ୍ଷକତା କରି ଅବସର ନେବା ପରେ ନିଜକୁ ଧର୍ମକାର୍ଯ୍ୟରେ ସାମିଲ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ଭାଗବତ ପରାୟଣ କରୁଥିଲେ। ଗାଁରେ ଭଗବତିଆ ବୁଢ଼ା ଭାବରେ ସେ ପରିଚିତ ଥିଲେ। ଅପରାହ୍ନରେ ଏକ ଶୋଭାଯାତ୍ରାରେ ମର ଶରୀର ପାପକ୍ଷୟ ଘଟ ସ୍ୱର୍ଗଦ୍ୱାରସ୍କୁ ନିଆଯାଇ ସତ୍କାର କରାଯାଇଥିଲା। ବଡ଼ ପୁଅ ଅରୁଣ ପଣ୍ଡା ମୁଖାଗ୍ନି ଦେଇଥିଲେ ।

# ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକ



ଶୋକ ସଭାରେ ବରିଷ୍ଠ ନାଗରିକ ସଙ୍ଗଠନର ସଦସ୍ୟମାନେ।

**ବୀରମହାରାଜପୁର,୨୨।୧୦(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନର ବରିଷ୍ଠ ସଦସ୍ୟ ଅକ୍ଷୟ ମିଶ୍ରଙ୍କ ଗତ ୨୦ ତାରିଖ ନିଜ ଗାଁ ବାଗବରଠାରେ ପରଲୋକ ଘଟିଥିଲା। ତାଙ୍କ ବିୟେଗରେ ଏକ ସ୍ମୃତିସଭା ବୁଧବାର ପୂର୍ବାହ୍ନ ୧୧ଟାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଚାରଣ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଦସ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ, ଭୂଷଣ କୁମାର ପାତ୍ର, ଦୟାନିଧି ହୋତା ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହି ସଭାରେ ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀ, ଦ୍ୱିତୀକୃଷ୍ଣ ପଣ୍ଡା, ଗୋପୀନାଥ ମହାକୁର, ଚମରା ମହାକୁର, ନାରାୟଣ ପ୍ରସାଦ ନାୟକ, ଜିତେନ୍ଦ୍ରେ ପ୍ରଧାନ, ଅକ୍ଷୟ ମିଶ୍ର, ଶ୍ୟାମ ସୁନ୍ଦର ସେଠୀ, ସୁରେଶ ପଣ୍ଡା, ବାସୁଦେବ ପଣ୍ଡା, ଅକ୍ରୁର ଦନ୍ତା, ବାସୁଦଦବ ରଥ, ସୁରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କାଳୀପୂଜା ଉପଲକ୍ଷେ ରକ୍ତଦାନ, ଚକ୍ଷୁ ଚିକିତ୍ସା ଶିବିର

**ସୋନପୁର,୨୨।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ମଝିପଡାର ରାମଧୁନ କ୍ଲବ ପକ୍ଷରୁ ୫୭ ତମ ସାର୍ବଜନୀନ କାଳୀପୂଜା ଏବଂ ଶହୀଦ ପ୍ରତାପ ନାଏକ ଓ ସଚିନ ସାହୁଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ନାମ ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଏଡିଏମ୍‌ଓ ମେଡିକାଲ ଡାକ୍ତର ଦୁର୍ଗାଦତ୍ତ ଦାଶ, ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ, ସାମାଜିକ କର୍ମୀ ଶ୍ରୀବସ୍ତ ମଲ୍ଲିକ, ବରିଷ୍ଠ ନାଗରିକ ସଂଘ



ଶିବିରରେ ଅତିଥିଙ୍କ ଗହଣରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

ଉପଦେଷ୍ଟା ଆର୍ତ୍ତତ୍ରାଣ ବାବୁ, ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଓ ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ ଯୋଗଦାନ କରିଥିଲେ। ଶିବିରରେ ୨୯ ୟୁନିଟ୍ ରକ୍ତ ସଂଗ୍ରହ ସହିତ ୪୪ଜଣଙ୍କ ଚକ୍ଷୁ ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୮ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ପଠାଯାଇଛି। ଜିଲା ରକ୍ତ ଭଣ୍ଡାରର ଡାକ୍ତର ସରୋଜ ପଟେଲ,

## ୨୯ୟୁନିଟ୍ ରକ୍ତ ସଂଗ୍ରହ, ୪୪ଜଣଙ୍କ ଚକ୍ଷୁ ପରୀକ୍ଷା

ଟେକ୍‌ନିସିଆନ ଜଗତ ନାରାୟଣ ଦରୱାନ, ସୁଦାମ ବିଶ୍ୱାଳ, ଟଙ୍କଧର କର୍ଣ୍ଣ ଓ ଯୁଧିଷ୍ଠିର ନାଏକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ପିୟୁଷ କୁମାର ପଣ୍ଡା, ମନୋରଞ୍ଜନ ତ୍ରିପାଠୀ, ବିକାଶ ପଣ୍ଡା, ଲଡୁକିଶୋର ମଲ୍ଲିକ, ସନ୍ତୋଷ ପାଢୀ, ପୂଜା କମିଟି ସଭାପତି ପୁରେନ୍ଦ୍ର ନାଏକ, ସମ୍ପାଦକ ସୁରଜ ସାହୁ, କୋଷାଧ୍ୟକ୍ଷ ବୁବୁନ ନାୟକ, ରିପୁନ ନାଏକ, ଦିଲ୍ଲିପ ସାହୁ, ସିପୁନ ନାଏକ, ଜିଲୁ ସାହୁ, ବାଳ ଗୋପାଳ ମିଶ୍ର, ହୃଷିକେଶ ପଣ୍ଡା ଓ ଚନ୍ଦନ ସାହୁଙ୍କ ସମେତ ରାମଧୁନ କ୍ଲବ ଓ ପୂଜା କମିଟିର ସମସ୍ତ ସଦସ୍ୟ ଶିବିର ଆୟୋଜନରେ ସହଯୋଗ କରିଥିଲେ ।

# 'ଶିକ୍ଷକଙ୍କ ସହଯୋଗରେ ଶିକ୍ଷାର ଉନ୍ନତି ହେବ'

**ବୀରମହାରାଜପୁର,୨୨।୧୦(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ବୁଧବାର ଅତିରିକ୍ତ ଦାୟିତ୍ୱ ନେଇଛନ୍ତି ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା। ଏ ନେଇ ପୂର୍ବାହ୍ନ ୪ଟା୩୦ରେ ବୀରମହାରାଜପୁର ମିଳିତ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ମିଶ୍ରଙ୍କ ନେତୃତ୍ୱରେ କର୍ମିଚିରେ କାର୍ଯ୍ୟକର୍ତ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୁହାଙ୍କୁ ଫୁଲତୋଡ଼ା ଓ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ। ଶିକ୍ଷକମାନଙ୍କ ସମସ୍ୟା ସମାଧାନ ସହିତ ବୀରହାରାଜପୁର ଜିଲାର ଏକ ନମ୍ବର ବ୍ଲକ ଭାବରେ ଯେପରି ଶିକ୍ଷା କ୍ଷେତ୍ରରେ ଖ୍ୟାତି ଲାଭ କରିବ ସେଥିପାଇଁ ଶିକ୍ଷା ଅଧିକାରୀ ଲୁହା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଳିତ ଶିକ୍ଷକ ସଂଘ ସମ୍ପାଦକ ମେଘନାଦ ଭୋଇ, ଏନପିଏସ ସଭାପତି ନାରାୟଣ ଜଗଦଲା, ସମ୍ପାଦକ ଅକ୍ଷୟ ରାଏ, ପଦ୍ମନାଭ ବାରିକ, ମନୋଜ ଦାସ, ଅଭିମନ୍ୟୁ ଲୁହା, ମଦନ ସୁନ୍ଦର ଭୋଇ, ଅଭିମନ୍ୟୁ ବର୍ଗାତ୍ତୀ, ସୁରେଶ ବାଗ, ଜନ୍ମେଶର ଦୀପ, ଭାବଗ୍ରାହୀ ମେହେର, ଶ୍ରୀମୁଖ ମୁଣ୍ଡା, ଲାଲ ସିଂ ଭୋଇ, ନବିନ ସୁନ୍ଦର ଜଗଦଲା, ଶରତ କୁମାର ସାହୁଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାର୍ନା ଡୁଙ୍ଗଡୁଙ୍ଗ ପ୍ରମୁଖ ସାମିଲ ହୋଇଥିଲେ।



ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହାଙ୍କୁ ସ୍ୱାଗତ କରାଯାଉଛି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କର

**ବୀରମହାରାଜପୁର,୨୨।୧୦(ଯୁଗଳ କିଶୋର ମିଶ୍ର)**

## ତହସିଲଦାରଙ୍କୁ ତେନ୍ତୁଲିମହଦା ଗ୍ରାମବାସୀଙ୍କ ଦାବିପତ୍ର

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଜଟେସିଂହା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଲିମହଦା ଗାଁରେ ଥିବା ମୂଲ୍ୟବାନ ସରକାରୀ ଜମି ଜବରଦଖଲରେ ରହିଛି। ଉଚ୍ଛେଦ ଦାବି କରିଛନ୍ତି ଗ୍ରାମବାସୀ ବୁଧବାର ପୂର୍ବାହ୍ନ ୧୧ଟାରେ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଗୋଚର, ଅନାବଦୀ ଜମିରୁ ବେଆଇନ ଜବରଦଖଲ ନ ହଟିଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକପନ୍ଥା ଆପଣାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଗାଁରେ ଥିବା ଶତାଧିକ ଏକର ଗୋଚର, ଅନାବାଦି ଜମିକୁ କେତେକ ଅସାଧୁ ବ୍ୟକ୍ତି ହଡପ କରିଛନ୍ତି। ସେଥିରେ ଚାଷ ଜମି କରି କପା, ଧାନ ଚାଷ କରିବା ସହ ଗୃହ ନିର୍ମାଣ ବି କରିଛନ୍ତି। ଏପରିକି



ତେନ୍ତୁଲିମହଦା ଗ୍ରାମବାସୀ ତହସିଲ ଅଫିସ ଘେରାଉ।

ଗାଁ ପାଖରେ ଥିବା ହରିହର ଯୋରରୁ ବେଆଇନ ଭାବେ ଜବରଦସ୍ତ ବାଲି ଚୋରି କରି ବିକ୍ରି କରିଥିବାରୁ ରାସ୍ତାଘାଟ ଖାଲଖମା ହୋଇଯାଉଛି। ପରେ ଏକ ଦାବିପତ୍ର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଥିଲା। ଖୁବ୍‌ଶୀଘ୍ର ରାଜସ୍ୱ ଅଧିକାରୀ ଘଟଣାସ୍ଥଳକୁ ଯାଇ ଅଭିଯୋଗର ତଦନ୍ତ କରି ରିପୋର୍ଟ ଦେବେ। ରିପୋର୍ଟ ପାଇବା ପରେ ସରକାରୀ ବିଧି ବ୍ୟବସ୍ଥା ଅନୁସାରେ ସମସ୍ତ ଜବରଦଖଲ ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

**ଲହୁଣୀପଡା,୨୨।୧୦(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ତାଳବାହାଳି ଗ୍ରାମର ଜଣେ ଯୁବକ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବାବେଳେ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ନମାନ ମୁଣ୍ଡା(୧୮)। ସୂଚନା ଅନୁସାରେ, ଗତ ମାସ ୨୦ ତାରିଖରେ ନମାନ ମୁଣ୍ଡା ଓ ତାର ସମ୍ପର୍କୀୟ ଭାଇ କୁଶଳ ମୁଣ୍ଡା ଓଡି -୧୪ଏଚ -୦୯୦୧ ବାଇକ ଯୋଗେ କୁଲିପୋଷ ପଟୁ କୁରଡ଼ାକୁ ଆସୁଥିବା ବେଳେ କରଡା କୁଦର ଭୂମିଜ ସାହି ପାଖ କଲଭର୍ଟରେ ବାଡେଇ ହୋଇ ପଡିଯିବାରୁ ଗୁରୁତର ହୋଇଥିଲେ। ନମାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ନମାନଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଲହୁଣୀପଡା ପୋଲିସ ମୃତଦେହ ଜବତ କରି ମର୍ଗ ହାଉସରେ ରଖିଛି। ଗୁରୁବାର ବ୍ୟବଚ୍ଛେଦ କରାଯିବ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

### ନଭେମ୍ବର ୧ରୁ ବନ୍ଧମୁଣ୍ଡା ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ

**ବନ୍ଧମୁଣ୍ଡା,(ସୁବ୍ରତ ଦେ):** ବନ୍ଧମୁଣ୍ଡା ମୁଖ୍ୟ ରାସ୍ତାର ପ୍ରଶସ୍ତୀକରଣ କାମ ନଭେମ୍ବର ୧ରୁ ଆରମ୍ଭ ହେବ ବୋଲି ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଅଞ୍ଚଳବାସୀ ଓ ରାସ୍ତା କଡରେ ବ୍ୟବସାୟ କରି ରହୁଥିବା ଦୋକାନୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ବିଭାଗ ପ୍ରଥମେ ପ୍ରବାହିତ ପରିବାରଙ୍କୁ ଥଇଥାନ କରି ରାସ୍ତା ପ୍ରସ୍ତୁତିକରଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ତ୍ରୈମାସିକ ବୈଠକ

**ସୁନ୍ଦରଗଡ,୨୨।୧୦(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ତ୍ରୈମାସିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ଅଭିଯୋଗ ସମିତିର ମୁଖ୍ୟ ଡ. ଭାନୁପ୍ରିୟା ସମସ୍ତ ସଭ୍ୟାଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଡ. ଗଡନାୟକ ଆଭ୍ୟନ୍ତରୀଣ ଅଭିଯୋଗ ଗୁଡିକର ନିୟମ ଗୁଡିକୁ ଛାତ୍ରୀଙ୍କୁ ଭଲ ଭାବରେ ଅବଗତ କରାଇବାକୁ ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମିତିର ବାହ୍ୟ ସଭ୍ୟ ଜୟ ନାରାୟଣ ତ୍ରିପାଠୀ ଓ ସାମାଜିକ କର୍ମୀ ମଧୁସ୍ମିତା ମହାପାତ୍ର ଉପସ୍ଥିତ ରହି ଅଭିଯୋଗ ଗୁଡିକର ସମାଧାନ ପାଇଁ ବିଭିନ୍ନ ସୂତ୍ର ସମ୍ବନ୍ଧରେ ମନ୍ତବ୍ୟ ପ୍ରଦାନ କରିଥିଲେ। ସମିତିର ଆଭ୍ୟନ୍ତରୀଣ ସଭ୍ୟ ସ୍ୱରୂପ ରଞ୍ଜନ ପଲାଇ, ଡ.ଜ୍ୟୋତିରାଣୀ ଗୁପ୍ତା, ଡ. ସଞ୍ଜୟ କୁମାର ବେହେରା, ଜୟଶ୍ରୀ ମୁଣ୍ଡା, ଛାତ୍ରୀ ସଭ୍ୟା ଡେଜି ଭୁକୁରା ଓ ଜେନିତା କେରକେଟା ଉପସ୍ଥିତ ରହି ସମିତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ସଞ୍ଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଆକର୍ଷଣୀୟ ମୂର୍ତ୍ତି, ତୋରଣରେ ଝଲସୁଛି ପୂଜାମଣ୍ଡପ





ସୁନ୍ଦରଗଡ ଜିଲା ଡେଙ୍ଗିଭାଡିରେ ପୂଜା ପାଉଥିବା ମା' କାଳୀ ଓ ଆକର୍ଷଣୀୟ ମେଢ଼

**ସୁନ୍ଦରଗଡ଼, ୨୨।୧୦(ଜୟନାରାୟଣ ମେଣ୍ଡୁଲି)**

### ୪୫ ବର୍ଷରେ ଡେଙ୍ଗିଭାଡ଼ି କାଳୀପୂଜା

ଦୀପାବଳିଠାରୁ ସୁନ୍ଦରଗଡ଼ ସହରରେ ଆରମ୍ଭ ହୋଇଛି ଶ୍ୟାମାକାଳୀ ଓ ଧନଲକ୍ଷ୍ମୀ ପୂଜା। ସହରର ଡେଙ୍ଗିଭାଡ଼ି, ସରକାରୀ କଲେଜ ରୋଡ୍ ମଣ୍ଡପରେ ଶ୍ୟାମାକାଳୀ ଏବଂ ମହେଶଡିହି, ସରକାରୀ ମହିଳା କଲେଜ ଓ ସୁପର ମାର୍କେଟ୍‌ଠାରେ ଧନଲକ୍ଷ୍ମୀଙ୍କ ଷୋଡ଼ଶ ପୂଜା ଉତ୍ସବ ଆୟୋଜିତ ହୋଇଯାଇଛି। ସବୁବର୍ଷ ପରି ଚଳିତବର୍ଷ ମଧ ଡେଙ୍ଗିଭାଡ଼ି ଶ୍ୟାମାକାଳୀଙ୍କ ଷୋଡ଼ଶ ପୂଜା ଉତ୍ସବ ସମାରୋହରେ ଆୟୋଜିତ ହୋଇଛି। ଚଳିତବର୍ଷ ଏହି ପୂଜା ୪୫ ବର୍ଷରେ ପଦାର୍ପଣ କରିଛି। ଆକର୍ଷଣୀୟ ମୂର୍ତ୍ତି, ତୋରଣ ଓ ଆଲୋକ ସାଜସଜ୍ଜାରେ ଝଲସି ଉଠିଛି ପୂଜାମଣ୍ଡପ। ମା'ଙ୍କ ଦର୍ଶନ ନିମନ୍ତେ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। କଲିକତା କାରିଗରଙ୍କ ଦ୍ୱାରା ତୋରଣ ଓ କଟକର ଆଲୋକ ସାଜସଜ୍ଜା ବେଶ୍ ଆକର୍ଷଣୀୟ ହୋଇଛି। ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବା ବେଳେ କଟକ, ରାଉରକେଲା, ସମ୍ବଲପୁର ଓ ରାଜ୍ୟ ବାହାରର କଳାକାରଙ୍କ ଦ୍ୱାରା ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସନ୍ଧ୍ୟା, ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ ହେବ। ଚଳିତବର୍ଷ ପୂଜାର ବ୍ୟୟ ଅଟକଳ ୨୫ ଲକ୍ଷ ଟଙ୍କା ରହିଥିବା ପୂଜା କମିଟିର ମୁଖ୍ୟ ଉପଦେଷ୍ଟା ସତ୍ୟନାରାୟଣ ସାହୁ ସୂଚନା ଦେଇଛନ୍ତି।

# ମାଣିକେଶ୍ୱରୀ ଡିଗ୍ରୀ କଲେଜରେ ପୋଷଣ ମାସ



କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରୀମାନେ।

**ହେମଗିର,୨୨।୧୦(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ମାଣିକେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟଠାରେ ଅଧ୍ୟକ୍ଷ ଡ.ଲକ୍ଷ୍ମୀକାନ୍ତ ଜେନାଙ୍କ ସଭାପତିତ୍ୱରେ ବୁଧବାର ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ଶକ୍ତି ପ୍ରଶାଦ ନାଥ ଯୋଗ ଦେଇଥିବା ବେଳେ ବକ୍ତା ଭାବରେ ଡା. ଦୀପକ ପଟେଲ ଯୋଗଦେଇ ପୋଷଣ ମାସର ଉପକାରିତା,ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଏହାର ମହତ୍ତ୍ୱ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ସହ ଶରୀରକୁ ସୁସ୍ଥ ରଖିବାରେ ସୁଷମ ଖାଦ୍ୟ ଓ ଯୋଗର ଅଭ୍ୟାସ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଅଧ୍ୟାପକ ସରୋଜ କୁମାର ନାଏକ ମଞ୍ଚ ପରିଚାଳନା କିରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପଞ୍ଚାୟତ ସମିତି ବୈଠକ

**ବଡ଼ଗାଁ,୨୨।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକକୁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ପରିଚାଳନା କରିଥିଲେ। ବୈଠକରେ ଏମ୍‌ପି ପ୍ରତିନିଧି ଶିଶିର ରାଉତରାୟ , ଉପାଧ୍ୟକ୍ଷା ରଶ୍ମିତା ପଟେଲ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଓ ସୋନାଲି ହେସ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ଡାକ୍ତରଖାନାର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସାରଦା ପ୍ରସନ୍ନ ଜେନା, ସିଡିପିଓ ସୁଜାତା ବେଗ୍‌ଙ୍କ ସହିତ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରି ବିଭାଗ ପକ୍ଷରୁ ପରିଚାଳିତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସମୀକ୍ଷା କରିଥିଲେ। ଜନପ୍ରତିନିଧିମାନେ ବିଭିନ୍ନ ଯୋଜନାର କିପରି ସଫଳ ରୂପାୟନ ହେବ ସେ ବିଷୟରେ ଆଲେଚନା କରିଥିଲେ। ବଡ଼ଗାଁ ଡାକ୍ତରଖାନାରେ ଥିବା ଫିଜିଓଥେରାପି ଗୃହ ଛୋଟ ଥିବାରୁ ତାକୁ ବଡ଼ କରିବାକୁ ଦାବି ହୋଇଥିଲା। ଏହାସହ ମନ୍ଥର ଗତିରେ ଚାଲିଥିବା ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଅତିଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜନପ୍ରତିନିଧିମାନେ ଦାବି କରିଥିଲେ। ତେବେ ଏହି ସମିତି ବୈଠକ ସମ୍ବନ୍ଧରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ନ ଥିବାରୁ ଏମ୍‌ପି ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ।

### ମହିଳା ଏସ୍‌ଆଇଙ୍କୁ ବଳାତ୍କାର, ସୁବେଦାର ଗିରଫ

**ଭୁବନେଶ୍ୱର,୨୨।୧୦(ସତ୍ୟଜିତ ରାଉତ):** ଜଣେ ମହିଳା ସବ୍-ଇନ୍ସପେକ୍ଟର (ଏସ୍‌ଆଇ)ଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୋଲିସ ବୁଧବାର ଜଣେ ସୁବେଦାରଙ୍କୁ ଗିରଫ କରିଛି। ସେ ହେଲେ ତୋଷବନ୍ତ ଆଚାର୍ଯ୍ୟ। ତାଙ୍କ ଘର କନ୍ଧମାଳ ଜିଲାରେ ହୋଇଥିବାବେଳେ ସେ କଳାହାଣ୍ଡି ଜିଲାରେ କାର୍ଯ୍ୟରତ ଅଛନ୍ତି। ପୋଲିସ ପକ୍ଷରୁ ତାଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ତୋଷବନ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ପୀଡ଼ିତା ଏସ୍‌ଆଇଙ୍କ ଡାକ୍ତରୀ ମାଇନା ପରେ ବୟାନ ରେକର୍ଡ କରାଯାଇଥିବା ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପୀଡ଼ିତା ଏସ୍‌ଆଇ ଜଣକ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ କାର୍ଯ୍ୟରତ ଅଛନ୍ତି। ପୀଡ଼ିତା ଓ ତୋଷବନ୍ତ ୮ବର୍ଷ ଧରି ପ୍ରେମ ସମ୍ପର୍କରେ ଥିଲେ। ଉଭୟ କଲେଜରେ ପଢୁଥିବା ବେଳେ ସମ୍ପର୍କ ଆରମ୍ଭ ହୋଇଥିଲା। ପୀଡିତାଙ୍କ ସିନିୟର ଥିଲେ ତୋଷବନ୍ତ। ଅଭିଯୁକ୍ତ ତୋଷବନ୍ତ କେନ୍ଦ୍ରାପଡ଼ା ଜିଲାରେ ପ୍ରୋବେଶନ ପିରିୟଡରେ ଥିବାବେଳେ ପୀଡିତାଙ୍କ ସହ ଅଧିକ ନିକଟତର ହୋଇଥିଲେ। ସେ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବିଭିନ୍ନ ସ୍ଥାନକୁ ନେଇ ଶାରିରୀକ ସମ୍ପର୍କ ରଖିଥିଲେ। ଫଳରେ ଏସ୍‌ଆଇ ଜଣକ ଗର୍ଭବତୀ ହୋଇଥିଲେ। ପୀଡ଼ିତା ଜଣକ ବିବାହ କରିବାକୁ କହିବାରୁ ତୋଷବନ୍ତ ଏହାକୁ ଏଡାଇ ଦେଇଥିଲେ। ଏନେଇ କିଛିଦିନ ତଳେ ମହିଳା ଥାନାରେ ପୀଡ଼ିତା ଏସ୍‌ଆଇ ଜଣକ ଏତଲା ଦେଇଥିଲେ।

# ୨୪ରେ ବ୍ୟାଙ୍କ ଜମା ରାଶି ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର

**ସୁନ୍ଦରଗଡ଼,୨୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ଠାରେ ବ୍ୟାଙ୍କ ଜମା ରାଶି ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର ଆୟୋଜିତ ହେବ। ଅକ୍ଟୋବର ୨୪ ତାରିଖ ପୂର୍ବାହ୍ନ ୧୦ ଟାରେ ସ୍ଥାନୀୟ ସଂସ୍କୃତି ଭବନ ହଲରେ 'ଆପଣଙ୍କ ପୁଞ୍ଜି : ଆପଣଙ୍କ ଅଧିକାର ' ଶୀର୍ଷକ ସଚେତନତା ଶିବିର ଅନୁଷ୍ଠିତ ହେବ। ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡିକରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଦିଆଯିବ। ଜନସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ଉଦ୍ଦେଶ୍ୟରେ ସୁନ୍ଦରଗଡ ଜିଲାର ବ୍ୟାଙ୍କ ଓ ଅର୍ଥଲଗାଣକାରୀ ସଂସ୍ଥା ମିଶି ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି ବୋଲି ଷ୍ଟେଟ ବ୍ୟାଙ୍କର ଅଗ୍ରଣୀ ଜିଲା ପ୍ରବନ୍ଧକ ଗଗନ ବିହାରୀ ଭୋଳ ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ଅର୍ଥ ସେବା ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟାଙ୍କ ଭାଗ ନେବେ ବୋଲି ସେ ସୂଚନା ଦେଇଛନ୍ତି।

# ଟିପ ଚିହ୍ନ ନେଲେ, ମୁହଁ ଘୋଡ଼ାଇ ଫଟୋ ଉଠାଇଲେ

**ବଡ଼ଗାଁ,୨୨।୧୦( ଅଶୋକ ଷଡ଼ଙ୍ଗୀ)**

### ପୋଲିସ ଅଧିକାରୀଙ୍କ ଦାଦାଗିରି ଅଭିଯୋଗ

ସୁନ୍ଦରଗଡ଼ ଜିଲାର ଏକ ଥାନାରେ ଜଣେ ମହିଳା ପୋଲିସ ଅଧିକାରୀଙ୍କ ଦାଦାଗିରି ନେଇ ଅଭିଯୋଗ ଆସିଛି। ଗତ ୧୭ ତାରିଖ ପୂର୍ବାହ୍ନ ୧୦ ଟାରେ ଥାନାର ପୋଲିସ ଅଧିକାରୀ ସଦଳବଳ ଜଣେ ବ୍ୟକ୍ତିଙ୍କ ଘରେ ମଦ ବିକ୍ରି କରୁଥିବା ସନ୍ଦେହରେ ଚଢ଼ାଉ କରିଥିଲେ। ହେଲେ ମଦ ନ ମିଳିବାରୁ ଅଧିକାରୀ ଜଣଙ୍କ ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କୁ ଗାଳିଗୁଲଜ କରିଥିଲେ। ବିଭିନ୍ନ ସ୍ଥାନରେ ଖୋଲାଖୋଲି ମଦ ବିକ୍ରି ହେଉଥିବା ସତ୍ତ୍ୱେ ସେଠାରେ ଚଢ଼ାଉ ନ କରି ମୁଁ ମଦ ବିକ୍ରି କରୁ ନ ଥିଲେ ମଧ୍ୟ ମୋ ଘରେ କାହିଁକି ଚଢ଼ାଉ କରାଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ। ଏଥିରେ ପୋଲିସ ଅଧିକାରୀ ବିରକ୍ତ ହୋଇ ସାଦା କାଗଜରେ ଜୋର ଜବରଦସ୍ତ ଟିପ ଚିହ୍ନ ନେଇଥିଲେ ଓ ମୁହଁ ଘୋଡ଼ାଇ ଫଟୋ ଉଠାଇଥିଲେ। ଘଟଣା ସମ୍ପର୍କରେ ଉକ୍ତ ଥାନା ଆଇଆଇସିଙ୍କୁ ପଚାରିବାରୁ, ଉକ୍ତ ଥାନାର କେହି ଏଭଳି କରି ନ ଥିବା କହିବା ସହ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଉପଯୁକ୍ତ ତଦନ୍ତକରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଗୋପାଳ ସମାଜ ପକ୍ଷରୁ ଗିରିଗୋବର୍ଦ୍ଧନ ପୂଜା

**ବଡ଼ଗାଁ,୨୨।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ବନ୍ଧଡିପା ପଡ଼ାରେ ବୁଧବାର ଝରିଆ ଗୌଡ଼ ଗୋପାଳ ସମାଜ ପକ୍ଷରୁ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଗୌଡ଼ ସମାଜର ଲୋକେ ଓ ଗ୍ରାମବାସୀ କଳସ ଶୋଭାଯାତ୍ରାରେ ନିକଟବର୍ତ୍ତୀ ଗୌନ୍ତିଆ ପୋଖରୀକୁ ଯାଇ କଳସ ସ୍ଥାପନ ଓ ପୂଜାର୍ଚ୍ଚନା କଲାପରେ ସେଠାରୁ ଫେରି ଆୟୋଜିତ ସ୍ଥାନରେ ଗିରି ଗୋବର୍ଦ୍ଧନ ପୂଜା କରିଥିଲେ। ସ୍ୱପ୍ନେଶ୍ୱର ନାୟକ ପୂଜା କାର୍ଯ୍ୟ ଓ ତୃତୀୟା ସନ୍ୟାନୀ ଏବଂ ତାଙ୍କ ପତ୍ନୀ ଉଷାରାଣୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜାରେ ସୀତାରାମ ଖିଚିଡ଼ି, ସୁରୁ ଭଇଁସଲ, ଟୁନୁ ଖିଚିଡ଼ି, ଚିକୁ ଭଇଁସଲ, ପ୍ରୀତମ ଭଇଁସାଲ, ରମାକାନ୍ତ ଭଇଁସାଲ, ସୁନୀଲ ଭଇଁସାଲ, ରାଜେନ୍ଦ୍ର କଉଡ଼ି, ଦେବେନ୍ଦ୍ର କଉଡ଼ି, ସୁବ୍ରତ ସନ୍ୟାନୀ, ପ୍ରମୋଦ ଭଇଁସାଲ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ତିନିବର୍ଷ ପୂର୍ବେ ତୃତୀୟା ସନ୍ୟାନୀ, ମୁନା ଖିଚିଡ଼ି, କେଶବ କର୍ସେଲ ପ୍ରମୁଖ ବ୍ୟକ୍ତିମାନଙ୍କ ପ୍ରଚେଷ୍ଟାରେ ଗୋପାଳ ସମାଜ ଦ୍ୱାରା ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଥିଲା।



ଗୋପାଳ ସମାଜ ଦ୍ୱାରା ଗିରିଗୋବର୍ଦ୍ଧନ ପୂଜା କରାଯାଉଛି

# ଖାଦ୍ୟ ସୁରକ୍ଷା, ତମାଖୁ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଚଢ଼ାଉ



ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

**ସୁନ୍ଦରଗଡ଼,୨୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ଜିଲା ଖାଦ୍ୟ ସୁରକ୍ଷା ଓ ତମାଖୁ ନିୟନ୍ତ୍ରଣ ବିଭାଗ ପକ୍ଷରୁ ବୁଧବାର ଜିଲାର ବିଭିନ୍ନ ସ୍ଥାନରେ ଥିବା ହୋଟେଲ, ଢାବା, ପାନ ଦୋକାନ, ହୋଲସେଲର ଓ ପାଇକାରୀ ଦୋକାନ ଗୁଡିକରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମାଦକ ଦ୍ରବ୍ୟ ନଷ୍ଟ କରାଯାଇଛି। ଏଥିସହିତ ୧୨ହଜାର ୬୦୦ଟଙ୍କା ଜରିମାନା ବାବଦକୁ ଆଦାୟ କରାଯାଇଛି। ତଳସରା ଥାନା ଅନ୍ତର୍ଗତ ଶାଗବାହାଲ, ବନଡେଗା, ଲୁଲୁକିଡିହି, ବାଲିଶଙ୍କରାରେ ଥିବା ୧୮ଟି ହୋଟେଲ ଓ ଦୋକାନରେ ଏହି ଚଢ଼ାଉ ହୋଇଥିଲା। ଚଢ଼ାଉ ବେଳେ ୫କେଜି ସିଗାରେଟ, ଜର୍ଦ୍ଦା ପତି ଓ ଅନ୍ୟ ତମାଖୁ ଜବତ କରାଯାଇ ପରେ ନଷ୍ଟ କରାଯାଇଛି। ଏହି ସବୁ ଦୋକାନ ଗୁଡିକ ସ୍କୁଲ ଓ ସାଧାରଣ ସ୍ଥାନ ନିକଟରେ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ୩ଟି ଦୋକାନର ଦୋକାନୀଙ୍କୁ ତାଗିଦ କରାଯାଇଥିବା ବିଭାଗ ପକ୍ଷରୁ ସୂଚୀତ କରାଯାଇଛି। ଜିଲା ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀ ପ୍ରତାପରୁଦ୍ର ମଣ୍ଡଳ, ମୋନାଲି ମଧୁସ୍ମିତା ବେହେରା, ଜିଲା ତମାଖୁ ନିୟନ୍ତ୍ରଣ ବିଭାଗର ଅଧିକାରୀ ସ୍ୱପ୍ନଜୀତ ମହାନ୍ତି, ତଳସରା ଥାନା ସବ୍ ଇନ୍ସପେକ୍ଟର ସୁବାସ ଚନ୍ଦ୍ର ପ୍ରଧାନ, ଜିଲା ମୁଖ୍ୟ ଡାକ୍ତରଖାନାର ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ।

# ଏନ୍‌ଏସପିସିଏଲ୍ ୱାର୍କର୍ସ ୟୁନିୟନର ବିକ୍ଷୋଭ

### ଶ୍ରମିକଙ୍କ କାର୍ଯ୍ୟ ଦିବସ ୮ରୁ ୧୨ ଘଣ୍ଟାକୁ ବୃଦ୍ଧି କରିବା ନିଷ୍ପତ୍ତିକୁ ବିରୋଧ

**ରାଉରକେଲା,୨୨। ୧୦(ସଙ୍ଗୀତା ଜେନା)**

ରାଜ୍ୟ ଭାଜପା ସରକାରଙ୍କ କ୍ୟାବିନେଟ୍ ଗତ ସେପ୍ଟେମ୍ବର ୨୯ରେ ଏକ ପାଖିଆ ଭାବରେ ରାଜ୍ୟରେ ଫ୍ୟାକ୍ଟ୍ରି ଆଇନ୍ -୧୯୪୮ର ଧାରା ୫୧ ଓ ଧାରା ୫୪ ରେ ସଂଶୋଧନ ଆଣି ଶ୍ରମିକଙ୍କ ଦୈନିକ କାର୍ଯ୍ୟ ସମୟ ୮ ଘଣ୍ଟାରୁ ୧୦ ଘଣ୍ଟା ବୃଦ୍ଧି କରିଛନ୍ତି। ଯାହା ପ୍ରକୃତପକ୍ଷେ କାର୍ଯ୍ୟକାରୀ ହେଲେ ଶ୍ରମିକଙ୍କ କାର୍ଯ୍ୟ ସମୟ ୧୨ ଘଣ୍ଟା ହେବ ଏବଂ ସପ୍ତାହକୁ ୪୮ ଘଣ୍ଟା ବଦଳରେ ୬୦ ଘଣ୍ଟା ହେବ। ମହିଳା ଶ୍ରମିକମାନଙ୍କୁ ରାତ୍ରୀକାଳୀନ କାର୍ଯ୍ୟ କରିବା ପାଇଁ ମଧ ଫ୍ୟାକ୍ଟ୍ରିଆଇନ୍‌ର ଧାରା ୬୬/୧ (ବି) କୁ ପରିବର୍ତ୍ତନ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସିଆଇଟିୟୁ ରାଜ୍ୟ କମିଟି ଡାକରାରେ ବୁଧବାର ଏନ୍‌ଏସପିସିଏଲ୍ ୱାର୍କର୍ସ ୟୁନିୟନ,ସିଆଇଟିୟୁ ପକ୍ଷରୁ ସ୍ଥାନୀୟ ସେକ୍ଟର ୭-୧୭ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ବ୍ୟାପକ ଶ୍ରମିକ ଆନ୍ଦୋଳନ ପାଇଁ ଆହ୍ୱାନ କରାଯାଇଛି। ବିକ୍ଷୋଭରେ ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ଉପସଭାପତି ବିମାନ ମାଇତି ସଭାପତିତ୍ୱ କରିଥିଲେ। ଅନ୍ୟତମ ବରିଷ୍ଠ ଜିଲା ଉପସଭାପତି ଶ୍ରୀମନ୍ତ ବେହେରା,ବିପି ମହାପାତ୍ର, ଦିବାକର ମହାରଣା, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଜଗବନ୍ଧୁ ରାଉତ, ସୁରଜ ଦାସ୍, ଅଜିତ କୁମାର ରାୟ, ସୁରେନ୍ଦ୍ର ବେହେରା, ହିତେଶ ମଲିକ ପ୍ରମୁଖ ବକ୍ତବ୍ୟ ରଖି ସରକାରଙ୍କ ଏପରି ନିଷ୍ପତ୍ତି ଫଳରେ ଶହ ଶହ ଶ୍ରମିକ ଛଟେଇ ହେବେ ଓ ନୂତନ ନିଯୁକ୍ତି ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯିବ। ବୃହତ୍ତ ମାଲିକ ଓ କର୍ପୋରେଟ ସ୍ୱାର୍ଥ ରକ୍ଷା କରିବା ପାଇଁ ରାଜ୍ୟ ଭାଜପା ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ଭାଜପା ସରକାର ସମସ୍ତ ଶ୍ରମ ଆଇନକୁ ରଦ୍ଦ କରି ୪ଟି ଲେବର କୋର୍ଡ କରିଥିଲାବେଳେ ଏହାକୁ କାର୍ଯ୍ୟକାରୀ କରିବାକୁ ଯାଇ ରାଜ୍ୟ ଡବଲ ଇଞ୍ଜିନ ସରକାର ଏହି ଶ୍ରମିକ ବିରୋଧୀ ନିଷ୍ପତ୍ତି ନେଇଛନ୍ତି। ଫଳରେ ଶ୍ରମିକ ଶ୍ରେଣୀକୁ କୀର୍ତ୍ତଦାସ କରିବାକୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଦାବି ହୋଇଛି।




ରାଉରକେଲା ସେକ୍ଟର ୭ ଛକରେ ବିକ୍ଷୋଭ କରାଯାଉଛି।

# ଥଇଥାନ ପରେ ଉଚ୍ଛେଦ କର

## ରାସ୍ତା ସମ୍ପ୍ରସାରଣରେ ଜମି ହରାଇବାକୁ ଥିବା ଲୋକେ ପ୍ରଶାସନକୁ ଫେରାଦ

ସମ୍ବଲପୁର,୨୨।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ମାନେଶ୍ୱର ବ୍ଲକ ବରଗାଁ ଗ୍ରାମରେ ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ କାମ ଆରମ୍ଭ ହେବାକୁ ଯାଉଛି। ତେଣୁ ଉକ୍ତ ରାସ୍ତାକଡ଼ରେ ବସବାସ କରୁଥିବା ଗ୍ରାମବାସୀଙ୍କୁ ଅକ୍ଟୋବର ୨୬ସୁଦ୍ଧା ଉକ୍ତ ଜମି ଖାଲି କରିବାକୁ ମାନେଶ୍ୱର ତହସିଲଦାର ଆର୍‌ଆଇଙ୍କ ଜରିଆରେ ନୋଟିସ୍ ଜାରି କରିଛନ୍ତି। ରାସ୍ତା ସମ୍ପ୍ରସାରଣ ଯୋଗୁ ସମ୍ଭାବ୍ୟ ବିସ୍ଥାପିତ ପରିବାର ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସେମାନଙ୍କୁ ପ୍ରଥମେ ଥଇଥାନ କରିବା ପରେ ଉଚ୍ଛେଦ କରିବାକୁ ଦାବି କରିଛନ୍ତି। ଏଠାରେ ରୁହଥିବା ପ୍ରାୟ ୧୨ଟି ପରିବାରର ମହିଳାମାନେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା ଜଣାଇଥିଲେ। ଅତିରିକ୍ତ ଜିଲାପାଳ ନିୟମ ଅନୁସାରେ ସେମାନଙ୍କୁ ଘରଡିହ ସହିତ ଆବଶ୍ୟକସ୍ଥଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଗୃହ ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ଆଶ୍ୱାସନା ଦେଇଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ ଉକ୍ତ ଜମିରେ ଦୀର୍ଘ ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ବାପ ଅଜା ଅମଳରୁ ସେମାନେ ଘରକରି ରହି ଆସୁଥିଲେ। ଏଠାରେ ରହୁଥିବା ସମସ୍ତେ ଭୂମିହୀନ ଓ ଖଟିଖିଆ, ଦିନମଜୁରିଆ ଶ୍ରେଣୀର ଲୋକ। ଏଭଳି ପରିସ୍ଥିତିରେ ନୋଟିସ ପାଇଲା ପରେ ସମସ୍ତେ ଜୀବିକା ହରାଇବା ସହିତ ସେମାନଙ୍କ ସନ୍ତାନମାନଙ୍କ ପାଠପଢ଼ା ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ଉଚ୍ଛେଦ ପରେ ସ୍ୱଳ୍ପ ସମୟ ମଧ୍ୟରେ ମୁଣ୍ଡ ଗୁଞ୍ଜିବା ବ୍ୟବସ୍ଥା ପାଇଁ ସେମାନଙ୍କୁ ବାର ଦୁଆର ହେବାକୁ ପଡ଼ିବ। ତେଣୁ ପ୍ରଥମେ ସେମାନଙ୍କୁ ବରଗାଁ ନିକଟରେ ଥଇଥାନ ପୂର୍ବକ ଜମିଖଣ୍ଡେ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ପରେ ଉଛେଦ ପାଇଁ ପଦକ୍ଷେପ ନେବାକୁ ଗୀତା ମରିଗ, ଜୟନ୍ତୀ ରୋହିଦାସ, କମଳିନୀ ମିରିଗ, ଲିଲିମା ମିରିଗ, ଛବିନା ମିରିଗ, କାଞ୍ଚନ ରୋହିଦାସ, ପଦ୍ମିନୀ ବିଶି, ଜୟନ୍ତୀ ବିଶି, ଚନ୍ଦ୍ରାବତୀ ରାଜହଂସ, ବିନତା ବିଶି ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଦାବି କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟରେ ବରଗାଁର ବିସ୍ଥାପିତ ହେବାକୁ ଥିବା ପରିବାର ସଦସ୍ୟ।

## ଅଗରବତି ପ୍ରସ୍ତୁତି ତାଲିମ ଶିବିର


ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବରେ ଅତିଥି ଓ ପ୍ରଶିକ୍ଷାର୍ଥୀମାନେ।

### ପ୍ରଶିକ୍ଷଣ ନେଲେ ୩୪ ଜଣ ମହିଳା

ସମ୍ବଲପୁର,୨୨।୧୦(ବି.ଶଙ୍କର)

ଉଦ୍ୟୋଗୀଭିତ୍ତିକ ଅଗରବତୀ ଓ ଫିନାଇଲ ତାଲିମ ଶିବିର ବୁର୍ଲାସ୍ଥିତ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପରିସରରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୧୨ଦିନିଆ କାର୍ଯ୍ୟକ୍ରମରେ ବାମରା ବ୍ଲକର ୨୪ ଓ ଧନକଉଡ଼ା ବ୍ଲକର ୧୦ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦଯାପନୀ ସମାରୋହରେ ଆରସେଟି ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହା ସହିତ ଗ୍ରାମାଞ୍ଚଳ ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ସହିତ ପରିବାରର ଉନ୍ନତି କରିବା ସହିତ ରାଷ୍ଟ୍ରର ପ୍ରଗତୀ ଓ ମହିଳା ସଶକ୍ତିରଣ ଅଂଶୀଦାର ହେବାକୁ ଆହ୍ୱାନ ଦେଇଥିଲେ। ଉକ୍ତ ତାଲିମର ପ୍ରଶିକ୍ଷାର୍ଥିମାନଙ୍କର ପରୀକ୍ଷା ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇଥିଲା । ଏହି ତାଲିମକୁ ଓଡ଼ିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

# ୭ ଦିନ ଧରି ଚାଲିବ ସମ୍ବଲପୁର ମହୋତ୍ସବ

### ପ୍ରସ୍ତୁତି ବୈଠକରେ ନୂତନ କର୍ମକର୍ତ୍ତା ମନୋନୟନ

ସମ୍ବଲପୁର,୨୨।୧୦(ପ୍ରମୋଦ ବହିଦାର)

ନଭେମ୍ବର ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ମହୋତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏଠାରେ ହାଟ, ଖାଦ୍ୟ ଷ୍ଟଲ ପ୍ରଦର୍ଶନୀ ୧୫ ଦିନ ଧରି ଚାଲିବ ବୋଲି ମହୋତ୍ସବ ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆୟୋଜକ କମିଟି ସଂଯୋଜକ ଡ. ସପନ ମିଶ୍ର ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇ କହିଛନ୍ତି , ସ୍ଥାନୀୟ ବିର୍ସା ମୁଣ୍ଡା କଲ୍ୟାଣ ମଣ୍ଡପରେ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରତ୍ନଭୂଷଣ ପୃଷେଠ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମହୋତ୍ସବର ରୂପରେଖ ସ୍ଥିର ହୋଇଥିଲା। ମହୋତ୍ସବରେ ଲୁପ୍ତପ୍ରାୟ ଲୋକକଳା ସହିତ ଆଦିବାସୀ, ସାଂପ୍ରତିକ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ କରାଯିବ। ସେହିପରି ମହୋତ୍ସବର ମୁଖ୍ୟ ଆକର୍ଷଣ ଭାବେ 'ସୁଆଦ୍ ସମ୍ବଲ୍‌ପୁରୀ' ଶୀର୍ଷକ ଏକ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହେବ। ଏଥିରେ ସ୍ୱତନ୍ତ୍ର ଭାବେ ସମଗ୍ର ପଶ୍ଚିମ ଓଡ଼ିଶାର ସ୍ୱାଦିଷ୍ଟ ଖାଦ୍ୟ ପ୍ରଦର୍ଶନୀ ସହିତ ପରଷା ଯିବାର ବ୍ୟବସ୍ଥା କରାଯିବ। ମହୋତ୍ସବ ଆୟୋଜନ ପାଇଁ ୪୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଡ. ମିଶ୍ର। ଏହି ଅବସରରେ ଆୟୋଜନ ପାଇଁ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଦେଷ୍ଟା ମଣ୍ଡଳି, କାର୍ଯ୍ୟକାରୀ ସମିତି ଓ ବିଭିନ୍ନ ଉପ-କମିଟିର ଆବାହକ ମଣ୍ଡଳୀ ଗଠନ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀ ସଦସ୍ୟଭାବେ ଭକ୍ତ ପ୍ରସାଦ ନନ୍ଦ, ଇଂ. ସୁଶାନ୍ତ କୁମାର ଗୁରୁ, ହେମନ୍ତ କୁମାର ମହାପାତ୍ର, ରତ୍ନଭୂଷଣ ପୃଷେଠ୍, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳର ପୂର୍ବତନ କୁଳପତି ପ୍ରଫେସର ସାଧୁଚରଣ ପଣ୍ଡା ଦାୟିତ୍ୱ ନିର୍ବାହ କରିବେ। ସେହିପରି କାର୍ଯ୍ୟକାରୀ ସମିତିରେ ପ୍ରଫେସର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, କାର୍ତ୍ତିକ ବହିଦାର, ସଦାନନ୍ଦ ପଣ୍ଡା, ପ୍ରସନ୍ନ ଆଚାର୍ଯ୍ୟ, କ୍ଷେତ୍ରମଣି ବିଭାର, ଡା. ପ୍ରଦୀପ କୁମାର ସେଠ୍, ଦୀପାଳି ଚୌଧୁରୀ, ସୁବ୍ରତ ବିର୍ତ୍ତିଆ, ଦେବେନ୍ଦ୍ର ପ୍ରଧାନ, ଶିବ ପ୍ରଧାନ, ସମୀର ବାବୁ, ସୁଧୀର ରଞ୍ଜନ ବହିଦାର, ସୁଶାନ୍ତ ପୁରୋହିତ, ମୁରାରୀ ପ୍ରସାଦ ଗୁରୁ, ଅମୂଲ୍ୟ ମିଶ୍ର ପ୍ରମୁଖ ସଦସ୍ୟ ମହୋନୀତ ହୋଇଛନ୍ତି। ଡ. ସପନ ମିଶ୍ର ଆୟୋଜକ କମିଟି ସଂଯୋଜକ ଦାୟିତ୍ୱ ନିର୍ବାହ କରିବେ। ମହୋତ୍ସବ ପରିଚାଳନା ପାଇଁ ଗଠିତ ବିଭିନ୍ନ ଉପ କମିଟିରେ ସଙ୍ଗୀତ ସବକମିଟି ପାଇଁ ରବିନ୍ଦ୍ର ପଣ୍ଡା ଓ ରାଜ୍‌କୁମାର ଜାଲ୍, ଧରଣୀଧର ନାଥ, ଭାଷା-ସାହିତ୍ୟ-କବିତା ପାଠ ସବ୍ କମିଟି ପାଇଁ ମାନସ ଷଡ଼ଙ୍ଗୀ, ସ୍ମରଣିକା(ସୋରରଖା) ଉପକମିଟି ପାଇଁ ସୋମଦତ୍ତ ପ୍ରଧାନ, ସାଂସ୍କୃତିକ ଦଳ ଚୟନ ଉପକମିଟି ପାଇଁ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଦୁର୍ଗା ପ୍ରସାଦ ଦାଶ, ଆଲୋକ ପଣ୍ଡା, ଖାଦ୍ୟ ଓ ରହଣୀ ଉପକମିଟି ପାଇଁ ଅନୁଜ ଜେନାଙ୍କ ସହ ସୁଧାସିନ୍ଧୁ ଖୁଣ୍ଟିଆ, ସ୍ୱଚ୍ଛତା ଉପକମିଟି ପାଇଁ ସୌରୀନାରାୟଣ ପାଣିଗ୍ରାହୀ, ଚିତ୍ରାଙ୍କନ, ହସ୍ତକଳା ଓ ମୃତ୍ତିକା କଳା ଉପକମିଟି ପାଇଁ ଏଲ୍‌ଏନ୍ ପୂଝାରୀ, ଉଦ୍‌ଘୋଷଣା ଉପକମିଟିପାଇଁଭବତୋଷ ବିଶିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରସ୍ତୁତି ବୈଠକରେ ସମସ୍ତ ଉପଦେଷ୍ଟା ମଣ୍ଡଳୀ ସଦସ୍ୟଙ୍କ ସହିତ କାର୍ଯ୍ୟକାରୀ କମିଟି ଓ ଉପକମିଟିର ସସମସ୍ତ ସଦସ୍ୟ ତଥା ଅବିଭକ୍ତ ସମ୍ବଲପୁର ଜିଲାରୁ ପ୍ରତିନିଧି ଯୋଗ ଦେଇଥିଲେ।

# ବକ୍ର ମନ୍ଦିରରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସଫେଇ


ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଜରା ନିବାସ ଅନ୍ତେବାସୀଙ୍କ ସହ ଦୀପାବଳି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

ସମ୍ବଲପୁର,୨୨।୧୦(ବି.ଶଙ୍କର)

ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ ସ୍ୱେଚ୍ଛାସେବୀମାନେ ଦୀପାବଳି ପର୍ବକୁ ମାନବସେବା ସହ ଯୋଡି ନିଆରା ଭାବରେ ପାଳନ କରିଥିଲେ। ପ୍ରଥମେ ସେମାନେ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପ୍ରସିଦ୍ଧ ହୁମାବକ୍ର ମନ୍ଦିର ପରିସରରେ ସଫେଇ କରିଥିଲେ। ଏଥିସହ ବୀର ସୁରେନ୍ଦ୍ର ସାଏ ଜରାଶ୍ରମ ପରିସରରେ ସଫେଇ କରିବା ସହିତ ଅନ୍ତେବାସୀଙ୍କ ସହ ଦୀପାବଳି ପାଳନ କରିଥିଲେ। ଜରାଶ୍ରମରେ ଦୀପ ପ୍ରଜ୍ୱଳନ କରି ରଙ୍ଗୋଲି ସଜାଇ, ମିଠା ବଣ୍ଟନ ଓ ଭଜନ କିର୍ତ୍ତନ ମାଧ୍ୟମରେ ଦୀପାବଳିର ଆନନ୍ଦକୁ ଅନ୍ତେବାସୀଙ୍କ ସହିତ ଉପଭୋଗ କରିଥିଲେ। ଆଜିର ପିଢି ଯେପରି ସ୍ୱାର୍ଥ ଓ ଅର୍ଥ ଲୋଭରୁ ଉର୍ଦ୍ଧ୍ୱରେ ରହି ମା' ବାପାଙ୍କୁ ନିଜର ପରିବାର କରିବା ଓ ଆଗାମୀ ଦିନରେଦ୍ ସମାଜରେ ବୃଦ୍ଧାଶ୍ରମର ଆବଶ୍ୟକତା ନରହୁ ଏହି ମହତ ଉଦ୍ଦେଶ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ପ୍ରତିଷ୍ଠାତା ଅଧ୍ୟକ୍ଷ ଜି ଭାସ୍କର ରାଓ, ମୁଖ୍ୟ ପ୍ରାଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ, କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହନ୍ତ, ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରି ସ୍କୁଲ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ନର୍ସିଙ୍ଗ କଲେଜ ଅଧ୍ୟକ୍ଷ ପ୍ରଫେସର ଇଶ୍ୱର ନାଗ ସ୍ୱେଚ୍ଛାସେବୀଙ୍କୁ ପ୍ରେରଣା ଦେଇଥିଲେ। ବୀର ସୁରେନ୍ଦ୍ର ସାଏ ଜରା ନିବାସରେ ସେବା ଦେଉଥିବା ସତ୍ୟନାରାୟଣ ମେଣ୍ଡଲି, ଶାନ୍ତନୁ କୁମାର ରାଉତ ଓ ସୂର୍ଯ୍ୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନଏସଏସ ସଂଯୋଜକ ମନୋରଞ୍ଜନ ମିଶ୍ର, ଅଧ୍ୟାପକ ବିଜନ ପୂଜାରି, ଅଧ୍ୟାପିକା କାଜଲ ଥାପ୍ପା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସଇଡା ବାଲିଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

କୁଚିଣ୍ଡା,୨୨।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡାର କୁଣ୍ଡାପୋଷିରେ ହେବାକୁ ଥିବା ୨୨ତମ ବିରାଟ ବାଲିଯାତ୍ରା ମହୋତ୍ସବ ପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଭେଡେନ ନଦୀକୂଳ କୁଣ୍ଡାପୋଷୀ ଡଙ୍ଗାଘାଟ ନିକଟସ୍ଥ ନୂତନ ବାଲିଯାତ୍ରା ପଡିଆରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବାଲିଯାତ୍ରା କମିଟି ସଭାପତି ବିଜୁ ସାହୁ, ସାଧାରଣ ସମ୍ପାଦକ ବିଶନାଥ କଣ୍ଡରା, କୋଷାଧ୍ୟକ୍ଷ କ୍ଷୀରୋଦ ସା ଓ ପୌଲସ୍ତି ପାତ୍ର, ଉପଦେଷ୍ଟା ପ୍ରଫୁଲ୍ଲ ନାୟକ, ପ୍ରକାଶ ପୃଷେଠ, ରାଜେଶ ସାହୁ, ଦିବ୍ୟ ବାରିକ, ସଚିନ ପୃଷେଠଙ୍କ ସମେତ ବହୁସଂଖ୍ୟକ ଗ୍ରାମବାସୀ ଏହି ଅବସରରେ ଉପସ୍ଥିତ ଥିଲେ। ପ୍ରକାଶ ପୁରୋହିତ ପୂଜକ ଦାୟିତ୍ୱ ତୁଲାଇଥିଲେ। ବାଲିଯାତ୍ରା ଆସନ୍ତା ନଭେମ୍ବର ୩ରୁ ଆରମ୍ଭ ହୋଇ ୬ରେ ଉଦ୍‌ଯାପିତ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

# ଅଧିକ ଧାନ ସଂଗ୍ରହ ଦାବିରେ ସ୍ମାରକପତ୍ର


ଆସିଷ୍ଟାଣ୍ଡ କଲେକ୍ଟର ରମେଶ ସାହୁ ଦାବିପତ୍ର ଗ୍ରହଣ କରୁଛନ୍ତି।

କୁଚିଣ୍ଡା,୨୨।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଚଳିତ ଖରିଫ ଋତୁରେ ଅଧିକ ଧାନ ସଂଗ୍ରହ ପାଇଁ ବୁଧବାର ଜମନକିରା ଶ୍ରୀଲକ୍ଷ୍ମୀ କୃଷକ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଚଳିତବର୍ଷ ଭଲ ବର୍ଷା ଯୋଗୁ ଅଧିକ ଧାନ ଉତ୍ପାଦନ ହେବାର ଲକ୍ଷ୍ୟ ରହିଛି। ବିଗତ ବର୍ଷ ମାନଙ୍କରେ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ମାତ୍ର ଚଳିତ ବର୍ଷ ଧାନ ଫସଲ ଅଧିକ ଅମଳ ହେଉଥିବା କାରଣରୁ ୧୩ ପରିବର୍ତ୍ତେ ଅନ୍ୟୂନ୍ୟ ୧୯ କୁଇଣ୍ଟାଲ ବୃଦ୍ଧି କରିବାକୁ ଏଥିରେ ଦାବି କରାଯାଇଛି। ଏତଦ୍ ବ୍ୟତୀତ ସରକାରଙ୍କ ତରଫରୁ ଚାଷୀଙ୍କୁ ଧାନ ଭର୍ତ୍ତି ନିମନ୍ତେ ସୁତୁଲି ବସ୍ତା(ଅଖା)ଯୋଗାଇ ଦେବାକୁ ଚାଷୀ ସଙ୍ଗଠନ ଦାବି କରିଛି। ଉପଜିଲାପାଳ ସରଓ୍ୱନନ ସଙ୍କ ଅନୁପସ୍ଥିତରେ ଆସିଷ୍ଟାଣ୍ଟ କଲେକ୍ଟର ରମେଶ ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ଶ୍ରୀଲକ୍ଷ୍ମୀ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର ଚୌଧୁରୀଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ସରୋଜ କୁମାର ପ୍ରଧାନ, ଚୂଡାମଣି ପଟେଲ, ଚିତ୍ତରଞ୍ଜନ ଶର୍ମା, ଶୁଶାନ୍ତ କୁମାର ପଟେଲ, ପିଣ୍ଟୁ ନାୟକ, ପ୍ରତାପ କୁମାର ଦେହୁରୀ, ଟିକେଶ୍ୱର ମହାକୁଡ, ହେମାନନ୍ଦ ନାଏକ, ପିଛାଲୁ ଭୋଇ, କିଶୋର କୁମାର ମହାପାତ୍ର, ସୁମନ ନାୟକ ପ୍ରମୁଖ ଚାଷୀ ସାମିଲ ହୋଇଥିଲେ। ଚାଷୀ ସଙ୍ଗଠନ ଏହାର ନକଲ ଯୋଗାଣ ବିଭାଗ ମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ସମ୍ବଲପୁର ଜିଲାପାଳଙ୍କୁଇମେଲ ଯୋଗେ ପଠାଇଥିବା ସଙ୍ଗଠନ ସଭାପତି ଚୌଧୁରୀ କହିଛନ୍ତି।

# ସିକ୍ରାପାଲିରେ ଗିରି ଗୋବର୍ଦ୍ଧନ ପୂଜା

ସମ୍ବଲପୁର,୨୨।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କୁକୁଡାପାଲି ପଞ୍ଚାୟତ ସିକ୍ରାପାଲିଠାରେ ବୁଧବାର ପ୍ରସିଦ୍ଧ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷର ପୂଜାରେ ଅଶୋକ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ଫଣିତା ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ପୂଜକ ରୋନକ କର ଓ ତାଙ୍କ ସହଯୋଗୀ ପୂଜାବିଧି ସମାପିତ କରିଥିଲେ। ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲ, ସୁସ୍ମିତା ଦେହୁରୀ, ପରକ୍ଷୀତ ନାଏକ ପ୍ରମୁଖ ଯୋଗଦେଇ ପ୍ରଭୁ ଗିରି ଗୋବର୍ଦ୍ଧନଙ୍କ ଆଶୀର୍ବାଦ ନେଇଥିଲେ। ପୂଜା ଆୟୋଜନରେ ଆୟୋଜନ କମିଟି ସଭ୍ୟ କପିଳେଶ୍ୱର ମାଝୀ, ଚିନ୍ମୟ ନାୟକ, ଅଜିତ କୁମାର ସାହୁ, ପ୍ରଶାନ୍ତ ଦେହୁରୀ, କୁଞ୍ଜ ବିଶ୍ୱାଳ, ସଞ୍ଜୀବ ଡନସନା, ବୀରେନ୍ଦ୍ର ମାଝୀ ସହଯୋଗ କରିଥିଲେ। ଭକ୍ତ ଏବଂ ଗ୍ରାମବାସୀଙ୍କ ପାଇଁ ଅନ୍ନକୋଟର ବ୍ୟବସ୍ଥା କରାଯାଇଥିଲା।

# ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ୯ ଜଣଙ୍କୁ ଆର୍ଥିକ ସହାୟତା

### ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ବୈଠକ

ସମ୍ବଲପୁର,୨୨।୧୦(ବି.ଶଙ୍କର)

ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟର ବୈଠକ ବୁଧବାର ସମ୍ବଲପୁର ଶାନ୍ତି ନଗରସ୍ଥିତ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୯ ଜଣଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ୧ ଲକ୍ଷ ୨୫ ହଜାର ୭୮୦ ଟଙ୍କା ଆର୍ଥିକ ସହାୟତା ଦିଆଯାଇଛି। ଟ୍ରଷ୍ଟ ସଂସ୍ଥାପିକା ଡା.ପାଣିଗ୍ରାହୀଙ୍କ ଉପସ୍ଥିତି ଏବଂ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟ୍ରଷ୍ଟ ବୈଠକରେ ଉପରୋକ୍ତ ସହାୟତାକୁ ମଞ୍ଜୁରି ଦିଆଯାଇଛି। ଉପରୋକ୍ତ ହିତାଧିକାରୀଙ୍କ ମଧ୍ୟରୁ ଜଣଙ୍କୁ ଚଳିତ ଶିକ୍ଷା ବର୍ଷରେ ମାସିକ ସହାୟତା ଦିଆଯିବାକୁ ମଧ ନିଷ୍ପତ୍ତି ହୋଇଛି। ଟ୍ରଷ୍ଟ ସଭ୍ୟ ଶିବ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଚିକିତ୍ସା ପାଇଁ ଜଣଙ୍କୁ ୧୫ ହଜାର ଟଙ୍କା ଏବଂ ପାଠ ପଢା ପାଇଁ ୮ ଜଣଙ୍କୁ ୧ ଲକ୍ଷ ୧୦ହଜାର ୭୮୦ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ବୈଠକର ଆଲୋଚନାରେ କୋଷାଧ୍ୟକ୍ଷ ସ୍ୱରୂପ ପୁରୋହିତ, ସଭ୍ୟବୃନ୍ଦ ଡ.ନିରୂପମା ବଡ଼ପଣ୍ଡା, ଦେବାଶିଷ ନନ୍ଦ, ବିପିନ ପଣ୍ଡା ଓ ସୁବ୍ରତ ପଣ୍ଡା ଭାଗ ନେଇଥିଲେ ।


ବୈଠକରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

# ଚିକିତ୍ସାରେ ଅର୍ଥ ବାଧକ

### ଲାଇନ କଡ଼ରେ ଖେଳିବା ସମୟରେ ଟ୍ରେନ୍ ଘୋଷାଡ଼ି ନେଇଥିଲା

ସମ୍ବଲପୁର,୨୨।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଶାସନ ପାବପାଲି ଗ୍ରାମର ୧୩ ବର୍ଷର ବାଳକ କାହ୍ନୁଚରଣ ଜେନାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ପାବପାଲି ଗାଁ ଦେଇ ଟ୍ରେନ୍ ଲାଇନ୍ ଯାଇଥିବା ବେଳେ ଶିଶୁମାନେ ଟ୍ରେନ୍ ଲାଇନ୍ କଡ଼ରେ ଖେଳିଥାନ୍ତି। ଗାଁର ଯୁବରାଜ ଜେନାଙ୍କ ପୁଅ କାହ୍ନୁ ସାଙ୍ଗମାନଙ୍କ ସହ ଖେଳୁଥିବା ସମୟରେ ମାଲବାହୀ ଟ୍ରେନ୍‌ରେ ବାଡ଼େଇ ହୋଇଯାଇଥିଲେ। ତାଙ୍କୁ ୧୫ ମିଟର ପର୍ଯ୍ୟନ୍ତ ଟ୍ରେନ ଘୋଷାଡ଼ି ନେଇଥିଲା। ତାଙ୍କ ମୁଣ୍ଡ ଏବଂ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଭିମ୍‌ସାର ନିଆଯାଇଥିଲା। ହେଲେ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କ ମା' ବାପା ସେଠାରୁ ତାଙ୍କୁ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ପ୍ଲାଷ୍ଟିକ୍ ସର୍ଜରି ସୁବିଧା ନ ଥିବାରୁ ଡାକ୍ତର ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ସେଠାରୁ ଭୁବନେଶ୍ୱର ଏମ୍‌ସକୁ ନେବା ପରେ ସେଠାରେ ସିଟ୍ ମିଳି ନ ଥିଲା। ଫଳରେ ପରିବାର ଲୋକେ ବାଧହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନା ନେଇଥିଲେ । ତେବେ ପ୍ରତିଦିନ ଚିକିତ୍ସା ବାବଦକୁ ୧୦ ହଜାର ଟଙ୍କା ଲାଗୁଥିବା ବେଳେ ସ୍ୱାସ୍ଥ୍ୟ କାର୍ଡରେ ସମସ୍ତ ଖର୍ଚ୍ଚ ହୋଇପାରି ନ ଥିବା ବେଳେ ପୁଣି ଅଧିକ ଅର୍ଥର ଥିଲା। ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ଏହାପରେ ଶାସନର ଆଖପାଖ ଗ୍ରାମର କେତେଜଣ ଲୋକେ ଚିକିତ୍ସା ପାଇଁ ଆର୍ଥିକ ସହଯୋଗ କରିଥିଲେ। ଏବେ କାହ୍ନୁଙ୍କ ଚିକିତ୍ସା ଜାରି ରହିଛି। କିଛିଦିନ ପରେ ଅସ୍ତ୍ରୋପଚାରର ଜରୁରୀ ଆବଶ୍ୟକତା ରହିଛି। ଗୋଟିଏ ପଟେ ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ ହଜାର ହଜାର ଟଙ୍କା ଯୋଗାଡ଼ କରିବା ସମ୍ଭବ ହୋଇପାରୁନାହିଁ। ଶେଷରେ ସରକାରୀ ସହାୟତା ପାଇଁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଯୋଗାଯୋଗ କରାଯାଇଥିଲା। ଏହାପରେ ଆବଶ୍ୟକ କାଗଜପତ୍ର ସହ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି।

### ଲୋକଙ୍କ ସହଯୋଗରେ ଚାଲିଛି ଚିକିତ୍ସା


କାହ୍ନୁ ଜେନା

## ସଂକ୍ଷେପରେ

### ଗୋଲାମୁଣ୍ଡା ବ୍ଲକରେ ୩୧୦ ନୂତନ ଭତ୍ତା ବଣ୍ଟନ

**ଗୋଲାମୁଣ୍ଡା,୨୨।୧୦(ବଟକୃଷ୍ଣ ପଣ୍ଡା):** ଆଜି ଗୋଲାମୁଣ୍ଡା ବ୍ଲକ ସଭାଗୃହଠାରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତର ୩୧୦ ଜଣ ହିତାଧିକାରୀଙ୍କୁ ମଧୁବାବୁ ଓ ଇନ୍ଦିରା ଗାନ୍ଧୀ ପେନ୍‌ସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବିଡ଼ିଓ ତ୍ରିପୁରା ମହାନନ୍ଦ, ଏବିଡ଼ିଓ ବିଜୟ କୁମାର ନାୟକ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବିହାରୀ, ଖଲିଆପାଲି ସରପଞ୍ଚ ଜିମୁତ ବାହାନ ହରପାଳ, ନୂଆଗାଁ ସରପଞ୍ଚ ଦୁଷ୍ମନ୍ତ ଭୋଇ, କୁହୁରା ସରପଞ୍ଚ ପିଙ୍କି ତାଣ୍ଡି, ଉଦେସୁରୁଙ୍ଗ ସରପଞ୍ଚ ନାରାୟଣ ଅଘରିଆ, ମହାଲିଙ୍ଗ ସମିତି ସଭ୍ୟ କିରଣ ସିଂ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ। ବ୍ଲକକୁ ଆସିପାରି ନ ଥିବା ହିତାଧିକାରୀଙ୍କୁ ତାଙ୍କ ଘରକୁ ଯାଇ ଭତ୍ତା ପ୍ରଦାନ କରିବାକୁ ବ୍ଲକ ଅଧ୍ୟକ୍ଷ ମହାନନ୍ଦ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରକାଶଥାଉ କି ଦିବ୍ୟାଙ୍ଗ, ପରିତ୍ୟକ୍ତା, ତୃତୀୟ ଲିଙ୍ଗ, ବିଧବା ମା'ମାନଙ୍କୁ ଗୁରୁତ୍ୱ ଦେଇ ଭତ୍ତା ଅନୁମୋଦନ କରାଯାଇଛି।

### ଶିକ୍ଷାବିତ୍ ଗଙ୍ଗାରାମ ଖର୍ସେଲଙ୍କ ପରଲୋକ

**କୋକସରା,୨୨।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତଗୁଣ୍ଡା ପଞ୍ଚାୟତ କରାଡଙ୍ଗରୀ ପଡାର ଶିକ୍ଷାବିତ୍ ଗଙ୍ଗାରାମ ଖର୍ସେଲଙ୍କ ୭୯ ବର୍ଷ ବୟସରେ ମଙ୍ଗଳବାର ରାତିରେ ପରଲୋକ ଘଟିଛି। ସେ ଅସୁସ୍ଥତା ଅନୁଭବ କରିବାରୁ ବୁର୍ଲା ମେଡ଼ିକାଲ ନେବା ବାଟରେ ତାଙ୍କର ଦେହାନ୍ତ ହୋଇଥିଲା। ସେ ଦୀର୍ଘବର୍ଷ ନିଜର ଶିକ୍ଷକତା ଜୀବନ ମଧ୍ୟରେ ଅନେକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢିଛନ୍ତି। ସେ ଜଣେ ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଭାବରେ ମଧ୍ୟ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ବୁଧବାର ସକାଳୁ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ଯୁଧିଷ୍ଠିର ଖର୍ସେଲ ମୁଖାଗ୍ନି ଦେଇଥିଲେ।

### ସ୍କୁଲ ଯିବା ରାସ୍ତାରେ ଫାଟ



**ଖଡ଼ିଆଲ,୨୨।୧୦ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲ ଏନ୍ଏସି ୨ନଂ. ୱାର୍ଡରେ ଥିବା ଖଡ଼ିଆଲ ପବ୍ଲିକ ସ୍କୁଲ ଯିବା ରାସ୍ତାରେ ଫାଟ ସୃଷ୍ଟିହୋଇ ବିପଦ ସୃଷ୍ଟି କରୁଛି। ପ୍ରାୟ ମାସେ ହେଲେ ଏହି ସମସ୍ୟା ଦେଖାଦେଇଥିଲେ ମଧ୍ୟ ଏନ୍ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାରେ କୁନି ପିଲାମାନେ ସାଇକେଲରେ ଯିବା ସମୟରେ ପଡିଯାଇ ଆହତ ହେଉଥିବା ପରିଲକ୍ଷିତ ହେଉଛି। ଜନସାଧାରଣ ମଧ୍ୟ ଯାତାୟାତ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାର ମରାମତି ନ ହେଲେ ଏନ୍ଏସି ଅଫିସ ଘେରାଉ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

# ସଚେତନ ହେଲେ ସାଇବର ଅପରାଧ କମିବ

- କଳାହାଣ୍ଡି ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ
- ଗଡିଲା ସୁରକ୍ଷା ରଥ

**ଭବାନୀପାଟଣା,୨୨।୧୦(ଉତ୍ତମ କୁମାର ଦାଶ)**




ଟାଉନ ହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

ଲୋକେ ସମ୍ପୂର୍ଣ୍ଣ ଭାବେ ଡିଜିଟାଲ ହେଉଥିବା ବେଳେ ସାଇବର ଠକେଇର ଶିକାର ହୋଇ ଆର୍ଥିକ, ଶାରୀରିକ ଓ ମାନସିକ ସ୍ତରରେ କଷ୍ଟ ପାଉଛନ୍ତି। ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ସହ ଲୋକଙ୍କୁ ଏ ଦିଗରେ ସଚେତନ କରିବା ଉଦ୍ଦେଶ୍ୟରେ ବୁଧବାର କଳାହାଣ୍ଡି ପୋଲିସ ପକ୍ଷରୁ ଭବାନୀପାଟଣାସ୍ଥିତ ଟାଉନ ହଲରେ ସାଇବର ସୁରକ୍ଷା ଅଭିଯାନ ଓଡିଶା -୨୦୨୫ ଆରମ୍ଭ ହୋଇଛି। କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଏମ୍‌ପି ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥ, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର୍ କଲାଇ ଭାନନ, ଅତିରିକ୍ତ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି ପ୍ରମୁଖ ଯୋଗଦେଇଥିଲେ। ଲୋକେ ସଚେତନ ହେଲେ ସାଇବର ଅପରାଧକୁ ରୋକାଯାଇପାରିବ ବୋଲି ଅତିଥିମାନେ କହିଥିଲେ। ଜିଲାର ୧୩ ଥାନାରେ ଗତ ଦୁଇବର୍ଷ ମଧ୍ୟରେ ୧୪୪ ସାଇବର ଅପରାଧ ଘଟଣା ରେଜିଷ୍ଟ୍ରେଶନ ହୋଇଛି। ସେହିପରି ସାଇବର ଥାନାରେ ୩୦ ମକଦ୍ଦମା ରୁଜୁ ହୋଇଛି। ପ୍ରାୟ ଦୁଇବର୍ଷରେ ୫କୋଟି ଟଙ୍କା ସାଇବର ଲୁଟ ହୋଇଥିବା ଜଣାପଡିଛି। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଏକ ସାଇବର ସୁରକ୍ଷା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ଆସନ୍ତା ନଭେମ୍ବର ୧୭ ତାରିଖ ଯାଏ ଜିଲାର ସମସ୍ତ ଥାନା ଅଞ୍ଚଳରେ ବୁଲି ଲୋକଙ୍କୁ ସଚେତନ କରାଇବ। ସେହିପରି ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ କଳାହାଣ୍ଡି ପୋଲିସ ଜନସଚେତନତା କରିବ। ଏହି ଅଭିଯାନରେ ସ୍ଥାନୀୟ ଯୁବପିଢି, କଲେଜ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକଙ୍କୁ ମଧ୍ୟ ସାମିଲ କରାଯିବ। କଳାହାଣ୍ଡି ପୋଲିସ ପକ୍ଷରୁ ଏ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। କଳାହାଣ୍ଡି ଜିଲାକୁ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ ସାଇବର ଅପରାଧ ମୁକ୍ତ କରାଯିବ ବୋଲି ଏସ୍‌ପି ଦେବରକୋଣ୍ଡା ପ୍ରକାଶ କରିଥିଲେ।

# ମହିଳା ଏସ୍ଆଇଙ୍କୁ ବଳାତ୍କାର, ସୁବେଦାର ଗିରଫ

**ଭୁବନେଶ୍ୱର,୨୨।୧୦(ସତ୍ୟଜିତ ରାଉତ)**



ଗିରଫ ସୁବେଦାର ତୋଷବନ୍ତ ଆଚାର୍ଯ୍ୟ।

ଜଣେ ମହିଳା ସବ୍-ଇନ୍ସପେକ୍ଟର (ଏସ୍ଆଇ)ଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୋଲିସ ବୁଧବାର ଜଣେ ସୁବେଦାରଙ୍କୁ ଗିରଫ କରିଛି। ସେ ହେଲେ ତୋଷବନ୍ତ ଆଚାର୍ଯ୍ୟ। ତାଙ୍କ ଘର କନ୍ଧମାଳ ଜିଲାରେ ହୋଇଥିବାବେଳେ ସେ କଳାହାଣ୍ଡି ଜିଲାରେ କାର୍ଯ୍ୟରତ ଅଛନ୍ତି। ପୋଲିସ ପକ୍ଷରୁ ତାଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ତୋଷବନ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ପୀଡ଼ିତା ଏସ୍ଆଇଙ୍କ ଡାକ୍ତରୀ ମାଇନା ପରେ ବୟାନ ରେକର୍ଡ କରାଯାଇଥିବା ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପୀଡ଼ିତା ଏସ୍ଆଇ ଜଣକ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ କାର୍ଯ୍ୟରତ ଅଛନ୍ତି। ପୀଡ଼ିତା ଓ ତୋଷବନ୍ତ ୮ବର୍ଷ ଧରି ପ୍ରେମ ସମ୍ପର୍କରେ ଥିଲେ। ଉଭୟ କଲେଜରେ ପଢୁଥିବା ବେଳେ ସମ୍ପର୍କ ଆରମ୍ଭ ହୋଇଥିଲା। ପୀଡିତାଙ୍କ ସିନିୟର ଥିଲେ ତୋଷବନ୍ତ। ଅଭିଯୁକ୍ତ ତୋଷବନ୍ତ କେନ୍ଦ୍ରାପଡ଼ା ଜିଲାରେ ପ୍ରୋବେଶନ ପିରିୟଡରେ ଥିବାବେଳେ ପୀଡିତାଙ୍କ ସହ ଅଧିକ ନିକଟତର ହୋଇଥିଲେ। ସେ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବିଭିନ୍ନ ସ୍ଥାନକୁ ନେଇ ଶାରିରୀକ ସମ୍ପର୍କ ରଖିଥିଲେ। ଫଳରେ ଏସ୍ଆଇ ଜଣକ ଗର୍ଭବତୀ ହୋଇଥିଲେ। ପୀଡ଼ିତା ଜଣକ ବିବାହ କରିବାକୁ କହିବାରୁ ତୋଷବନ୍ତ ଏହାକୁ ଏଡାଇ ଦେଇଥିଲେ। ଏନେଇ କିଛିଦିନ ତଳେ ମହିଳା ଥାନାରେ ପୀଡ଼ିତା ଏସ୍ଆଇ ଜଣକ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ମହିଳା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ଶୋଭାଯାତ୍ରାରେ ସାମିଲ ଅଘୋରି ଦଳ।

# ମା' ମହାକାଳୀଙ୍କ ପୂଜା, ଭୈରବ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ

**ଥୁଆମୂଳ ରାମପୁର,୨୨।୧୦(ଦୁର୍ଗା କୀର୍ତ୍ତି) :** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ତାଳବନ୍ଧ ପଡାରେ ନବଜୀବନ ଯୁବ ଅନୁଷ୍ଠାନ ଓ ଦୀପାବଳି ପୂଜା କମିଟି ମିଳିତ ଆନୁକୂଲ୍ୟରେ ମା' ମହାକାଳୀ (ବେଙ୍ଗୁଲି ଦେବୀ)ଙ୍କ ପୂଜା ଓ ଦୀପାବଳି ପର୍ବରେ ଭୈରବ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଛି। ଏହି ଅବସରରେ ଦୀପାବଳିରେ ପଡାର ମା' ବେଙ୍ଗୁଲି ଦେବୀଙ୍କ ମନ୍ଦିରରେ ରୀତିନୀତି ଅନୁଯାୟୀ ମୂର୍ତ୍ତି ସ୍ଥାପନା ଓ ପୂଜାର୍ଚ୍ଚନା ହୋଇଥିଲା। ପରେ ପଡାର ମହିଳା, ଯୁବତୀ ଗାଁ ନିକଟ ନାଳରୁ କଳସରେ ଜଳ ଧରି ସହର ପରିକ୍ରମା କରି ମନ୍ଦିରରେ ସ୍ଥାପନ କରିଥିଲେ। କଳସ ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ସାଜିଥିଲା ଅଘୋରୀ ଦଳଙ୍କ ବେଶ। ପଡ଼ାର କେତେଜଣ ଯୁବକ ବାବା ମହାକାଳ ଦେବଙ୍କ ଅନ୍ୟ ରୂପ ଅଘୋରି ବେଶ ଧାରଣ କରିଥିଲେ। ଦ୍ୱିତୀୟ ଦିବସରେ ମନ୍ଦିରରେ (ବେଙ୍ଗୁଲି ଦେବୀ) ଅଥବା ମା' ମହାକାଳୀ ଓ ଭୈରବ ଦେବଙ୍କ ପୂଜାର୍ଚ୍ଚନା ପରେ ବିଦ୍ୟାଧର ନାଏକଙ୍କ ଦେହରେ ଅଗ୍ନି ଭୈରବ ଓ ରାମଚନ୍ଦ୍ର ନାଏକଙ୍କ ଦେହରେ ମାଣିକେଶ୍ୱରୀଙ୍କ କାଳିସୀ ଲାଗି ହେଲା ପରେ ଉଭୟେ ନଗର ପରିକ୍ରମା କରିଥିଲେ। ପରେ ଅଗ୍ନି ଭୈରବ ଦେବଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଦିନ ବାହୁକ ବୈଦ୍ୟନାଥ ବାଗଙ୍କ ଦ୍ୱାରା ଜେନା ମରା ପର୍ବ ଅନୁଷ୍ଠିତ ହୋଇଥିଲା । ଏଥି ସହିତ ତାଳବନ୍ଧ ପଡାର ତିନିଦିନିଆ ଦୀପାବଳି ଉତ୍ସବ ଶେଷ ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଥିଲା।

# ଚିତ୍ରଗୁପ୍ତ ଦେବଙ୍କ ପୂଜା ପାଇଁ କଳସ ଯାତ୍ରା

**କୋକସରା,୨୨।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

ଆଞ୍ଚଳିକ କରଣ ସମାଜ ପକ୍ଷରୁ କୋକସରା ବ୍ଲକ ସଦର ମହକୁମା ପଟ୍ଟନାୟକ ପଡାଠାରେ ଗୁରୁବାର ଚିତ୍ରଗୁପ୍ତ ଦେବଙ୍କ ୨୧ତମ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜା କର୍ତ୍ତା ଭାବେ ଅଭିମନ୍ୟୁ ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ପଟ୍ଟନାୟକ ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ଉପେନ୍ଦ୍ର ଦାଶ କାର୍ଯ୍ୟ ନିର୍ବାହ କରୁଛନ୍ତି। ପୂଜା କମିଟି ସଭାପତି ସୁଶାନ୍ତ ପଟ୍ଟନାୟକ, ସମ୍ପାଦକ ପନଙ୍ଗ ନାରାୟଣ ପଟ୍ଟନାୟକ, ଉପସଭାପତି ବିକ୍ରମ ପଟ୍ଟନାୟକ, ସହସମ୍ପାଦକ ପରେଶ ପଟ୍ଟନାୟକ, କୋଷାଧକ୍ଷ ନୀଳାଦ୍ରୀ ମହାନ୍ତିଙ୍କ ସମେତ କରଣ ସମାଜର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। କୋକସରା ପଟ୍ଟନାୟକ ପଡା ପଦ୍ମ ପୋଖରୀରୁ ମହିଳାମାନେ କଳସରେ ପାଣି ଆଣିଥିଲେ। ଏଥିରେ କୋକସରା ଘଣ୍ଟ ଦଳ ଓ ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ।

# କର୍ଲାମୁଣ୍ଡା ବ୍ଲକ୍‌ରେ ବିଡିଓଙ୍କ ଯୋଗଦାନ



ବ୍ଲକ୍ ଅଫିସରେ ବିଡିଓଙ୍କୁ ସ୍ୱାଗତ କରାଯାଉଛି।

**ରିଷିଡ଼ା/କର୍ଲାମୁଣ୍ଡା,୨୨।୧୦ (ସୁଶାନ୍ତ ମଲ୍ଲିକ/ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ସୁଶ୍ରୀ ସୁଚରିତା ମୁଗ୍ରୀ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ସମୟରେ ବ୍ଲକ୍ ଭାଜପା ସଭାପତି ଡୋଳାମଣି ଭୋଇ, ଯୋରାଡବରା ମଣ୍ଡଳ ସଭାପତି ଯତିନ୍ଦ୍ର ସାହୁ, ବିଜେଡିର ବ୍ଲକ ସଭାପତି ଯଶୋବନ୍ତ ସାହୁ, ଯୁଗୋଳ ନାଏକ, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆଙ୍କ ସମେତ ୧୧ ପଞ୍ଚାୟତର ସରପଞ୍ଚ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଜନସାଧାରଣଙ୍କ ସହ ମିଶି ବ୍ଲକ୍‌ର ବିଭିନ୍ନ ସମସ୍ୟା ସମାଧାନ କରିବା ପ୍ରାଥମିକତା ରହିବ ବୋଲି ପ୍ରତିକ୍ରିୟାରେ ବିଡିଓ ମୁଗ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ମୁଗ୍ରୀଙ୍କ କର୍ଲାମୁଣ୍ଡା ବ୍ଲକ୍‌ରେ ନିଯୁକ୍ତିକୁ ବାତିଲ ଦାବିରେ ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଆଦିବାସୀ ସଂଘ ଜିଲା ସଭାପତି ପ୍ରକାଶ ଚନ୍ଦ୍ର ଭୋଇଙ୍କ ସମେତ ବ୍ଲକ୍‌ର ସମିତି ସଭ୍ୟାସଭ୍ୟ ଗତ ୧୩ ତାରିଖରେ ବ୍ଲକ୍ ଅଫିସ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଧାରଣାର ଦ୍ୱିତୀୟ ଦିନରେ ଭବାନୀପାଟଣା ଉପଜିଲାପାଳ ପ୍ରଭାତ ପରିଡ଼ା ଆନ୍ଦୋଳନ କାରୀଙ୍କ ସହ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶଥାଉ କି ସୁଶ୍ରୀ ମୁଗ୍ରୀ ତା୨।୧୦।୨୦୨୨ରୁ ୩।୧।୨୦୨୪ ପର୍ଯ୍ୟନ୍ତ କର୍ଲାମୁଣ୍ଡାର ବିଡିଓ ଭାବେ କାର୍ଯ୍ୟ କରିଥିଲେ।

# ଡିଗ୍ରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ତୁଣ୍ଡଲା,୨୨।୧୦(ଫିରୋଜ କୁମାର ଦାଶ)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପକ ଓ ଛାତ୍ରୀଛାତ୍ର।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ବେଲଖଣ୍ଡି ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଦୁର୍ଯ୍ୟୋଧନ ଦାଶଙ୍କ ତତ୍ତ୍ୱାବଧାନରେ 'ଆରିଷ୍ଟଟଲ: ରାଜନୀତି ବିଜ୍ଞାନର ଜନକ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ଡିଗ୍ରୀ ରିଷିଡା କଲେଜର ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଘନଶ୍ୟାମ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଅଧ୍ୟାପକ ଡ. ମଦନ ମୋହନ ସାହୁ ଓ ଦୁର୍ଯ୍ୟୋଧନ ବିଶୋଇ ଆଲୋଚନଚକ୍ରର ଉଦ୍ଦେଶ୍ୟ ଉପରେ ନିଜ ମତ ରଖିଥିଲେ। ବିଭାଗର ଶେଷବର୍ଷ ଛାତ୍ରୀ ଅଙ୍କିତା ପ୍ରିୟଦର୍ଶିନୀ ଭୋଇ, ଦିତୀୟ ବର୍ଷ ଛାତ୍ରୀ ରେଖା ସାହୁ, ଛାତ୍ର ରଞ୍ଜନ କୁମାର ପଧାନ ସେମିନାର ପେପର ପାଠ କରିଥିଲେ। ଶେଷରେ ବିଭାଗୀୟ ମୁଖ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଞ୍ଜିଗଡରେ ଶେଷହେଲା ମା' ଶ୍ୟାମାକାଳୀ ପୂଜା

**ଲାଞ୍ଜିଗଡ଼,୨୨।୧୦(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ପ୍ରସିଦ୍ଧ ଶ୍ୟାମାକାଳୀ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ଆଶ୍ରମପଡାସ୍ଥିତ ଯୁବଶକ୍ତି ସେବା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଶ୍ୟାମାକାଳୀ ପୂଜା ଚଳିତ ବର୍ଷ ଦଶମ ବର୍ଷରେ ପହଞ୍ଚିଥିଲା। ଗତ ଶୁକ୍ରବାର ଅଧିବାସ ପରେ ଶନିବାର ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ପୂଜାରେ କର୍ତ୍ତା ଭାବେ ଗୋବିନ୍ଦ ରଣା ଓ ତାଙ୍କ ଧର୍ମପତ୍ନୀ ସବିତା ରଣା, ପୂଜକ ଭାବେ ପ୍ରଭାକର ଆଚାର୍ଯ୍ୟ, ଭବାନୀ ଆଚାର୍ଯ୍ୟ, ପୂଜାରୀ ଧର୍ମେନ୍ଦ୍ର ମୁଣ୍ଡା ଦାୟିତ୍ୱ ତୁଲାଇଥିଲେ। ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଦ୍ୱିତୀୟ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ମୁଖ୍ୟବକ୍ତା ଭାବରେ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନରେନ୍ଦ୍ରନାଥ ଦାସ ଓ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧଜ ପେସନିଆ, ଡ. ମାନସ ରଞ୍ଜନ ରଥ, ଲାଞ୍ଜିଗଡ ପ୍ରେସକ୍ଲବ କୋଷାଧ୍ୟକ୍ଷ ପରେଶ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ହାତୀ ଉପଦ୍ରବ, ଧାନ ଫସଲ ଉଜାଡ଼ିଲେ

**ଲାଞ୍ଜିଗଡ଼,୨୨।୧୦(ରମେଶ ଚନ୍ଦ୍ର ନାୟକ)**



ଧାନଫସଲ ନଷ୍ଟ କରିଛନ୍ତି ହାତୀପଲ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ବନଖଣ୍ଡ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ମେଳବାହାଲି ଗାଁ ମାନପଟା ପଡ଼ାରେ ମଙ୍ଗଳବାର ରାତିରେ ହାତୀପଲ ଦଳିଚକଟି ଧାନ ଫସଲ ଉଜାଡି ଦେଇଛନ୍ତି। ସୂଚନାନୁସାରେ ବିଜେପୁର ନିକଟ ସର୍ଗିଗୁଡା ଜଙ୍ଗଲରେ ୫ ଟିକିଆ ହାତୀପଲ ରହିଥିବା ବେଳେ ଗତ ମଙ୍ଗଳବାର ରାତିରେ ମାନପଟା ପଡ଼ାର ହରି ମାଝୀଙ୍କ ୧ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲକୁ ମାଡ଼ି ନଷ୍ଟ କରି ଦେଇଛନ୍ତି। ହରି ଧାରଉଧାର କରି ଚାଷ କରିଥିବାବେଳେ ବର୍ତ୍ତମାନ ଏହା ନଷ୍ଟ ହୋଇଯାଇଥିବାରୁ ପରିବାର ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଏ ନେଇ ବିଜେପୁର ବନପାଳ ପଦ୍ମଲୋଚନ ଶବରଙ୍କୁ ପଚାରିବାରୁ ଏ ସମ୍ପର୍କରେ ଆମକୁ କେହି ଖବର ଦେଇ ନ ଥିଲେ। ସନ୍ଧ୍ୟାବେଳେ ଖବରପାଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ହରି ଜମିପଟ୍ଟା ନେଇ ଅଫିସ ଆସିଲେ ଆବେଦନ କରାଯିବ। ଯାହା କ୍ଷୟକ୍ଷତି ହୋଇଛି ଆକଳନ କଲା ପରେ ସରକାରଙ୍କ ଯାହା ସୁବିଧା ମିଳିବା କଥା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ।

# ଜିଲାସ୍ତରୀୟ ଜାତୀୟ ତମାଖୁମୁକ୍ତ ଅଭିଯାନ

- ୩.୦ ପୋଷ୍ଟର ଉନ୍ମୋଚନ

**ଭବାନୀପାଟଣା,୨୨।୧୦(ଉତ୍ତମ କୁମାର ଦାଶ)**



ତମାଖୁମୁକ୍ତ ଅଭିଯାନ ୩.୦ରେ ପୋଷ୍ଟର ଶୁଭାରମ୍ଭ କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ବୁଧବାର ଜିଲାସ୍ତରୀୟ ଜାତୀୟ ତମାଖୁମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଅଧ୍ୟକ୍ଷତା କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ର ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ସେହିପରି ତମାଖୁ ମୁକ୍ତ ସମାଜ ଓ ଜିଲା ଗଠନ ସମ୍ପର୍କରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ତମାଖୁ ମୁକ୍ତ ଅଭିଯାନକୁ ସଫଳ କରିବାରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଛାତ୍ରୀଛାତ୍ର, ଯୁବପିଢି କିପରି ତମାଖୁ ସେବନରୁ ନିଜକୁ ଦୂରେଇ ରଖିବେ ସେ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଅବକାରୀ, ପୋଲିସ ବିଭାଗ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ତମାଖୁ ଓ ଏହାର କୁପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ। ତମାଖୁ ମୁକ୍ତ ବିଦ୍ୟାଳୟ, ଗ୍ରାମ ଗଠନ ଦିଗରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ପଥପ୍ରାନ୍ତ ନାଟକ, ୱାଲ ପେଣ୍ଟିଂ, ଶୋଭାଯାତ୍ରା, ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର, ସ୍କୁଲ କଲେଜରେ ସଭାସମିତି ଇତ୍ୟାଦି କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମକୁ ଡିପିଏମ୍ ଦିଲୀପ ଦୁବେ ପରିଚାଳନା କରିଥିଲେ। ଏଥିରେ ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକ, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୁପସିଂ ରାଉତ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଯୋଗଦେଇଥିଲେ। ଏହି ଅଭିଯାନ ଆସନ୍ତା ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲିବ।

**ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ**

**ପାଇକମାଳ(ବଡ଼ ଶତପଥୀ):** ପାଇକମାଳ ଥାନା ଛିନ୍ଦେଇକେଲା ଗାଁର ଗଣେଶ ସୋନି(୨୨) ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ରାତିରେ ହରିପ୍ରସାଦ ସୋନି ଓ ତାଙ୍କ ସ୍ତ୍ରୀ କାଳୀପୂଜା ଦେଖିବା ପାଇଁ ଯାଇଥିଲେ। ସେମାନେ ଘରକୁ ଆସିବା ପରେ ତାଙ୍କର ଏକମାତ୍ର ପୁଅ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପାଇକମାଳ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର ହୋଇଛି। ଏ ନେଇ ପାଇକମାଳ ଥାନା ପୋଲିସ ଏକ ମାମଲା(ନଂ.୨୭/୨୫) ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଯୁବକଙ୍କୁ ଛୁରାମାଡ଼ କରି ଟଙ୍କା, ମୋବାଇଲ ଲୁଟ୍

**ବରଗଡ଼,୨୨।୧୦ (ପ୍ରେମାନନ୍ଦ ଖମାରୀ):** ବରଗଡ ସହର ତଥା ଆଖପାଖ ଅଞ୍ଚଳରେ ଦିନକୁଦିନ ଅପରାଧିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ମଙ୍ଗଳବାର ଦିନ ଦ୍ୱିପହରରେ ସ୍ଥାନୀୟ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବରାହଗୋଡା କେନାଲ ଛକ ପାଖରେ ଜଣେ ଶୀତବସ୍ତ୍ର ବ୍ୟବସାୟୀଙ୍କଠାରୁ ଲୁଟ ହୋଇଥିଲା। ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁ ଲୁଟେରାମାନେ ଆଣିଥିବା ସ୍କୁଟି ଛାଡ଼ି ଖସି ପଳାଇଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ବୁଧବାର ଅପରାହ୍ନ ପ୍ରାୟ ୨ଟା ୩୦ମିନିଟରେ ବରଗଡ଼ ସହର ମଧ୍ୟରେ ରହିଥିବା ଗାନ୍ଧୀ ପାର୍କ ସମ୍ମୁଖରେ ସ୍ଥାନୀୟ ଜଣେ ଯୁବକ ସୁରଜ ଦାଶଙ୍କୁ ୩ଜଣ ଦୁର୍ବୃତ୍ତ ଛୁରାମାଡ କରିବା ସହିତ ମୋବାଇଲ ଏବଂ ନଗଦ ୨ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ସୁରଜଙ୍କ ହାତରେ ଗଭୀର ଆଘାତ ଲାଗିଛି। ବରଗଡ଼ ଡାକ୍ତରଖାନାରେ ସେ ଚିକିତ୍ସିତ ହୋଇଛନ୍ତି। ଅନ୍ୟପକ୍ଷରେ ଦୁର୍ବୃତ୍ତମାନେ ଏକ ବାଇକ୍‌ରେ ଫେରାର ହୋଇଯାଇଛନ୍ତି। ଏ ନେଇ ଏତଲା ପାଇବା ପରେ ପୋଲିସ ତଦନ୍ତ ଚଳାଇଛି।

### ଲସ୍ତଲା ଗିରିଗୋବର୍ଦ୍ଧନ ପ୍ରବେଶ ଦ୍ୱାର ତୋରଣ ଉଦ୍‌ଘାଟିତ

**ଅତାବିରା,୨୨।୧୦(ଯୁଧିଷ୍ଠିର ମହାପାତ୍ର):** ଅତାବିରା ନିର୍ବାଚନମଣ୍ଡଳୀର ଲସ୍ତଲା-ସୁକୁଟାପାଲି ରାସ୍ତାରେ ବହୁ ପ୍ରତୀକ୍ଷିତ ନବନିର୍ମିତ ଗିରିଗୋବର୍ଦ୍ଧନ ପ୍ରବେଶ ଦ୍ୱାର ତୋରଣର ମଙ୍ଗଳବାର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଜନତାଙ୍କ ଦୀର୍ଘ ଦିନର ଚାହିଦା ପୂରଣ ହେବା ସହ ଏହି ରାସ୍ତା ଏବେ ଆଗାମୀ ଦିନରେ ଯାତାୟାତ ଓ ବ୍ୟବସାୟିକ ଉନ୍ନତିରେ ନୂଆ ଦିଗ ଖୋଲିବ ବୋଲି ମୁଖ୍ୟ ଅତିଥି ଭାବେ ଅତାବିରା ବିଧାୟକ ଯୋଗ ଦେଇ ଉପସ୍ଥିତ ଗ୍ରାମବାସୀଙ୍କୁ କହିଥିଲେ।

### ଜିଲାପାଳ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଆତ୍ମାହୁତି ଧମକ

**ବରଗଡ଼,୨୨।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଜଣେ ମହିଳାଙ୍କ ଆତ୍ମାହୁତି ଧମକ ଚର୍ଚ୍ଚାର ବିଷୟ ହୋଇଛି। ମହିଳା ଜଣକ ଭଟଲି ବ୍ଲକ ଚଢେଇଗାଁ ଗ୍ରାମର ସୁବାଷିନୀ ଦାଶ ବୋଲି ଜଣାପଡ଼ିଛି। ସମ୍ପୃକ୍ତ ମହିଳାଙ୍କ ଶ୍ୱଶୁର ଘର ଜମି ଉପରେ ତାଙ୍କୁ ନ ଜଣାଇ କୁଟୀରଶିଳ୍ପ ନିର୍ମାଣ କରାଯାଇଛି। ଏ ନେଇ ସେ ବାରମ୍ବାର ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କଠାରୁ ଆରମ୍ଭ କରି ତହସିଲଦାରଙ୍କ କାର୍ଯ୍ୟାଳୟକୁ ଧାଁ ଧପଡ଼ ହୋଇ ଅଭିଯୋଗ କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀମାନେ କିଛି ପଦକ୍ଷେପ ନେବା ବଦଳରେ କେବଳ ଦିନ ଗଡ଼ାଇ ଚାଲିଛନ୍ତି ବୋଲି ସୁବାଷିନୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେ କିରୋସିନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ଏବଂ ନ୍ୟାୟ ଦାବି କରିଥିଲେ। ନ୍ୟାୟ ନ ମିଳିଲେ ସେ ଆତ୍ମାହୁତି ଦେବେ ବୋଲି ଧମକ ଦେଇଥିଲେ। ଖବର ପାଇ ସ୍ଥାନୀୟ ଟାଉନ ଥାନା ପୋଲିସ ପହଞ୍ଚିଥିଲା ଏବଂ ମହିଳା ଜଣଙ୍କୁ ବୁଝାଶୁଝା କରି ଥାନାକୁ ନେଇ ଯାଇଥିଲା।

# ଦେବୀଙ୍କ ଜମିର ଧାନବିକ୍ରିକୁ ପଞ୍ଜୀକରଣ ଅଡୁଆ



ସମଲେଶ୍ୱରୀ ଦେବୀଙ୍କ ନାମରେ ରହିଥିବା ଜମିର ଧାନବିକ୍ରି ଅନୁମତି ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ।

**ବରଗଡ଼,୨୨।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଖରିଫ୍ ଧାନ ଫସଲ ପ୍ରାୟତଃ ଅମଳକ୍ଷମ ଅବସ୍ଥାକୁ ଆସିଲାଣି। କାଁ ଭାଁ କେତେକ ସ୍ଥାନରେ ଅମଳ କାର୍ଯ୍ୟ ମଧ୍ୟ ଚାଷୀମାନେ ଆରମ୍ଭ କରି ଦେଲେଣି। କିନ୍ତୁ ବରଗଡ଼ ବ୍ଲକ ଅନ୍ତର୍ଗତ ଅଡ଼ଗାଁ ଗ୍ରାମରେ ସମଲେଶ୍ୱରୀ ଦେବୀ ବିଜେ ନିଜଗାଁ ମାର୍ଫତ ଇଣ୍ଟରିମ୍ ଟ୍ରଷ୍ଟବୋର୍ଡ଼ ନାମରେ ରହିଥିବା ଦେବୀଙ୍କ ଜମିରୁ ଅମଳ ଧାନବିକ୍ରି ପାଇଁ ଏପର୍ଯ୍ୟନ୍ତ ପଞ୍ଜୀକରଣ ହୋଇ ପାରି ନାହିଁ। ଏହାକୁ ନେଇ ସ୍ଥାନୀୟ ସମଲେଶ୍ୱରୀ ଦେବୀ ଟ୍ରଷ୍ଟବୋର୍ଡ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଏହି ଜମିରୁ ଅମଳ ଧାନ ବିକ୍ରି ଚିନ୍ତା ବଢ଼ି ଯାଇଛି। ଏ ନେଇ ବୁଧବାର ଟ୍ରଷ୍ଟବୋର୍ଡ଼ର ସଦସ୍ୟ ତଥା ଗ୍ରାମବାସୀ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ସହିତ ଧାନବିକ୍ରି ପଞ୍ଜୀକରଣ କରିବା ପାଇଁ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ସମଲେଶ୍ୱରୀ ଦେବୀଙ୍କ ନାମରେ ୩୮ଏକର ୩୩ ଡେସିମିଲ ଜମି ରହିଛି। ବହୁବର୍ଷ ହେଲା ଟ୍ରଷ୍ଟବୋର୍ଡ ଉକ୍ତ ଜମିରେ ଧାନଚାଷ କରିବା ସହିତ ଧାନବିକ୍ରି ପାଇଁ ପଞ୍ଜୀକରଣ ତଥା ପରିଚୟ ପତ୍ର କରି ଆସୁଛି। ସେହି ବିକ୍ରିଧାନ ବାବଦକୁ ମିଳୁଥିବା ଟଙ୍କାରେ ମନ୍ଦିରର ଦୈନିକ ପୂଜାକାର୍ଯ୍ୟ, ରକ୍ଷଣାବେକ୍ଷଣ ଏବଂ ନିର୍ମାଣ କାର୍ଯ୍ୟ ସମ୍ପାଦନ ହୋଇ ଆସୁଛି। କିନ୍ତୁ ଏଥର ପଞ୍ଜୀକରଣ ପାଇଁ ଆବଶ୍ୟକ କାଗଜାତ୍ ନିର୍ଦ୍ଧାରିତ ସମୟରେ ବିଭାଗୀୟ ଅଧିକାରୀଙ୍କଠାରେ ଦାଖଲ କରିଥିଲେ ସୁଦ୍ଧା ଉକ୍ତ ଜମିର ଧାନ ବିକ୍ରି ପାଇଁ ପଞ୍ଜୀକରଣ ହୋଇପାରି ନାହିଁ। ଅନ୍ୟପଟେ ସେଥିପାଇଁ କହିଲେ ବିଭାଗୀୟ ଅଧିକାରୀମାନେ ରୋକଟୋକ୍ ମନା କରି ଦେଉଥିବା ଅଭିଯୋଗ ହୋଇଛି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ଉକ୍ତ ଜମିରୁ ଅମଳ ଧାନକୁ ସରକାରଙ୍କ ନିର୍ଦ୍ଧାରିତ ଦରରେ ବିକ୍ରି ପାଇଁ ଅନୁମତି ଦେବା ତଥା ସେଥିପାଇଁ ବ୍ୟବସ୍ଥା କରିବାକୁ ଟ୍ରଷ୍ଟବୋର୍ଡ଼ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ସ୍ମାରକପତ୍ରରେ ହେମନ୍ତ ରଣା, ଅଲେଖ ଭୁଏ, ଦେବାର୍ଚ୍ଚନ ଭୋଇ, ନାରାୟଣ ଭୁଏ, ଲକ୍ଷ୍ମଣ ବାଗ, ଶାନ୍ତନୁ ସାହୁ, ଆନନ୍ଦ ପ୍ରଧାନ, ବନମାଳୀ ପ୍ରଧାନ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

## ଗୋଡ଼ଭଗା-ଡୁରୁମ୍ ରାସ୍ତା ପ୍ରଶସ୍ତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

**ଗୋଡଭଗା,୨୨।୧୦(ସୁରେଶ ଦାଶ)**

ଗୋଡ଼ଭଗାରୁ ଡୁରୁମ୍ ରାସ୍ତାର ଡାଳବ ପର୍ଯ୍ୟନ୍ତ ୨୦ କିମି ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଥିଲା। ଅତାବିରା ନିର୍ବାଚନ ମଣ୍ଡଳୀର ବିଧାୟକ ନୀହାର ମହାନନ୍ଦ ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଜନସାଧାରଣ, ଦୁର୍ଗାପୂଜା କମିଟିର କୁଳମଣି ପ୍ରଧାନ, ରାମକୃଷ୍ଣ ଅଗ୍ରୱାଲ, ଅନିରୁଦ୍ଧ ଖମାରୀ ଓ ଗୋଡ଼ଭଗା ନାଗରିକ କମିଟିର ସଭାପତି ସୁରେଶ ଦାଶ, ଲାୟନ୍ସ କ୍ଲବର ଡ. ଚିତ୍ତରଞ୍ଜନ ଜେନା, ଦେବବ୍ରତ ରଥ, ବଜରଙ୍ଗ ଦଳର କର୍ମକର୍ତ୍ତା, ବରଗଡ଼ ପୂର୍ତ୍ତ ବିଭାଗର ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର, ସ୍ଥାନୀୟ ପୋଲିସ ପ୍ରଶାସନ ଉପସ୍ଥିତ ଥିଲେ। ଅଞ୍ଚଳର ବରିଷ୍ଠ ନାଗରିକ ତଥା ସାମାଜିକ କର୍ମୀ ନାରାୟଣ ଭୋଇ ଓ କୃଷ୍ଣଚନ୍ଦ୍ର ନନ୍ଦ ରାସ୍ତା ପ୍ରଶସ୍ତୀକରଣରେ ବିସ୍ଥାପିତ ହେବାକୁଥିବା କେନାଲ ହୁଡ଼ାରେ ବସବାସପୂର୍ବକ ଛୋଟମୋଟ ବେପାର କରି ଗୁଜରାଣ ମେଣ୍ଟାଉଥିବା ଲୋକଙ୍କ ଥଇଥାନ ତଥା କ୍ଷତିପୂରଣ ପାଇଁ ବିଧାୟକ ମହାନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାରଙ୍କ ସହ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନେବାକୁ ବିଧାୟକ କହିଥିଲେ। ବିଧାୟକଙ୍କ ସହ ଆଲୋଚନା ସମୟରେ ଉଦୀୟମାନ ଯୁବନେତା ତଥା ଓଡ଼ିଶା କୃଷକ ରାଜ୍ୟ ସଂଯୋଜକ ମଧୁସୂଦନ ଶର୍ମା ଉପସ୍ଥିତ ଥିଲେ।

## କାରିଗରଙ୍କୁ ପାରିଶ୍ରମିକ ଟଙ୍କା ମିଳି ନଥିବା ଅଭିଯୋଗ

**ବରଗଡ଼ ଧନୁଯାତ୍ରା**

**ବରଗଡ଼,୨୨।୧୦(ପ୍ରେମାନନ୍ଦ ଖମାରୀ)**



ଜିଲାପାଳଙ୍କୁ ଫେରାଦ ହୋଇଥିବା ତୈଳଚିତ୍ର କାରିଗରବୃନ୍ଦ।

ଆଉ ମାତ୍ର ୨ ମାସ ପରେ ବୃହତ୍ ମୁକ୍ତାକାଶ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବ। କିନ୍ତୁ ଗତ ଧନୁଯାତ୍ରା ସମୟରେ ସୌନ୍ଦର୍ଯ୍ୟକରଣ ପାଇଁ ସହରସ୍ଥିତ ବିଭିନ୍ନ କାନ୍ଥରେ ତୈଳଚିତ୍ର ଆଙ୍କିଥିବା କାରିଗରଙ୍କୁ ଏପର୍ଯ୍ୟନ୍ତ ସେମାନଙ୍କ ପ୍ରାପ୍ୟ ପାରିଶ୍ରମିକ ରାଶି ମିଳି ନ ଥିବା ଅଭିଯୋଗ ହୋଇଛି। ଏ ନେଇ କାରିଗରମାନେ ବୁଧବାର ଜିଲାପାଳ କାର୍ଯ୍ୟାଳୟକୁ ଆସିଥିଲେ ଏବଂ ସେମାନଙ୍କ ପ୍ରାପ୍ୟ ରାଶି ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଉକ୍ତ ସ୍ମାରକପତ୍ର ଗ୍ରହଣ କରିଥିଲେ।

ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଗତ ଧନୁଯାତ୍ରା ସମୟରେ ସହରସ୍ଥିତ ବିଭିନ୍ନ କାନ୍ଥରେ ତୈଳଚିତ୍ର ଆଙ୍କିବା ପାଇଁ ପୌର ପରିଷଦ ସେମାନଙ୍କୁ ଦାୟିତ୍ୱ ଦେଇଥିଲା। ସେହି ଦୃଷ୍ଟିରୁ ସେମାନେ କାନ୍ଥବାଡ଼ରେ ବିଭିନ୍ନ ଚିତ୍ର ଆଙ୍କିଥିଲେ। ସେଥିରେ ବ୍ୟବହାର ହୋଇଥିବା ରଙ୍ଗ ଆଦି ଜିନିଷକୁ ସେମାନେ ଧାର ଉଧାର କରି କିଣିଥିବା କହିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କ ପ୍ରାପ୍ୟ ରାଶି ୧୫ ଲକ୍ଷ ୫୦ ହଜାର ଟଙ୍କା ମିଳିପାରିନାହିଁ। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କିଛି ପଦକ୍ଷେପ ନେଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଶେଷଦେବ ମେହେର, ସରୋଜ ବାଗ୍, ତ୍ରିଲୋଚନ ସାହୁଙ୍କ ସମେତ ଅନ୍ୟ କାରିଗରମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଆସିଥିଲେ।

## ପରିବାରକୁ କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଫେରାଦ

**ଭୀମସେନ ହତ୍ୟା ମାମଲା**

**ବରଗଡ଼,୨୨।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପାଣ୍ଡିଛତର-ଜମୁର୍ଡ଼ା ରାସ୍ତାରେ ଗତ ୧୪ତାରିଖ ସଂଘଟିତ ଭୀମସେନ ବିଶ୍ୱାଳ ହତ୍ୟା ମାମଲାର ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରି ସାରିଛି। ବିଚ୍ ରାସ୍ତାରେ ଘଟିଥିବା ଏହି ହତ୍ୟାକାଣ୍ଡକୁ ନେଇ ଏବେ ମଧ୍ୟ ଅଞ୍ଚଳରେ ଚାପା ଅସନ୍ତୋଷ ଲାଗି ରହିଛି। ମୃତକଙ୍କ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ, ଅଭିଯୁକ୍ତମାନଙ୍କୁ ଫାଶୀଦଣ୍ଡ ଆଦି ଦାବି ନେଇ ବୁଧବାର ବାବା ବିଶ୍ୱକର୍ମା ଅପରେଟର ମହାସଂଘ ପକ୍ଷରୁ ବରଗଡ଼ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଦାବିପତ୍ର ଗ୍ରହଣ କରିଥିଲେ। ବାବା ବିଶ୍ୱକର୍ମା ଅପରେଟର ମହାସଂଘର ସଭାପତି ଧିରେନ ମହନ୍ତ, ସମ୍ପାଦକ ବିରଞ୍ଚି ଗିରିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ।

## ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ



ଅଭିଯୋଗ ଶୁଣାଣି ଚାଲିଛି।

**ବରପାଲି,୨୨।୧୦(ଚିତ୍ତରଞ୍ଜନ ସାହୁ)**

ବରପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ସିଡିଏମ୍ ଓ କୁବେର ମହନ୍ତ ବରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ୍ତ କୁମ୍ଭାର,ଏସ୍‌ଡିପିଓ ପରାରବିନ୍ଦ ତ୍ରିପାଠୀ ବରପାଲି ପ୍ରଶାସନିକ ଅଧିକାରୀ ତହସିଲଦାର, ବିଡିଓ, କୃଷି ଅଧିକାରୀ, ବିଦ୍ୟୁତ୍ ବିଭାଗ, ପୋଲିସ ଅଧିକାରୀ, ଏନ୍‌ଏସି, ଇଓ, ବିଇଓ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ସମୁଦାୟ ୪୩ ଗୋଟି ଅଭିଯୋଗ ମଧ୍ୟରୁ ୩୩ ବ୍ୟକ୍ତିଗତ, ୧୦ ସାମୁହିକ ଅଭିଯୋଗ ରହିଥିଲା। ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ପରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ବରପାଲି ସହରର ମୁଖ୍ୟ ରାସ୍ତା ଗୁଡ଼ିକ ବୁଲି ଦେଖିଥିଲେ।

## ଲରମ୍ବା ପାକ୍ସ ପୂର୍ବତନ ସହ ସମ୍ପାଦକ ଦମ୍ପତିଙ୍କ ଧାରଣା

**ଅତାବିରା, ୨୨।୧୦(ଯୁଧିଷ୍ଠିର ମହାପାତ୍ର)**



ଲରମ୍ବା ପାକ୍ସ ପୂର୍ବତନ ସହସମ୍ପାଦକ ଦମ୍ପତି ନ୍ୟାୟ ଦାବିରେ ଧାରଣାରେ ବସିଛନ୍ତି।

ଅତାବିରା ବ୍ଲକ୍ ଲରମ୍ବା ପ୍ରାଥମିକ କୃଷି ସମବାୟ ସମିତି ଲିଃ(ପାକ୍ସ)ର ପୂର୍ବତନ ସହକାରୀ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ତାଙ୍କ ଉପରେ ଅନ୍ୟାୟ ଏବଂ ଲରମ୍ବା ପାକ୍ସରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ଉଭୟ ଦମ୍ପତି ବୁଧବାର ଲରମ୍ବା ପ୍ରାଥମିକ କୃଷି ସମବାୟ ସମିତି ବାରଣ୍ଡାରେ ଧାରଣାରେ ବସିଛନ୍ତି। ୧୯୬୯ ଜୁନ୍ ୧୬ରୁ ୨୦୧୧ ମାର୍ଚ୍ଚ ୩୧ ଯାଏ ପଣ୍ଡା ସହକାରୀ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ୧୯୭୪ରୁ ବର୍ତ୍ତମାନ ଯାଏ ବିଭିନ୍ନ ସମୟରେ ସମିତି ତାଙ୍କ ଉପରେ ବେଆଇନ କାର୍ଯ୍ୟାନୁଷ୍ଠାନ ଦେଇ ପାରିବାରିକ, ସାମାଜିକ, ଆର୍ଥିକ, ଶାରୀରିକ, ବଳପୂର୍ବକ ଆକ୍ରୋଶମୂଳକ ଭାବେ ନିର୍ଯାତନା ଦେଇଆସିଛି। ଶ୍ରମ ଅଦାଲତ ମକଦ୍ଦମା ଉପରେ ଓଡ଼ିଶା ଉଚ୍ଚତମ ନ୍ୟାୟାଳୟ ମକଦ୍ଦମା ନଂ. ୧୦୬୬/୧୯୭୭ ଉପରେ ୧୫।୯।୧୯୮୧ ଅନୁସାରେ ପଣ୍ଡାଙ୍କୁ ୨୦।୫।୧୯୮୨ରେ ପୁନଃ ଲରମ୍ବା ପାକ୍ସରେ ନିଯୁକ୍ତ କରି ବକେୟା ଦରମା ପ୍ରଦାନ କରିବାକୁ ରାୟ ପ୍ରକାଶ ପାଇଥିଲା। ଏହାସତ୍ତ୍ୱେ ଲରମ୍ବା ପାକ୍ସ ପୂର୍ବତନ ସହସମ୍ପାଦକ ପଣ୍ଡାଙ୍କ ବକେୟା ଦରମାକୁ ସମିତି ପକ୍ଷରୁ ସେଟେଲମେଣ୍ଟ କରିଦେବା ଏବଂ ନୂତନ ସ୍କେଲ୍ ଅନୁସାରେ ଦରମା ଦିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ସେ ଗତ ସେପ୍ଟେମ୍ବର ୧ରେ ଲରମ୍ବା ସଭାପତିଙ୍କ ସମେତ ଭୁବନେଶ୍ୱର ସମବାୟ ସମିତି ସମୂହ ନିବନ୍ଧକ, କମିଶନର ପ୍ରମୁଖ ଅଧିକାରୀଙ୍କୁ ୭ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଗତ ସେପ୍ଟେମ୍ବର ୩୦ରେ ପୁନଃ ଏକ ପତ୍ର ସମ୍ପୃକ୍ତ ସମସ୍ତ ପ୍ରଶାସନିକ ଅଧିକାରୀ ଏବଂ ଖବରଦାତା ସମୂହଙ୍କୁ ୨୨ ତାରିଖରେ ଧାରଣା ଦେବାକୁ ପଠାଇଥିଲେ। ବୁଧବାର ସ୍ତ୍ରୀ ତରଙ୍ଗିଣୀ ପଣ୍ଡାଙ୍କ ସହ ସନ୍ତୋଷ ପଣ୍ଡା ଲରମ୍ବା ପ୍ରାଥମିକ କୃଷି ସମବାୟ ସମିତି ବାରଣ୍ଡାରେ ଧାରଣାରେ ବସିଥିଲେ । ଏହି ଧାରଣାକୁ ଲରମ୍ବା ବରିଷ୍ଠ ନାଗରିକ ସଂଘ ସଭାପତି ଚିତ୍ତରଞ୍ଜନ ପଣ୍ଡା, ସମ୍ପାଦକ ଗୌତମ ରଣା, ସଭ୍ୟ-ଲିଙ୍ଗରାଜ ପଧାନ, ପ୍ରସନ୍ନ ପଣ୍ଡା, କୃଷ୍ଣଚନ୍ଦ୍ର ବାରିକ, ନୀଳାଞ୍ଚଳ ସାହୁ, ସୁଶୀଲ ମାହାକୁର, ନିର୍ମଳ ନନ୍ଦ ପ୍ରମୁଖ ସମର୍ଥନ କରିଥିଲେ। ସନ୍ଧ୍ୟା ସାଢେ ୭ଟାରେ ବରଗଡ଼ ସମବାୟ ଉପନିବନ୍ଧକ ଯୁଗଳ ଦାଶ ଏବଂ ଅତିରିକ୍ତ ସମବାୟ ଉପନିବନ୍ଧକ ରାଧାକୃଷ୍ଣ ମେହେର ଧାରଣାସ୍ଥଳରେ ପହଞ୍ଚି ଦମ୍ପତିଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଲରମ୍ବା ପାକ୍ସ ସମ୍ପାଦକ ତୋଫାନ ଭୋଇ ମଧ୍ୟ ଉପସ୍ଥିତ ଥିଲେ। ଏକମାସ ଭିତରେ ଯାଞ୍ଚ କରି ତାଙ୍କ ପ୍ରାପ୍ୟ ମିଳିବାର ଥିଲେ ତାଙ୍କୁ ପ୍ରଦାନ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ଦମ୍ପତି ଧାରଣା ସ୍ଥଗିତ ରଖିଥିଲେ । ଏକମାସ ପରେ ପଦକ୍ଷେପ ନ ନେଲେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ପଣ୍ଡା କହିଛନ୍ତି।

## ହିଡ଼ ଭାଙ୍ଗିଲେ ଦୁର୍ବୃତ୍ତ, ଚାଷ ଜମିକୁ ଭାସିଗଲେ ମାଛ

**ଭେଡେନ,୨୨।୧୦(ହୃଷିକେଶ ଖମାରୀ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟଲି ପଞ୍ଚାୟତ ଉଦେପୁର ଗ୍ରାମର ମାଁ ତାରିଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସ୍ଥାନୀୟ ପୋଖରୀକୁ ମାଛ ଚାଷ ପାଇଁ ନିଲାମରେ ନେଇଥିଲେ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପୋଖରୀରେ ମାଛ ଚାଷ କରିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପୋଖରୀ ହିଡ଼ ଭାଙ୍ଗି ଦେଇଛନ୍ତି । ଫଳରେ ପାଣି ସହ ମାଛମାନେ ନିକଟସ୍ଥ ଚାଷଜମି ପଟକୁ ଭାସି ଯାଇଛନ୍ତି। ଏଭଳି ସ୍ଥିତିରେ ସମ୍ପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କ୍ଷତିଗ୍ରସ୍ତ ହେବା ସହ ନିଲାମ ଟଙ୍କା କିପରି ପରିଶୋଧ କରିବେ, ସେ ନେଇ ଚିନ୍ତିତ ହୋଇ ପଡିଛନ୍ତି। ସ୍ଥାନୀୟ ସରପଞ୍ଚ ତୋଷବନ୍ତ ସାହୁ, ଭେଡେନ ବିଡ଼ିଓ କର୍ଣ୍ଣ ସୁନାଙ୍କ ନିକଟକୁ ଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ବୁଧବାର ସେ ନେଇ ଅଭିଯୋଗ କରିଛନ୍ତି । ବିଡିଓ କର୍ଣ୍ଣ ସୁନା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ଥାନାରେ ଏତଲା ଦେବା ପାଇଁ ପରାମର୍ଶ ଦେବା ସହ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଯଶୋଦା ଝାଙ୍କର, ସମ୍ପାଦିକା ସୁଜାତା ଦନ୍ତା, ଅନୁପମା ଦନ୍ତା, ରାଶେଶ୍ୱରୀ ଦନ୍ତା ପ୍ରଶନ୍ନା ଝାଙ୍କର, ସ୍ୱାନ୍ତନା ଦନ୍ତା । ରାଧା ବେହେରା ସମେତ ଅନ୍ୟାନ୍ୟ ସଦସ୍ୟାମାନେ ବିଡିଓଙ୍କ ନିକଟକୁ ଯାଇ ଅଭିଯୋଗ କରିଥିଲେ।

## ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ସମ୍ଭବ ଉଦ୍‌ଘାଟିତ

**ପଦ୍ମପୁର,୨୨।୧୦(ପ୍ରଦୀପ୍ତ ଦାଶ)**



ପ୍ରଶିକ୍ଷଣ ଶିବିରରେ ଆଲୋଚନା କରାଯାଉଛି।

ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦମପୁରରେ ଜିଲାସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ଶୁଭ ଉଦ୍‌ଘାଟନ ହୋଇଯାଇଛି। ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଇଓ ଲୋକନାଥ ଭୋଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ରାଜବୋରାସମ୍ବର ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରାଲମ୍ବ ପଟେଲ, ପ୍ରଶିକ୍ଷକ ଝାରବନ୍ଧ ବିଇଓ ଶୁଭମ ପତି, ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ବରଗଡ଼ର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା, ପୁରୁଷୋତ୍ତମ ହାଇସ୍କୁଲ ରୁଚିଦାର ପ୍ରଧାନଶିକ୍ଷକ ଅଜୟ କୁମାର ମେହେର, ତୋରା ହାଇସ୍କୁଲର ପ୍ରଧାନଶିକ୍ଷକ ସଙ୍ଗୀତା ମିଶ୍ର, ପଣ୍ଡକିପାଲି ହାଇସ୍କୁଲର ଶିକ୍ଷକ ପୁସ୍ତମ ବିଶି ଯୋଗ ଦେଇଥିଲେ।

**ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ, ଉଦ୍ଦେଶ୍ୟ ନେଇ ଆଲୋଚନା**

ଏହି ପ୍ରଶିକ୍ଷଣ ଶିବିରରେ ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ମାନ ନିର୍ଦ୍ଧାରଣ, ନେତୃତ୍ୱ ବିକାଶ, ସାମାଜିକ, ଆବେଗିକ ଓ ନୈତିକ ବିକାଶ, ଅନ୍ତର୍ନିବେଶୀ ଶିକ୍ଷା ଓ ସମତା, ଶିକ୍ଷାରେ ସୂଚନାଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ସାଇବର ସୁରକ୍ଷା, ବିଦ୍ୟାଳୟ ଓ ଆର୍ଥିକ ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ପର୍କ, ଉପସ୍ଥାପନ ଅବଧାରଣ ବୃଦ୍ଧି ଓ ପାଠ ତ୍ୟାଗୀର ନିରାକରଣ, ଧନ୍ଦାମୂଳକ ଶିକ୍ଷା, ବିଦ୍ୟାଳୟ ବିକାଶ ଯୋଜନା ଆଦି ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରାଯାଇ ମାଧ୍ୟମିକ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କରାଯିବାର କାର୍ଯ୍ୟକ୍ରମ ରହିଛି। ଶିକ୍ଷକ ମାନସ ଶତପଥୀ ସଭା କାର୍ଯ୍ୟ ପରିଚାଳନା କରିବା ସହ ବିଜ୍ଞାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉ କି, ଏହି ପ୍ରଶିକ୍ଷଣ ଶିବିରରେ ଗାଇସିଲେଟ ବ୍ଲକ, ରାଜବୋରାସମ୍ବର, ଝାରବନ୍ଧ ଓ ପାଇକମାଳ ବ୍ଲକର ସମସ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ।

## ନାଟ୍ୟକାର ପନିକା ଡନସନାଙ୍କ ପୁସ୍ତକ ଉନ୍ମୋଚିତ

**ଅତାବିରା,୨୨।୧୦(ଯୁଧିଷ୍ଠିର ମହାପାତ୍ର)**



ସ୍ୱର୍ଗତ ଆଶୁ କବି ପନିକା ଡନସନାଙ୍କ ପୁସ୍ତକକୁ ପଦ୍ମଶ୍ରୀ ହଳଧର ନାଗ ଉନ୍ମୋଚନ କରୁଛନ୍ତି।

ଅତାବିରା ବ୍ଲକ ଅନ୍ତର୍ଗତ ଜାଙ୍ଗେଡ ଗ୍ରାମର ସ୍ୱର୍ଗତ ଆଶୁ କବି ତଥା ନାଟ୍ୟକାର ପନିକା ଡନସନାଙ୍କ ରବିବାର କାବ୍ୟ କବିତା ଚଉତିଶା ଜଣାଣକୁ ନେଇ ରଚିତ ପୁସ୍ତକ 'ହଜ'ଲା ଧନ'କେ ଖୁଜଲା ମନ' ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ସଭାପତି ଭାବେ ଆଞ୍ଚଳିକ ସାହିତ୍ୟ ପରିଷଦ ଅତାବିରାର ନାଟ୍ୟକାର ମନୋଜ ଭୋଇ, ମୁଖ୍ୟ ଅତିଥି ଲୋକ କବି ରତ୍ନ ପଦ୍ମଶ୍ରୀ ଡ. ହଳଧର ନାଗ, ସମ୍ମାନିତ ଅତିଥି ଚଳଚ୍ଚିତ୍ର ଅଭିନେତ୍ରୀ ଡ. ତପସ୍ୱିନୀ ଗୁରୁ, ରାଜ୍ୟପାଳ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଧର୍ମରାଜ ପ୍ରଧାନ, ମୁଖ୍ୟବକ୍ତା ଭାବେ ଭାଷା ସାହିତ୍ୟ ଗବେଷକ ତଥା ସଙ୍ଗଠକ ଉତ୍ପନ୍ନ କୁମାର ଭୋଇ, ସମୀକ୍ଷକ ଭାବେ ଭାଷା ସାହିତ୍ୟ ଗବେଷକ ତଥା ସଙ୍ଗଠକ ମୋହନ ସାହୁ, ସହ ସମୀକ୍ଷକ ଅଧ୍ୟାପକ ତଥା ଗବେଷକ ଲୋକ ସାହିତ୍ୟ ଡ. ଅଜିତ କୁମାର ନାଥ ପ୍ରମୁଖ ଯୋଗ ସମ୍ବଲପୁରୀ/କୋଶଲି ଭାଷା ସାହିତ୍ୟ ପାଇଁ ଏକ ଐତିହାସିକ ଦିନ ହୋଇ ରହିବ ଏବଂ ସମ୍ବଲପୁରୀ ସାହିତ୍ୟର ଇତିହାସରେ ପନିକା ଡନସନାଙ୍କ ନାମ ଚିରଦିନ ପାଇଁ ରହିବ ବୋଲି କହିଥିଲେ ମତ ପ୍ରକାଶ କରିଥିଲେ। ପନିକା ଡନସନାଙ୍କ ପ୍ରତିମୂର୍ତ୍ତି ତିଆରି କରିଥିବା କାରିଗର ଅମୂଲ୍ୟ କୁମାର ଭୋଇ (କପାସିରା, ବରଗଡ଼)ଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏହିପରି ନିଆରା କାର୍ଯ୍ୟକୁ ଅତି ଆଦର ସହକାରେ କରିଥିବାରୁ ପନିକା ଡନସନାଙ୍କ ପୁତ୍ର ପଞ୍ଚମ ଡନସନାଙ୍କ ସପରିବାରଙ୍କୁ ଆଞ୍ଚଳିକ ସାହିତ୍ୟ ପରିଷଦ ଅତାବିରା ତରଫରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ସାହିତ୍ୟ ପରିଷଦ ଅତାବିରାର ଉପଦେଷ୍ଟା ଶିକ୍ଷାବିତ ତଥା ସାମ୍ବାଦିକ କୈଳାସ ମହାରଣା, ଯୁବ ସାହିତ୍ୟିକ କବି କିଶୋର ଚନ୍ଦ୍ର ପାତ୍ର, ଶିକ୍ଷକ ତଥା ସାମାଜିକ କର୍ମୀ ଅମୃତ ବାରିକ, ବରିଷ୍ଠ କବି ବୁଧୁ ମାଝୀ, ସଞ୍ଜୁ ପ୍ରଧାନ, ଯୁବକବି ତଥା ସାମ୍ବାଦିକ ଦୁର୍ଲଭ ଗଡ଼ତିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ କବିତା ଆସରରେ ବିଶିଷ୍ଟ ସାହିତ୍ୟିକ ତଥା କବି କମଳ ଲୋଚନ ପଣ୍ଡା, ଧର୍ମରାଜ ପ୍ରଧାନ, ବୁଧୁ ମାଝୀ, ଆଞ୍ଚଳିକ ସାହିତ୍ୟ ପରିଷଦର ସଭାପତି ଦଶରଥ ଭୋଇ, କିଶୋର ଚନ୍ଦ୍ର ପାତ୍ର ନିଜସ୍ୱ କବିତା ପାଠ କରି ଦର୍ଶକମାନଙ୍କ ମନକୁ ଜିଣି ନେଇଥିଲେ। ନାଟ୍ୟକାର ପ୍ରହ୍ଲାଦ ସେଠ, ଔପନ୍ୟାସିକ ତେଜରୁ ବାରିକ, କବି ତଥା ସମାଜସେବୀ ଉମେଶ ପ୍ରଧାନ, ଲକ୍ଷଣ ମଲ୍ଲିକ, ମୋହନ ମହାନନ୍ଦ, ସମ୍ବଲପୁରୀ ଗୁଛା ଅମାପାଲିର ଭାଷା ସାହିତ୍ୟର ପ୍ରଚାରକ ଯୁବକବି ମାନସ ରଞ୍ଜନ ଦାଶ ବହି ପସରା ଆଣିବା ସହ ଆଖ ପାଖ ଅଞ୍ଚଳରୁ ବହୁ ଭାଷା ପ୍ରେମୀ ସାହିତ୍ୟିକ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷକ ସୁଦାମ ଭୁଏଙ୍କ ପରିଚାଳନାରେ ଜାଙ୍ଗେଡ ଗ୍ରାମର କୁନିକୁନି ଛାତ୍ରୀଛାତ୍ରମାନେ ସ୍ୱର୍ଗତ ଆଶୁ କବି ତଥା ନାଟ୍ୟକାର ପନିକା ଡନସନାଙ୍କ ଭଜନ ତଥା ସଂଗୀତରେ ଅତି ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ସମସ୍ତଙ୍କୁ ମାନପତ୍ର ଏବଂ ମୋମେଣ୍ଟୋ ଦେଇ ସମ୍ମାନିତ କରାଯାଇଥିଲା।

## ସଂକ୍ଷେପରେ

### ଦ୍ରୁତଗତି ବାଇକ୍‌ରେ ଫୁଟାଉଥିଲେ ବାଣ: ପୋଲିସ ହାତରେ ଧରାପଡ଼ିଲେ ଯୁବକ

**ରାଉରକେଲା, ୨୨।୧୦(ସଙ୍ଗୀତା ଜେନା):** ମଙ୍ଗଳବାର ରାଉରକେଲାରେ ଏକ ଜନଗହଳିପୂର୍ଣ୍ଣ ସଡ଼କରେ ଜଣେ ଯୁବକ ବିପଦଜନକ ଭାବେ ସ୍ପିଡ ବାଇକିଂ କରିବା ସହ ଏଥିରେ ବାଣ ଫୁଟାଉଥିବା ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ହେଲେ ୨୪ ଘଣ୍ଟା ନ ପୁରୁଣୁ ରାଉରକେଲା ପୋଲିସ ଉକ୍ତ ଯୁବକଙ୍କୁ ଧରିବାରେ ସଫଳ ହୋଇଛି। ଏ ନେଇ ବୁଧବାର ଅପରାହ୍ନରେ ପୋଲିସ ପକ୍ଷରୁ କୁହାଯାଇଛି, ସାର୍ବଜନୀନ ସ୍ଥାନରେ ଯୁବକ ଏହି ଷ୍ଟଣ୍ଟ ପ୍ରଦର୍ଶନ କରୁଥିଲେ। ସ୍ପିଡ ବାଇକିଂ ସହ ବାଣ ଫୋପାଡୁଥିଲେ। ଯାହାକୁ ଅନ୍ୟ ଚତୁଃପାର୍ଶ୍ୱରେ ଥିବା ଲୋକଙ୍କ ପାଇଁ ଜୀବନ ବିପଦପୂର୍ଣ୍ଣ କରିଥିଲା। ଏହିପରି କାର୍ଯ୍ୟକଳାପ ଗୁରୁତର ସଙ୍କଟ ଏବଂ ଅପରାଧ ଅଟେ। ସମ୍ପୃକ୍ତ ଯୁବକଙ୍କୁ ଧରାଯାଇଛି ବୋଲି ପୋଲିସ କହିଛି। ଅପରପକ୍ଷରେ ଉକ୍ତ ଯୁବକ ଧରାପଡ଼ିବା ପରେ ସୋଶିଆଲ ମିଡ଼ିଆରେ କ୍ଷମା ପ୍ରାର୍ଥନା କରୁଥିବା ଦେଖାଯାଇଥିଲା।

# ରେଳ ବିଭାଗ ଜମି ଖାଲି କରିବାକୁ ନୋଟିସ

- ଆଗକୁ ଆସୁଛି ଛଟ୍‌ପୂଜା
- ଚିନ୍ତାରେ ମାଲଗୋଦାମ ବସ୍ତିବାସୀ

**ରାଉରକେଲା, ୨୨।୧୦(ସଙ୍ଗୀତା ଜେନା)**



ରେଳବାଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି ବସ୍ତିବାସୀ।

ଦକ୍ଷିଣ-ପୂର୍ବ ରେଳପଥ ମୁମ୍ବାଇ-ହାୱଡ଼ା ରେଳମାର୍ଗ ପାର୍ଶ୍ୱରେ ଅବସ୍ଥିତ ରାଉରକେଲା ମାଲଗୋଦାମ ସାଇଡିଂ ବସ୍ତିବାସୀଙ୍କୁ ରେଳ ବିଭାଗ ବସ୍ତି ଖାଲିକରିବାକୁ ନୋଟିସ ଜାରି କରିଛି। ବୁଧବାର ସକାଳେ ଉକ୍ତ ନୋଟିସ ଜାରି କରାଯିବା ପରେ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଗକୁ ଛଟ୍‌ପୂଜା ଆସୁଥିବାରୁ ଚିନ୍ତାରେ ପଡ଼ିଛନ୍ତି ମାଲଗୋଦାମ ବସ୍ତିବାସୀ। ମାଲଗୋଦାମର ୭୨ଟି ଘରକୁ ଆସନ୍ତା ୭ ଦିନ ମଧ୍ୟରେ ଖାଲିକରିବାକୁ ରାଉରକେଲା ରେଳ ବିଭାଗର ୨ ଜଣ କର୍ମଚାରୀ ଆସି ବସ୍ତିବାସୀଙ୍କୁ ନୋଟିସ ଦେଇଥିଲେ। ବିଭାଗର ସୂଚନା ଅନୁସାରେ ଉକ୍ତ ଘରଗୁଡ଼ିକ ବେଆଇନ ଭାବେ ରେଳବାଇ ଜମି ଜବରଦଖଲ କରି ନିର୍ମାଣ କରାଯାଇଛି। ଅପରପକ୍ଷରେ ଉକ୍ତ ବସ୍ତିରେ ଅଧିକାଂଶ ବିହାର ଓ ଉତ୍ତରପ୍ରଦେଶର ଲୋକ ବସବାସ କରୁଛନ୍ତି। ଆଗାମୀ ଦିନରେ ଛଟ୍ ପୂଜା ହେବା ପାଇଁ ବସ୍ତିବାସୀଙ୍କ ଚିନ୍ତା ବଢ଼ାଇଛି। ପ୍ରାୟ ସାଢ଼େ ୭ ମାସ ପୂର୍ବେ ଏହି ସାଇଡିଂରେ ମାଲଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ କେତୋଟି ବଗି ଲାଇନଚ୍ୟୁତ ହୋଇ ୩ଟି ଘର ସମେତ ଅଟୋ ଓ ରିକ୍ସା ଆଦିକୁ ନଷ୍ଟ କରିଦେଇଥିଲା। ଏହି ଘଟଣା ପରେ ଉକ୍ତ ଅଞ୍ଚଳକୁ ବସ୍ତିପାଇଁ ବିପଦଜନକ ଘୋଷଣା କରାଯାଇଥିଲା। ସମ୍ପ୍ରତି ମାଲଗୋଦାମ ଫାଟକରୁ ମାଲଗୋଦାମ ଛକ ପର୍ଯ୍ୟନ୍ତ ପ୍ରାୟ ୭୨ଟି ଘରକୁ ବିପଦଜନକ ଭାବରେ ଦର୍ଶାଇ ଖାଲି କରିବାକୁ ନୋଟିସ ଜାରି କରାଯାଇଛି। ବସ୍ତିବାସୀ ଉକ୍ତ ନୋଟିସକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରେଳ ଦୁର୍ଘଟଣା ଆଳରେ ଗରିବ ଲୋକଙ୍କ ବାସସ୍ଥଳୀ ଛଡାଇ ନିଆଯାଉଛି। ଅନ୍ୟ ଅଞ୍ଚଳରେ ପ୍ରଭାବଶାଳୀ ଜବରଦଖଲକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବସ୍ତିରେ ଆସନ୍ତା ଦିନରେ ଛଟ୍ ପୂଜା ପାଳନ ହେବାକୁ ଯାଉଛି। ଉକ୍ତ ନୋଟିସ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକଙ୍କ ମଧ୍ୟରେ ଅସ୍ଥିରତା ଦେଖାଯାଇଛି ବୋଲି ବସ୍ତିବାସୀ ଅଭିଯୋଗ କରିଛନ୍ତି। ଏ ପରିପ୍ରେକ୍ଷୀରେ ରେଳବିଭାଗର ଅଧିକାରୀ ତୁହୀନକାନ୍ତ ଶତପଥୀ କହିଛନ୍ତି, ସୁରକ୍ଷା ଦୃଷ୍ଟିକୋଣରୁ ଉଚ୍ଛେଦ କରାଯାଉଛି। ଘର ଖାଲି ହେବା ପରେ ସେଠାରେ ରେଳବାଇ ଜମିରେ ପାଚେରୀ ନିର୍ମାଣ କରାଯିବ। ଉକ୍ତ ରାସ୍ତାକୁ ବନ୍ଦ କରିଦିଆଯିବ। ଯାହାକୁ ମାଲଗୋଦାମ ଫ୍ଲାଇଓଭର ନିର୍ମାଣରେ ସହଯୋଗ ହେବ ବୋଲି ଶତପଥୀ କହିଥିଲେ। ରେଳବାଇ କର୍ମଚାରୀ ନୋଟିସ ପ୍ରଦାନ କରି ବସ୍ତିବାସୀଙ୍କ ସହ ଆଲୋଚନା କରିଥିଲେ। ରେଳବାଇ କର୍ମଚାରୀ ନୋଟିସ ପ୍ରଦାନ ପରେ ସ୍ଥାନୀୟ କେତେଜଣ ଲୋକ ପ୍ରତିବାଦ କରି କର୍ମଚାରୀ ଏବଂ କର୍ତ୍ତୃପକ୍ଷଙ୍କ ସହ ଯୁକ୍ତିତର୍କ କରିଥିଲେ।

## ୬ଶହ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଶ୍ରୀଅରବିନ୍ଦ ସ୍କୁଲରେ ସ୍ୱାସ୍ଥ୍ୟ ଶିବିରରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ରାଉରକେଲା,୨୨।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୫ସ୍ଥିତ ଶ୍ରୀଅରବିନ୍ଦ ସ୍କୁଲ ଆନୁକୂଲ୍ୟରେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନା, ସିଡକ୍ଲ୍ୟସି ହସ୍ପିଟାଲ ଓ ଆଇଜିଏଚ୍ ପ୍ରମୁଖ ହସ୍ପିଟାଲର ଡାକ୍ତର ରାଧାନାଥ ଶତପଥି, ପ୍ରଶାନ୍ତ କୁମାର ପାତ୍ର, ଶଶିଶେଖର ଦୁବେ, ରୁଦ୍ରମଣୀ ସାହୁ, ଶୁଭ୍ରାଂଶୁ ପରିଡା, ସୁନୀତା ପଟେଲ ପ୍ରମୁଖ ଯୋଗଦେଇ ଶ୍ରୀଅରବିନ୍ଦ ସ୍କୁଲର ପ୍ରାୟ ୬ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ପିଲାଙ୍କର ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ସହ ସର୍ବାଙ୍ଗୀନ ସ୍ୱାସ୍ଥ୍ୟ ଉନ୍ନତି ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟର ସଭାପତି ଜ୍ୟୋସ୍ନା ପଟ୍ଟନାୟକ ପିଲାମାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କୀତ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଦିଗଦର୍ଶନ ପ୍ରଦାନ କରିଥିଲେ। ଶ୍ରୀଅରବିନ୍ଦ ସ୍କୁଲର ଅଧ୍ୟକ୍ଷା ଡ. ମମତା ନାୟକ ଧନ୍ୟବାଦ ଜଣାଇଥିଲେ। ଶିକ୍ଷୟିତ୍ରୀ କଳ୍ପନା ଚୌଧୁରୀ, ଅମୂଲ୍ୟ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜାତୀୟ ଆଥଲେଟଙ୍କ ଅକାଳ ବିୟୋଗରେ ଶୋକ

**ରାଉରକେଲା,୨୨।୧୦(ବିପ୍ଳବ ରଞ୍ଜନ ଦାଶ):** ଜାତୀୟ ଆଥଲେଟ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସିପାହୀ ଅକ୍ଷୟ ମହନ୍ତ (୫୮)ଙ୍କର ମଙ୍ଗଳବାର ଅକାଳ ବିୟୋଗ ଘଟିଛି। ରାଉରକେଲାର ବିଭିନ୍ନ କ୍ରୀଡା ସଙ୍ଗଠନ ଓ କ୍ରୀଡବିତମାନଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି। ସେ ଗତ



୨ବର୍ଷ ଧରି କ୍ୟାନସର ରୋଗରେ ପୀଡ଼ିତ ହୋଇ କଟକର ଏକ କ୍ୟାନସର ହସ୍ପିଟାଲଠାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ଖଜୁରିଆ ରାଇରଙ୍ଗପୁରର ମୂଳ ବାସିନ୍ଦା ସ୍ୱର୍ଗତ ମହନ୍ତ ୧୯୮୬ରେ ରାଉରକେଲା ଓଏସଏପି ଚତୁର୍ଥ ବ୍ୟାଟାଲିୟନରେ ଯୋଗ ଦେଇଥିଲେ। ମହନ୍ତଙ୍କ ଅକାଳ ବିୟୋଗ ରାଉରକେଲା କ୍ରୀଡାକ୍ଷେତ୍ର ପାଇଁ ଏକ ଅପୁରଣୀୟ କ୍ଷତି ବୋଲି ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନାଙ୍କ ସମେତ ଶିବ କୁମାର ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଥିଲେ। ସେହିଭଳି ଭାବରେ ଓଏସପି ଚତୁର୍ଥ ବ୍ୟାଟାଲିୟନର ପ୍ରଦୀପ କୁମାର ପଣ୍ଡା, ପ୍ରସନ୍ନ ଷଡଙ୍ଗୀ, ଏସ.ଏନ ରକ୍ସା, ପ୍ରଦୀପ କୁମାର ରାଉଲ, ପି,କେ ରଥ,ମମତା ପଟ୍ଟନାୟକ,ଗୀତା ମିଶ୍ର, ଦିନବନ୍ଧୁ ଲେଙ୍କା, ବଳରାମ ମାଝୀ, ବିରେନ ମହନ୍ତ ଏବଂ ବରିଷ୍ଠ କୋଚ ତଥା ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ ପ୍ରମୁଖ ତାଙ୍କ ଅକାଳ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ସିଭିଲଟାଉନଶିପ୍ ସାଂସ୍କୃତିକ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ୪ ଓ ୫ରେ



ପାନପୋଷରେ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

**ରାଉରକେଲା, ୨୨।୧୦(ସଙ୍ଗୀତା ଜେନା)**

ରାଉରକେଲା ସିଭିଲଟାଉନଶିପ୍ ସାଂସ୍କୃତିକ ପରିଷଦର ୪ର୍ଥ ବୋଇତବନ୍ଦାଣ ଉତ୍ସବ ଆସନ୍ତା ନଭେମ୍ବର ୪ ଓ ୫ରେ ପାଳନ ହେବାକୁ ଯାଉଛି। ଏନେଇ ବୁଧବାର ମଧ୍ୟାହ୍ନ ୧୨ଟାରେ ପାନପୋଷସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ସଭାପତି ସୁଜିତ ମହାନ୍ତିଙ୍କ ସଭାପତିତ୍ୱରେ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ପ୍ରମୋଦ ନାୟକ, ମୁଖ୍ୟ ଉପଦେଷ୍ଟା ପ୍ରମୋଦ ପ୍ରଧାନ, କାର୍ଯ୍ୟକାରୀ ସଭାପତି ସୁଧାଂଶୁ ସାମଲ, ଉପସଭାପତି ଶଶାଙ୍କ ଶେଖର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବୋଇତବନ୍ଦାଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ପ୍ରତୀକ ଭୂୟାଁ ଆବାହକତ୍ୱ, କୋଷାଧ୍ୟକ୍ଷ ପ୍ରକାଶ ଧଳ ସଂଯୋଜନା କରିଥିଲେ। ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ୪ର୍ଥ ବୋଇତ ବନ୍ଦାଣ ଆୟୋଜନ ହେବାକୁ ଯାଉଛି। ଭାଷା, ସାହିତ୍ୟ, ସଂସ୍କୃତି ପରମ୍ପରାକୁ ବଜାୟ ରଖିବାକୁ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଭେଟି ଦିଆଯାଉଛି। ସିଭିଲଟାଉନଶିପସ୍ଥିତ ମଡ଼ର୍ନ ପଡ଼ିଆରେ ଏହା ଅନୁଷ୍ଠିତ ହେବ। ନଭେମ୍ବର ୪ ଓ ୫ ମଧ୍ୟରୁ ପ୍ରଥମ ଦିନରେ ଓଲିଉଡ଼ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ତାଙ୍କ ବ୍ୟାଣ୍ଡ ପାର୍ଟି, ଗାୟକ ଶଶାଙ୍କ ଶେଖର ତଥା ହାସ୍ୟ କଳାକାର ଅନୁଗୋଳିଆ ବଣ୍ଟି ପ୍ରମୁଖ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ। ଉକ୍ତ ଦିନ କେତେଜଣ ସ୍ଥାନୀୟ ତଥା ଆଞ୍ଚଳିକ କଳାକାରଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯିବ। ଅନୁରୂପ ଭାବେ କୁନି କଳାକାରମାନେ ଓଡ଼ିଶୀ ନୃତ୍ୟ ସାଙ୍ଗକୁ ଜାତୀୟ ସଙ୍ଗୀତ ସାମୂହିକ ଭାବେ ପରିବେଷଣ କରିବେ। ସେହିପରି ଦ୍ୱିତୀୟ ଦିବସରେ ଭୋର ୫ଟାରେ ସ୍ଥାନୀୟ ୧୨୧ ଜଣ ମହିଳା ଭବ୍ୟ ଶୋଭାଯାତ୍ରାରେ ବୋଇତ ଧରି କୀର୍ତ୍ତନ କରି ବେଦବ୍ୟାସସ୍ଥିତ ବ୍ରାହ୍ମଣୀ ନଦୀରେ ବିସର୍ଜନ କରିବେ। ଏଥିରେ ଶତାଧିକ ମହିଳା ଭବ୍ୟ ଶୋଭାଯାତ୍ରାରେ ଏକ ରଙ୍ଗ ପରିଧାନରେ ସାମିଲ ହେବେ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ, ଶିଳ୍ପପତି, ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ଗଗନ ପଣ୍ଡା, ବୀରେନ ସେନାପତି, ଭଗବାନ ପତି, ପୁଷ୍ପା ଲେଙ୍କା, ଜ୍ୟୋସ୍ନା ନାୟକ, ସନ୍ତୋଷ ନାୟକ, ବଳରାମ ନାୟକ, ମନୋଜ ଜେନା, ହରେକୃଷ୍ଣ ମହାନ୍ତି, ହେମନ୍ତ ସାହୁ, ଅନନ୍ତ ପାତ୍ର, ଶିବୁଲାଲ ସାହୁ, ବିରଞ୍ଚି ସାମଲ, ବୈଦ୍ୟନାଥ ସାହୁ, ଦୁର୍ଯ୍ୟୋଧନ ସାହୁ, ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ରା ଛକ ଓ ପାୱାର ହାଉସ୍‌ରେ ଅଗ୍ନିକାଣ୍ଡ

**ରାଉରକେଲା, ୨୨।୧୦(ସଙ୍ଗୀତା ଜେନା)**

ମଙ୍ଗଳବାର ବିଳମ୍ବିତ ରାତିରେ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଥିବା ୨ଟି ସ୍ଥାନରେ ଅଗ୍ନିକାଣ୍ଡ ହୋଇଥିବା ସୂଚନା ମିଳିଛି। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ବିଶ୍ରା ରୋଡରେ ଥିବା ଏକ ବନ୍ଦ ପାଇପ ଦୋକାନର ନିଆଁଲାଗି ପ୍ଲାଷ୍ଟିକ ପାଇପଗୁଡ଼ିକ ଜଳିଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୋକାନୀ ଦୋକାନ ମଧ୍ୟରେ ଦୀପ ଜାଳି ବନ୍ଦ କରି ପଳାଇଥିଲେ। ଫଳରେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁ ଲିଭା ଯାଇଥିଲା। ସେହିପରି ପାୱାର ହାଉସ ମନୋଜ ପେପରମାର୍ଟ କୋଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। କୌଣସି ସ୍ଥାନରୁ ବାଣ ଆସି ଅଳିଗଦାରେ ନିଆଁ ଲାଗିବା ଯୋଗୁ ଏପରି ହୋଇଥିଲା ବୋଲି କୁହାଯାଇଛି। ନିଆଁ ଦ୍ରୁତଗତିରେ ବାହାରୁଥିବା ଦେଖି ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଅଗ୍ନିଶମ ବିଭାଗର ୨ଟି ଗାଡ଼ି ପହଞ୍ଚି ଏକ ଘଣ୍ଟା ପ୍ରୟାସ ପରେ ନିଆଁକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲା। ତେବେ ଉକ୍ତ ଅଗ୍ନିକାଣ୍ଡରେ ଏକ ବାଇକ୍ ଜଳି ନଷ୍ଟ ହୋଇଯାଇଥିଲା।

## ପିସି ଏଣ୍ଟରପ୍ରାଇଜେସ୍‌ର ବାର୍ଷିକ ଉତ୍ସବ



ପିସି ଏଣ୍ଟରପ୍ରାଇଜେସ୍‌ର ପ୍ରଥମ ବାର୍ଷିକ ଉତ୍ସବରେ ଉପସ୍ଥିତ ମ୍ୟାନେଜିଂ ଡାଇରେକ୍ଟର ଓ କର୍ମକର୍ତ୍ତା।

**ରାଉରକେଲା,୨୨।୧୦(ଦିନେଶ ମିଶ୍ର)**

ସେକ୍ଟର-୪ ସ୍ଥିତ ରେଣୁକା ରେଷ୍ଟୁରାଣ୍ଟରେ ପି.ସି ଏଣ୍ଟରପ୍ରାଇଜେସ୍‌ର ପ୍ରଥମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆର୍‌ଏସ୍‌ପିର ଲ୍ୟାଣ୍ଡଗାର୍ଡ ବରିଷ୍ଠ ଅଧିକାରୀ ନିହାର ରଞ୍ଜନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସହରରେ ଥିବା ବିଭିନ୍ନ ବେକାରୀ ଯୁବକମାନଙ୍କୁ କିଭଳି ସମାଜସ୍ରୋତରେ ସାମିଲ କରିହେବ ସେନେଇ ପି.ସି ଏଣ୍ଟରପ୍ରାଇଜେସ୍‌ର କାର୍ଯ୍ୟଧାରାକୁ ମୁଖ୍ୟ ଅତିଥି ସାମଲ ବେଶ୍ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସିଗ୍‌ନେଚର ଷ୍ଟାମ୍ପର ଓନର ଜ୍ୟୋତିରଞ୍ଜନ ବେହେରା, ସେକ୍ଟର-୧୬ ଦୁର୍ଗାପୂଜା କମିଟିର ସଭାପତି ଶ୍ରୀନିବାସ ପ୍ରଧାନ ଓ ଆର୍‌ଏସ୍‌ପିର ଅବସରପ୍ରାପ୍ତ ଅଧିକାରୀ ମୁନା ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ପି.ସି ଏଣ୍ଟର ପ୍ରାଇଜେସ୍ ବର୍ଷକ ଭିତରେ ସହରରେ ଥିବା ବହୁ କମ୍ପାନୀରେ ସମୁଦାୟ ୭୮ ଜଣ ବିଭିନ୍ନ ବେକାରୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିସାରିଛି। ସେଥିମଧ୍ୟରୁ ଆର୍‌ଏସ୍‌ପିରେ ଥିବା ମେକାନିକ୍ ୱାର୍କ ବିଭାଗରେ ୪୫ ଜଣ ଓ କୁଲୁଙ୍ଗା ସ୍ଥିତ ମହାବୀର ସ୍ପଞ୍ଜ ଆଇରନ୍ କାରଖାନାରେ ୨୦ ଜଣ ସହିତ ପି.ସି ଏଣ୍ଟର ପ୍ରାଇଜେସ୍‌ର ନିଜସ୍ୱ ଇଟା ଫ୍ୟାକ୍ଟ୍ରିରେ ୧୩ଜଣ ବେକାରୀ ଯୁବକ ଓ ଯୁବତୀଙ୍କୁ ନିଯୁକ୍ତି ଦେଇ ସ୍ୱାବଲମ୍ବୀ କରିସାରିଛି ବୋଲି ମ୍ୟାନେଜିଂ ଡାଇରେକ୍ଟର ପ୍ରତୀକ ଚନ୍ଦ୍ର ଜେନା ସୂଚନା ପ୍ରଦାନ କରିଥିଲେ। ଆଗାମୀ ଦିନରେ ରାଉରକେଲା ସମେତ ରାଜ୍ୟ ତଥା ଦେଶ ବାହାରେ ଥିବା ବିଭିନ୍ନ କମ୍ପାନୀରେ କିଭଳି ବେକାରୀ ପିଲାମାନଙ୍କ ପାଇଁ ଅନୁଷ୍ଠାନ କାର୍ଯ୍ୟ କରି ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ ସେନେଇ ଜେନା ବିସ୍ତୃତ ଭାବେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଏମ୍ ପ୍ରଦ୍ୟୁମ୍ନ କୁମାର ଜେନା, ଶୁଭମ୍ କୁମାର ନାୟ, ପ୍ରତ୍ୟୁଷ ମହାନ୍ତି, ସ୍ନେହାଶିଷ ପୃଷ୍ଟିଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନା ସହଯୋଗ କରିଥିଲେ। ଏହି ଅବସରରେ ପି.ସି ଏଣ୍ଟରପ୍ରାଇଜେସ୍ ଜରିଆରେ ଆର୍‌ଏସ୍‌ପିରେ ଥିବା ମେକାନିକାଲ ବିଭାଗର କାର୍ଯ୍ୟ କରୁଥିବା ସୌମ୍ୟରଞ୍ଜନ ସାହୁ ତାଙ୍କର ଅଭିଜ୍ଞତା ବିବରଣୀ ବର୍ଣ୍ଣନା କରିଥିଲେ।

## ଘରେ ପଶି ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ: ଥାନାରେ ମାମଲା

**ରାଉରକେଲା, ୨୨।୧୦(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ହୋଟେଲ ଡିଲକ୍ସ ଗଳିରେ ଗତ ୧୯ ତାରିଖରେ ୩ ଜଣ ଯୁବକ ସଂଘବଦ୍ଧ ଭାବେ ଜଣେ ଯୁବକଙ୍କୁ ଆକ୍ରମଣ କରିଥିଲେ। ତେବେ ଏ ସଂକ୍ରାନ୍ତରେ ମଙ୍ଗଳବାର ଯୁବକଙ୍କ ଭାଇ ଏ ସମ୍ପର୍କରେ ଆକ୍ରମଣକାରୀମାନଙ୍କୁ ପଚାରିବାରୁ ସେମାନେ ଘରେ ପଶି ପୁଣି ଉକ୍ତ ଆହତ ଯୁବକ ଏବଂ ତାଙ୍କ ମାଆଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଉଭୟ ଆହତ ହୋଇଥିଲେ। ଏ ନେଇ ଥାନାରେ ବୁଧବାର ପୂର୍ବାହ୍ନ ୧୧ଟାରେ ଏତଲା ପରେ ମାମଲା(ନଂ. ୮୫୩/୨୦୨୫) ରୁଜୁ ହୋଇଛି। ଅଭିଯୋଗକାରୀ ଗୋବିନ୍ଦ ପ୍ରସାଦ ତାଙ୍କ ମା' ଓ ଭାଇଙ୍କ ଉପରେ ଆକ୍ରମଣ ନେଇ ଏତଲା ଦେଇଥିଲେ।

## ଠିକାଦାରଙ୍କ ପାଇଁ ସଚେତନତା ଅଧିବେଶନ

**ରାଉରକେଲା,୨୨।୧୦(ବିପ୍ଳବ ରଞ୍ଜନ ଦାଶ)**




ଅଧିବେଶନ ମଞ୍ଚରେ ମଞ୍ଚାସୀନ ଅତିଥି।

ଆର୍‌ଏସ୍‌ପି ଦ୍ୱାରା ଇଏସ୍‌ଆଇସି ସହଯୋଗରେ ଠିକାଦାରମାନଙ୍କ ନିମନ୍ତେ ଏକ ସଚେତନତା ଅଧିବେଶନ କେନ୍ଦ୍ରୀୟ ବିଦ୍ୟୁତ୍ ତାଲିମ ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଆୟୋଜିତ ହୋଇଯାଇଛି। ଏହି ଅଧିବେଶନ କାରଖାନାର ବିଭିନ୍ନ ବିଭାଗରେ ନିୟୋଜିତ ମୋଟ ୫୪ଜଣ ଠିକାଦାର ଓ ସେମାନଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଏସ୍‌ପିଆରଇଇ-୨୦୨୫ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ପଞ୍ଜିକରଣକୁ ପ୍ରୋତ୍ସାହିତ କରିବା ଯୋଜନା ଏବଂ ଆମନେଷ୍ଟି-୨୦୨୫ ଯୋଜନା ଉପରେ ପର୍ଯ୍ୟବେଶିତ ଥିଲା। ଯେଉଁମାନେ ଏପର୍ଯ୍ୟନ୍ତ ଇଏସ୍‌ଆଇସି ସହିତ ଜଡିତ ନାହାଁନ୍ତି। ସେମାନଙ୍କୁ ପୁରୁଣା ଦେୟ ଦାବି ବିନା ଇଏସଆଇ ପୋର୍ଟାଲ, ଶ୍ରମ ସୁବିଧା ପୋର୍ଟାଲ ଏବଂ କମ୍ପାନୀ ବ୍ୟାପାର ପୋର୍ଟାଲ ମାଧ୍ୟମରେ ପଞ୍ଜିକରଣ କରିବାକୁ ଉତ୍ସାହିତ କରିବା ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରକାଶଯୋଗ୍ୟ, ଏସପିଆରଇଇ-୨୦୨୫ ଅଧିନରେ ପଞ୍ଜିକରଣ କରିଥିବା ନିଯୁକ୍ତିଦାତାମାନେ ସେମାନଙ୍କ ପଞ୍ଜିକରଣ ତାରିଖ କିମ୍ବା ସେମାନଙ୍କ ଦ୍ୱାରା ଘୋଷିତ ତାରିଖରୁ କଭର ହୋଇଥିବା ବିବେଚନା କରାଯିବ ଏବଂ ନୂତନ ପଞ୍ଜିକୃତ କର୍ମଚାରୀମାନେ ପଞ୍ଜିକରଣ ତାରିଖରୁ ହିଁ ଇଏସ୍‌ଆଇ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ଲାଭ ପାଇବା ଆରମ୍ଭ କରିବେ। ଉକ୍ତ ଅଧିବେଶନରେ ଠିକାଦାର ଏବଂ ସେମାନଙ୍କର ପ୍ରତିନିଧିମାନେ ଗଭୀର ଆଗ୍ରହ ଦେଖାଇବା ସହିତ ଏହାର ମତବିନିମୟ ଅଧିବେଶନରେ ଉତ୍ସାହର ସହିତ ଅଂଶଗ୍ରହଣ କରି ସ୍ପଷ୍ଟିକରଣ ଲୋଡିବା ସହିତ ଏହି ସମ୍ବନ୍ଧରେ ନିଜର ସନ୍ଦେହ ଦୂର କରିଥିଲେ। ଏହି ଅଧିବେଶନକୁ ମାନବ ସମ୍ବଳ ସିଏଲସି,ପ୍ରକଳ୍ପ ସହର ଏବଂ ମେଡିକାଲ ବିଭାଗର ଜିଏମ୍ ଜି.ଆର ଦାଶଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ଇଏସ୍‌ଆଇ ବ୍ରାଞ୍ଚର ମ୍ୟାନେଜର ଅନିସୁର ରହମାନ ଅଂସାରୀ ଏହାକୁ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଦାଶ ଏବଂ ମାନବ ସମ୍ବଳ(ସିଏଲସି) ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ଏମ.ସିନ୍ଧୁର ଠିକାଦାର ଏବଂ ପର୍ଯ୍ୟବେକ୍ଷକଙ୍କ ସହ ସମସ୍ୟା ଏବଂ ମତାମତ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାନବ ସମ୍ବଳ(ପ୍ରକଳ୍ପ) ବିଭାଗର ଡେପୁଟି ମ୍ୟାନେଜର ନୀଳମଣୀ ମାଝୀ, ମାନବ ସମ୍ବଳ(ସିଏଲସି) ବିଭାଗର ଡେପୁଟି ମ୍ୟାନେଜର ବିଜ୍ଞାନ ପାତ୍ରଙ୍କ ସହ ଶ୍ରମ କଲ୍ୟାଣ ବିଭାଗର ସେକ୍ସନ ଅଫିସର ଧ୍ରୁବେଶ ବେହେରା, ସ୍ୱେତା ବେହେରା, କୃଷ୍ଣଚନ୍ଦ୍ର ଦାଶ ଏବଂ ଲକ୍ଷ୍ମଣ ମହାନ୍ତ ସଂଯୋଜନା କରିଥିଲେ।

## ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ଅଜୟ ବ୍ରଦର୍ସ

**ରାଉରକେଲା,୨୨।୧୦(ଦିନେଶ ମିଶ୍ର)**



ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

ରାଉରକେଲା କୁଲୁଙ୍ଗା ସ୍ଥିତ ଖେଳ ପଡ଼ିଆରେ ନେହେରୁ କ୍ଲବ ପକ୍ଷରୁ ୨୮ତମ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୪ଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ ନେହେରୁ ଫୁଟବଲ କ୍ଲବ ସହିତ ଅଜୟ ବ୍ରଦର୍ସ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଅଜୟ ବ୍ରଦର୍ସ ଦଳ ୨-୦ ଗୋଲରେ ନେହେରୁ କ୍ଲବକୁ ପରାସ୍ତ କରିଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ ଗର୍ଜନ ଏଫ୍‌ସି ସହିତ ରୋଡୱେଜ୍ ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଖେଳର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ପେନାଲଟି ସୁଟ୍‌ଆଉଟ୍‌ରେ ରୋଡୱେଜ୍ ଫୁଟବଲ ଦଳ ୨-୦ ଗୋଲରେ ଗର୍ଜନ ଏଫ୍‌ସିକୁ ପରାସ୍ତ କରି ବିଜୟୀ ହୋଇଥିଲା। ସେହିପରି ୩ୟ ମ୍ୟାଚ ଏନ୍‌ଜୟ ଏଫସି ଫୁଟବଲ କ୍ଲବ ସହିତ ସିଏସ୍‌ଟି ବଲଣ୍ଡା ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ବଲଣ୍ଡା ଦଳ ୩-୦ ଗୋଲରେ ଏନ୍‌ଜୟ ଫୁଟବଲ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ୪ର୍ଥ ମ୍ୟାଚଟି ବିୱାଇସି ବଲଣ୍ଡା ସହିତ ଲାଇଫ୍ ଏଫ୍‌ସି ମଧ୍ୟରେ ଖେଳା ଯାଇଥିଲା। ଏଥିରେ ବଲଣ୍ଡା ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା। ସେହିଭଳି ୨ୟ ପର୍ଯ୍ୟାୟରେ ଅଜୟ ବ୍ରଦର୍ସ ଓ ରୋଡୱେଜ୍ ଦଳ ମଧ୍ୟରେ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଏଥିରେ ଅଜୟ ବ୍ରଦର୍ସ ପେନାଲଟି ସୁଟ୍‌ରେ ୨-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ୨ୟ କ୍ୱାଟର ମ୍ୟାଚ ବଲଣ୍ଡା ଦଳ ସହିତ ଏନଜୟ ଏଫ୍‌ସି ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଏନଜୟ ଏଫ୍‌ସି ଦଳ ୧-୦ ଗୋଲରେ ବଲଣ୍ଡା ଦଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଶେଷରେ ଅଜୟ ବ୍ରଦର୍ସ ଓ ଏନ୍‌ଜୟ ଏଫ୍‌ସି ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଏଥିରେ ଅଜୟ ବ୍ରଦର୍ସ ଦଳ ୫-୪ ଗୋଲରେ ଏନଜୟ ଏଫ୍‌ସି ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚକୁ ରେଫରି ଭାବେ ମଣ୍ଟୁ କୁଜୁର, ଡମ୍ବରୁ କିଷାନ, ଗଙ୍ଗାଧର ଲାକ୍‌ରା, ହରି ବାଡା ପ୍ରମୁଖ ପରିଚାଳନା କରିଥିଲେ। କ୍ଲବର ମନୋଜ କିଷାନ, ପୁରୁଷୋତ୍ତମ ତନ୍ତୀ, ଅଶୋକ କିଷାନ, ଭୁବନ କୁଜୁର, ସୁଶାନ୍ତ ରାଉତ, ବାଲୁକେଶ୍ୱର ଜେନା, ରାଜେଶ ପ୍ରସାଦଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଏହି ୫ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ବଲଣ୍ଡା ସରପଞ୍ଚ ଯୋଗେଶ୍ୱର ମିଞ୍ଜ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ରାହ୍ମଣୀତରଙ୍ଗ ଥାନା ଅଧିକାରୀ ଜି.ବି ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ଯୁବ ବର୍ଗରେ ୧୬ଟି ଓ ୪୦ ବର୍ଷରୁ ଉର୍ଦ୍ଧ୍ୱ ଭେଟରାନ୍ ଦଳ ପକ୍ଷରୁ ୧୬ଟିକୁ ମିଶାଇ ସମୁଦାୟ ୩୨ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଏଥିରେ ବିଜୟୀ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ନେହେରୁ କ୍ଲବ ପକ୍ଷରୁ ସଭାପତି ଶୁକ୍ରୁ କିଷାନ ଅବଗତ କରିଥିଲେ। ଉଦ୍‌ଘାଟନୀ ସଭାରେ କ୍ଲବ ସଭାପତି କିଷାନ ସଭାପତିତ୍ୱ କରିଥିଲେ।

# ସରକାରୀ ଜମିର କିସମ ପରିବର୍ତ୍ତନକୁ ବିରୋଧ



ମରାକୁଟା ପଞ୍ଚାୟତବାସୀ ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

**ଝାରସୁଗୁଡ଼ା, ୨୨।୧୦(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ମରାକୁଟା ପଞ୍ଚାୟତରେ ଥିବା ସରକାରୀ ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିବା ସହ ବୁଧବାର ତହସିଲଦାର ସଦାକର କୁମ୍ଭାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ଝାରସୁଗୁଡ଼ା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗତ ୧୦ ତାରିଖରେ ମିସ୍ କେସ୍ ନଂ. ୭୩/୨୦୨୫, ପିଆର୍ ନୋଟିସ ନଂ. ୩୨୯, ମିସ୍ କେସ୍ ନମ୍ବର ୨୫/୨୦୨୫, ପିଆର୍ ନୋଟିସ ନଂ. ୩୨୭, ଡିଆର କେସ୍ ନଂ. ୩୮/୨୦୨୫, ପିଆର୍ ନୋଟିସ ନଂ. ୩୨୦, ଓଡି.ଆର୍. କେସ ନଂ.୩୭/୨୦୨୫, ପିଆର ନୋଟିସ ନମ୍ବର ୩୨୮ ଅନୁଯାୟୀ ମରାକୁଟା ପଞ୍ଚାୟତବାସୀଙ୍କୁ ନୋଟିସ ଜାରି କରାଯାଇଛି। ଉକ୍ତ ନୋଟିସ ଅନୁଯାୟୀ, ମରାକୁଟା ମୌଜାର ଖାତା ନମ୍ବର ୨୮୨, ୨୮୩ରେ ବିଭିନ୍ନ ପ୍ଲଟ୍ ବିଶିଷ୍ଟ ସର୍ବସାଧାରଣ ରାସ୍ତା, ଧର୍ସା, କଟା, ବସ୍ତିସ୍ଥଳ ରହିଛି। ଏହାକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବାକୁ ତାହାର ଖାତା ଓ କିସମ ପରିବର୍ତ୍ତନ ପାଇଁ ପ୍ରସ୍ତାବ ନିଆଯାଉଛି। ଯଦି ଗ୍ରାମବାସୀଙ୍କ କୌଣସି ଅଭିଯୋଗ ଅଛି ତା'ହେଲେ କରନ୍ତୁ ବୋଲି ମରାକୁଟା ଗ୍ରାମ ଓ ତହସିଲ କାର୍ଯ୍ୟାଳୟରେ ନୋଟିସ ପ୍ରକାଶ ପାଇଥିଲା। ଏନେଇ ମରାକୁଟା ଗ୍ରାମବାସୀ ବୁଧବାର ତହସିଲଦାରଙ୍କ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଯେଉଁଥିରେ ମରାକୁଟା ମୌଜାର ୨୫ ଏକର ସରକାରୀ ଜମିର କିସମ ପରିବର୍ତ୍ତନ ଓ ହସ୍ତାନ୍ତର ପାଇଁ ପ୍ରସ୍ତାବ ରହିଛି। ଉକ୍ତ ଜମିର କିସମ ପରିବର୍ତ୍ତନ କରାଯାଇ ଶିଳ୍ପ ପ୍ରତିଷ୍ଠା ପାଇଁ ହସ୍ତାନ୍ତର କରାଗଲେ ଗ୍ରାମବାସୀଙ୍କ ଚଲାପଥ, ଗୋଚାରଣ ଭୂମି, ଜଳ ଉତ୍ସ ଆଦି ସଙ୍କୁଚିତ ହେବା ସହ ପିଢ଼ି ପିଢ଼ି ଧରି ବ୍ୟବହାର କରୁଥିବା ରାସ୍ତାଘାଟ ଚିରଦିନ ପାଇଁ ଲୋପ ପାଇଯିବ। ଏଥିସହ ପଞ୍ଚାୟତର ଶତାଧିକ ଏକର ଜମି ପ୍ରଭାବିତ ହୋଇ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବ। ଏପରି କି ଗୋଚାରଣ ଭୂମି ମଧ୍ୟ ହ୍ରାସ ପାଇବ। ପୂର୍ବରୁ ମଧ୍ୟ ଶିଳ୍ପ ପ୍ରତିଷ୍ଠା ଉଦ୍ଦେଶ୍ୟରେ ମରାକୁଟା ପଞ୍ଚାୟତର ଶତାଧିକ ଏକର ଚାଷଜମି କମ୍ପାନୀଗୁଡିକୁ ହସ୍ତାନ୍ତର

## ତହସିଲଦାରଙ୍କୁ ଦାବିପତ୍ର

କରାଯାଇଛି। ଏଥିଯୋଗୁ ପଞ୍ଚାୟତର ସର୍ବସାଧାରଣଙ୍କ ବ୍ୟବହାରଯୋଗ୍ୟ ଜମିର ହ୍ରାସ ଘଟିଚାଲିଛି। ବର୍ତ୍ତମାନ କୌଣସି ପରିସ୍ଥିତିରେ ଶିଳ୍ପ ପ୍ରତିଷ୍ଠା ପାଇଁ ଉକ୍ତ ସରକାରୀ ଜମି ହସ୍ତାନ୍ତର କରା ନ ଯାଉ। ଯଦି ଏପରି କରାଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନବେଳେ ମରାକୁଟା ସରପଞ୍ଚ ଲିଲି ତନ୍ତୀ, ସମିତି ସଭ୍ୟା ସୁଜାତା ମେହେର, ନାଏବ ସରପଞ୍ଚ ଆଶିଷ କୁମାର ଗର୍ଡିଆଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ଏନେଇ ତହସିଲଦାର କୁମ୍ଭାର କହିଛନ୍ତି, ଆଗାମୀ ଦିନରେ ଏ ସମ୍ପର୍କରେ ଜନଶୁଣାଣି କରାଯିବ, ଯେଉଁଥିରେ ଆବେଦନକାରୀ ଏବଂ ଗ୍ରାମବାସୀ ଉପସ୍ଥିତ ରହିବେ। ସେଥିରେ ଯାହା ନିଷ୍ପତ୍ତି ନିଆଯିବ, ସେହି ଅନୁସାରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।



ଜାମକାନୀ ଓ ଗୁମାଡେରା ଖଲଗୁଡ଼ା ମନ୍ଦିରରେ ପୂଜା ପାଉଥିବା ମା' କାଳୀ।

# ବିଭିନ୍ନ ସ୍ଥାନରେ କାଳୀପୂଜା

**ବେଲପାହାଡ଼, ୨୨।୧୦(ସୁବାସ ପ୍ରଧାନ)**

ବେଲପାହାଡ଼ ସହରର ବିଭିନ୍ନ ସ୍ଥାନରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ବେଲପାହାଡ଼ ଜାମକାନୀ ଗ୍ରାମ ନିକଟସ୍ଥ ମା' ଦକ୍ଷିଣକାଳୀ ମନ୍ଦିରରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଭୀଷ୍ମଦେବ କିଷାନ କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ପଣ୍ଡିତ ସୁଶୀଲ ଦୀକ୍ଷିତ ଓ ସୁଧୀର ଦୀକ୍ଷିତ ମା'ଙ୍କର ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଗୁମାଡେରା ଖଲଗୁଡ଼ା ନିକଟସ୍ଥ ମନ୍ଦିରରେ ମା' କାଳୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବିଦ୍ୟାସାଗର ଚୌଧୁରୀ କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ପ୍ରଶାନ୍ତ ଭଟ୍ଟାଚାର୍ଯ୍ୟ ଓ ଅଭିରୂପ ଭଟ୍ଟାଚାର୍ଯ୍ୟ ମା' କାଳୀଙ୍କ ପୂଜାର୍ଚ୍ଚନା କରିଥିଲେ। ସେହିପରି ଗୁମାଡେରା ସାର୍ବଜନୀନ ଦୁର୍ଗାପୂଜା କମିଟି, ବେଲପାହାଡ଼ ଟିଆରଇ ପୂଜା କମିଟି, ଗୁମାଡେରା ବାଟମଙ୍ଗଳା ମନ୍ଦିର ଓ କନକଦୁର୍ଗା ମନ୍ଦିର କମିଟି, ବେଲପାହାଡ଼ ଫାଟକ ଦୁର୍ଗାପୂଜା କମିଟି, ଗାନ୍ଧୀନଗର ନବଦୁର୍ଗା ମନ୍ଦିର କମିଟି ଓ ବେଲପାହାଡ଼ ରେଳ ଷ୍ଟେଶନ ଦୁର୍ଗାପୂଜା କମିଟି ପକ୍ଷରୁ ମଣ୍ଡପରେ କାଳୀପୂଜା ଅନୁଷ୍ଠିତ ହୋଇଥିଲା।

# ଦାଦାବଟି ଆଦାୟ ଅଭିଯୋଗରେ ୨ ଗିରଫ

**ଝାରସୁଗୁଡ଼ା, ୨୨।୧୦ (ଆଶିଷ ରଞ୍ଜନ ଦାଶ)**

ଦାଦାବଟି ଆଦାୟ ଅଭିଯୋଗରେ ଝାରସୁଗୁଡ଼ା ବିମାନ ବନ୍ଦର ପୋଲିସ ୨ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ତାଲପଟିଆ ଅଞ୍ଚଳର ଶୁଭମ୍ ଗୁରୁ ଓ ଅଭିଷେକ ସିଂ। ମଙ୍ଗଳବାର ରାତିରେ ଦୁର୍ଲଗା ଛକ ନିକଟରେ ଅଭିଯୁକ୍ତ ଦ୍ୱୟ ଟ୍ରକ୍ ଚାଳକଙ୍କୁ ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ କରୁଥିଲେ। ଖବରପାଇ ପାଟ୍ରୋଲିଂ କରୁଥିବା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରିଥିଲା। ଏଥିସହ ସେମାନଙ୍କ ନିକଟରୁ ୧୫୦୦ ଟଙ୍କା, ଏକ ଭୁଜାଲି ସହ ଲୁଟ୍ ଘଟଣାରେ ବ୍ୟବହୃତ ଏକ ବାଇକ୍ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ଦେବଗଡ଼,୨୨।୧୦ (ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ବ୍ଲକ ଖିଲେଇ କ୍ଲଷ୍ଟର ଖିଲେଇ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ପ୍ରଦୀପ କୁମାର ଅଗ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦେହୁରୀ, ସମ୍ମାନିତ ଅତିଥି ଭାବେ ଅଜିତ୍ କୁମାର ଦେହୁରୀ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦେହୁରୀ ଯୋଗଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଛବିଳ କୁମାର ସାମଲ ମଞ୍ଚ ସଂଯୋଜନା ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ତର୍କ, ସଙ୍ଗୀତ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ସୁନ୍ଦର ହସ୍ତାକ୍ଷର, ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦିଆଯାଉ

**ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ଜୋତା ଫିଙ୍ଗିବା ଘଟଣା**

**ପ୍ରତିବାଦ ଶୋଭାଯାତ୍ରା, ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

**ଦେବଗଡ଼,୨୨।୧୦ (ଶଶାଙ୍କ ଶେଖର ଝାଙ୍କର)**

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ଜୋତା ଫିଙ୍ଗାଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହି କ୍ରମରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶାର ଆହ୍ୱାନକ୍ରମେ ଦେବଗଡ଼ ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ ଏବଂ ଭୀମ ଆର୍ମୀ ପକ୍ଷରୁ ବୁଧବାର ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସଭାପତି ଚୌଧୁରୀ ବେହେରା, ସଂଯୋଜକ କ୍ଷମାନିଧି ପାତ୍ର, ଭୀମ ଆର୍ମୀର ସଭାପତି ରିଙ୍କୁ ବେହେରା ଓ ସୁଜିତ ସୁନାଙ୍କ ନେତୃତ୍ୱରେ ବହୁ ସଦସ୍ୟ ଓ କର୍ମକର୍ତ୍ତା, ଜନସାଧାରଣ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ବିଭିନ୍ନ ସ୍ଲୋଗାନ ଦେଇ ବାଇକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ଜୋତା ଫିଙ୍ଗାଯିବା ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏହା ଭାରତୀୟ ସମ୍ବିଧାନ ଉପରେ ଆକ୍ରମଣ ବୋଲି ଅଭିଯୋଗ ହୋଇଥିଲା। ତେଣୁ ଜୋତା ଫିଙ୍ଗିଥିବା ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଏହାପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା।

# ଶ୍ୟାମାକାଳୀ ପୂଜା ଉଦ୍‌ଯାପିତ

**ଲଖନପୁର,୨୨।୧୦(ଗୌତମ ସାହୁ)**

ଲଖନପୁର ବ୍ଲକ ସୀମାନ୍ତ ଜିରୋ ପଏଣ୍ଟ କନକତୋରା କାଳୀ ମନ୍ଦିରରେ ଶ୍ୟାମାକାଳୀ ପୂଜା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରା, ମା'ଙ୍କ ପୂଜା, ପୂର୍ଣ୍ଣାହୁତି ହୋଇଥିଲା। ଏଥିସହ ଇତିଶ୍ରୀ କର ଓ ବିଶ୍ୱାମିତ୍ର ପାଣ୍ଡେଙ୍କ ଦଳ ପକ୍ଷରୁ କୀର୍ତ୍ତନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସମସ୍ତ ଅଞ୍ଚଳବାସୀ ଓ ପୂଜା କମିଟିର ସଦସ୍ୟଙ୍କ ସହଯୋଗ ପାଇଁ ଶାନ୍ତିଶୃଙ୍ଖଳାରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିବା ଆୟୋଜକ କମିଟି ସଭାପତି ସଞ୍ଜୟ କୁମାର ମେହେର ସୂଚନା ଦେଇଛନ୍ତି।



ଶ୍ୟାମାକାଳୀ ପୂଜା ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

# ଟଙ୍କା ଚୋରି ଘଟଣା: ୪ ଗିରଫ

**ଝାରସୁଗୁଡ଼ା, ୨୨।୧୦ (ଆଶିଷ ରଞ୍ଜନ ଦାଶ)**

ମହିଳାଙ୍କ ବ୍ୟାଗରୁ ଟଙ୍କା ଚୋରି ଘଟଣାରେ ଝାରସୁଗୁଡ଼ା ଟାଉନ୍ ଥାନା ପୋଲିସ ଏକ ଆନ୍ତଃରାଜ୍ୟ ଚୋରି ଗ୍ୟାଙ୍ଗର ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛତିଶଗଡ଼ ରାୟପୁର ଅଞ୍ଚଳର ସତ୍ୟପୁଲା ଗୋଣ୍ଡ(୫୦), ଶାନ୍ତିଗୋଣ୍ଡ(୫୦), ସୋନୁ ଗୋଣ୍ଡ(୪୨) ଓ ଅଞ୍ଜୁ ଗୋଣ୍ଡ(୫୦)। ଅଭିଯୋଗ ଅନୁଯାୟୀ, ଝାରସୁଗୁଡ଼ା ପୌର କାର୍ଯ୍ୟାଳୟରେ କାମ କରୁଥିବା ବେହେରାମାଲ ଅଞ୍ଚଳର ଉଷାରାଣୀ ସାହୁ ଶୁକ୍ରବାର ପୋଷ୍ଟ ଅଫିସରୁ ୫୦,୦୦୦ ଟଙ୍କା ଉଠାଇ ପୌର କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରୁ ସେ ଅଟୋରେ ଘରକୁ ଫେରୁଥିବାବେଳେ ତାଙ୍କ ବ୍ୟାଗରେ ଥିବା ଟଙ୍କା ଚୋରି ହୋଇଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଜିଲା କୃଷକ ସଂଘର କାର୍ଯ୍ୟକାରୀ କମିଟି ବୈଠକ

**ଦେବଗଡ଼, ୨୨।୧୦ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା କୃଷକ ସଂଘର କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ଅଗ୍ରସେନ ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦେହୁରୀ ପୂର୍ବ ବିବରଣୀ ପାଠ କରିବା ପରେ ପ୍ରସ୍ତାବଗୁଡିକୁ ଦୃଢ଼ୀକରଣ କରାଯାଇଥିଲା। ଏହାପରେ ଜିଲାର ଚାଷୀଙ୍କ ବିଭିନ୍ନ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବରୁ ଜିଲାରେ ହୋଇଥିବା ତ୍ରୁଟିପୂର୍ଣ୍ଣ ହାଇଟେକ୍ ସର୍ଭେକୁ ରଦ୍ଦ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ହେଲେ ଏହି ଦାବି ପୂରଣ ହୋଇ ନ ଥିବାରୁ ଏହି ପ୍ରସଙ୍ଗରେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲାରେ ହାତୀ ଉପଦ୍ରବ ଏବଂ ଚକଡ଼ା ପୋକ ପ୍ରଭାବରେ ଫସଲ ନଷ୍ଟ ହୋଇଛି। ଏନେଇ ଜିଲାପାଳ ଏବଂ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଗତବର୍ଷ ସରକାରଙ୍କ ପକ୍ଷରୁ ଚାଷୀଙ୍କଠାରୁ ଧାନ କିଣାବିକା ସମୟରେ ହୋଇଥିବା ବିଭିନ୍ନ ସମସ୍ୟା ଏବଂ କଟ୍‌ନୀ ଛଟ୍‌ନୀ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯିବା ସହ ଆସନ୍ତା ବର୍ଷ ଧାନ କ୍ରୟ ସମୟରେ ଏନେଇ ସଂଘ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକରେ ସଂଘ ସଭାପତି ଝାଙ୍କର, ସମ୍ପାଦକ ଦେହୁରୀ, ଉପଦେଷ୍ଟା ବିଭୁତି ଗଙ୍ଗଦେବ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷକନେତା ସନ୍ତୋଷ କୁମାର ପ୍ରଧାନ, ସଚ୍ଚିଦାନନ୍ଦ ପଟ୍ଟନାୟକ, ପବିତ୍ର ମୋହନ ପ୍ରଧାନ, ବିଜୟ କୁମାର ପ୍ରଧାନ, ବିନୋଦ ବିହାରୀ ନାୟକ, ଜନାର୍ଦ୍ଦନ ପ୍ରଧାନ, ସୁଶାନ୍ତ କୁମାର ସାହୁ, ସେବକ ସାହୁ, ଗଣେଶ ମହାନାୟକ, ଯଯାତି ବିଶ୍ୱାଳ, ଗୁରୁଚରଣ ସାହୁ, ତୋଫାନ ପ୍ରଧାନ ଓ ଟୁକୁ ଦ୍ୱିବେଦୀଙ୍କ ସମେତ ବହୁ ଚାଷୀ ଓ କୃଷକନେତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲା ପ୍ରତିଷ୍ଠା ଦିବସ, ଧୁଲ୍‌ଧୁଲି ମହୋତ୍ସବ ପ୍ରସ୍ତୁତି ବୈଠକ

**ଝାରସୁଗୁଡ଼ା, ୨୨।୧୦ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ପ୍ରତିଷ୍ଠା ଦିବସ ଓ ଜିଲା ମହୋତ୍ସବ 'ଧୁଲଧୁଲି' ପାଳନ ପାଇଁ ବୁଧବାର ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ଅଜୟ ଜେନା ପ୍ରାରମ୍ଭିକ ସୂଚନା, ବିମଳେନ୍ଦୁ ଭୋଳ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରତିବର୍ଷ ଭଳି ଆସନ୍ତା ଜାନୁଆରୀ ୧ରେ ଜିଲା ପ୍ରତିଷ୍ଠା ଦିବସ ସହ ୫ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଧୁଲଧୁଲି ବିଟିଏମ୍ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିସହ ପଲ୍ଲିଶ୍ରୀ ମେଳାର ଆୟୋଜନ ହେବ। ମହୋତ୍ସବର ଗୋଟିଏ ଦିନ କେବଳ ମହିଳାଙ୍କ ଦ୍ୱାରା ପରିଚାଳନା କରାଯିବାକୁ ସ୍ଥିର କରାଯାଇଛି। ସଭ୍ୟା, ସଭ୍ୟମାନେ ମହୋତ୍ସବର ସଫଳ ଆୟୋଜନ ନେଇ ପ୍ରସ୍ତାବ ଦେଇଥିଲେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମହୋତ୍ସବ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମ୍ପୃକ୍ତ କମିଟିଗୁଡ଼ିକର ପୃଥକ୍ ଭାବେ ବୈଠକ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି।

# କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

## ଚକଡ଼ା ପୋକ ଯୋଗୁ ଫସଲ ନଷ୍ଟ

**ଦେବଗଡ଼, ୨୨।୧୦ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାର ଅଧିକାଂଶ ଚାଷଜମିରେ ଚକଡ଼ା ପୋକ ଲାଗିବାରୁ ତାହା ନଷ୍ଟ ହେଉଛି। ଏଥିଯୋଗୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଚକଡ଼ା ପୋକ ଜନିତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଦାବି କରାଯାଇଛି। ବାରକୋଟ ବ୍ଲକ ଅଧୀନ ବସାଲୋଇ ପଞ୍ଚାୟତ ସମେତ ରିଆମାଳ ବ୍ଲକ ସଦର ମହକୁମା ଏବଂ ଜିଲାର ଏକର ଏକର ଚାଷ ଜମିରେ ଚକଡ଼ା ପୋକ ଲାଗିବାରୁ ଅମଳ ହେବାକୁ ଥିବା ଫସଲ ନଷ୍ଟ ହେଉଛି। କଂଗ୍ରେସର ଏକ ପ୍ରତିନିଧି ଦଳ ମଙ୍ଗଳବାର ବସାଲୋଇ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲା। ଏଥିସହ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କରଜ କରି ଧାନଚାଷ କରିଥିବା ଚାଷୀ ଅମଳ ପୂର୍ବରୁ କ୍ଷତି ସହୁଛି। ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଟିଙ୍କିରା ନଦୀ ଉପରେ ସେତୁ ନିର୍ମାଣ ପାଇଁ ରାସ୍ତାରୋକୋ

**ଦେବଗଡ଼,୨୨।୧୦ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ତିଲେଇପଶି ଗ୍ରାମର ଟିଙ୍କିରା ନଦୀ ଉପରେ ସେତୁ ନିର୍ମାଣ ପାଇଁ ବୁଧବାର ୭ଟି ପଞ୍ଚାୟତର ଅଧିବାସୀ ବୁଢ଼ାପାଳ ୧୫୩ (ବି) ଜାତୀୟ ରାଜପଥ ଉପରେ ରାସ୍ତାରୋକୋ କରିଛନ୍ତି। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଯାନବାହାନ ଅଟକି ରହିଛି। ସୂଚନା ଅନୁସାରେ, ବୁଢ଼ାପାଳଠାରୁ ତିଲେଇପଶି ରାସ୍ତାର ଉନ୍ନତୀକରଣ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨ ବର୍ଷ ତଳେ ଟେଣ୍ଡର କରାଯାଇ ଟିଙ୍କିରା ନଦୀରେ ସେତୁର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ଦେବଗଡ଼ ଓ ଅନୁଗୋଳ ଜିଲାର ୭ଟି ପଞ୍ଚାୟତର ଅଧିବାସୀ ଯାତାୟାତର ସୁବିଧା ପାଇଥାନ୍ତେ। ମାତ୍ର ଝରାବେରଣି ଗ୍ରାମର ଅଧିବାସୀ ହାଇକୋର୍ଟରେ ରହିତାଦେଶ କରିବା ଫଳରେ ଉକ୍ତ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଯାହାଦ୍ୱାରା ୭ ପଞ୍ଚାୟତର ଅଧିବାସୀ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିବା ସହ ବୁଧବାର ତିଲେଇପଶି, ତେବୁଡ, ଜୁରାଡ଼ଙ୍ଗା, ନେତ୍ରପାଲ, ଭାଙ୍ଗର ମୁଣ୍ଡା, ଭାଲୁଖାଇ ଓ ପାଟକୁମୁଣ୍ଡା ଗ୍ରାମର ଅଧିବାସୀ ଏକତ୍ରିତ ସେତୁ ପୁନଃ ନିର୍ମାଣ ଦାବିରେ ରାସ୍ତାରୋକୋ କରିଥିଲେ। ଅପରାହ୍ନ ପ୍ରାୟ ୫ଟାରେ ପ୍ରଶାସନ ପକ୍ଷରୁ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରାଯାଇଥିଲା। ମାମଲାଟି କୋର୍ଟରେ ବିଚାରାଧୀନ ରହିଛି, ରାୟକୁ ଅପେକ୍ଷା କରାଯାଇଛି। କୋର୍ଟ ଅନୁମତି ଦେଲେ ସଙ୍ଗେ ସଙ୍ଗେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ, ଏସ୍‌ଡିପିଓ, ରିଆମାଳ ଅତିରିକ୍ତ ତହସିଲଦାର ପ୍ରେମ ପ୍ରକାଶ ହୋରା, କୁଣ୍ଡେଇଗୋଳା ଓ ରିଆମାଳ ଥାନା ପୋଲିସ ପହଞ୍ଚି ବୁଝାସୁଝା କରିବାରୁ ରାସ୍ତାରୋକ ହଟିଥିଲା। ୧୦ ଘଣ୍ଟା ଧରି ରାସ୍ତାରୋକୋ ହେବା ଫଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଆଗାମୀ ଦିନରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚାଷୀନେତା ଲୋଚନ ଦେହୁରୀ ପ୍ରକାଶ କରିଛନ୍ତି।



ସେତୁ ନିର୍ମାଣ ପାଇଁ ରାସ୍ତାରୋକୋ କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଦେବାଶିଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୀମାକୁ ସୁରକ୍ଷା ଦେଉଛି ଓଡ଼ିଶା ଷ୍ଟାର୍ଟଅପ ଆଇଜି ଡ୍ରୋନ୍ସ

ଭୁବନେଶ୍ୱର,୨୨।୧୦(ଅନୁରାଧା ମହାରଣା)



ଓଡ଼ିଶାର ଷ୍ଟାର୍ଟଅପ୍ ଆଇଜି ଡ୍ରୋନ୍ସ ନିକଟରେ ହୋଇଥିବା ଅପରେଶନ୍ ସିନ୍ଦୂରରେ ଏକ ରଣନୀତିକ ସହଯୋଗୀ ଭାବେ ଉଭା ହୋଇଥଲା । ଏହି ଟେକ୍ନୋଲୋଜି ନିୟନ୍ତ୍ରଣ ରେଖା ଏବଂ ବାହାରେ ଶତ୍ରୁମାନଙ୍କ ବିରୋଧରେ ଭାରତର ସୀମା ସୁରକ୍ଷା ଅଭିଯାନକୁ ସମର୍ଥନ କରୁଛି। କମ୍ପାନୀର ଉଚ୍ଚ-କ୍ଷମତା ସମ୍ପନ୍ନ ମାନବବିହୀନ ଡ୍ରୋନ ଭାରତୀୟ ସେନା ଦ୍ୱାରା କୌଶଳଗତ ନିରୀକ୍ଷଣ, ଭୂଖଣ୍ଡ ମାନଚିତ୍ର ଏବଂ ଠିକ୍ ଆକ୍ରମଣ ସମର୍ଥନ ଭୂମିକାରେ ନିୟୋଜିତ ହୋଇଛି। ୨୦୧୮ରେ ପ୍ରତିଷ୍ଠିତ ଆଇଜି ଡ୍ରୋନ୍ସ ଉଚ୍ଚ, ଦୁର୍ଗମ ଭୂଖଣ୍ଡ ଏବଂ ଆହ୍ୱାନପୂର୍ଣ୍ଣ ବାୟୁସୀମା କାର୍ଯ୍ୟକ୍ରମ ପାଇଁ ବିଶେଷ ଭାବେ ପ୍ରସ୍ତୁତ କରାଯାଇଥିବା ଅତ୍ୟାଧୁନିକ ଫାର୍ଷ୍ଟ-ପର୍ସନ୍-ଭ୍ୟୁ (ଏଫପିଭି) ଡ୍ରୋନ୍ସର ଏକ ପୋର୍ଟଫୋଲିଓ ତିଆରି କରିଛି, ଯାହା ସମ୍ପୂର୍ଣ୍ଣ ରୂପେ ଚାଇନା ଉତ୍ପାଦ ମୁକ୍ତ ଅଟେ। ଅପରେଶନ୍ ସିନ୍ଦୁର ସମୟରେ ଏହା ପାକିସ୍ତାନ ଅଧିକୃତ କଶ୍ମୀର ଏବଂ ସଂଲଗ୍ନ ସୀମା ଅଞ୍ଚଳମାନଙ୍କରେ ଏକାଧିକ ଆତଙ୍କବାଦୀ ଭିତ୍ତିଭୂମି ସ୍ଥାନକୁ ଟାର୍ଗେଟ କରିଥିଲା। ଆଇଜି ଡ୍ରୋନ୍ସର ପ୍ଲାଟଫର୍ମଗୁଡ଼ିକ ବାସ୍ତବ ସମୟ ଗୁଇନ୍ଦା ତଥ୍ୟ ସଂଗ୍ରହ, ଦୁର୍ଗମ ଭୂଖଣ୍ଡରେ ଏରିଅଲ ନିରୀକ୍ଷଣ ଏବଂ ଦ୍ରୁତ ଆକ୍ରମଣ ସହଯୋଗ ପାଇଁ ବ୍ୟବହୃତ ହୋଇଥିଲା। ଆଇଜି ଡ୍ରୋନ୍ସ ଭାରତୀୟ ସେନା ସହିତ ଉନ୍ନତ ଏଫପିଭି ଡ୍ରୋନ୍ ସିଷ୍ଟମ୍ ଯୋଗାଣ ପାଇଁ ଏକ ବଡ଼ ଚୁକ୍ତି ହାସଲ କରିଛି, ଯାହା ଭାରତର 'ମେକ ଇନ ଇଣ୍ଡିଆ' ଏବଂ 'ଆତ୍ମନିର୍ଭର ଭାରତ' ପ୍ରତିରକ୍ଷା ପ୍ରଯୁକ୍ତି ଉନ୍ନୟନରେ ଏକ ମାଇଲଷ୍ଟୋନ୍ ଚିହ୍ନିତ କରୁଛି। ଅପରେଶନ୍ ସିନ୍ଦୂର ସମୟରେ ନିୟୋଜିତ ହେବା ଏହା ଦର୍ଶାଉଛି ଯେ ଭାରତ ଏବେ ପାରମ୍ପରିକ ସୀମା ବାହାରେ ଘରୋଇ ଭାବରେ ବିକଶିତ ମାନବବିହୀନ ପ୍ରଣାଳୀ ଉପରେ ନିର୍ଭର କରୁଛି, ଯାହା ବିଦେଶୀ ଡ୍ରୋନ୍ ଉପରେ ନିର୍ଭରଶୀଳତା ହ୍ରାସ କରୁଛି। ଆଇଜି ଡ୍ରୋନ୍ସ ଭଳି ସ୍ୱଦେଶୀ ଡ୍ରୋନ୍ ଶିଳ୍ପ ଏବେ ସୀମା ସୁରକ୍ଷା କାର୍ଯ୍ୟରେ ସିଧାସଳଖ ଭୂମିକା ଗ୍ରହଣ କରୁଛି – କେବଳ ନିରୀକ୍ଷଣ କିମ୍ବା ଭିତ୍ତିଭୂମି ତଦାରଖରେ ନୁହେଁ, ବରଂ ସକ୍ରିୟ କାର୍ଯ୍ୟକ୍ଷମ ପ୍ରସଙ୍ଗରେ ମଧ୍ୟ ଯାହାର ବାସ୍ତବ କୌଶଳଗତ ପ୍ରଭାବ ରହିଛି। ଆଇଜି ଡ୍ରୋନ୍ସ ଭଳି ଘରୋଇ ଉଦ୍ଭାବକ ଦ୍ୱାରା ବିକଶିତ ଉନ୍ନତ ଡ୍ରୋନ୍ ସିଷ୍ଟମର ନିୟୋଜନ ଭାରତର ସୀମା-ସୁରକ୍ଷା ସ୍ଥାପତ୍ୟର ପ୍ରକୃତିରେ ଏକ ପରିବର୍ତ୍ତନର ସଙ୍କେତ ଦେଉଛି। କେବଳ ପାରମ୍ପରିକ ମାନବଯୁକ୍ତ ପାଟ୍ରୋଲ୍, ସ୍ଥିର-ଉଇଙ୍ଗ ବିମାନ ଏବଂ ଆମଦାନୀ ହୋଇଥିବା ମାନବବିହୀନ ସିଷ୍ଟମ ଉପରେ ନିର୍ଭର କରିବା ପରିବର୍ତ୍ତେ, ଭାରତୀୟ ସେନା ଏବେ ଆହ୍ୱାନପୂର୍ଣ୍ଣ ଭୂଭାଗ, ଉଚ୍ଚ ଏବଂ ୨୪ ଘଣ୍ଟିଆ କାର୍ଯ୍ୟ ପାଇଁ ପ୍ରସ୍ତୁତ ଦ୍ରୁତ, ମଡ୍ୟୁଲାର୍ ଡ୍ରୋନ୍ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି।

# ୫ ମାସରେ ୯୭,୦୭୯ କୋଟିର ଗୋଲ୍ଡ ଲୋନ

ଭୁବନେଶ୍ୱର,୨୨।୧୦

ଭାରତୀୟମାନେ ସୁନାକୁ ସୁରକ୍ଷିତ ନିବେଶ ଭାବେ ଦେଖନ୍ତି। ସୁନା କିଣିବା ସହ ଏହାକୁ ବନ୍ଧକ ରଖି ଲୋନ ନେବା ଲୋକଙ୍କ ସଂଖ୍ୟା ବଢ଼ିଛି। ଆରବିଆଇ ଅନୁସାରେ, ଗତ ୫ ମାସରେ ଭାରତୀୟମାନେ ୯୭,୦୭୯ କୋଟି ଟଙ୍କାର ଗୋଲ୍ଡ ଲୋନ ନେଇଛନ୍ତି। ଅଗଷ୍ଟ ୨୦୨୫ରେ ଗୋଲ୍ଡ ଲୋନ ୧୧୭.୮% ବଢ଼ିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ୨,୦୮,୭୩୫ କୋଟି ଟଙ୍କାର ଗୋଲ୍ଡ ଲୋନ ଦିଆଯାଇଥିଲା। ଜୁଲାଇରେ ଏହା ୨,୯୪,୧୬୬ କୋଟି ହୋଇଛି। ୪ ମାସରେ ୮୫ ହଜାର କୋଟି ଟଙ୍କାର ଲୋନ ବଢ଼ିଛି। ଅଗଷ୍ଟରେ ୧୨ ହଜାର କୋଟି ଟଙ୍କାର ଲୋନ ନିଆଯାଇଛି। ବ୍ୟାଙ୍କ ଓ ଅଣ-ବ୍ୟାଙ୍କ ଅର୍ଥ ସଂସ୍ଥା ସୁନାର ୮୫% ମୂଲ୍ୟରେ ସହଜ ଲୋନ ଦେଉଛନ୍ତି, ଯାହା ଅନ୍ୟ ଲୋନ ତୁଳନାରେ ଶସ୍ତା।

# ବିକ୍ରି କ୍ଷେତ୍ରରେ ପ୍ରଥମ ସ୍ଥାନରେ ଟାଟା ନେକ୍ସନ

ଭୁବନେଶ୍ୱର,୨୨।୧୦

ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ (ଟିଏମ୍‌ପିଭି) ଭାରତର ଅନ୍ୟତମ ଅଟୋମୋବାଇଲ ନିର୍ମାତା ଆଡଭାନ୍ସଡ ଡ୍ରାଇଭରଆସିଷ୍ଟାଣ୍ଟ ସିଷ୍ଟମ (ଆଡାସ୍)କୁ ଏହାର ନେକ୍ସନ ଲାଇନଅପରେ ଅନ୍ତର୍ଭୁକ୍ତ କରିବାକୁ ଘୋଷଣା କରିଛି। ଭାରତରେ ନିରାପତ୍ତା ବିପ୍ଳବକୁ ଆଗେଇ ନେଇ ନେକ୍ସନ ଦେଶର ପ୍ରଥମ କାର ଭାବେ ବିବେଚିତ ହୋଇଛି। ୫ ତାରକା ସୁରକ୍ଷା ମୂଲ୍ୟାୟନ ଗ୍ରହଣ କରାଯାଇଥିଲା ଏବଂ ଉଭୟ ଜିଏନସିଏପି ଏବଂ ବିଏନସିଏପିର ଦ୍ୱୈତ-ତାରକା ମୂଲ୍ୟାୟନ ସହିତ ଏକମାତ୍ର ଏସୟୁଭି ଭାବରେ ଏହାର ଦୃଢ଼ତା ବଜାୟ ରଖିଛି। ଆଡାସ୍ ବୈଶିଷ୍ଟ୍ୟଗୁଡିକର ଯୋଗ ସହିତ ସ୍ୱୟଂଶାସିତ ଜରୁରିକାଳୀନ ବ୍ରେକିଂ, ଫରୱାର୍ଡ ଧକ୍କା ଚେତାବନୀ, ଲେନ କିପ ଆସିଷ୍ଟ, ଟ୍ରାଫିକ ସାଇନ ସ୍ୱୀକୃତ ସହିତ ନେକ୍ସନ ବର୍ତ୍ତମାନ ଏକ ଉଚ୍ଚ ସ୍ତରର ସୁରକ୍ଷା ପ୍ରଦାନ କରୁଛି। ସେପ୍ଟେମ୍ବରରେ କାର ବିକ୍ରି ତଥ୍ୟ ଅନୁସାରେ ନେକ୍ସନ ଭାରତରେ ପ୍ରଥମ ସ୍ଥାନରେ ସ୍ଥାନିତ ହୋଇଛି, ଯାହା ବ୍ରାଣ୍ଡ ପାଇଁ ଆଉ ଏକ ସଫଳତା ବୋଲି କୁହାଯାଉଛି। ଏହି ସଫଳତାକୁ ପାଳନ କରିବା ପାଇଁ ଟାଟା ମୋଟର୍ସ ପେଟ୍ରୋଲ, ଡିଜେଲ ଏବଂ ସିଏନଜି ପାୱାରଟ୍ରେନ୍ରେ ଉପଲବ୍ଧ ଥିବା ରେଡ # ଡାର୍କ ସଂସ୍କରଣକୁ ମଧ୍ୟ ୧୨.୪୪ ଲକ୍ଷରୁ ଆରମ୍ଭ କରିଛି। ଟାଟା ପାସେଞ୍ଜର ଇଲେକ୍ଟ୍ରିକ ମୋବିଲିଟି ଲିମିଟେଡ ମୁଖ୍ୟ ବାଣିଜ୍ୟ ଅଧିକାରୀ ବିବେକ ଶ୍ରୀବାଟା କହିଛନ୍ତି ଯେ, ୨୦୧୭ ରେ ଡେବ୍ୟୁ ହେବା ପରଠାରୁ ନେକ୍ସନ ଏହାର ବୋଲ୍ଡ ଡିଜାଇନ, ରୋମାଞ୍ଚକର ପ୍ରଦର୍ଶନ କ୍ଷେତ୍ରରେ ଭାରତର ପ୍ରଥମ କାର ଅଟେ। ସେପ୍ଟେମ୍ବର ୨୦୨୫ ରେ ନେକ୍ସନ ଭାରତରେ ଏକ ନମ୍ବର ବିକ୍ରୟ କାର ହୋଇପାରିଛି।

# ଦୁର୍ଗମ ଅଞ୍ଚଳ ଗୁରେଜରେ ଜିଓ ଟାୱାର

ଭୁବନେଶ୍ୱର,୨୨।୧୦



ରିଲାଏନ୍ସ ଜିଓ କଶ୍ମୀରର ବାନ୍ଦିପୋରାରେ ଗୁରେଜର ଦୁର୍ଗମ ଅଞ୍ଚଳରେ ଏହାର ସେବା ଆରମ୍ଭ କରିଛି। ରିଲାଏନ୍ସ ଜିଓ ଏବଂ ଭାରତୀୟ ସେନା ମିଳିତ ଭାବରେ ପାଞ୍ଚଟି ନୂତନ ଟାୱାର ସ୍ଥାପନ କରିଛନ୍ତି। କୁପୱାରା ସେଣ୍ଟିନେଲ୍ସ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ପୋଷ୍ଟରେ ଏହା ଘୋଷଣା କରିଛି। ଏହି ଟାୱାରଗୁଡ଼ିକ ହାରାହାରି ୧୩,୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଆଗୁଆ ପୋଷ୍ଟଗୁଡ଼ିକୁ ଅତ୍ୟାଧୁନିକ ଯୋଗାଯୋଗ ସଂଯୋଗ ପ୍ରଦାନ କରିବ। ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ଅଭିହିତ କରି କୁପୱାରା ସେଣ୍ଟିନେଲ୍ସ ଏହାର ପୋଷ୍ଟରେ କହିଛି, ଭାରତୀୟ ସେନା ଏବଂ ରିଲାଏନ୍ସ ଜିଓ ଗୁରେଜ ଅଞ୍ଚଳରେ ପାଞ୍ଚଟି ନୂତନ ମୋବାଇଲ ଟାୱାର ସ୍ଥାପନ କରିଛନ୍ତି–ଏହି ଅଞ୍ଚଳରେ ଯୋଗାଯୋଗ ଭିତ୍ତିଭୂମିକୁ ଉନ୍ନତ କରିବା ଏବଂ ଡିଜିଟାଲ ସଂଯୋଗୀକରଣକୁ ବୃଦ୍ଧି କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପୂର୍ବରୁ ଜିଓ ୧୬,୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ସିଆଚୀନ୍ ଗ୍ଲେସିୟରରେ ସେବା ପ୍ରଦାନ କରିବାରେ ପ୍ରଥମ ଅପରେଟର ହୋଇଥିଲା। ଜାନୁଆରୀ ୧୫ରେ ସେନା ଦିବସ ପୂର୍ବରୁ, ଜିଓ ସିଆଚୀନ ଗ୍ଲେସିୟରରେ ୪ଜି ଏବଂ ୫ଜି ସେବା ଆରମ୍ଭକରି ଏହି ମାଇଲଖୁଣ୍ଟ ହାସଲ କରିଥିଲା। ଗୁରେଜ ଅଞ୍ଚଳର ଏହି ଟାୱାରଗୁଡ଼ିକ ଘରୋଇ କ୍ଷେତ୍ର ଏବଂ ସେନା ମିଳିତ ଭାବରେ କାମ କରିବାର ଏକ ଉଦାହରଣ। ରିଲାଏନ୍ସ ଜିଓ ଉପକରଣ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରୁଥିବା ବେଳେ ସେନା ଭିତ୍ତିଭୂମି, ଫାଇବର ସୁରକ୍ଷା ଏବଂ ବିଦ୍ୟୁତ୍ ଉପଲବ୍ଧତା ସୁନିଶ୍ଚିତ କରୁଛି। ଜିଓ ଏହାର ସ୍ୱଦେଶୀ ପୂର୍ଣ୍ଣ-ଷ୍ଟାକ୍ ୫ଜି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଛି। ଏହି ଟାୱାରଗୁଡ଼ିକ ଭାରତୀୟ ସୈନିକମାନଙ୍କୁ ସ୍ଥିର ଯୋଗାଯୋଗ ସଂଯୋଗ ପ୍ରଦାନ କରିବ, ଯାହା ସେମାନଙ୍କୁ ସହଜରେ ସେମାନଙ୍କ ପରିବାର ସହ ଯୋଡ଼ିହେବାରେ ସହାୟକ ହେବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଚ୍ୟାଲେଞ୍ଜିଂ ଭୂଖଣ୍ଡ ଏବଂ କଷ୍ଟକର ପରିସ୍ଥିତିରେ ନିୟୋଜିତ ସୈନିକମାନଙ୍କ ପାଇଁ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବା।

# ଜିନ୍ଦଲ ଫାଉଣ୍ଡେଶନ ପାଳିଲା ସେବା ଦିବସ




ଭୁବନେଶ୍ୱର,୨୨।୧୦(ଅନୁରାଧା ମହାରଣା)

ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଏହାର ଅଧ୍ୟକ୍ଷା ଏବଂ ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟର କୁଳପତି ତଥା ସାମାଜିକ କର୍ମୀ ଶାଲୁ ଜିନ୍ଦଲଙ୍କ ଜନ୍ମଦିନକୁ ଦେଶର ବିଭିନ୍ନ ସ୍ଥାନରେ 'ସେବା ଦିବସ' ଭାବରେ ପାଳନ କରାଯାଇଛି। ଏହି ଅବସରରେ ଫାଉଣ୍ଡେଶନ ଦ୍ୱାରା ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଓଡ଼ିଶାର ଅନୁଗୋଳ, ବଡ଼ବିଲ, କାସିଆ, ଟେନ୍‌ସା ଏବଂ ଭୁବନେଶ୍ୱର, ଛତିଶଗଡ଼ର ରାୟଗଡ଼ା ଏବଂ ତାମନାର, ଝାଡ଼ଖଣ୍ଡର ପାତ୍ରାଟୁ, ଆନ୍ଧ୍ର ପ୍ରଦେଶର ନେଲୋର ଏବଂ ମହାରାଷ୍ଟ୍ରର ଧୂଳେ ଆଦି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ରାୟଗଡ଼ାର ପରସାଡା ଗ୍ରାମପଞ୍ଚାୟତରେ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ୱଚ୍ଛ ଜଳ ଉପଲବ୍ଧତାକୁ ଉନ୍ନତ କରିବା ପାଇଁ ଏକ ପାଣି ପମ୍ପ ସ୍ଥାପନ କରାଯାଇଥିଲା। ମହିଳା ସଶକ୍ତୀକରଣକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଟେନସାରେ ଏକ ମୁଢ଼ି ଉତ୍ପାଦନ କେନ୍ଦ୍ରର ଉଦଘାଟନ କରାଯାଇଥିଲା। ଫାଉଣ୍ଡେଶନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଆୟୁର୍ବେଦିକ ଚିକିତ୍ସା ଏବଂ ଫିଜିଓଥେରାପି ସୁବିଧାର ଆୟୋଜନ କରାଯାଇଥିଲା । ସେହିପରି ଯକ୍ଷ୍ମା ରୋଗୀଙ୍କ ସମେତ ଚିକିତ୍ସାଧୀନ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସହାୟତା ପ୍ରଦାନ କରାଯାଇଥିଲା । ଜିନ୍ଦଲ ଷ୍ଟିଲର ସିଏସଆର୍ ଗୋଷ୍ଠୀ ମୁଖ୍ୟ ପ୍ରଶାନ୍ତ ହୋତା ଜିନ୍ଦଲଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଶାଲୁ ଜିନ୍ଦଲ ଜୀଙ୍କ ମାର୍ଗଦର୍ଶନରେ ଜିନ୍ଦଲ ଫାଉଣ୍ଡେଶନ ଅପହଞ୍ଚ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ନିଜ ମିଶନରେ ଅଟଳ ରହିଛି। ଆମର ଟିମ୍ ତାଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ପ୍ରତିଦିନ ଲୋକଙ୍କ ସେବା କରିବା ପାଇଁ ଆଗକୁ ଆଗକୁ ବଢ଼ି ଚାଲିଛନ୍ତି । ତାଙ୍କ ଜନ୍ମଦିନରେ ଅବହେଳିତ ଲୋକଙ୍କ ସେବା ଜାରି ରଖିବା ପାଇଁ ପ୍ରେରଣା ଦିଏ ବୋଲି ପ୍ରଶାନ୍ତ କହିଛନ୍ତି।

# ବିଜିୟୁରେ ବିଜନେସ୍ ଆନାଲିଟିକ୍ସରେ ଏମ୍‌ବିଏ ପାଠ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୨୨।୧୦

ବିର୍ଲା ଗ୍ଲୋବାଲ ୟୁନିଭର୍‌ସିଟି (ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ଏବଂ କେପିଏମ୍‌ଜି ଇଣ୍ଡିଆର ମିଳିତ ସହଯୋଗରେ ଦୁଇବର୍ଷିଆ ଏମ୍‌ବିଏ ଇନ୍ ବିଜନେସ୍ ଆନାଲିଟିକ୍ସ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ଛାତ୍ରୀଛାତ୍ରମାନଙ୍କୁ ଆଧୁନିକ ବ୍ୟବସାୟରେ ନିରନ୍ତର ପରିବର୍ତ୍ତନର ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଧୁନିକ ବିଶ୍ଳେଷଣାତ୍ମକ କୌଶଳ ଓ ନିଷ୍ପତ୍ତି ନେବା ଦକ୍ଷତାକୁ ବୃଦ୍ଧି କରିପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ଶିଳ୍ପ ସମ୍ପର୍କିତ ଉପକରଣ ଓ କେସ୍ ଷ୍ଟଡି ଦ୍ୱାରା ଅଭିଜ୍ଞତା ହାସଲ କରିପାରିବେ। ଏହି ଅବସରରେ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟର ଡିନ୍ ପ୍ରଫେସର ପି. ନାୟକ କହିଛନ୍ତି, ଏହି ପାଠ୍ୟକ୍ରମ ଏକ ଲଞ୍ଚପ୍ୟାଡ୍, ଯାହା ତଥ୍ୟକୁ ନିୟନ୍ତ୍ରଣ କରିବା ସହ ଭବିଷ୍ୟତରେ ଛାତ୍ରୀଛାତ୍ରଙ୍କୁ ସଫଳ ବିଜନେସ୍ ଲିଡର ହେବା ପାଇଁ ପ୍ରୋତ୍ସାହିତ କରିବ। କେପିଏମ୍‌ଜି ଇଣ୍ଡିଆର ଏଜୁକେଶନ ସେକ୍ଟରର ନ୍ୟାଶନାଲ ଲିଡର ତଥା ଅଂଶୀଦାର ନାରାୟଣ ରାମାସ୍ୱାମୀ ଏହି ଅବସରରେ ବିର୍ଲା ଗ୍ଲୋବାଲ ୟୁନିଭର୍‌ସିଟି ସହ ସହଯୋଗିତା କରିଥିବାରୁ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଏହି ପଦକ୍ଷେପ ଶିଳ୍ପ ପାଇଁ ପ୍ରସ୍ତୁତ ଛାତ୍ରୀଛାତ୍ରମାନଙ୍କୁ ସୁବିଧା ଯୋଗାଇପାରିବ ବୋଲି ସେ କହିଥିଲେ। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି (ଆଇଆଇଏମ୍ କୋଝିକୋଡ୍‌ର ପୂର୍ବତନ ପ୍ରଫେସର ତଥା ଆଇଆଇଏମ୍ କାଶୀପୁରର ପୂର୍ବତନ ନିର୍ଦ୍ଦେଶକ) ବିର୍ଲା ଗ୍ଲୋବାଲ ୟୁନିଭର୍‌ସିଟିରେ ଶିକ୍ଷା କେବଳ ଭବିଷ୍ୟତ ପାଇଁ ପ୍ରସ୍ତୁତି ନୁହେଁ, ବରଂ ଏହା ଭବିଷ୍ୟତ ଗଠନର ପ୍ରକ୍ରିୟା ବୋଲି କହିଛନ୍ତି। ଶିକ୍ଷା ଏକ ଅନୁଭବ, ଯାହା ଉତ୍ସୁକତାକୁ ଜାଗ୍ରତ କରେ, ଆକାଂକ୍ଷାକୁ ପୋଷଣ କରେ ଏବଂ କୁଶଳତାକୁ ଉତ୍କର୍ଷତାରେ ପରିଣତ କରିପାରେ ବୋଲି ସେ କହିଥିଲେ।

# ସଙ୍କଟରେ ଭାରତୀୟ ଇସ୍ପାତ ଶିଳ୍ପ

ଭୁବନେଶ୍ୱର,୨୨।୧୦

୨୦୨୩-୨୪ ଓ ୨୦୨୪-୨୫ରେ ଭାରତୀୟ ଇସ୍ପାତ ଶିଳ୍ପ ବିଦେଶରୁ ଅଧିକ ଆମଦାନୀ ଓ କମ ଦାମରେ ଇସ୍ପାତ ବିକ୍ରି (ଡମ୍ପିଙ୍ଗ) କାରଣରୁ ବଡ଼ ସମସ୍ୟାର ସାମ୍ନା କରୁଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଅକ୍ଟୋବର ୨୦୨୪ ବୁଲେଟିନରେ 'ଷ୍ଟିଲ ଅଣ୍ଡର୍ ସିଜ' ଲେଖାରେ ଏହା କୁହାଯାଇଛି। ବିଦେଶୀ ଇସ୍ପାତ ଦାମ କମ ଥିବାରୁ ୨୦୨୩-୨୪ରେ ଇସ୍ପାତ ଆମଦାନୀ ୨୨% ବଢ଼ିଛି । ୨୦୨୪-୨୫ର ପ୍ରଥମ ୬ ମାସରେ ଆଯାତ ୧୦.୭% ବଢ଼ିଛି ମାତ୍ର ସରକାରୀ ଟିକସ (ସେକ୍ୟୁରିଟି ଡ୍ୟୁଟି) କାରଣରୁ ଦ୍ୱିତୀୟ ୬ ମାସରେ ଆମଦାନୀ କମିଛି। ଦକ୍ଷିଣ କୋରିଆ (୧୪.୬%), ଚୀନ (୯.୮%), ଆମେରିକା, ଜାପାନ ଓ ବ୍ରିଟେନ ମୁଖ୍ୟ ଆମାଦାନୀକାରୀ ଦେଶ। ୨୦୨୪-୨୫ରେ ଚୀନ, ଜାପାନ, କୋରିଆ, ଇଣ୍ଡୋନେସିଆ ଓ ଭିଏତ୍‌ନାମରୁ ଆମଦାନୀ ବଢ଼ିଛି।


# Classified Everyday

0674-2580101, 9692975378



REAL ESTATE SALE

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05




The massage felt totally professional! & comfortable at all times- 7978109255. D-76500

Full body massage by odia therapist in homely atmosphere. 9078618337. D-1336

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

Newly open Jyoti spa positively health benefits (Expert therapist). 8458067955. D-76942

## AFFIDAVIT

By virtue of an affidavit sworn before Executive Magistrate, Rasgovindpur, Mayurbhanj, dated- 09.10.2025, I, Jayanti Soren, wife of Karam Chand Soren, Address Vill.- Parulia, P.O.- Gobara, P.S.- Rasgovindpur, Dist.- Mayurbhanj, Odisha, 757016 declare that I have changed the name of my daughter from PRAGYAN SOREN to PRAGYAN SHREE J.JHARANA SOREN. Henceforth, she shall be known as PRAGYAN SHREE J.JHARANA SOREN for all purposes. D-2340

By virtue of an affidavit sworn before Executive Magistrate, Jagatsinghpur, dated- 17.10.2025, No.2282, I, Sukadeb Swain, At/P.O.- Debidola, P.S.- Naugaon, Dist.- Jagatsinghpur, PIN- 754109 declare that I have changed the name of my son from Satya Prakash Swain to Prabhu Prakash Swain. Henceforth, he shall be known as Prabhu Prakash Swain for all purposes. D- 2341

ଆମ୍ଭେ ଆକାଶ କୁମାର ଦ୍ୱିବେଦୀ, ବୟସ- ୩୭ବର୍ଷ, ପିତା- ଲୁଲୁ ଦ୍ୱିବେଦୀ, ଗ୍ରାମ- ବଡ଼ହାଟ, ପୋଷ୍ଟ/ ଥାନା/ ଜିଲା- କେନ୍ଦ୍ରାପଡ଼ା, ଓଡ଼ିଶା, ଏତଦ୍ୱାରା ଘୋଷଣା କରୁଅଛିକି ଆମ୍ଭେ ବିଧି ମୁତାବକ ଆମ୍ଭର ଧର୍ମ ପରିବର୍ତ୍ତନ କରି ନୋଟାରି ପବ୍ଲିକ, କେନ୍ଦ୍ରାପଡାଙ୍କ ନିକଟରେ ଗତ ୦୭/୦୨/୨୦୨୫ରେ ସତ୍ୟପାଠ କରି ଆମ୍ଭର ପୁରାତନ ନାମ ମହମ୍ମଦ ତାଜୁଦ୍ଦିନରୁ ଆକାଶ କୁମାର ଦ୍ୱିବେଦୀକୁ ପରିବର୍ତ୍ତନ କରିଅଛୁ । ଆଜଦିନ ଠାରୁ ସମସ୍ତ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଆମ୍ଭେ ଆକାଶ କୁମାର ଦ୍ୱିବେଦୀ ନାମରେ ପରିଗଣିତ ହେବୁ। ଧ-୨୩୩୯

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସ୍ଥାୟୀ ଶକ୍ତି କେନ୍ଦ୍ର ସ୍ଥାପନ କରିବେ କୋଲ ଇଣ୍ଡିଆ ଓ ଆଇଆଇଟି ମାଡ୍ରାସ

ଭୁବନେଶ୍ୱର,୨୨।୧୦




ଦେଶର ବିକଶିତ କୋଲ କମ୍ପାନୀ କୋଲ ଇଣ୍ଡିଆ ଲିମିଟେଡ (ସିଆଇଏଲ) ବୁଧବାର ଭାରତୀୟ ପ୍ରଯୁକ୍ତି ସଂସ୍ଥାନ ମାଡ୍ରାସ (ଆଇଆଇଟି ମଦ୍ରାସ) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହା ଦ୍ୱାରା ଆଇଆଇଟି ମାଡ୍ରାସାରେ 'ସ୍ଥାୟୀ ଶକ୍ତି କେନ୍ଦ୍ର' ସ୍ଥାପନ ହେବ। ଏହି ଏମଓୟୁରେ ସିଆଇଏଲର ନିର୍ଦ୍ଦେଶକ (ଟେକ୍ନିକାଲ) ଅଚ୍ୟୁତ ଘଟକ ଏବଂ ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ଭି. କାମାକୋଟି ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ସିଆଇଏଲ ଅଧ୍ୟକ୍ଷ ପି.ଏମ. ପ୍ରସାଦଙ୍କ ସମେତ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କେନ୍ଦ୍ର ସ୍ଥାୟୀ ଶକ୍ତି ପ୍ରଯୁକ୍ତିରେ ନୂତନ ଗବେଷଣା ଓ ବିକାଶ (ଆର୍ ଏଣ୍ଡ ଡି) ଏବଂ କ୍ଷମତା ଗଠନ କାର୍ଯ୍ୟକ୍ରମର ଏକ କେନ୍ଦ୍ରସ୍ଥଳ ଭାବରେ କାର୍ଯ୍ୟ କରିବ। ସିଆଇଏଲର ଅର୍ଥନୈତିକ ସହାୟତା ଦ୍ୱାରା ଚାଳିତ ଏହି କେନ୍ଦ୍ର କମ୍ପାନୀର ରଣନୀତିକ ବିବିଧୀକରଣ ଲକ୍ଷ୍ୟ ସହ ଯୋଡ଼ାଯାଇଛି। ଏହା କୋଲ ଖାଦାନର ପୁନର୍ବ୍ୟବହାର, ନିମ୍ନ-କାର୍ବନ ପ୍ରଯୁକ୍ତି ବିକାଶ ଏବଂ କୋଲ୍‌କୁ ଭାରତର ସ୍ୱଚ୍ଛ ଶକ୍ତି ଭବିଷ୍ୟତରେ ଏକ ମୂଲ୍ୟବାନ ଆଧାର ଭାବେ ପୁନର୍ନିର୍ମାଣ ଉପରେ ଗୁରୁତ୍ୱ ଦେବ। ଏହି ସହଯୋଗିତା ଭାରତରେ ୨୦୭୦ ସୁଦ୍ଧା ନେଟ-ଜିରୋ ଲକ୍ଷ୍ୟ ଅନୁସାରେ ଦେଶର ଶକ୍ତି ପରିବର୍ତ୍ତନରେ ନେତୃତ୍ୱ ପାଇଁ ସ୍ୱଦେଶୀ ଗବେଷଣା, ନବୀନୋତ୍ତର ଏବଂ ପ୍ରଯୁକ୍ତି ବିକାଶ ମାଧ୍ୟମରେ ଏକ ସାଧାରଣ ପ୍ରତିବଦ୍ଧତାକୁ ଦର୍ଶାଉଛି। ସିଆଇଏଲର ଅଧ୍ୟକ୍ଷ ପି.ଏମ. ପ୍ରସାଦ କହିଛନ୍ତି, କୋଲ ଇଣ୍ଡିଆ ଦେଶର ଶକ୍ତି ଯୋଗାଣକାରୀକୁ ଛାଡ଼ି ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନର ଏକ ପ୍ରମୁଖ ସୁବିଧାକାରୀ ଭାବେ ପରିଣତ ହେଉଛି। ଏହି ଏମଓୟୁ କୋଲ ଇଣ୍ଡିଆର ସ୍ଥାୟୀ ବୃଦ୍ଧିର ଯାତ୍ରାରେ ଏକ ଐତିହାସିକ ପାଦକ୍ଷେପ। ଆଇଆଇଟି ମାଡ୍ରାସା ସହ ଏହି ସହଯୋଗିତା ମାଧ୍ୟମରେ ଆମେ ଶକ୍ତି ସୁରକ୍ଷା, ଡିକାର୍ବୋନାଇଜେସନ ଏବଂ ସାମାଜିକ-ଆର୍ଥିକ ଅଗ୍ରଗତି ନିଶ୍ଚିତ କରିବା ପାଇଁ ସ୍ୱଦେଶୀ ସମାଧାନ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ଭି. କାମାକୋଟି କହିଛନ୍ତି, ଉଦ୍ୟୋଗ-ବିଦ୍ୟାଳୟ ସହଯୋଗିତା ଭାରତର ନିମ୍ନ-କାର୍ବନ ଅର୍ଥନୀତି ଆଡ଼କୁ ପରିବର୍ତ୍ତନରେ ଆଇଆଇଟି ମାଡ୍ରାସର ଯାତ୍ରାର ମୂଳ ସ୍ତମ୍ଭ। କୋଲ ଇଆଇଣ୍ଡିଆ ସହ ଏହି ସହଯୋଗିତା ସଂସ୍ଥାନର ଏହି ଉଦ୍ଦେଶ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଭାରତର ସ୍ଥାୟୀ ଶକ୍ତି ଭବିଷ୍ୟତକୁ ସମର୍ଥନ କରିବା ପାଇଁ ସ୍କେଲେବଲ ଏବଂ ପ୍ରଭାବଶାଳୀ ସମାଧାନ ବିକଶିତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି। ଏହି କେନ୍ଦ୍ର ମାନବ ସମ୍ପଦ ବିକାଶରେ ମଧ୍ୟ ସହାୟକ ହେବ। ଏହା ପିଏଚଡି ପୋଷ୍ଟ ଡକ୍ଟରାଲ ଏବଂ ଇଣ୍ଟର୍ନସିପ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର ସବୁଜ ଶକ୍ତି ପରିବର୍ତ୍ତନରେ ନେତୃତ୍ୱ ଦେବା ପାଇଁ ନୂତନ ଗବେଷକ ଓ ଇଞ୍ଜିନିୟରମାନଙ୍କୁ ପ୍ରସ୍ତୁତ କରିବ ବୋଲି ଆଶା କରାଯାଉଛି।

# ଏସ୍‌ବିଆଇ ଅଫିସରଙ୍କ ସମବାୟ ସମିତିର ବାର୍ଷିକ ସଭା

ଭୁବନେଶ୍ୱର,୨୨।୧୦




ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫିସରମାନଙ୍କ ଦ୍ୱାରା ଗଠିତ ସମବାୟ ସମିତିର ୪୨ତମ ରାଜ୍ୟସ୍ତରୀୟ ବାର୍ଷିକ ସଭା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଅରୁଣ କୁମାର ବିଶୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବ କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମବାୟ ସମିତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଅଫିସର ସଂଘର ସଭାପତି ଅମିତାଭ ଦାସ କହିଥିଲେ, ଐକ୍ୟବଦ୍ଧତା ଯୋଗେ ସମିତି ତଥା ସଂଘର ଉତ୍ତରୋତ୍ତର ଉନ୍ନତି ସମ୍ପାଦିତ ହୋଇପାରିଛି। ଅରୁଣ କୁମାର ବିଶୋଇ ସଭାପରିଚାଳନା କରିଥିବାବେଳେ ସଂଘର ଭୁବନେଶ୍ୱର ସର୍କଲ ସଭାପତି ଡ. ତପନ କୁମାର ପାଲ ଓ ସମ୍ପାଦକ ଡ. ଚିତ୍ତରଞ୍ଜନ ପଣ୍ଡା ବୈଠକରେ ଉଦବୋଧନ ଦେଇଥିଲେ। କୋଷାଧ୍ୟକ୍ଷ ବିଜୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।




D-05

# ୧୯ ଜିଲ୍ଲାକୁ ମିଳିବ ଅତିରିକ୍ତ ପୋଷଣଯୁକ୍ତ ଚାଉଳ

### ୩ ମାସ ପାଇଁ ବଣ୍ଟାଯିବ ୧୦.୫୭ ଲକ୍ଷ କ୍ୱିଣ୍ଟାଲ

### ଉପକୃତ ହେବେ ୨.୩୯ କୋଟି ଲୋକ

ଭୁବନେଶ୍ୱର,୨୨।୧୦
(ରବିନାରାୟଣ ଜେନା)

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍)ରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ୩ ମାସର ପୋଷଣଯୁକ୍ତ ଚାଉଳ(ଫର୍ଟିଫାଏଡ୍ ରାଇସ୍) ବଣ୍ଟନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେପ୍ଟେମ୍ବରରୁ ନଭେମ୍ବର ତିନିମାସ ପାଇଁ ଅତିରିକ୍ତ ଭାବେ ଏହି ଉଭୟ ଯୋଜନାର ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରାଯିବ। ୧୯ ଜିଲ୍ଲାର ୭୦ ଲକ୍ଷ ୪୭ ହଜାର ୪୧୮ ପରିବାରର ୨ କୋଟି ୩୯ ଲକ୍ଷ ୪୬ ହଜାର ୫୩ ହିତାଧିକାରୀଙ୍କୁ ୧୦ ଲକ୍ଷ ୫୭ ହଜାର ୧୧୨.୭୦ କ୍ୱିଣ୍ଟାଲ ଚାଉଳ ବଣ୍ଟନ କରାଯିବାକୁ ରହିଛି। ଏ ନେଇ ଚଳିତ ଅକ୍ଟୋବର ୧୮ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ ସଂପୃକ୍ତ ୧୯ ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସ୍ୱତନ୍ତ୍ର ସଚିବ ତାଙ୍କ ପତ୍ରରେ ଜିଲ୍ଲାପାଳମାନଙ୍କୁ ଦର୍ଶାଇଛନ୍ତି ଯେ, ଏନ୍‌ଏଫ୍‌ଏସ୍‌ଏ ଏବଂ ଏସ୍‌ଏଫ୍‌ଏସ୍‌ଏସ୍ ଅଧୀନରେ ରାଜ୍ୟ ନିଜ ତରଫ(ଷ୍ଟେଟ୍‌ପୁଲ୍)ରୁ ୧୦ ଲକ୍ଷ ୫୭ ହଜାର ୧୧୨.୭୦ କ୍ୱିଣ୍ଟାଲ ପୋଷଣଯୁକ୍ତ ଚାଉଳ ହିତାଧିକାରୀଙ୍କୁ ବଣ୍ଟନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବଣ୍ଟନ ହେବାକୁଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ଅନୁଗୋଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, କଟକ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଜଗତ୍‌ସିଂହପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ଼, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ପ୍ରଭୃତି ରହିଛି। ଏହି ଚାଉଳ ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସ ପାଇଁ ବଣ୍ଟନ କରାଯିବ।

ସରକାରଙ୍କ ସଂଶୋଧିତ ନିର୍ଦ୍ଦେଶନାମାକୁ ନେଇ ସ୍ୱତନ୍ତ୍ର ସଚିବ ଦର୍ଶାଇଛନ୍ତି, ପୋଷଣଯୁକ୍ତ ଚାଉଳ ବଣ୍ଟନର ମାପ ଅନୁସାରେ ପ୍ରତି ପରିବାର ପାଇଁ ମାସକୁ ୫ କିଲୋଗ୍ରାମ୍ ହାରରେ ତିନିମାସ ଲାଗି ପ୍ରଦାନ କରାଯିବ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଏହା ମାଗଣାରେ ଯୋଗାଇ ଦିଆଯିବ। ଏନ୍‌ଏଫ୍‌ଏସ୍‌ଏ ଓ ଏସ୍‌ଏଫ୍‌ଏସ୍‌ଏସ୍ ଅଧୀନ ଯୋଗ୍ୟ ହିତାଧିକାରୀଙ୍କ ପରିବାରକୁ ହିଁ ଏହି ଚାଉଳ ମିଳିବ। ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ରାଶନ କାର୍ଡ ଅନୁସାରେ ଚାଉଳ ବଣ୍ଟନ ହେବ। ଆବଣ୍ଟିତ ପିଡିଏସ୍ ଷ୍ଟକ୍ କେବଳ ଲାଇସେନ୍ସପ୍ରାପ୍ତ ଦୋକାନୀମାନେ ହିଁ ବଣ୍ଟନ କରିପାରିବେ।

ତେବେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ପ୍ରାୟୋରିଟି ହାଉସ୍‌ହୋଲ୍ଡ(ପିଏଚ୍) ପାଇଁ ୯ ଲକ୍ଷ ୧୭ ହଜାର ୩୧୫.୨୫ କ୍ୱିଣ୍ଟାଲ ଚାଉଳ ବଣ୍ଟନ ହେବାକୁ ରହିଥିବାବେଳେ ଅନ୍ତ୍ୟୋଦୟ ଅନ୍ନ ଯୋଜନା(ଏଏଜେ)ରେ ୧ ଲକ୍ଷ ୨୪ ହଜାର ୩୦୩.୯୫ କ୍ୱିଣ୍ଟାଲ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅବଶିଷ୍ଟ ୧୫ ହଜାର ୪୯୩.୫୦ କ୍ୱିଣ୍ଟାଲ ପୋଷଣଯୁକ୍ତ ଚାଉଳ ସଂପୃକ୍ତ ଜିଲ୍ଲାର ହିତାଧିକାରୀଙ୍କୁ ବଣ୍ଟନ କରାଯିବ। ଏଥିମଧ୍ୟରେ ୬୧ ଲକ୍ଷ ୧୫ ହଜାର ୪୩୫ ପରିବାର ଏନ୍‌ଏଫ୍‌ଏସ୍‌ଏ ଯୋଜନାରେ ରହିଥିବାବେଳେ ୨ କୋଟି ୧୨ ଲକ୍ଷ ୯୨ ହଜାର ୪୭୭ ଜଣ ଉପକୃତ ହେବେ। ସେହିପରି ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୮ ଲକ୍ଷ ୨୮ ହଜାର ୬୯୩ ପରିବାରର ୨୪ ଲକ୍ଷ ୪୩ ହଜାର ୧୬୩ ଜଣ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ ଲକ୍ଷ ୩ ହଜାର ୨୯୦ ପରିବାରର ୨ ଲକ୍ଷ ୧୦ ହଜାର ୪୧୩ ଜଣ ଉପକୃତ ହେବେ ବୋଲି ଜଣାଯାଇଛି।

ସ୍ୱତନ୍ତ୍ର ସଚିବ ସମସ୍ତ ଏସିଏସ୍‌ଓ, ଆଇଏସ୍‌ଏସ୍ ଏବଂ ଏମ୍‌ଆଇଏସ୍‌ମାନଙ୍କୁ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ବଣ୍ଟନ ସମ୍ବନ୍ଧିତ ତଥ୍ୟ ସମୟ ଭିତରେ ଇ-ପିଓଏସ୍‌କୁ ସର୍ଭର ସହ ଲିଙ୍କ୍ କରିବା ଆବଶ୍ୟକ। ଯାହାଦ୍ୱାରା ଏଫ୍‌ପିଏସ୍‌ରେ ଥିବା ଚାଉଳର ପ୍ରକୃତ ଷ୍ଟକ୍ ସମ୍ପର୍କରେ ଜଣାଯାଇପାରିବ। ଏହାସହିତ ଚାଉଳର ସୁବଣ୍ଟନ ଦିଗରେ ନିର୍ଦ୍ଦେଶନାମାକୁ ଠିକ୍‌ଭାବେ ପାଳନ କରିବାକୁ ସେ ଦର୍ଶାଇଛନ୍ତି।

## ପାଇକା ନଦୀରେ ବୁଡ଼ି ୨ ନାବାଳକ ମୃତ, ଜଣେ ନିଖୋଜ


ସୌରଭ


ଅମନଜିତ


ଶିଶିର

ରଘୁନାଥପୁର/ତିର୍ତ୍ତୋଲ,୨୨।୧୦
(ରାଜେନ୍ଦ୍ର ନାରାୟଣ ସିଂହ/ ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ କୃଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ପାଇକାକୂଳ ଗ୍ରାମର ୩ ନାବାଳକ ଗାଧୋଇବାକୁ ଯାଇ ପାଇକା ନଦୀରେ ବୁଧବାର ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତଦେହ ମିଳିଥିବାବେଳେ ଜଣେ ନିଖୋଜ ଥିବା ଆଇଆଇସି ସୁବ୍ରତ କୁମାର ଦାସ କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (୩/୨୫) ରୁଜୁ ହୋଇଛି। ମୃତ ନାବାଳକ ୨ ଜଣ ହେଲେ ସ୍ଥାନୀୟ ଗ୍ରାମର ନରହରି ବେହେରାଙ୍କ ପୁଅ ଶିଶିର ଓ ଧୀରେନ୍ ମଲ୍ଲିକଙ୍କ ପୁଅ ସୌରଭ। ନିଖୋଜ ଥିବା ନାବାଳକ ଜଣଙ୍କ ହେଲେ ଅକ୍ଷୟ କୁମାର ମଲ୍ଲିକଙ୍କ ପୁଅ ଅମନଜିତ। ଶିଶିର ଓ ଅମନଜିତ ସ୍ଥାନୀୟ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପାଠ ପଢୁଥିବାବେଳେ ସୌରଭ ଯୁକ୍ତ ୨ ର ଛାତ୍ର ଅଟନ୍ତି।

ପୂର୍ବାହ୍ନରେ ସାଙ୍ଗସାଥୀ ମେଳରେ ୫ ଜଣ ପିଲା ପାଇକା ନଦୀକୁ ଗାଧୋଇବାକୁ ଯାଇଥିଲେ। ସେମାନେ ଜାଣିପାରି ନ ଥିଲି ନଦୀରୁ ବାଲି ଖୋଳାଯିବା ଦ୍ୱାରା ବିରାଟ ଗର୍ତ୍ତମାନ ସୃଷ୍ଟି ହୋଇ ପାଣି ଭର୍ତ୍ତି ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଖାଲରେ ପଡ଼ି ବୁଡ଼ିଯାଉଥିଲେ। ଅନ୍ୟ ୨ ସାଙ୍ଗ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଗଭୀର ପାଣିରେ ବୁଡି ଯାଇଥିଲେ। ସେମାନଙ୍କ ସହ ଆସିଥିବା ପିଲାମାନେ ଏ ସମ୍ପର୍କରେ ଖବର ଦେବାରୁ ଗ୍ରାମବାସୀ ଆସି ଖୋଜାଖୋଜି କରିଥିଲେ। ଲିଜ୍ ଏରିଆ ବାହାରୁ ବାଲି ଖୋଳିନେବା ଦ୍ୱାରା ଏପରି ମର୍ମନ୍ତୁଦ ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗକରି ପାଟିତୁଣ୍ଡ କରିଥିଲେ। ଖବରପାଇ ରଘୁନାଥପୁର ଓ ତିର୍ତ୍ତୋଲ ଦମକଳ ବାହିନୀ ଆସି ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରି ୨ ନାବାଳକଙ୍କ ମୃତଦେହ ବାହାର କରିଥିଲେ। ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା। ଜଣେ ଏବେ ବି ନିଖୋଜ ଅଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ସରପଞ୍ଚ ନମିତା ଖଟୁଆ ଓ ତାଙ୍କ ପ୍ରତିନିଧି ଅଜୟ ଖଟୁଆ ପହଞ୍ଚି ସହଯୋଗ କରିଥିଲେ। ଉକ୍ତ ଦୁଃଖଦପୂର୍ଣ୍ଣ ଘଟଣାକୁ ନେଇ ଗ୍ରାମରେ ଶୋକାତୁର ପରିବେଶ ସୃଷ୍ଟି ହୋଇଛି।

## ୨୯ରେ ଏନ୍‌ସିବିସି ଅଧ୍ୟକ୍ଷଙ୍କ ଜନଶୁଣାଣି

### ଯୋଡ଼ିହେବେ କେଉଁ ପଛୁଆବର୍ଗ

ଭୁବନେଶ୍ୱର,୨୨।୧୦
(ରବିନାରାୟଣ ଜେନା)

ଆସନ୍ତା ୨୯ ତାରିଖରେ ଜାତୀୟ ପଛୁଆବର୍ଗ ଆୟୋଗ(ଏନ୍‌ସିବିସି) ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଆହିର ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ଅଧ୍ୟକ୍ଷଙ୍କର ଦୁଇଟି ପର୍ଯ୍ୟାୟରେ ସଚିବମାନଙ୍କ ସହ ରାଜ୍ୟ ଅତିଥି ଭବନରେ ବୈଠକ ଅନୁଷ୍ଠିତ ହେବାକୁ ରହିଛି।

୨୯ ତାରିଖ ପୂର୍ବାହ୍ନ ୧୧ଟାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ପଛୁଆବର୍ଗ କମିଶନଙ୍କ ସହିତ ପଛୁଆବର୍ଗ ତାଲିକାରେ କେଉଁମାନେ ଯୋଡ଼ିହେବେ ସେନେଇ ଜନଶୁଣାଣି ହେବ। ଏହାପରେ ଅପରାହ୍ନ ୨ଟାରେ ଗୃହ ବିଭାଗ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଶିଳ୍ପ ଓ ଅନ୍ୟାନ୍ୟ ବିଭାଗ ସଚିବଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ କ'ଣସବୁ ପଦକ୍ଷେପ ଗ୍ରହଣ କରାଯାଇଛି ତା'ର ରିପୋର୍ଟ ପ୍ରସ୍ତୁତ ରଖିବା ଲାଗି ଅଧ୍ୟକ୍ଷଙ୍କ ପକ୍ଷରୁ ବ୍ୟକ୍ତିଗତ ସହାୟକ ରାଜୀବ ଗାନ୍ଧୀ ସଂପୃକ୍ତ ବିଭାଗର ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସୂଚନା ଅନୁଯାୟୀ, ଅଧ୍ୟକ୍ଷ ହଂସରାଜଙ୍କ ସହିତ ଆୟୋଗର ସଦସ୍ୟ ଭୁବନ ଭୂଷଣ କମଲ ଏବଂ ସଚିବ ମିତା ରାଜୀବ ଲୋଚନ ମଧ୍ୟ ଏହି ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି।

## ୨ ଦଳ ପ୍ରଚାରରେ 'ଢୋଲକିଆ'

ନୂଆପଡ଼ା,୨୨।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି। ପ୍ରଚାର ଅଭିଯାନକୁ ବିଭିନ୍ନ ଦଳୀୟ କର୍ମକର୍ତ୍ତା ଜୋରଦାର କରିବାରେ ଲାଗିଛନ୍ତି। କିଏ ସଭା ସମିତି କରି ଭୋଟ ମାଗୁଛନ୍ତି ତ ଅନ୍ୟ କିଏ ରୋଡ୍ ଶୋ' କରି ଭୋଟରଙ୍କୁ ଆକୃଷ୍ଟ କରୁଛନ୍ତି। ଏପରି ସମୟରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ନାମରେ ଦୁଇ ଦଳର ପ୍ରଚାର ଭୋଟରଙ୍କୁ ଦ୍ୱନ୍ଦ୍ୱରେ ପକାଉଛି।







ଉଭୟ ଦଳ ପ୍ରଚାରରେ ବ୍ୟବହାର କରିଥିବା ସ୍ୱର୍ଗତ ଢୋଲକିଆଙ୍କ ଫଟୋଚିତ୍ର।

ଜାତୀୟ କଂଗ୍ରେସ ପ୍ରଥମେ ଘାସିରାମ ମାଝିଙ୍କୁ ପ୍ରାର୍ଥୀ ଘୋଷଣା କରି ପ୍ରଚାର କାର୍ଯ୍ୟ ଜୋରଦାର କରିଛି। ଅନ୍ୟପଟେ ସ୍ୱର୍ଗତ ଢୋଲକିଆ ବିଜୁ ଜନତା ଦଳ ଟିକେଟରେ ନିର୍ବାଚନ ଲଢ଼ି ବିଧାୟକ ଭାବରେ ବିଜୟୀ ହୋଇଥିବାରୁ ସେହି ଅନୁସାରେ ତାଙ୍କ ପୁଅ ଜୟ ଢୋଲକିଆ ମଧ୍ୟ ବିଜେଡିରୁ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିବେ ବୋଲି ସୂଚନା ମିଳିଥିଲା। ହେଲେ ସେ ଭାଜପାରେ ମିଶି ପ୍ରାର୍ଥୀ ହେବା ପରେ ବିଜେଡିର ସବୁ ଅଙ୍କ ଓଲଟପାଲଟ ହୋଇଯାଇଥିଲା। ଜୟ ପ୍ରାର୍ଥୀ ହେବା ପରେ ଢୋଲକିଆଙ୍କ ଅଧିକାଂଶ ସମର୍ଥକ ଭାଜପାରେ ଯୋଗ ଦେଲେ। କିନ୍ତୁ ଭାଜପାରେ ପୂର୍ବରୁ ଥିବା ପୁରୁଖା କାର୍ଯ୍ୟକର୍ତ୍ତା ଜୟଙ୍କୁ ସହଜରେ ଗ୍ରହଣ କରୁ ନ ଥିବା ଦେଖାଯାଉଛି। ଏହାର କାରଣ ସମ୍ପର୍କରେ ଶୁଣିବାକୁ ମିଳୁଛି, ଜୟ ଖରିଆର ରୋଡ୍ ନିଜ ବାସଭବନରେ ଥାଇ ସବୁ କାର୍ଯ୍ୟ କରିବା ସହ ମିଶ୍ରଣ ପର୍ବ କରୁଛନ୍ତି। କିନ୍ତୁ ଭାଜପାର ପୁରୁଖା କର୍ମକର୍ତ୍ତା ଜିଲ୍ଲା କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ କରୁଛନ୍ତି। ସେପଟେ ଉଭୟ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଘୋଷଣା କଲା ପରେ ଅନ୍ୟ ଦଳର ସମର୍ଥକମାନେ ଏହି ଦୁଇ ଦଳକୁ ଢଳିବାରେ ଲାଗିଲେ। ଏହାକୁ ଦେଖି ରାଜନୈତିକ ସମୀକ୍ଷକ ଭାଜପା ଓ କଂଗ୍ରେସ ମଧ୍ୟରେ ଲଢେଇ ହେବ ବୋଲି ମତ ଦେଇଥିଲେ। କିନ୍ତୁ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ପ୍ରାର୍ଥିପତ୍ର ଦାଖଲ କରିବା ସମୟରେ ଦଳର ହେଭିୱେଟ ନେତା ଆସି ନୂଆପଡ଼ାରେ ଡେରା ପକାଇବା ପରଠାରୁ ରାଜନୀତି ଦୃଶ୍ୟପଟ ବଦଳିଯାଇଛି। ବର୍ତ୍ତମାନ ତ୍ରିମୁଖୀ ଲଢେଇ ହେବ ବୋଲି ଚର୍ଚ୍ଚା ଜୋର ଧରିଛି। ବର୍ତ୍ତମାନ ଦୁଇ ପ୍ରମୁଖ ଦଳ ଭାଜପା ଓ ବିଜେଡି ସ୍ୱର୍ଗତ ଢୋଲକିଆଙ୍କ ନାମରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଜୟ ତାଙ୍କ ବାପାଙ୍କ ନାମ ଧରି ପ୍ରଚାର କରୁଥିବା ବେଳେ ବିଜେଡି ସ୍ୱର୍ଗତ ଢୋଲକିଆ ବିଜେଡିରେ ଥାଇ ଜିଲ୍ଲାର ବିକାଶ କରିଛନ୍ତି ବୋଲି କହୁଛନ୍ତି। ବର୍ତ୍ତମାନ ଉଭୟ ଦଳ ଢୋଲକିଆଙ୍କ ନାମ ନେଉଥିବାରୁ ଭୋଟର ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।

## ଆଜିଠାରୁ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନାରେ ଲାପ୍‌ଟପ ପାଇଁ ଆବେଦନ

ଭୁବନେଶ୍ୱର,୨୨।୧୦(ସୁଚିସ୍ମିତା ସାହୁ)

ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲକୁ ପୁଣି ଥରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଖୋଲାଯାଉଛି। ଏହି ପୋର୍ଟାଲ ୨୩ ତାରିଖରୁ ନଭେମ୍ବର ୬ ପର୍ଯ୍ୟନ୍ତ ଖୋଲା ରହିବ। ଏହା ମାଧ୍ୟମରେ ଉପଶାସ୍ତ୍ରୀ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ନୂତନ ଭାବେ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନାରେ ଲାପ୍‌ଟପ୍ ପାଇଁ ଆବେଦନ କରିପାରିବେ। ବିଭାଗ ପକ୍ଷରୁ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବାବଦ ଅର୍ଥ ଡିବିଟି ମାଧ୍ୟମରେ ସେମାନଙ୍କ ଆକାଉଣ୍ଟକୁ ପଠାଯିବ। ତେବେ ୨୦୨୪ ଓ ୨୦୨୫ ଶିକ୍ଷାବର୍ଷ ପାଇଁ ଏହି ଛାତ୍ରବୃତ୍ତି ପାଇଁ ଯୋଗ୍ୟ ଛାତ୍ରୀଛାତ୍ର www.scholarship.odisha.gov.in ମାଧ୍ୟମରେ ଆବେଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ସୂଚନା ଦେଇଛି।

## ଖରିଫ ଲକ୍ଷ୍ୟ ହାସଲ ୯୩% ଛୁଇଁଲା

ଭୁବନେଶ୍ୱର,୨୨।୧୦
(ରବିନାରାୟଣ ଜେନା)

ଚଳିତବର୍ଷ ଖରିଫ ଲକ୍ଷ୍ୟ ହାସଲ ୯୩% ଛୁଇଁଛି। ୫୪.୩୯ଲକ୍ଷ ହେକ୍ଟରରେ ଧାନ ଓ ଅନ୍ୟାନ୍ୟ ଫସଲ ହୋଇଛି ବୋଲି କୃଷି ବିଭାଗ ସମୀକ୍ଷା ବୈଠକରୁ ଜଣାଯାଇଛି। ବୈଠକର ସୂଚନା ଅନୁଯାୟୀ, ରାଜ୍ୟ ସରକାର ଚଳିତବର୍ଷ ଖରିଫ ୫୮.୫୦ ଲକ୍ଷ ହେକ୍ଟର ଜମିରେ ବିବିଧ ଫସଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେଥିମଧ୍ୟରୁ ୫୪.୩୯ଲକ୍ଷ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଫସଲ ହୋଇଛି। ଏଥିମଧ୍ୟରୁ ଧାନ ଫସଲ ୩୫ଲକ୍ଷ ୫୮ହଜାର ୧୬୦ହେକ୍ଟର ଜମିରେ ହୋଇଥିବାବେଳେ ୪ଲକ୍ଷ ୯୫ହଜାର ୭୬୦ହେକ୍ଟରରେ ଡାଲି ଜାତୀୟ ଚାଷ ହୋଇଛି। ସେହିପରି ୨ଲକ୍ଷ ୫୧ହଜାର ୫୦୦ହେକ୍ଟରରେ ମକାଚାଷ ହୋଇଥିବା ବେଳେ ୨ଲକ୍ଷ ୫୦ହଜାର ୫୬୦ହେକ୍ଟରରେ ମାଣ୍ଡିଆ, ୨ଲକ୍ଷ ୩୭ହଜାର ୮୩୦ହେକ୍ଟରରେ କପା, ୧ଲକ୍ଷ ୫୯ହଜାର ୧୫୦ହେକ୍ଟରରେ ତୈଳବୀଜ ଫସଲ ହୋଇଛି। ଏହାବାଦ୍ ୩ଲକ୍ଷ ୭୨ହଜାର ୬୦ହେକ୍ଟରରେ ପନିପରିବା ଚାଷ ହୋଇଛି ବୋଲି ବୈଠକରୁ ଜଣାଯାଇଛି।

ସେହିପରି ଚଳିତବର୍ଷ ୩ଲକ୍ଷ ୩୦ହଜାର ୪୦୫ କ୍ୱିଣ୍ଟାଲ ଧାନ ବିହନ ଚାଷୀଙ୍କୁ ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଥିବାବେଳେ ୪ଲକ୍ଷ ୬୯୨ କ୍ୱିଣ୍ଟାଲ ଧାନ ବିହନ ଚାଷୀଙ୍କୁ ପ୍ରଦାନ କରାଯାଇଛି। ଗତବର୍ଷ ଖରିଫରେ ୩ଲକ୍ଷ ୯୨ହଜାର ୧୦୬ କ୍ୱିଣ୍ଟାଲ ଧାନ ବିହନ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ୮୫୮୬ କ୍ୱିଣ୍ଟାଲ ଧାନ ବିହନ ଚାଷୀଙ୍କୁ ଅଧିକ ଦିଆଯାଇଛି। ରବିଋତୁରେ ଚାଷୀଙ୍କୁ ୧ଲକ୍ଷ ୪୦ହଜାର ୨୫୦ କ୍ୱିଣ୍ଟାଲ ଧାନ ବିହନ ଦେବାକୁ ସରକାର ଲକ୍ଷ୍ୟ ରଖିଥିବା ସମୀକ୍ଷା ବୈଠକରୁ ଜଣାଯାଇଛି।

ବୈଠକର ସୂଚନା ଅନୁଯାୟୀ, ଚଳିତ ଖରିଫ ଋତୁ ଲାଗି ସେପ୍ଟେମ୍ବର ସୁଦ୍ଧା ୨୭ଲକ୍ଷ ୭୨ହଜାର ୪୦୯ଜଣ ଚାଷୀଙ୍କୁ ୨୨ହଜାର ୯୯୦କୋଟି ୪୧ଲକ୍ଷ ଟଙ୍କାର ଶସ୍ୟଋଣ ପ୍ରଦାନ କରାଯାଇଛି। ସେହିପରି ୨୨ଲକ୍ଷ ୬୧ହଜାର ୨୧୮ଜଣ ଚାଷୀ ୧୪ଲକ୍ଷ ୭ହଜାର ୩୫ ହେକ୍ଟର ଚାଷଜମିକୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ପାଇଁ ପଞ୍ଜୀକରଣ କରିଛନ୍ତି।

## ମୁଖ୍ୟ ଅଭିଯୁକ୍ତ, ପୂର୍ବତନ ଅଧ୍ୟକ୍ଷଙ୍କ ଜାମିନ ଖାରଜ

### ଫକୀର ମୋହନ କଲେଜ ଛାତ୍ରୀ ଆତ୍ମାହୁତି ମାମଲା

### ଅନ୍ୟ ୨ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

କଟକ,୨୨।୧୦(କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ଗିରଫ ୪ଜଣଙ୍କ ଜାମିନ ଆବେଦନ ଏକତ୍ର ଶୁଣାଣି କରି ବୁଧବାର ହାଇକୋର୍ଟ ୨ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକ ଓ ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ ଅଦାଲତ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ଅଭିଯୁକ୍ତ ତତ୍କାଳୀନ ସହକାରୀ ପ୍ରଫେସର ସମୀର କୁମାର ସାହୁ ଓ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଉଭୟଙ୍କ ବିରୋଧରେ ଗୁରୁତର ଅଭିଯୋଗ ରହିଛି। ତଦନ୍ତ ଚାଲିଥିବାରୁ ବର୍ତ୍ତମାନ ଜାମିନ ଦିଆଯାଇପାରିବ ନାହିଁ ବୋଲି ଅଦାଲତ ଶୁଣାଣି ବେଳେ ସ୍ପଷ୍ଟ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ଶୁଣାଣି କରି ଚାର୍ଜଶିଟ ଦାଖଲ ହେବା ପରେ ସେମାନେ ସାନି ଜାମିନ ଆବେଦନ କରିପାରିବେ ବୋଲି ଅଦାଲତ କହିଛନ୍ତି।

ସୂଚନା ଯେ, ଏଫ୍‌ଏମ୍ କଲେଜର ଇଣ୍ଟିଗ୍ରେଟେଡ ବିଏଡ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିଲା। ସୌମ୍ୟାଶ୍ରୀ ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ନ୍ୟାୟ ନ ମିଳିବାରୁ ଶେଷରେ ସେ କଲେଜ ପରିସରରେ ସର୍ବସମ୍ମୁଖରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିଲେ। ବିଭିନ୍ନ ରାଜନୈତିକ ଦଳ, ବିଭିନ୍ନ ସଙ୍ଗଠନ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବା ପାଇଁ ସ୍ୱର ଉତ୍ତୋଳନ କରାଯାଇଥିଲା। ଗତ ଜୁଲାଇ ୧୨ରେ ପ୍ରଫେସର ସମୀର କୁମାର ସାହୁଙ୍କୁ ସହଦେବଖୁଣ୍ଟା ଥାନା ପୋଲିସ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେଇଥିଲା। କ୍ରାଇମବ୍ରାଞ୍ଚ ସାହୁଙ୍କୁ ରିମାଣ୍ଡରେ ନେଇ ପଚରାଉଚୁରା କରିଥିଲା। ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ କଲେଜର ତତ୍କାଳୀନ ଅଧ୍ୟକ୍ଷ ଘୋଷ, ଛାତ୍ରନେତା ଶୁଭ୍ର ସମ୍ବିତ ଓ ଜ୍ୟୋତିପ୍ରକାଶଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଗତ ଅଗଷ୍ଟ ୧୮ ଓ ୧୯ରେ ୪ ଅଭିଯୁକ୍ତଙ୍କ ପୃଥକ ନିୟମିତ ଜାମିନ ଆବେଦନକୁ ବାଲେଶ୍ୱର ଦୌରାଜଜ୍ ଅଦାଲତ ଖାରଜ କରିଦେଇଥିଲେ। ଏହାପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଏସ୍‌ଆଇଆର୍ ନେଇ ୨ ଦିନିଆ ସିଇଓ ସମ୍ମିଳନୀ ଆରମ୍ଭ

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

ଭାରତ ନିର୍ବାଚନ ଆୟୋଗ(ଇସିଆଇ)ର ୨ ଦିନିଆ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସମ୍ମିଳନୀ ବୁଧବାର ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ୍ ମ୍ୟାନେଜମେଣ୍ଟ (ଆଇଆଇଆଇଡିଇଏମ୍) ରେ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଏହି ସମ୍ମିଳନୀରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ମଧ୍ୟ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ନିର୍ବାଚନ ଆୟୋଗ ଦେଶବ୍ୟାପୀ ବିଶେଷ ସଘନ ସଂଶୋଧନ(ଏସ୍‌ଆଇଆର) ଅଭ୍ୟାସ ପାଇଁ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟର ପ୍ରସ୍ତୁତି ମୂଲ୍ୟାଙ୍କନ କରିଥିଲେ। ଗତ ସେପ୍ଟେମ୍ବର ୧୦ରେ ଅନୁଷ୍ଠିତ ବିଶେଷ ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରସ୍ତୁତି ସମ୍ମିଳନୀ ଅନୁରୂପ ଆୟୋଜନ ହୋଇଛି। ସମ୍ମିଳନୀରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପୂର୍ବବର୍ତ୍ତୀ ଏସ୍‌ଆଇଆର ଅନୁଯାୟୀ ଭୋଟରଙ୍କ ସଂଖ୍ୟା, ଶେଷ ଏସଆଇଆରର ଯୋଗ୍ୟତା ତାରିଖ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଭୋଟର ତାଲିକା ଉପରେ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଛି। ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଶେଷ ଏସ୍‌ଆଇଆର ଅନୁଯାୟୀ ବର୍ତ୍ତମାନର ଭୋଟରମାନଙ୍କୁ ପୂର୍ବ ଭୋଟରଙ୍କ ଅନୁଯାୟୀ ମାନଚିତ୍ରଣ କରିବା ପାଇଁ ପୂର୍ବରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ହୋଇଥିବା ଅଗ୍ରଗତିକୁ ଆୟୋଗ ମୂଲ୍ୟାଙ୍କନ କରିଛନ୍ତି। ଆୟୋଗ ଜିଲ୍ଲା ନିର୍ବାଚନ ଅଧିକାରୀ, ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ବୁଥ-ସ୍ତରୀୟ ଅଧିକାରୀ ଏବଂ ବୁଥ-ସ୍ତରୀୟ ପ୍ରତିନିଧିମାନଙ୍କର ନିଯୁକ୍ତି ଏବଂ ତାଲିମର ସ୍ଥିତି ମଧ୍ୟ ସମୀକ୍ଷା କରିଛନ୍ତି।



ନୃତ୍ୟାଞ୍ଜଳି ପକ୍ଷରୁ ବୁଧବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ୨୦ତମ ବାର୍ଷିକ ନୃତ୍ୟ ମହୋତ୍ସବ 'ଦେବଦାସୀ'ରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

## ଜିଲ୍ଲାର ଅଧୁରା କାର୍ଯ୍ୟ ସମ୍ପୂର୍ଣ୍ଣ କରିବୁ: ବିଜେଡି

ନୂଆପଡ଼ା,୨୨।୧୦ (ମକାରୁ ବେମାଲ)



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ବିକାଶର କଥା ନୁହେଁ, ବିକାଶ ପଥେ ଆଗେଇ ଚାଲିବା ଦଳ ହେଉଛି ବିଜେଡି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳ ସଭାପତି ନବୀନ ପଟ୍ଟନାୟକ ନୂଆପଡ଼ାର ବିକାଶ ପାଇଁ ପଶ୍ଚିମ ଓଡ଼ିଶାର ଲଢୁଆ ନାରୀନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ମନୋନୀତ କରି ପଠାଇଛନ୍ତି । ଛୁରିଆ ନୂଆପଡା ଉପନିର୍ବାଚନରେ ପ୍ରାର୍ଥିନୀ ହୋଇଛନ୍ତି। ସେ ବିଜୟୀ ହୋଇ ଆସିଲେ ଜିଲ୍ଲାର ଅଧୁରା କାର୍ଯ୍ୟ ସମ୍ପୂର୍ଣ୍ଣ କରିବୁ ବୋଲି ସ୍ଥାନୀୟ ଖୁଣ୍ଟିଆ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ଏଡି ଅବସରରେ ସେ ଆହୁରି କହିଛନ୍ତି, ଆମ ଦଳର ପ୍ରାର୍ଥୀଙ୍କୁ ଭାଜପା ହାଇଜାକ କରି ନେଇଗଲା। ଏହା ପରେ ପ୍ରାର୍ଥୀ ଚୟନରେ ବିଳମ୍ବ ନେଇ ଅନେକ ଦଳ ବିଜେଡି ଆତ୍ମସମର୍ପଣ କରି ଦେଲାଣି, ନିର୍ବାଚନୀ ମଇଦାନକୁ ଓହ୍ଲାଇବ ନାହିଁ ବୋଲି କହୁଥିଲେ। ରବିବାର ପ୍ରାର୍ଥିନୀ ଛୁରିଆ ନୂଆପଡାରେ ପହଞ୍ଚି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏକତା ଛକଠାରୁ ଶୋଭାଯାତ୍ରାରେ ବାହାରି ଖରିଆର ରୋଡ୍ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ହଜାର ହଜାର ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଏହି ଶକ୍ତି ପ୍ରଦର୍ଶନ ଦେଖି ଅନ୍ୟ ଦଳ ମଧ୍ୟରେ ଛନକା ପଶିଯାଇଥିଲା ବୋଲି ମିଶ୍ର କହିଥିଲେ। ପ୍ରାର୍ଥିନୀ ଛୁରିଆ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନୂଆପଡାକୁ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଦେଇଛନ୍ତି। ୨୪ ବର୍ଷ ଶାସନ କାଳରେ ଜିଲ୍ଲାର ଅନେକ ବିକାଶ ହୋଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଧାୟକ ଥିବା ସମୟରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, କୃଷି, ଜଳସେଚନ, ଗମନାଗମନ ଉପରେ ବିଶେଷ ଧ୍ୟାନ ଦେଉଥିଲେ। ନୂଆପଡା ବାସୀ ବିଜୟ ମାଳା ପିନ୍ଧାଇଲେ ତାଙ୍କର ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବି। ଗୁରୁବାର ବଞ୍ଜାରୀ ଦେବୀଙ୍କ ଆଶୀର୍ବାଦ ନେଇ ପ୍ରଚାର କାର୍ଯ୍ୟ ଆରମ୍ଭ କରିବେ। ନବୀନ ସରକାରଙ୍କ ୨୪ ବର୍ଷର ବିକାଶମୂଳକ କାର୍ଯ୍ୟକୁ ନେଇ ଭୋଟ ଭିକ୍ଷା କରିବେ ଓ ନୂଆପଡା ଉପନିର୍ବାଚନରେ ବହୁମତରେ ଦଳ ବିଜୟୀ ହେବ ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଉପସଭାପତି ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲ୍ଲା ସଭାପତି ଅବନୀ ରଞ୍ଜନ ଜୋଷୀ, କ୍ଷମାସିଂ ନିଆଲ, ବିଜୟ ନାଏକ, ମିଡିଆ ପ୍ରଭାରୀ ପ୍ରିୟବ୍ରତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



'ଶୋଲେ' ଫିଲ୍ମରେ (ବାମରୁ) ଅମିତାଭ, ଧର୍ମେନ୍ଦ୍ର ଏବଂ ଆସ୍‌ରାନି

# ପରିଚୟ ଦେଇଥିଲା 'ଶୋଲେ'

ନିକଟରେ ପରଲୋକଗତ ଗୋବର୍ଦ୍ଧନ ଆସ୍‌ରାନି ଥିଲେ ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ହାସ୍ୟାଭିନେତା। ଅଭିନୟ ଜୀବନର ଆରମ୍ଭରୁ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା। କିନ୍ତୁ ଅସୀମ ଧୈର୍ଯ୍ୟ ଦେଖାଇ ସେ ନିଜକୁ ଜଣେ ପ୍ରତିଷ୍ଠିତ କମେଡିଆନ୍ ଭାବରେ ପରିଚିତ କରାଇପାରିଥିଲେ। ୧୯୬୬ରେ ସେ 'ହମ୍ କାହାଁ ଜା ରହେ ହେ'ରେ ଜଣେ କଲେଜ ଛାତ୍ର ଭାବରେ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା। ତା'ପରେ ବେଶ୍ କେତୋଟି ସିନେମାରେ ଅଭିନୟ କରିଥିଲେ ମଧ୍ୟ ୧୯୭୫ରେ ରିଲିଜ ହୋଇଥିବା ବ୍ଲକ୍‌ବଷ୍ଟର 'ଶୋଲେ' ତାଙ୍କର ଭାଗ୍ୟ ବଦଳାଇ ଦେଇଥିଲା କହିଲେ ଭୁଲ୍ ହେବ ନାହିଁ। ଏଥିରେ ଜଣେ ଜେଲର ଭୂମିକାରେ ସେ ଅଭିନୟ କରିଥିଲେ। ଏହି ଫିଲ୍ମରେ ତାଙ୍କର ଏକ ମାନିଆ ସଂଳାପ ଥିଲା। ତାହା ହେଲା– 'ହମ୍ ଅଁଗ୍ରେଜ କି ଜମାନେ କି ଜେଲର ହେ'। ଉକ୍ତ ଚିତ୍ରରେ ତାଙ୍କର ନିଖୁଣ ଅଭିନୟ ବଲିଉଡ୍‌ରେ ତାଙ୍କୁ ଦେଇଥିଲା ଏକ ନୂତନ ପରିଚୟ। ତା'ପରେ ସେ ଗୋଟିଏ ପରେ ଗୋଟିଏ ପାଖାପାଖି ୩୫୦ଟି ସିନେମାରେ ଅଭିନୟ କରିଥିଲେ। ୧୯୭୧ରେ 'ଗୁଡ୍ଡି' ଫିଲ୍ମର ସଫଳତା ପରେ ତାଙ୍କୁ ପଛକୁ ପଛ ୮ଟି ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ସେ କେବଳ ଜଣେ ଅଭିନେତା ନ ଥିଲେ ଜଣେ ନିର୍ଦ୍ଦେଶକ ଭାବରେ ସାଉଁଟିଥିଲେ ଅନେକ ପ୍ରଶଂସା। ତାଙ୍କ ନିର୍ଦ୍ଦେଶିତ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ଚଲା ମୁରାରୀ ହିରୋ ବନ୍‌ନେ', 'ସଲାମ ମେମ୍‌ସାହବ', 'ହମ୍ ନେହିଁ ସୁଧରେଙ୍ଗେ' ଏବଂ 'ଉଡାନ୍'।

# ପ୍ରମୋଦଙ୍କ ହ୍ୟାଟ୍ରିକ୍

ଚଳଚ୍ଚିତ୍ର ପ୍ରଯୋଜନା ବ୍ୟତୀତ ତାଙ୍କର ଆଉ ଏକ ନିଶା ରହିଛି। ତାହା ହେଲା ଅଭିନୟ। ତାଙ୍କ ଦ୍ୱାରା ପ୍ରଯୋଜିତ ପ୍ରାୟ ପ୍ରତ୍ୟେକ ସିନେମାରେ ତାଙ୍କୁ ଦେଖିବାକୁ ମିଳିଛି। କାହାଣୀ ସହ ସଂଯୋଗ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ସେ ଅଭିନୟ କରିବା ସହ ତାହାକୁ ବେଶ୍ ସୁଚାରୁ ରୂପେ ତୁଲାଇଥାଆନ୍ତି। ହଁ, ସେ ହେଲେ ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ପ୍ରମୋଦ କୁମାର ସ୍ୱାଇଁ। ଏବେ ସେ ପ୍ରଯୋଜନା କରିଥିବା 'ମଙ୍ଗଳପୁର ଡାଏରୀ'ର ଶୁଟିଂ ଚାଲୁ ରହିଛି। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ମୋହନ ସାହୁ। ଏହି ଫିଲ୍ମରେ ପ୍ରମୋଦ ଜଣେ ପୋଲିସ ଅଫିସର ଭୂମିକାରେ ଦେଖିବାକୁ ମିଳିବେ। ଏଭଳି ଏକ ଚରିତ୍ର ବିଷୟରେ ସେ କହନ୍ତି, ''ଏହି ଫିଲ୍ମର କାହାଣୀରେ ସସ୍‌ପେନ୍ସ, ଥ୍ରୀଲର ଭରି ରହିଛି। ଏଥିରେ ମୁଁ ଜଣେ ଏସ୍‌ପି(ପୋଲିସ ସୁପରିଣ୍ଟେଣ୍ଡେଣ୍ଟ) ଭୂମିକାରେ ଅଭିନୟ କରିଛି। ଏହା ପୂର୍ବରୁ ମୁଁ 'ଦିୱାନା ଦିୱାନୀ'ରେ ପୋଲିସ କମିଶନର ଏବଂ 'ତୁ ମୋ ଗର୍ଲଫେଣ୍ଡ'ରେ ଇନ୍‌କମ୍ ଟ୍ୟାକ୍ସ କମିଶନର ଭୂମିକାରେ ଅଭିନୟ କରିସାରିଛି।'' ମହାଦେବ ଫିଲ୍ମ ପ୍ରଡକ୍ସନ ବ୍ୟାନରରେ ଏହା ହେଉଛି ସପ୍ତମ ଚଳଚ୍ଚିତ୍ର। ଏହାର କାହାଣୀ, ଚିତ୍ରନାଟ୍ୟ



ପ୍ରମୋଦ ସ୍ୱାଇଁ

ଏବଂ ସଂଳାପ ରଚନା କରିଛନ୍ତି ଶିବ ଏବଂ ପ୍ରଣବ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ। ଅମ୍ଲାନ କୁମାର, ତୃପ୍ତି ମୀରନ୍ଧିକା, ଚୌଧୁରୀ ଜୟପ୍ରକାଶ ଦାସ, ଅମର ମହାପାତ୍ର, ଉଦୟ ଗୁରୁ,ଶୁଭ୍ରାଂଶୁ ନାୟକ ଏବଂ ରାକ୍ଷୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ୨୫ ବର୍ଷର ହିସାବ ନିକାଶ

କପୁର ଖାନ୍‌ଦାନର ଅନ୍ୟତମ ଦାୟାଦ କରୀନା। ବଲିଉଡ୍‌ରେ ତାଙ୍କର ଯାତ୍ରା ଆରମ୍ଭ ହୋଇଥିଲା ୨୦୦୦ରୁ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ଜେ.ପି. ଦତ୍ତାଙ୍କ 'ରିଫ୍ୟୁଜି'। ବକ୍ସ ଅଫିସରେ ଚଳଚ୍ଚିତ୍ରଟି ଭଲ ବିଜ୍‌ନେସ୍ କରିଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମଧ୍ୟ ମିଳିଥିଲା। ଚଳିତବର୍ଷ ହିନ୍ଦୀ ସିନେମାରେ ତାଙ୍କର ୨୫ ବର୍ଷ ପୂରଣ ହୋଇଛି। ଏହା ଭିତରେ ନିଜ ଅଭିନୟ ବଳରେ ସେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛନ୍ତି। ପ୍ରଥମ ସିନେମା ହିଟ୍ ସାବ୍ୟସ୍ତ ହେବା ପରେ ସେ ପଛକୁ ପଛ 'ମୁଝେ କୁଛ୍ କହନା ହେ', 'ଅଜ୍‌ନବୀ' ଏବଂ 'କଭି ଖୁସି କଭି ଗମ୍' ପରି ସଫଳ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଆରମ୍ଭରୁ ହିଁ ତାଙ୍କୁ ମିଳିଥିବା ସଫଳତାକୁ ପାଥେୟକରି ସେ ଆଗେଇ ଚାଲିଥିଲେ। ନିଜର ବଲିଉଡ୍ କ୍ୟାରିୟର ବିଷୟରେ କରୀନା କହନ୍ତି, ''ମୋ ଅଭିନୀତ ପ୍ରଥମ ସିନେମାକୁ ଦର୍ଶକେ ଗ୍ରହଣ କରିବା ପରେ ଜଣେ ଅଭିନେତ୍ରୀ ହେବାର ଆଶା ମୋ ମନରେ ଦ୍ୱିଗୁଣିତ ହୋଇଯାଇଥିଲା। ସୌଭାଗ୍ୟବଶତଃ ତା'ପରେ ପଛକୁ ପଛ ମୋତେ ଭଲ ସିନେମାଗୁଡିଏ ମିଳିଥିଲା ଏବଂ ସେଗୁଡିକ ଦର୍ଶକାଦୃତ ମଧ୍ୟ ହୋଇଥିଲା। କେତେବେଳେ ୨୫ ବର୍ଷ ବିତିଗଲା ତାହା ଜଣାପଡୁନାହିଁ। ଦର୍ଶକଙ୍କ ଭଲ ପାଇବା ହିଁ ଆଜି ମୋତେ ବଲିଉଡ୍‌ରେ ତିଷ୍ଠି ରହିବାରେ ସାହାଯ୍ୟ କରିଛି।'' 'ଜବ୍ ୱି ମେଟ୍' ଏବଂ 'ଥ୍ରୀ ଇଡିଅଟ୍ସ' ପାଇଁ ତାଙ୍କୁ ୨ଥର ସମ୍ମାନଜନକ ଆଇଫା ଆୱାର୍ଡ ମିଳିଥିଲା। ତାଙ୍କ ଅଭିନୀତ ଶେଷ ଫିଲ୍ମ 'ସିଙ୍ଘମ୍ ଏଗେନ୍' ୨୦୨୪ରେ ରିଲିଜ ହୋଇଥିଲା। ବର୍ତ୍ତମାନ ସେ 'ଦାୟରା' ଟାଇଟଲ ବିଶିଷ୍ଟ ଏକ ଫିଲ୍ମରେ ଅଭିନୟ କରୁଛନ୍ତି।



କରୀନା

# ଦୃଢ଼ବିଶ୍ୱାସୀ ରଣବୀର

ଗୋଟିଏ ଜିନିଷ ଉପରେ ରଣବୀର କପୁରଙ୍କର ଦୃଢ଼ ବିଶ୍ୱାସ ରହିଛି। ତାହା କ'ଣ ଜାଣନ୍ତି ? ଆଠ (୮)। ଏହି ସଂଖ୍ୟାଟି ହେଉଛି ତାଙ୍କର ଲକି ନମ୍ବର। ଏହା ପଛରେ କିଛି କାରଣ ରହିଛି କି ? ଏ ବିଷୟରେ ରଣବୀର କହନ୍ତି, ''ଏକଦା ମୁଁ ଜଣେ ଜ୍ୟୋତିଷୀଙ୍କ ପାଖକୁ ଯାଇଥିଲି। ମୋ କ୍ୟାରିୟର କିପରି ଆଗକୁ ଆଗେଇବ ସେ ନେଇ ସେ ମୋତେ କେତୋଟି ଟିପ୍ସ ଦେଇଥିଲେ। ତା'ପରେ ମୋ ମନକୁ ଏକ କଥା ଆସିଲା ଆଉ ମୁଁ ତାହାକୁ ଜ୍ୟୋତିଷୀଙ୍କୁ ପଚାରିଥିଲି। ତାଙ୍କୁ ପଚାରିଲି, ମୁଁ ଆଠକୁ ଲକି ନମ୍ବର ଭାବରେ ଗ୍ରହଣ କରିପାରିବି କି ? ସେ ମୋ କଥା ଶୁଣି ହସିଦେଇଥିଲେ। ବାସ୍, ମୁଁ ବୁଝିଗଲି ଯେ ମୁଁ ଯାହା ଭାବୁଛି ତାହା ଠିକ୍। ମୋର ଗାଡ଼ି ନମ୍ବରରେ ଏହି ସଂଖ୍ୟାକୁ ମଧ୍ୟ ରଖିଛି। ତା'ସହ ମୋ ଫୁଟ୍‌ବଲ ଜର୍ସି ନମ୍ବର ମଧ୍ୟ ୮।'' ଆଲିଆ ଭଟ୍ଟଙ୍କୁ ବିବାହ କରିବା ସମୟରେ ସେ ତାଙ୍କୁ ଏକ ଡାଇମଣ୍ଡ ରିଂ ଗିଫ୍ଟ ଦେଇଥିଲେ। ସେଥିରେ ମଧ୍ୟ ଆଠଟି ହୀରା ଖଚିତ ହୋଇଥିଲା। ଅଭିନୟ କରିବା ପୂର୍ବରୁ ରଣବୀର ଜଣେ ସହ-ନିର୍ଦ୍ଦେଶକ ଭାବରେ କାମ କରିଥିଲେ। ସଞ୍ଜୟ ଲୀଲା ଭଁସାଲିଙ୍କ 'ବ୍ଲାକ୍' ଫିଲ୍ମରେ ସେ ଏହି ଦାୟିତ୍ୱ ବେଶ୍ ସୁଚାରୁ ରୂପେ ତୁଲାଇଥିଲେ। ପୁଣି ଏପରି ସଂଯୋଗ ଯେ, ସଞ୍ଜୟଙ୍କ ଫିଲ୍ମ 'ସାୱରିୟାଁ'ରେ ରଣବୀର କପୁର ନାୟକ ଭାବରେ ବ୍ରେକ୍ ପାଇଥିଲେ। ଆଉ ଏକ କଥା ଜାଣନ୍ତି ? ନ୍ୟୁୟର୍କରେ ସେ ପଢ଼ିବା ସମୟରେ ପ୍ରାୟ ୩୦୦ଟି କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିଥିଲେ।



ରଣବୀର

# ପୁଣି ଥରେ 'କର୍ମ'

ଗତ ବର୍ଷ ଦଶହରାରେ ଓଡ଼ିଆ ସିନେମା 'କର୍ମ' ପ୍ରେକ୍ଷାଳୟରେ ରିଲିଜ ହୋଇ ଦର୍ଶକାଦୃତ ହେବା ପରେ ବର୍ତ୍ତମାନ ଆଗଧାଡ଼ିର ଓଟିଟି ପ୍ଲାଟ୍‌ଫର୍ମ ଆଓ ନେକ୍ସଟରେ ଷ୍ଟ୍ରିମିଂ ହେଉଛି। ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ଚିତ୍ରଟିର ନାୟକ ଅନୁଭବ ମହାନ୍ତି,



ଅନୁଭବ-ସୂର୍ଯ୍ୟମୟୀ

ସୂର୍ଯ୍ୟମୟୀ ମହାପାତ୍ର, ଚୌଧୁରୀ ଜୟ ପ୍ରକାଶ ଦାସ, ନିଶାନ୍ତ ମଜିଠିଆ ଏବଂ ଉଦିତ ଗୁରୁ ପ୍ରମୁଖ ଏହି ଫିଲ୍ମ ସହ ଡେବ୍ୟୁ କରିଛନ୍ତି। ''ଓଟିଟି ପ୍ଲାଟ୍‌ଫର୍ମଗୁଡିକର ଲୋକପ୍ରିୟତା ବଢ଼ିବାରେ ଲାଗିଛି ଓ ଆଓ ନେକ୍ସଟ୍ ସବୁବେଳେ ଓ ଦର୍ଶକଙ୍କ ମନକୁ ଛୁଇଁଲା ପରି କାହାଣୀ ଓ ବିଷୟବସ୍ତୁ ନିଜ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମରେ ଆଣିଥିବାରୁ ସମସ୍ତଙ୍କର ସେ ପ୍ରିୟ ହୋଇପାରିଛି। ଯେଉଁ ଦର୍ଶକମାନେ ଫିଲ୍ମ ସବୁ ହଲ୍‌ରେ ଦେଖିପାରି ନ ଥିଲେ, ସେମାନେ ଏବେ ଆଓ ନେକ୍ସଟ୍‌ରେ ସ୍ୱତନ୍ତ୍ର ଭାବରେ ଏହାକୁ ଦେଖିପାରିବେ ଓ ଆଗକୁ ଆହୁରି ଭଲ ଭଲ ଫିଲ୍ମ ଆମ ଉପଭୋକ୍ତାଙ୍କ ପାଇଁ ଆଣିବା ପାଇଁ ଆଓ ନେକ୍ସଟ୍ ପ୍ରତିବଦ୍ଧ ବୋଲି କହନ୍ତି ଆଓ ନେକ୍ସଟ୍‌ର ପ୍ରତିଷ୍ଠାତା କୌଶିକ ଦାସ।''

# ଭାଗ୍ୟବତୀ ବାଣୀ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନାକଳସ ଢାଳିବା। ଯଶ୍‌ରାଜ ଫିଲ୍ମ ବ୍ୟାନରରେ ବ୍ରେକ୍ ପାଇବା ଏକ ଛୋଟିଆ କଥା ନୁହେଁ। ଏହି ବ୍ୟାନରରେ ପ୍ରସ୍ତୁତ 'ଶୁଦ୍ଧ ଦେଶୀ ରୋମାନ୍ସ (୨୦୧୩)ରୁ ବାଣୀଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ଏହାର ନାୟକ ଭୂମିକାରେ ସୁଶାନ୍ତ ସିଂ ରାଜପୁତ ଅଭିନୟ କରିଥିଲେ। ଆଉ ନିଜର ପ୍ରଥମ ସିନେମାକୁ ନେଇ ଢେର ଆଶା ରଖିଥିଲେ ଏହି ଅଭିନେତ୍ରୀ। ଫିଲ୍ମଟି ସଫଳ ହେବା ସହ ତାଙ୍କୁ ଏଥିପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। କିନ୍ତୁ ଅଭିନେତ୍ରୀ ହେବା ପୂର୍ବରୁ ସେ ଟୁରିଜମ୍ ଏକ୍‌ଜିକ୍ୟୁଟିଭ ଭାବରେ କେତେକ ବଡ଼ ବଡ଼ ହୋଟେଲରେ କାମ କରିଥିଲେ। ତା'ପରେ ମଡେଲିଂ ଦୁନିଆରେ ପାଦ ଥାପିଥିଲେ। ଛୋଟ ପରଦା ପାଇଁ ପ୍ରଥମେ କ୍ୟାମେରା ସାମ୍ନା କଲେ। ତା'ପରେ ୨୦୧୩ରୁ ଗତ ୧୨ ବର୍ଷ ଧରି ସେ ବଡ ପରଦାରେ ନିଜର ଆକ୍ଟିଂ ଜାରି ରଖିଛନ୍ତି। ଇନ୍ଦିରା ଗାନ୍ଧୀ ଓପନ ୟୁନିଭର୍ସିଟିରୁ ସେ ଟୁରିଜମ୍ ଏବଂ ହସ୍ପିଟାଲିଟିରେ ଡିଗ୍ରୀ ହାସଲ କରିଛନ୍ତି। ବାଣୀଙ୍କର ଫିଲ୍ମ କ୍ୟାରିୟର ଆରମ୍ଭ ହୋଇଥିଲା 'ଆହା କଲ୍ୟାନମ୍' ନାମକ ଏକ ତାମିଲ ଫିଲ୍ମରୁ ଯାହା ହିନ୍ଦୀ ଚଳଚ୍ଚିତ୍ର 'ବ୍ୟାଣ୍ଡ ବାଜା ବାରାତ୍'ର ରିମେକ୍ ଥିଲା। ଏବେ ବାଣୀ ଏକ ଯୋଜନା କରୁଛନ୍ତି। ଭାରତର ବିଭିନ୍ନ ଟୁରିଷ୍ଟ ସ୍ପଟ୍‌କୁ ନେଇ ସେ ଏକ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରିବାକୁ ମନ ବଳାଇଛନ୍ତି। ''ଟୁରିଜମ୍ ଉପରେ ଏକ ଡକ୍ୟୁମେଣ୍ଟାରି ତିଆରି କରିବାକୁ ଯୋଜନା କରୁଛି। ଖୁବ୍ ଶୀଘ୍ର ଏହାର ପ୍ରାରମ୍ଭିକ କାମ ଆରମ୍ଭ ହୋଇଯିବ। ମୋର ଆଶା ଲୋକମାନେ ଏଥିରୁ ଟୁରିଜମ୍ ବିଷୟରେ ଅନେକ କିଛି ଜାଣିପାରିବେ। ମୋତେ ଯେତେବେଳେ ଅବସର ମିଳେ ସେତେବେଳେ ମୁଁ ଭଲ ଭଲ ଦର୍ଶନୀୟ ସ୍ଥାନ ବୁଲିବାକୁ ଯାଇଥାଏ। କେବଳ ସେତିକି ନୁହେଁ, ସେଠାରେ ସେହି ସ୍ଥାନର ଫିଚରଗୁଡ଼ିକୁ ନୋଟ୍ କରିବାକୁ ଭୁଲି ନ ଥାଏ ବୋଲି କହନ୍ତି ବାଣୀ।''



ବାଣୀ

ଛୋଟ ପରଦା

# ଜୀ ସାର୍ଥକରେ 'ଅନନ୍ତା'

ଚଳିତ ବର୍ଷ ରଜ ଅବସରରେ ରିଲିଜ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଅନନ୍ତା'। ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏବଂ ସବ୍ୟସାଚୀ ମିଶ୍ରଙ୍କ ଅଭିନୀତ ଏହି ଫିଲ୍ମ ବେଶ୍ ଦର୍ଶକାଦୃତ ହୋଇଥିଲା। ଆଉ ଦର୍ଶକ ପୁଣି ଥରେ ଏହାକୁ ଦେଖିବାର ସୁଯୋଗ ପାଉଛନ୍ତି। ଓଡ଼ିଶାର ଅନ୍ୟତମ ଆଗଧାଡ଼ିର ଚ୍ୟାନେଲ 'ଜୀ ସାର୍ଥକ'ରେ ଉକ୍ତ ଚିତ୍ର ଚଳିତ ମାସ ୨୬ ତାରିଖ (ରବିବାର)ରେ ପ୍ରସାରିତ ହେବାକୁ ଯାଉଛି। ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬.୩୦। ପର୍ବପର୍ବାଣିରେ ଜୀ ସାର୍ଥକର ସମସ୍ତ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ଓ ସୁପରହିଟ୍ ଫିଲ୍ମ ଓଡ଼ିଆ ଦର୍ଶକଙ୍କୁ ଭେଟି ଦେଇଆସିଛି। ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ସୃଷ୍ଟି 'ରାଣ୍ଡୀ ପୁଅ ଅନନ୍ତା'କୁ ଆଧାରକରି ଏହାକୁ ପ୍ରସ୍ତୁତ କରାଯାଇଛି। ଅନନ୍ତାର ନଖରାମି, ମା-ପୁଅ ଭିତରେ ଥିବା ଅନାବିଳ ସ୍ନେହ ଏଥିରେ ଦେଖିବାକୁ ମିଳିବ। ସବ୍ୟସାଚୀଙ୍କ ଟାଇଟଲ ଭୂମିକାରେ ଅଭିନୟ ଏହାର ପ୍ରମୁଖ ଆକର୍ଷଣ ସାଜିବ। ଏହାବ୍ୟତୀତ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ବର୍ତ୍ତମାନର ଆଗଧାଡ଼ିର ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର। ଏମାନଙ୍କ ବ୍ୟତୀତ କୁନା ତ୍ରିପାଠୀ, ଜ୍ୟୋତିର୍ମୟୀ ପଣ୍ଡା, ପୃଥ୍ୱୀରାଜ ନାୟକ ଓ ତାପସ ସରଘରିଆ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମର ଅନ୍ୟତମ ନିର୍ଦ୍ଦେଶକ ଅଛନ୍ତି କୁମାର ସି.ଦେବ ମହାପାତ୍ର। ''ଜୀ ସାର୍ଥକ ସବୁବେଳେ ଓଡ଼ିଆ ଦର୍ଶକଙ୍କ ଚିନ୍ତାଧାରାକୁ ସବୁବେଳେ ଧ୍ୟାନରେ ରଖି ନୂଆ ଓ ଭିନ୍ନ କାହାଣୀ ସହ ଫିଲ୍ମ ସବୁ ଆଣିଥାଏ। ସେହିପରି ଏକ ଫିଲ୍ମ ହେଉଛି 'ଅନନ୍ତା'। ତେବେ ଏହା କେବଳ ଏକ ସାଧାରଣ ଫିଲ୍ମ ନୁହେଁ –ମୌଳିକ କାହାଣୀ ଏବଂ ଗାଁର ନିଚ୍ଛକ ଛବି ଏଥିରେ ପ୍ରତିଫଳିତ ହୋଇଥିବା ବେଳେ ଛୋଟରୁ ବଡ଼ ଦର୍ଶକ ଫିଲ୍ମକୁ ବେଶ୍ ପସନ୍ଦ କରିବେ। ଆମର ସବୁ ଫିଲ୍ମ ପରି ଏହି ଫିଲ୍ମ ମଧ୍ୟ ଦର୍ଶକଙ୍କ ମନ ଜିତିବା ସହ ଓଡ଼ିଆ ସାହିତ୍ୟକୁ ଆହୁରି ଆଗକୁ ନେବ ବୋଲି କହନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ରାହୁଲ ରାଓ।''



'ଅନନ୍ତା' ଫିଲ୍ମରେ ସବ୍ୟସାଚୀ



ନୂଆଦିଲ୍ଲୀର ସାଉଥ୍ ବ୍ଲକଠାରେ ଅନୁଷ୍ଠିତ ଏକ ଉତ୍ସବରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଆର୍ମି ଷ୍ଟାଫ୍ ମୁଖ୍ୟ (ସିଓଏସ୍) ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଜାଭେଲିନ୍ ଥ୍ରୋ ତାରକା ନୀରଜ ଚୋପ୍ରାଙ୍କୁ ସମ୍ମାନଜନକ ଲ୍ୟୁଟନାଣ୍ଟ କଲୋନେଲ ଉପାଧିରେ ସମ୍ମାନିତ କରୁଛନ୍ତି।

# ସିରିଜ୍ ବରାବର ଲକ୍ଷ୍ୟରେ ଭାରତ

**ଆଡିଲେଡ୍, ୨୨।୧୦(ପି.ଟି.)**

ସ୍ଥାନୀୟ ଆଡିଲେଡ୍ ଓଭାଲରେ ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ କ୍ରିକେଟ୍ ଦିନିକିଆ ମ୍ୟାଚ୍ ଖେଳାଯିବ। ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ଏହା କର-ବା-ମର ମ୍ୟାଚ୍ ହେବ। ଏଣୁ ଏହି ମ୍ୟାଚ୍‌କୁ ଜିତି ଭାରତୀୟ ଦଳ ସିରିଜ୍‌କୁ ବରାବର କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ତେବେ ଭାରତର ଦୁଇ ପୂର୍ବତନ ଅଧିନାୟକ ବିରାଟ କୋହଲି ଓ ରୋହିତ୍ ଶର୍ମାଙ୍କ ଉପରେ ସଭିଙ୍କ ନଜର ରହିବ।

ପ୍ରଥମ ମ୍ୟାଚ୍‌ରେ ଅନେକଥର ବର୍ଷା ବାଧକ ସାଜିବାରୁ ଭାରତୀୟ ଦଳର ବ୍ୟାଟିଂ ବିଭାଗ କଦାପି ମୁମେଣ୍ଟମ୍ ହାସଲ କରିପାରି ନ ଥିଲା। ଫଳରେ ଅଷ୍ଟ୍ରେଲିଆ ୭ ଉଇକେଟରେ ମ୍ୟାଚ୍ ଜିତିନେଇଥିଲା। ବୋଲିଂ ବିଭାଗ ମଧ୍ୟ ପ୍ରଭାବୀ ପ୍ରଦର୍ଶନ ଦେବାରେ ବିଫଳ ହୋଇଥିଲା। ମାତ୍ର ବୋଲରଙ୍କୁ ବ୍ୟାଟିଂ ବିଭାଗ ମାତ୍ର ୧୩୬ ରନ୍ ହିଁ ଦେଇଥିଲା। ପର୍ଥ ଭଳି ଆଡିଲେଡ୍‌ରେ ମଧ୍ୟ ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜେଲଉଡ୍ ଭାରତୀୟ ବ୍ୟାଟିଂ ଲାଇନ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରନ୍ତି। ଗତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପାଇଁ ଭଲ ପ୍ରଦର୍ଶନ କରିଥିବା ସ୍ପିନର ମ୍ୟାଟ୍ କୁହ୍ନେମାନଙ୍କୁ ଦଳରୁ ରିଲିଜ୍ କରାଯାଇଛି। ପ୍ରଥମଥର ବାପା ହେବା ପରେ ସିନିୟର ଲେଗ୍ ସ୍ପିନର ଆଡାମ ଜାମ୍ପା ଓ ଫିଟ୍‌ନେସ୍ ହାସଲ କରିଥିବା ଆଲେକ୍ସ କ୍ୟାରି ମଧ୍ୟ ଦଳକୁ ଫେରିଛନ୍ତି।

ପ୍ରତିଭାବାନ୍ ଓପନର ଯଶସ୍ୱୀ ଜୟସ୍ୱାଲ ବେଞ୍ଚ୍‌ରେ ବସିଥିବାରୁ ରୋହିତ୍‌ଙ୍କ ଉପରେ ପ୍ରଦର୍ଶନ କରିବା ଲାଗି ଚାପ ରହିବ। ରୋହିତ୍ ବୁଧବାର ଓଭାଲ ପ୍ରାକ୍ଟିସ୍ ଆରେନାକୁ ଦଳର ଅନ୍ୟ ସଦସ୍ୟଙ୍କମାନଠାରୁ ୪୫ ମିନିଟ୍ ପୂର୍ବରୁ ଆସିଥିଲେ। ଏହି ଅସ୍ପନାଲ ଟ୍ରେନିଂ ସେସନରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଦୁଇ ଥ୍ରୋ-ଡାଉନ୍ ସ୍ପେଶାଲିଷ୍ଟଙ୍କ ସହିତ ରୋହିତ୍ ବ୍ୟାଟିଂ ପ୍ରାକ୍ଟିସ୍ କରିଥିଲେ।



ଭାରତୀୟ ଦଳର ନେଟ୍ସ ଅବସରରେ କୋଚ୍ ଗୌତମ ଗମ୍ଭୀରଙ୍କ ସହ ରୋହିତ ଶର୍ମା।

ହେଲେ ମଙ୍ଗଳବାର ଲମ୍ବା ବ୍ୟାଟିଂ ପ୍ରାକ୍ଟିସ୍ କରିଥିବା କୋହଲି ବୁଧବାର ଗ୍ରାଉଣ୍ଡରୁ ଦୂରେଇ ରହିଥିଲେ।

## ହାର୍ଦ୍ଦିକ୍‌ଙ୍କ ଅନୁପସ୍ଥିତି ଅନୁଭବ ହେଉଛି

ଅଲ୍‌ରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ସର୍ବଦା ଭାରତୀୟ ହ୍ୱାଇଟ୍ ବଲ ଦଳର ସନ୍ତୁଳନକୁ ପ୍ରଭାବିତ କରେ। 'ହାର୍ଦ୍ଦିକ୍‌ଙ୍କ ଭଳି ଖେଳାଳିଙ୍କୁ ହରାଇବା ଯେକୌଣସି ଦଳ ପାଇଁ ଏକ ବଡ଼ କ୍ଷତି। କିନ୍ତୁ ଏଥିଯୋଗୁ ନୀତୀଶ ରେଡ୍ଡୀଙ୍କୁ ଗେମ୍ ଟାଇମ୍ ମିଳୁଛି। ଆମେ ତାଙ୍କ ପ୍ରଦର୍ଶନରେ ସୁଧାର ଆଣିବାକୁ ଚେଷ୍ଟା କରୁଛୁ। ପ୍ରତ୍ୟେକ ଦଳକୁ ଜଣେ ଅଲ୍‌ରାଉଣ୍ଡର ଦରକାର ଏବଂ ଆମେ ତାଙ୍କୁ ସେହି ଭୂମିକା ଲାଗି ପ୍ରସ୍ତୁତ କରୁଛୁ' ବୋଲି ଭାରତୀୟ ଦଳର ବ୍ୟାଟିଂ କୋଚ୍ ସିତାଂଶୁ କୋଟାକ୍ କହିଛନ୍ତି।

## ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ ହୋଇପାରେ

ପ୍ରଥମ ମ୍ୟାଚ୍‌ରେ ଭାରତୀୟ ବୋଲରମାନେ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ଏଣୁ ଉଇକେଟ୍ ଟେକିଂ ଅପ୍ସନ ଭାବେ କୁଲଦୀପ ଯାଦବଙ୍କୁ ଦଳରେ ସାମିଲ କରାଯାଇପାରେ। ଗତ ମ୍ୟାଚ୍‌ରେ ଦଳ ଲମ୍ବା ବ୍ୟାଟିଂ ଲାଇନ୍ ଖେଳାଇଥିବାରୁ ୱାଶିଂଟନ ସୁନ୍ଦରଙ୍କୁ ସ୍ଥାନ ମିଳିଥିଲା। ଏହା ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ହର୍ଷିତ ରାଣାଙ୍କ ବଦଳରେ ସାମିଲ କରାଯାଇପାରେ। ଏହାସତ୍ତ୍ୱେ ଭାରତୀୟ ଦଳ ସମାନ ଏକାଦଶ ଖେଳାଇବାର ସମ୍ଭାବନା ରହିଛି। ସମ୍ଭାବ୍ୟ ଭାରତୀୟ ଦଳ: ରୋହିତ୍ ଶର୍ମା, ଶୁବମନ ଗିଲ୍(ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟାର, ଲୋକେଶ ରାହୁଲ(ଉଇକେଟ୍‌କିପର), ଅକ୍ଷର ପଟେଲ, ନୀତୀଶ ରେଡ୍ଡୀ, ୱାଶିଂଟନ ସୁନ୍ଦର/କୁଲଦୀପ ଯାଦବ, ହର୍ଷିତ ରାଣା/ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, ମହମ୍ମଦ ସିରାଜ୍। ସମ୍ଭାବ୍ୟ ଅଷ୍ଟ୍ରେଲିଆ ଦଳ: ମିଚେଲ ମାର୍ଶ(ଅଧିନାୟକ), ଟ୍ରାଭିସ ହେଡ୍, ମାଥ୍ୟୁ ଶର୍ଟ, ଜୋଶ୍ ଫିଲିପ/ଆଲେକ୍ସ କାରି, ମ୍ୟାଟ ରେନଶ୍, କୁପର କନୋଲି, ମିଚେଲ ଓଡ୍ୱେନ, ମିଚେଲ ଷ୍ଟାର୍କ, ନାଥନ ଏଲିସ, ଆଡାମ ଜାମ୍ପା, ଜୋଶ୍ ହାଜେଲଉଡ୍।

**ସମୟ: ସକାଳ ୯ଟା**
**ପ୍ରସାରଣ: ଜିଓ ହଟ୍‌ଷ୍ଟାର/ଷ୍ଟାର ସ୍ପୋର୍ଟ୍ସ**

# ନୀରଜଙ୍କୁ ଲ୍ୟୁଟନାଣ୍ଟ କଲୋନେଲ ଉପାଧି

**ନୂଆଦିଲ୍ଲୀ, ୨୨।୧୦**

ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ନୀରଜ ଚୋପ୍ରାଙ୍କୁ ବୁଧବାର ସାଉଥ ବ୍ଲକରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଟେରିଟୋରିଆଲ ଆର୍ମିରେ ସମ୍ମାନଜନକ ଲ୍ୟୁଟନାଣ୍ଟ କଲୋନେଲ ପଦବୀର ଉଜ୍ଜଳ ଚିହ୍ନ ପ୍ରଦାନ କରିଛନ୍ତି। ଏହି ନିଯୁକ୍ତି ସମ୍ପର୍କରେ ଗତ ୧୬ ତାରିଖରେ ପ୍ରକାଶ ପାଇଥିବା 'ଦି ଗେଜେଟ ଅଫ୍ ଇଣ୍ଡିଆ'ରେ ଦର୍ଶାଯାଇଥିଲା।

'ଲ୍ୟୁଟନାଣ୍ଟ କଲୋନେଲ ନୀରଜ ଚୋପ୍ରା ଶୃଙ୍ଖଳା, ନିଷ୍ଠା ଓ ଜାତୀୟ ଗର୍ବର ପ୍ରତୀକ। ସେ କ୍ରୀଡ଼ା ଜଗତ ଭଳି ସଶସ୍ତ୍ର ବାହିନୀରେ ମଧ୍ୟ ନିଜ ସେବା ବଳରେ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଦେଉଛନ୍ତି' ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ କହିଛନ୍ତି। ଏହି ଅବସରରେ ଚିଫ ଅଫ୍ ଦି ଆର୍ମି ଷ୍ଟାଫ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସହ ଭାରତୀୟ ସେନା ଓ ଟେରିଟୋରିଆଲ ଆର୍ମିର ଅନ୍ୟ ସିନିୟର ଅଧିକାରୀ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ ଯେ, ୨୦୧୬ରେ ଭାରତୀୟ ସେନାରେ ସାମିଲ ହୋଇଥିବା ଲ୍ୟୁଟନାଣ୍ଟ କଲୋନେଲ ନୀରଜ ଭାରତୀୟ ସେନାର ଦି ରାଜପୁତାନା ରାଇଫଲ୍ସ ସହିତ କର୍ଯ୍ୟ କରୁଛନ୍ତି। ସେ ନାଏବ ସୁବେଦାର ଭାବେ ସାମରିକ ବୃତ୍ତି ଆରମ୍ଭ କରିଥିଲେ। ଆଥଲେଟିକ୍ସରେ ତାଙ୍କର ଉପଲବ୍ଧି ଯୋଗୁ ତାଙ୍କୁ ୨୦୨୧ରେ ସୁବେଦାରକୁ ପଦୋନ୍ନତି କରାଯାଇଥିଲା। ତାଙ୍କର ଉଜ୍ଜ୍ୱଳମୟ କ୍ୟାରିୟରରେ ଅର୍ଜୁନ ସମ୍ମାନ (୨୦୧୮) ଓ ଖେଳ ରତ୍ନ (୨୦୨୧) ସାମିଲ ରହିଛି। ଟୋକିଓ ୨୦୨୦ ଅଲିମ୍ପିକ୍ସରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିବା ପରେ ତାଙ୍କୁ ୨୦୨୨ରେ ପରମ ବିଶିଷ୍ଟ ସେବା ମେଡାଲରେ ସମ୍ମାନିତ କରାଯାଇଥିଲା। ଏଭଳି ଉପଲବ୍ଧ ଯୋଗୁ ତାଙ୍କୁ ସେହି ବର୍ଷ ସୁବେଦାର ମେଜର ପଦକୁ ପଦୋନ୍ନତି ମିଳିଥିଲା। ସେହି ବର୍ଷ ସେ ପଦ୍ମ ଶ୍ରୀ ସମ୍ମାନ ମଧ୍ୟ ପାଇଥିଲେ, ଯାହାକି ଭାରତର ଚତୁର୍ଥ ସର୍ବାଧିକ ବେସାମରିକ ସମ୍ମାନ।

# ୨୦୨୬ ୱିଣ୍ଟର ଅଲିମ୍ପିକ୍ସ: ବିନ୍ଦ୍ରା ମଶାଲ ବାହକ

**ନୂଆଦିଲ୍ଲୀ, ୨୨।୧୦(ପି.ଟି.):** ଆସନ୍ତା ବର୍ଷ ହେବାକୁଥିବା ୱିଣ୍ଟର ଅଲିମ୍ପିକ୍ସ ଲାଗି ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଅଭିନବ ବିନ୍ଦ୍ରାଙ୍କୁ ବୁଧବାର ମଶାଲ ବାହକ ଭାବେ ଚୟନ କରାଯାଇଛି। ୱିଣ୍ଟର ଅଲିମ୍ପିକ୍ସ ୨୦୨୬ ଆସନ୍ତା ବର୍ଷ ଫେବୃଆରୀ ୬ରୁ ୨୨ ପର୍ଯ୍ୟନ୍ତ ଇଟାଲୀର ମିଲାନ ଓ କର୍ଟିନା ଡି ଆମ୍ପେଜୋଠାରେ ହେବ।

'ମିଲାନ୍ କର୍ଟିନା ୨୦୨୬ ଅଲିମ୍ପିକ୍ ଲାଗି ମଶାଲ ବାହକ ଭାବେ ଚୟନ କରାଯିବା ସମ୍ମାନର ବିଷୟ। ମୋ ହୃଦୟରେ ଅଲିମ୍ପିକ୍ ମଶାଲ ଲାଗି ସ୍ୱତନ୍ତ୍ର ସ୍ଥାନ ରହିଛି, ଯାହାକି ସ୍ୱପ୍ନ, ଧୈର୍ଯ୍ୟ ଏବଂ ଏକତାର ପ୍ରତୀକ। ଏହି ଅଭୂତପୂର୍ବ ସମ୍ମାନ ଲାଗି ମିଲାନ କର୍ଟିନା ୨୦୨୬କୁ ଧନ୍ୟବାଦ' ବୋଲି ବିନ୍ଦ୍ରା ଏକ୍ସ'ରେ ପୋଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବିନ୍ଦ୍ରା ଭାରତର ପ୍ରଥମ ଆଥଲେଟ୍ ଭାବେ ୨୦୦୮ ବେଜିଂ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଏହି ସଫଳତା ପାଇଥିଲେ।

# କୋହଲି, ରୋହିତ୍ ଘରୋଇ କ୍ରିକେଟ ଖେଳିବା ଉଚିତ



ବିରାଟ କୋହଲି



ସଞ୍ଜୟ ଜଗଦଲେ

**ଇନ୍ଦୋର, ୨୨।୧୦(ପି.ଟି.)**

**ସଞ୍ଜୟ ଜଗଦଲେଙ୍କ ପରାମର୍ଶ**

ମ୍ୟାଚ୍ ଫିଟ୍‌ନେସ୍ ବଜାୟ ରଖିବାକୁ ହେଲେ ଭାରତର ବ୍ୟାଟିଂ ଗ୍ରେଟ୍ ବିରାଟ କୋହଲି ଓ ରୋହିତ୍ ଶର୍ମା ଘରୋଇ କ୍ରିକେଟ୍ ଖେଳିବା ଉଚିତ ବୋଲି ଅନୁଭବ କରୁଛନ୍ତି ପୂର୍ବତନ ଜାତୀୟ ଚୟନକର୍ତ୍ତା ସଞ୍ଜୟ ଜଗଦଲେ। କୋହଲି ଓ ରୋହିତ୍ ଏବେ କେବଳ ଗୋଟିଏ ଫର୍ମାଟ୍‌ରେ ଖେଳୁଛନ୍ତି। ତେଣୁ ଦୁହେଁ ୨୦୨୭ ବିଶ୍ୱକପ୍‌ରେ ଖେଳିବେ କି ନାହିଁ ତାହା ତାଙ୍କ ଫର୍ମ ଓ ଫିଟ୍‌ନେସ୍ ଉପରେ ନିର୍ଭର କରିବ ବୋଲି ବିସିସିଆଇର ପୂର୍ବତନ ସମ୍ପାଦକ ଦାୟିତ୍ୱ ତୁଲାଇଥିବା ଜଗଦଲେ କହିଛନ୍ତି। ସୀମିତ ଓଭର କ୍ରିକେଟ୍‌ରେ ଦୁହେଁ ଦକ୍ଷ ଖେଳାଳି, ଏଥିରେ ଦ୍ୱିମତ ନାହିଁ। ମାତ୍ର ନିୟମିତ ନ ଖେଳିଲେ ପ୍ରଦର୍ଶନ ପ୍ରଭାବିତ ହେବା ସମ୍ଭାବନା ରହିବ, ଯାହାକି ଆଇପିଏଲ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ କ୍ଷେତ୍ରରେ ହୋଇଛି। ବ୍ରାଏନ୍ ଲାରା ଓ ମାଥ୍ୟୁ ହେଡେନ ମଧ୍ୟ ସମାନ ଦଶା ଭୋଗିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବାପରେ ଅନେକ ଖେଳାଳି ପୂର୍ବପରି ପ୍ରଦର୍ଶନ ଦେଇପାରି ନ ଥାନ୍ତି। ଏହା ସ୍ୱାଭାବିକ୍ କଥା ବୋଲି ଜଗଦଲେ କହିଛନ୍ତି।

କୋହଲି ଓ ରୋହିତ୍ ପାଖାପାଖି ୬ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଥିଲେ। ମାତ୍ର ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆରେ ବିଫଳ ରହିଥିଲେ। ରୋହିତ ୧୪ ବଲ୍‌ରୁ ୮ ରନ୍ କରିଥିବାବେଳେ କୋହଲି ୮ ବଲ୍‌ରୁ ଡକ୍(୦)ରେ ଆଉଟ୍ ହୋଇଥିଲେ। "ଉଭୟ କୋହଲି ଓ ରୋହିତ୍ ଘରୋଇ କ୍ରିକେଟ୍ ଖେଳିଲେ ମୁଁ ଖୁସି ହେବି। ସେମାନଙ୍କ ମନରେ କ'ଣ ଅଛି ତାହା ଜାଣିନାହିଁ, ମାତ୍ର ଘରୋଇ ଟୁର୍ନାମେଣ୍ଟରେ ଖେଳିବା ସେମାନଙ୍କ ପାଇଁ ନିଶ୍ଚିତ ଫାଇଦା" ବୋଲି ଜଗଦଲେ ପ୍ରକାଶ କରିଛନ୍ତି। ୨୦୨୭ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ବେଳକୁ ରୋହିତ୍ ୪୦ ଓ କୋହଲି ୩୮ ବର୍ଷ ବୟସରେ ପହଞ୍ଚିଥିବେ। ଫର୍ମ ଓ ଫିଟ୍‌ନେସ୍ ଉପରେ ସବୁକିଛି ନିର୍ଭର କରିବ। ଭବିଷ୍ୟତକୁ ଦୃଷ୍ଟିରେ ରଖି ରୋହିତ୍‌ଙ୍କ ସ୍ଥାନରେ ଶୁବମନଙ୍କୁ ଦିନିକିଆ କ୍ରିକେଟ୍ ଅଧିନାୟକ କରାଯିବାରେ କିଛି ତ୍ରୁଟି ନାହିଁ ବୋଲି ସେ କହିଛନ୍ତି।

# 'ସର୍ଫରାଜ୍‌ଙ୍କୁ ତାଙ୍କ ସର୍‌ନେମ୍ କାରଣରୁ ଚୟନ କରାଯାଇନାହିଁ କି'

**ନୂଆଦିଲ୍ଲୀ, ୨୨।୧୦ (ପି.ଟି.):** ଯୁବ ବ୍ୟାଟର ସର୍ଫରାଜ୍ ଖାନ୍‌ଙ୍କୁ ତାଙ୍କ ସର୍‌ନେମ୍ କାରଣରୁ ଭାରତ-ଏ' କ୍ରିକେଟ୍ ଦଳରେ ଚୟନ କରାଯାଇନାହିଁ କି। କଂଗ୍ରେସ ପ୍ରବକ୍ତା ଶାମା ମହମଦ ବୁଧବାର ଏଭଳି ବିବାଦୀୟ ବୟାନ ଦେଇଛନ୍ତି। ତାଙ୍କର ଏଭଳି ବୟାନକୁ ଭାଜପା ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି। ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଲାଗି ମଙ୍ଗଳବାର ଭାରତ-ଏ' ଦଳ ଘୋଷଣା କରାଯାଇଥିଲା। ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଏହି ଦଳରେ ସର୍ଫରାଜ୍‌ଙ୍କୁ ସାମିଲ କରାଯାଇନାହିଁ। ଗତ କିଛିବର୍ଷ ଧରି ଘରୋଇ କ୍ରିକେଟ୍‌ରେ ଲଗାତର ଭଲ ପ୍ରଦର୍ଶନ ସତ୍ତ୍ୱେ ୨୮ ବର୍ଷୀୟ ସର୍ଫରାଜ୍‌ଙ୍କୁ ଦଳରେ ସ୍ଥାନ ନ ମିଳିବାକୁ ନେଇ ସୋସିଆଲ ମିଡିଆରେ ଚୟନକର୍ତ୍ତାଙ୍କୁ ଖୁବ୍ ସମାଲୋଚନା କରାଯାଇଥିଲା। କଂଗ୍ରେସ ନେତ୍ରୀ ଏକ୍ସ'ରେ ପୋଷ୍ଟ କରିଥିଲେ ଯେ, ସର୍ଫରାଜ୍ ଖାନ୍‌ଙ୍କୁ ତାଙ୍କ ସର୍‌ନେମ୍ କାରଣରୁ ଚୟନ କରାଯାଉନାହିଁ କି। ତାଙ୍କୁ କଡ଼ା ଜବାବ ଦେଇ ଭାଜପା ପ୍ରବକ୍ତା ଶେହଜାଦ ପୁନାୱାଲ କହିଛନ୍ତି, ଏହି ମହିଳା ଓ ତାଙ୍କ ଦଳ ଅସୁସ୍ଥ ଅଛନ୍ତି। ରୋହିତ ଶର୍ମାଙ୍କୁ ମୋଟା କହିବା ପରେ ସେ ଓ ତାଙ୍କ ପାର୍ଟି ଆମ କ୍ରିକେଟ୍ ଦଳକୁ ସାମ୍ପ୍ରଦାୟିକ ଭିତ୍ତିରେ ଭାଗ ଭାଗ କରିବାକୁ ଚାହୁଁଛି। ଦେଶର ବିଭାଜନ କରି ମନ ଭରିନାହିଁ କି। ଦଳରେ ମହମ୍ମଦ ସିରାଜ୍ ଓ ଖଲିଲ ଅହମଦ ଖେଳିବେ। ସାମ୍ପ୍ରଦାୟିକ ଓ ଜାତି ଭିତ୍ତିରେ ଭାରତକୁ ବାଣ୍ଟିବା ବନ୍ଦ କର।

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ସୁଶ୍ରୀ, ତନ୍ମୟୀ

**ଭୁବନେଶ୍ୱର, ୨୨।୧୦(ତପନ ସ୍ୱାଇଁ)**



ସୁଶ୍ରୀ ଦିବ୍ୟଦର୍ଶିନୀ



ତନ୍ମୟୀ ବେହେରା



ଜ୍ୟୋତି କୁମାରୀ ପ୍ରସାଦ

**ସିନିୟର ମହିଳା ଆନ୍ତଃଜୋନ୍ ଟି୨୦**

■ **ଷ୍ଟାଣ୍ଡବାଇ ତାଲିକାରେ ଜ୍ୟୋତି କୁମାରୀ**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ କ୍ରିକେଟ୍ ସିଜନ ୨୦୨୫-୨୬ ଅନ୍ତର୍ଗତ ସିନିୟର ମହିଳା ଆନ୍ତଃ ଜୋନାଲ ଟି୨୦ ଟ୍ରଫି ପାଇଁ ପୂର୍ବାଞ୍ଚଳ ଦଳ ଘୋଷଣା ହୋଇଛି। ଏଥିରେ ଓଡ଼ିଶାର ବୋଲିଂ ଅଲ୍‌ରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ଏବଂ ବ୍ୟାଟିଂ ଅଲ୍‌ରାଉଣ୍ଡର ତନ୍ମୟୀ ବେହେରା ସ୍ଥାନ ପାଇଛନ୍ତି। ନିକଟରେ ଶେଷ ହୋଇଥିବା ସିନିୟର ମହିଳା ଟି୨୦ ଟ୍ରଫିର ପ୍ରଦର୍ଶନଭିତ୍ତିରେ ଏହି ୨ ଓଡ଼ିଶା ଖେଳାଳିଙ୍କୁ ୧୫ ଜଣିଆ ପୂର୍ବାଞ୍ଚଳ ଦଳରେ ନିଆଯାଇଛି। ଏହା ବ୍ୟତୀତ ଓଡ଼ିଶାର ଅନ୍ୟତମ ପ୍ରତିଭାସମ୍ପନ୍ନ ଖେଳାଳି ଜ୍ୟୋତି କୁମାରୀ ପ୍ରସାଦଙ୍କୁ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଛି। ବିସିସିଆଇର ସିନିୟର ମହିଳା ଆନ୍ତଃଜୋନ୍ ଟି୨୦ ଟୁର୍ନାମେଣ୍ଟ ନାଗାଲାଣ୍ଡଠାରେ ନଭେମ୍ବର ୪ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ୍ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶାର ଏହି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ପୂର୍ବାଞ୍ଚଳ ଦଳ:** ମିତା ପଲ୍(ଅଧିନାୟିକା), ଅଶ୍ୱିନୀ (ଉପ-ଅଧିନାୟିକା), ପ୍ରିୟଙ୍କା ଲୁଥ୍ରା, ଧାରା ଗୁଜ୍ଜର, ତନୁଶ୍ରୀ ସରକାର, ରଶ୍ମି ଗୁଡ଼ିଆ, ଜିନ୍ତି ମନି କାଲିଟା, ରଶ୍ମୀ ଦେ, ତନ୍ମୟୀ ବେହେରା, ସୁଶ୍ରୀ ଦିବ୍ୟଦର୍ଶିନୀ, ଟିଟାସ ସାଧୁ, ସାଇକା ଇସାକ, ଆରତି କୁମାରୀ, ମମତା ପାସ୍‌ୱାନ, ପ୍ରିୟଙ୍କା ଆଚାର୍ଯ୍ୟ। ଷ୍ଟାଣ୍ଡବାଇ: ପ୍ରଗତି ସିଂ, ସୁପ୍ରିୟା ଦାସ, ଖୁସି ଶର୍ମା, ଶଶୀ ମାଥୁର, ଜ୍ୟୋତି କୁମାରୀ ପ୍ରସାଦ।

# ଆନ୍ତଃସ୍କୁଲ ଚେସ୍: ସୀମା, କ୍ଷେତ୍ରବର ଚାମ୍ପିୟନ

**ଭୁବନେଶ୍ୱର, ୨୨।୧୦(ତପନ ସ୍ୱାଇଁ)**

ଭୁବନେଶ୍ୱର ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ପରିସରରେ ଭୁବନେଶ୍ୱର ଆନ୍ତଃସ୍କୁଲ ଚେସ୍ ଚାମ୍ପିୟନଶିପ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାର ବାଳିକା ବର୍ଗରେ ସୀମା ପୃଷ୍ଟି ଏବଂ ବାଳକରେ କ୍ଷେତ୍ରବର ମାଝି ଚାମ୍ପିୟନ ହୋଇଛନ୍ତି। ଉଭୟ ହେଉଛନ୍ତି କିସ୍ ଖେଳାଳି। ବାଳିକାରେ ସୁକାନ୍ତି ମୁର୍ମୁ, ଆର୍.ଆର୍. ସଙ୍ଗୀତା, ଫୁଲ ସୋରେନ, ଶୁଭଶ୍ରୀ ଶୁଭସ୍ମିତା ସେଠୀ ଏବଂ ବାଳକରେ ଚେମୁରୁ ହେମ୍ବ୍ରମ୍, ସ୍ମୃତିରଞ୍ଜନ ସାହୁ, ଅଭିଳାଷ ଜେନା ଓ ପି. ଚରଣ ରେଡ୍ଡୀ ଟପ୍-୫ ଫିନିଶ୍ କରିଛନ୍ତି। ଏହି ଖେଳାଳିମାନେ ଚଳିତ ମାସ ୨୭ ଓ ୨୮ ତାରିଖରେ ବିଜେବି ହାଇସ୍କୁଲରେ ହେବାକୁଥିବା ୧୭ ବର୍ଷରୁ କମ୍ ରାଜ୍ୟ ବାଳିକା ଓ ବାଳକ ଚେସ୍ ଚାମ୍ପିୟନଶିପ୍‌ରେ ପ୍ରତିନିଧିତ୍ୱ କରିବେ। ରିଜର୍ଭ ତାଲିକାରେ ରହିଛନ୍ତି ଦେବସ୍ମିତା ବାରିକ, ଶ୍ରଦ୍ଧାଞ୍ଜଳି ସାହୁ, ଦେବାଶିଷ ବାଳା ଓ ପ୍ରିୟରଞ୍ଜନ ମହାନ୍ତି। କ୍ୟାପିଟାଲ ହାଇସ୍କୁଲ ପ୍ରଧାନଶିକ୍ଷକ ସତ୍ୟନାରାୟଣ ଦାଶ, ପିଇଟି କିଶୋର କୁମାର ଲେଙ୍କା, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ପର୍ଯ୍ୟବେକ୍ଷକ କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ଅତିଥିଭାବେ ଉପସ୍ଥିତ ଥିଲେ।



ବାଳିକା ଓ ବାଳକ ବର୍ଗରେ ପ୍ରଥମ ୫ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଅତିଥିଙ୍କ ଗହଣରେ।

# ମୁହାଁମୁହିଁ ହେବେ ବିସିସିଆଇ-ପିସିବି

**କରାଚି, ୨୨।୧୦(ପି.ଟି.)**

**ଏସିଆ କପ୍ ଟ୍ରଫି ବିବାଦ**

ଏସିଆ କପ୍ ଟ୍ରଫିକୁ ନେଇ ଲାଗିରହିଥିବା ବିବାଦର ସମାଧାନ ଖୁବ୍‌ଶୀଘ୍ର ହେବାର ସମ୍ଭାବନା ଦେଖାଯାଉନାହିଁ। ଟ୍ରଫି ଫେରାଇବା ଲାଗି ବିସିସିଆଇ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ସତ୍ତ୍ୱେ ଏସିଆନ କ୍ରିକେଟ୍ କାଉନସିଲ(ଏସିସି) ମୁଖ୍ୟ ଦାୟିତ୍ୱରେ ଥିବା ପିସିବି ଚେୟାରମ୍ୟାନ ମହସିନ ନକ୍‌ଭି ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ସେ ଏବେ ବି ବ୍ୟକ୍ତିଗତ ଭାବେ ଟ୍ରଫି ହସ୍ତାନ୍ତର କରିବାକୁ ଜିଦ୍ ଧରି ବସିଛନ୍ତି। ବିସିସିଆଇ ଓ ଏସିସିର ଅନ୍ୟ ସଦସ୍ୟ ଦେଶଙ୍କୁ ପଠାଇଥିବା ଉତ୍ତରରେ ନକ୍‌ଭି ଆସନ୍ତା ନଭେମ୍ବର ୧୦ରେ ଦୁବାଇଠାରେ ଏକ ଉତ୍ସବ ଆୟୋଜନ କରି ଉପଲବ୍ଧ ଥିବା ଭାରତୀୟ ଖେଳାଳି ଓ ବିସିସିଆଇ ପ୍ରତିନିଧିଙ୍କୁ ଟ୍ରଫି ଦେବାକୁ ଇଚ୍ଛୁକ ଥିବା ପ୍ରକାଶ କରିଛନ୍ତି। ଏହାର ଅର୍ଥ ଆସନ୍ତା ୪ରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଆଇସିସି ମିଟିଂରେ ଦୁଇ ବୋର୍ଡ ମୁହାଁମୁହିଁ ହେବେ।

'ଏସିସି ଟ୍ରଫି ଉପରେ ଭାରତୀୟ କ୍ରିକେଟ୍ ଦଳର ପୂର୍ଣ୍ଣ ଅଧିକାର ରହିଛି। ବିସିସିଆଇ ପଦାଧିକାରୀଙ୍କ ସହ ଅଂଶଗ୍ରହଣକାରୀ ଭାରତୀୟ ଦଳର ଯେକୌଣସି ଖେଳାଳି ଏସିସି ସଭାପତିଙ୍କଠାରୁ ଟ୍ରଫି ସଂଗ୍ରହ କରିପାରିବେ। ଦୀର୍ଘବର୍ଷରୁ ଚାଲିଆସିଥିବା ପରମ୍ପରା ବିଚ୍ୟୁତ୍ ହେବା ଉଚିତ ନୁହେଁ। ଏହି ଟ୍ରଫି ପ୍ରଦାନ ଲାଗି କଭରେଜ୍ ସହିତ ଉତ୍ସବ ହେବ। ଏସିସି ସଭାପତିଙ୍କ କାର୍ଯ୍ୟାଳୟ କୌଣସି ହୀନ ରାଜନୀତିରେ ସାମିଲ ହେବ ନାହିଁ, ଯାହାକି କିଛି ଉଗ୍ରବାଦୀ ସଂଗଠନକୁ ଶାନ୍ତ କରିବାକୁ ଉଦ୍ଦିଷ୍ଟ। ପ୍ରକୃତ କଥା ହେଲା, ଏସିସି କାର୍ଯ୍ୟାଳୟ କିମ୍ବା ଟୁର୍ନାମେଣ୍ଟ ନିର୍ଦ୍ଦେଶକଙ୍କୁ ପୁରସ୍କାର ବିତରଣ ଉତ୍ସବ ସମ୍ପର୍କରେ ବିସିସିଆଇ ପକ୍ଷରୁ କୌଣସି ଚିନ୍ତାବ୍ୟକ୍ତ କରାଯାଇ ନ ଥିଲା। ପୁରସ୍କାର ଉତ୍ସବ ଆୟୋଜନ କରାଯାଉଥିବା ବେଳେ ମଞ୍ଚରେ ଅନ୍ୟ ଅତିଥି ଉପସ୍ଥିତ ଥିବା ବେଳେ ଭାରତୀୟ ଖେଳାଳି ଟ୍ରଫି ଓ ମେଡାଲ ଗ୍ରହଣ କରିବେ ନାହିଁ ବୋଲି ବିସିସିଆଇ ପ୍ରତିନିଧି ଜଣାଇଥିଲେ। ସମସ୍ୟାର ସମାଧାନ ଲାଗି ଉଦ୍ୟମ କରାଯାଇଥିଲା। ଏସିସି ସଭାପତି ଅନ୍ୟ ଅତିଥିଙ୍କ ସହ ପ୍ରାୟ ୪୦ ମିନିଟ୍ ଧରି ପୁରସ୍କାର ବିତରଣ ଉତ୍ସବର ମର୍ଯ୍ୟାଦାର ସୁରକ୍ଷିତ ରଖିବା ପାଇଁ ଅପେକ୍ଷା କରିଥିଲେ ବୋଲି ନକ୍‌ଭି ତାଙ୍କ ଉତ୍ତରରେ ଲେଖିଛନ୍ତି।

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୩/୨୦୨୫ Bhubaneswar, Thursday, October 23/ 2025

# ଭାରତ-ନ୍ୟୁଜିଲାଣ୍ଡ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଆଜି

**ନଭି ମୁମ୍ବାଇ, ୨୨।୧୦**

ଚଳିତ ଆଇସିସି ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚ୍ ଗୁରୁବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ୮ ଦଳବିଶିଷ୍ଟ ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଆଉ ଗୋଟିଏ ସ୍ଥାନ ପାଇଁ ଦୌଡ଼ରେ ମୁଖ୍ୟତଃ ଭାରତ ଓ ନ୍ୟୁଜିଲାଣ୍ଡ ରହିଛନ୍ତି। ତେଣୁ ଆଗାମୀ ମ୍ୟାଚ୍‌ଟି ଅଘୋଷିତ କ୍ୱାର୍ଟର ଫାଇନାଲର ରୂପ ନେଇଛି। କାରଣ ଏହି ମ୍ୟାଚ୍‌ର ବିଜେତା ସେମିଫାଇନାଲରେ ପ୍ରବେଶ କରିବାର ସମ୍ଭାବନା ବଢ଼ିଯିବ। ଭାରତ

**ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍**

ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୩ ପରାଜୟ ସହ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ହ୍ୱାଇଟ୍ ଫେର୍ନ୍ସ (ନ୍ୟୁଜିଲାଣ୍ଡ) ଦଳ ମଧ୍ୟ ୫ ମ୍ୟାଚ୍‌ରୁ ୧ ବିଜୟ, ୨ ପରାଜୟ ଓ ୨ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରୁ ପାଇଥିବା ପଏଣ୍ଟ ଭିତ୍ତିରେ ୪ ପଏଣ୍ଟ ସହିତ ୫ମ ସ୍ଥାନ ଅଧିକାର କରିଛି। ଭାରତ ଏହାର ଶେଷ ମ୍ୟାଚ୍ ୨୬ ତାରିଖରେ ବାଂଲାଦେଶ ବିପକ୍ଷରେ ଏବଂ ନ୍ୟୁଜିଲାଣ୍ଡ ଏହାର ଶେଷ ମ୍ୟାଚ୍ ୨୭ ତାରିଖରେ ଶକ୍ତିଶାଳୀ ଇଂଲଣ୍ଡ ବିପକ୍ଷରେ ଖେଳିବାର ଅଛି। ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍‌ର ବିଜେତା ୬ ପଏଣ୍ଟରେ ପହଞ୍ଚିଯିବ। ଏ କ୍ଷେତ୍ରରେ ଆଗକୁ ବଢ଼ିବାର ପଥ ସୁଗମ ହେବ। ଭାରତ ଏହି ମ୍ୟାଚ୍ ହାରିଗଲେ ଜଟିଳ ଅଙ୍କକଷା ମଧ୍ୟରେ ଭାଗ୍ୟ ଝୁଲିକି ରହିବ। ଯେପରିକି ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ପ୍ରତିପକ୍ଷ ବାଂଲାଦେଶକୁ



ବୁଧବାର ଅଭ୍ୟାସ ଅବସରରେ ହର୍ଲିନ ଦେଓଲ ଓ ସ୍ମୃତି ମନ୍ଧାନା।

ହରାଇବା ସହ ଇଂଲଣ୍ଡଠାରୁ ନ୍ୟୁଜିଲାଣ୍ଡ ହାରିବା ଆବଶ୍ୟକ। ଶ୍ରୀଲଙ୍କା ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନକୁ ହରାଇଲେ ଏହି ଦଳ ମଧ୍ୟ ୬ ପଏଣ୍ଟରେ ପହଞ୍ଚିବ। ତେଣୁ ସମାନ ପଏଣ୍ଟ କ୍ଷେତ୍ରରେ ରନ୍‌ହାର ଇତ୍ୟାଦି ଅଙ୍କକଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ।

ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କା ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇବା ପରେ ପରବର୍ତ୍ତୀ ୩ ମ୍ୟାଚ୍‌ରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡଠାରୁ ହାରି ଚାପରେ ରହିଛି। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଭାରତୀୟ ବୋଲିଂକୁ ସହଜରେ ମୁକାବିଲା କରି ରନ୍ ଚେଜ୍ କରିନେଇଥିବାବେଳେ ଇନ୍ଦୋରରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ପରାଜୟ ହରମନପ୍ରୀତ କୌରଙ୍କ ଦଳକୁ ଶକ୍ତ ଆଘାତ ଦେଇଥିଲା। ହାତରେ ୭ ଉଇକେଟ ଥାଇ ୫୪ ବଲ୍‌ରୁ ୫୬ ରନ୍ ସଂଗ୍ରହ କରିପାରି ନ ଥିଲା ଭାରତୀୟ ଦଳ। ଏହା ଉଭୟ ଅଧିନାୟିକା ଓ କୋଚ୍ ଅମୋଲ ମଜୁମ୍‌ଦାରଙ୍କ ଚିନ୍ତା ବଢ଼ାଇ ଦେଇଛି। ଏପର୍ଯ୍ୟନ୍ତ ଭାରତ ଟପ୍ ଅର୍ଡରର କୌଣସି ବ୍ୟାଟର ଦୀର୍ଘ ସମୟ କ୍ରିଜ୍‌ରେ ରହି ମ୍ୟାଚ୍ ଫିନିଶ୍ କରିପାରିନାହାନ୍ତି। ସେହିପରି ବୋଲରମାନଙ୍କ ପ୍ରଦର୍ଶନରେ ମଧ୍ୟ ସ୍ଥିରତା ନାହିଁ। ମିଡଲ ଅର୍ଡରରେ ବଡ଼ ଶଟ୍ ପାଇଁ ରିଚା ଘୋଷ୍‌ଙ୍କ ଉପରେ ଦଳ ପ୍ରାୟତଃ ନିର୍ଭର କରୁଛି। ଏପରି ସ୍ଥିତିରେ ହରମନପ୍ରୀତ ଏବଂ ଫର୍ମରେ ଥିବା ସ୍ମୃତି ମନ୍ଧାନାଙ୍କୁ ଅଧିକ ଦାୟିତ୍ୱବାନ୍ ହେବାକୁ ପଡ଼ିବ। ଷଷ୍ଠ ବୋଲର ଖେଳାଇବା ଲକ୍ଷ୍ୟରେ ଭାରତ ଜେମିମା ରୋଡ୍ରିଗୁଏଜ୍‌ଙ୍କୁ ବାଦ୍ ଦେଇ ସୁଇଂ ବୋଲିଂ ପାଇଁ ରେଣୁକା ଠାକୁରଙ୍କୁ ଖେଳାଉଛି। ମାତ୍ର ୩ ନମ୍ବର ଖେଳାଳି ହର୍ଲିନ ଦେଓଲ ଭଲ ଆରମ୍ଭ କରୁଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରୁନାହାନ୍ତି। ବର୍ଷା ଯୋଗୁ ଗତ ଦୁଇଦିନ ଭାରତର ଟ୍ରେନିଂ ସେସନ ଧୋଇଯାଇଛି। କେବଳ ବୁଧବାର ଅଭ୍ୟାସ କରି ଭାରତ ଆଗାମୀ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାକୁ ଯାଉଛି। ଏଠାକାର ପିଚ୍ ସାଧାରଣତଃ ବ୍ୟାଟିଂ ଫ୍ରେଣ୍ଡ୍‌ଲି ରହିଥାଏ। ତେବେ ଦ୍ୱିତୀୟ ଇନିଂସ୍ ବେଳକୁ କାକର ପଡୁଥିବାରୁ ଟସ୍ ସମୟରେ ଏ ସମ୍ପର୍କରେ ଗୁରୁତ୍ୱର ସହ ଚିନ୍ତା କରିବାକୁ ପଡ଼ିବ।

ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍ ଓ ସୁଜି ବେଟ୍ସ ଭାରତ ପାଇଁ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିବେ। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ତୃତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ପରାସ୍ତ କରିଥିଲା। ମାତ୍ର କଲମ୍ବୋରେ ଅନୁଷ୍ଠିତ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ପରବର୍ତ୍ତୀ ୨ଟି ମ୍ୟାଚ୍ ବର୍ଷାରେ ଧୋଇଯାଇଥିବାରୁ ଭାରତ ବିପକ୍ଷରେ ପୂରା ମ୍ୟାଚ୍ ଖେଳିବାକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛି। ଗତବର୍ଷ ଟି୨୦ ବିଶ୍ୱକପ୍ ଜିତିଥିବା ନ୍ୟୁଜିଲାଣ୍ଡ ଏଥର ଦିନିକିଆ ଟ୍ରଫି ହାତେଇବା ଲକ୍ଷ୍ୟରେ ରହିଛି। ତେଣୁ ଭାରତକୁ ସହଜରେ କେବେହେଲେ ଏହି ଦଳ ବାଟ ଛାଡ଼ିବ ନାହିଁ। ଅଧିନାୟିକା ଡିଭାଇନ୍ ଗୋଟିଏ ଶତକ ଏବଂ ୨ଟି ଅର୍ଦ୍ଧଶତକ ସହ ୨୬୦ ରନ୍ ସଂଗ୍ରହ କରିସାରିଛନ୍ତି। ତେଣୁ ତାଙ୍କ ଉପରେ ନିଶ୍ଚିତ ଭାରତୀୟ ବୋଲରଙ୍କ ନଜର ରହିବ।

ଏହି ମ୍ୟାଚ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଫେଭରାଇଟ ବୋଲି ମାନିବାକୁ ପ୍ରସ୍ତୁତ ନୁହନ୍ତି ଅଧିନାୟିକା ସୋଫି ଡିଭାଇନ୍। ଭାରତ ଘରୋଇ ପରିବେଶରେ ଖେଳୁଛି। ତେଣୁ କ୍ୱାର୍ଟର ଫାଇନାଲର ରୂପ ନେଇଥିବା ଏହି ମ୍ୟାଚ ପାଇଁ ଭାରତ ଉପରେ ଅଧିକ ଚାପ ରହିବ। ଆମେ ପୂର୍ବରୁ ଏଭଳି ପରିସ୍ଥିତିର ସାମ୍ନା କରି ସାରିଛୁ। ଆଗାମୀ ମ୍ୟାଚରେ ଆମେ କଡ଼ା ଚ୍ୟାଲେଞ୍ଜ ଦେବୁ ବୋଲି ସେ ଦୃଢ଼ତାର ସହ କହିଛନ୍ତି।

# ଶୀର୍ଷକୁ ଫେରିଲା ଅଷ୍ଟ୍ରେଲିଆ



ପ୍ଲେୟର ଅଫ୍ ଦି ମ୍ୟାଚ୍ ଆନାବେଲ ସଦରଲାଣ୍ଡ।

**ଇନ୍ଦୋର, ୨୨।୧୦**

ଆନାବେଲ ସଦରଲାଣ୍ଡ ଓ ଆଶଲେ ଗାର୍ଡନରଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ବୁଧବାର ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୬ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ପଏଣ୍ଟ ଟେବୁଲ ଶୀର୍ଷକୁ ଫେରିଛି। ପ୍ରଥମେ ଇଂଲଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୪୪ ରନ କରିଥିଲା। ଦଳ ପାଇଁ ଟମି ବ୍ୟୁମଣ୍ଟ ୭୮ (୧୦ ଚୌକା ଓ ୧ ଛକା) ରନ୍‌ର ପାଳି ଖେଳିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସଦରଲାଣ୍ଡ ୩ ଓ ଗାର୍ଡନର ୨ ଉଇକେଟ ହାତେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୬୮ ରନ ମଧ୍ୟରେ ୪ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ ସଦରଲାଣ୍ଡ ଓ ଗାର୍ଡନର ଅବିଭାଜିତ ପଞ୍ଚମ ଉଇକେଟ ପାଇଁ ୧୮୦ ରନ ଯୋଡ଼ି ଦଳକୁ ଜିତାଇଥିଲେ। ଅଷ୍ଟ୍ରେଲିଆ ୪୦.୩ ଓଭରରେ ୪ ଉଇକେଟ ହରାଇ ୨୪୮ ରନ କରି ମ୍ୟାଚ୍ ଜିତି ନେଇଥିଲା। ସଦରଲାଣ୍ଡ ୯ ଚୌକା ଓ ୧ ଛକା ସହିତ ୯୮ ଓ ଗାର୍ଡନର ୭୩ ବଲରେ ୧୬ ଚୌକା ସହ ୧୦୪ ରନ କରି ମ୍ୟାଚ୍ ଫିନିଶ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଲିନ୍ସି ସ୍ମିଥ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୫୦ ଓଭରରେ ୨୪୪/୯(ଟମି ବ୍ୟୁମଣ୍ଟ-୭୮, ଆଲିସ କାପସି-୩୮, ଆନାବେଲ ସଦରଲାଣ୍ଡ-୩/୬୦, ଆଶଲେ ଗାର୍ଡନର-୨/୩୯, ସୋଫି ମଲିନ୍ୟୁ-୨/୫୨)। ଅଷ୍ଟ୍ରେଲିଆ: ୪୦.୩ ଓଭରରେ ୨୧୮/୪(ଆଶଲେ ଗାର୍ଡନର-୧୦୪*, ଆନାବେଲ ସଦରଲାଣ୍ଡ-୯୮*, ଲିନସି ସ୍ମିଥ-୨/୪୩, ଲୌରେନ ବେଲ-୧/୪୮)।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ